ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ (୨୦ ପୃଷ୍ଠା) Bhubaneswar, Wednesday, January 31/2024 Page 20 ₹ 7.00

୫୦ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 68 ମୂଲ୍ୟ ₹୭/-

DSPL-594

OSRTC | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

GATISHILA ODISHA - NABIN ODISHA
LAXMI

ଘରେ ଘରେ ଲକ୍ଷ୍ମୀ



ଲକ୍ଷ୍ମୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ

- ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ ବସ୍ ସଂଯୋଗ
- ସୁଲଭ ଓ ନିର୍ଭରଯୋଗ୍ୟ ସେବା
- ମହିଳା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା
- ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ
- ଯାତ୍ରୀ ଏବଂ ସଡ଼କ ସୁରକ୍ଷାକୁ ଗୁରୁତ୍ୱ
- ସ୍ୱଚ୍ଛ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ସାଧାରଣ ପରିବହନ

ମହିଳାମାନଙ୍କ ପାଇଁ ପଞ୍ଚାୟତରୁ ବ୍ଲକ୍ କୁ ଯିବା ଆସିବା
୫ ଟଙ୍କା ମାତ୍ର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭାରମ୍ଭ

ଅନୁଗୁଳ | ଢେଙ୍କାନାଳ | ଦେଓଗଡ
୩୧ ଜାନୁଆରୀ ୨୦୨୪

OIPR-38002/13/0032/2324

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

ସଂକ୍ଷେପରେ

ଅନିଲ ଲାହୋଟି ଟ୍ରାଇ ଅଧ୍ୟକ୍ଷ

ନୂଆଦିଲ୍ଲୀ,୩୦।୧(ପି.ଟି.): ରେଲୱେ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ଅନିଲ କୁମାର ଲାହୋଟିଙ୍କୁ ଭାରତର ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଟ୍ରାଇର ପୂର୍ବତନ ଅଧ୍ୟକ୍ଷ ପି.ଡି. ବଘେଲାଙ୍କ କାର୍ଯ୍ୟକାଳ ପୂରଣ ହେବା ପରେ ଉକ୍ତ ପଦବୀ ୪ ମାସ ହେଲା ଖାଲି ପଡ଼ିଥିଲା। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନିଲଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ସେ ଦାୟିତ୍ୱ ଗ୍ରହଣ ଦିନଠାରୁ ୩ ବର୍ଷ ପର୍ଯ୍ୟନ୍ତ କିମ୍ବା ୬୫ ବର୍ଷ ବୟସରେ ଉପନୀତ ହେବା ଯାଏ ଅଥବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଟ୍ରାଇ ଅଧ୍ୟକ୍ଷ ରହିବେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଅନିଲଙ୍କ ନିଯୁକ୍ତିକୁ ଟେଲିକମ୍ ଶିଳ୍ପ ସ୍ୱାଗତ କରିଛି। ତାଙ୍କ କାର୍ଯ୍ୟକାଳ ଟେଲିକମ୍ ସେକ୍ଟରରେ ଅଭିବୃଦ୍ଧି ଓ ଅଗ୍ରଗତିର ସମୟ ହେବ ବୋଲି ଆଶା କରାଯାଇଛି।

ମଣିପୁରରେ ହିଂସା: ୨ ମୃତ

ଇମ୍ଫାଲ,୩୦।୧: ମଣିପୁରରେ ମଙ୍ଗଳବାର ସାନିହିଂସାକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୫ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଭାଜପାର ଜଣେ ଯୁବନେତା ଅଛନ୍ତି। ଇମ୍ଫାଲ ୱେଷ୍ଟ ଜିଲାର କୌତ୍ରୁକ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ଆହତ ଭାଜପା ଯୁବମୋର୍ଚ୍ଚାର ପୂର୍ବତନ ଅଧ୍ୟକ୍ଷ ମନୋହରମାୟୁମ ବାରିଶ ଶର୍ମାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡ ପରେ ଅନେକ ଲୋକ ଘରଦ୍ୱାର ଛାଡ଼ି ପଳାଇଥିବା ଜଣାପଡ଼ିଛି।

ଜଳଦସ୍ୟୁଙ୍କ କବଳରୁ ୧୯ ପାକିସ୍ତାନୀଙ୍କୁ ଉଦ୍ଧାରକଲା ଭାରତୀୟ ନୌସେନା

ନୂଆଦିଲ୍ଲୀ,୩୦।୧: ଜଳଦସ୍ୟୁ ବିରୋଧୀ ଅଭିଯାନରେ ଭାରତୀୟ ନୌସେନାକୁ ମଙ୍ଗଳବାର ଆଉ ଏକ ସଫଳତା ମିଳିଛି। ସୋମାଲିଆ ପୂର୍ବ ଉପକୂଳରେ ଜଳଦସ୍ୟୁମାନଙ୍କର ଅନ୍ୟ ଏକ ଅପହରଣ ଉଦ୍ୟମକୁ ନୌସେନା ପଣ୍ଡ କରିଦେଇଛି। ସେଠାରେ ପାଟ୍ରୋଲିଂରେ ଥିବା ଯୁଦ୍ଧଜାହାଜ ଆଇଏନ୍‌ଏସ୍ ସୁମିତ୍ରା ଅଲ୍ ନଇମି ଜାହାଜକୁ ସୁରକ୍ଷା ଦେବା ସହ ସେଥିରେ ଥିବା ୧୯ ଜଣ ପାକିସ୍ତାନୀଙ୍କୁ ଉଦ୍ଧାର କରିଛି। ୧୧ ଜଣ ସୋମାଲିଆ ଜଳଦସ୍ୟୁ ଉକ୍ତ ଜାହାଜକୁ ଅପହରଣ କରିନେଇଥିଲେ। ଆଇଏନ୍‌ଏସ୍ ସୁମିତ୍ରା ଉକ୍ତ ଜାହାଜକୁ ପିଛାକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ୩୬ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଆଇଏନ୍‌ଏସ୍ ସୁମିତ୍ରା ୨ ଅପହୃତ ଜାହାଜକୁ ଉଦ୍ଧାର କରିପାରିଛି। ସୋମବାର ଏହା ଇରାନର ଏକ ଫିସିଂ ଭେସେଲ୍ ସହ ଏହାର ୧୭ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା।

ସୋରେନଙ୍କ 'ଲାଲୁ ସୂତ୍ର'

ଓଡ଼ିଆ ଝିଅ କଳ୍ପନା ହୋଇପାରନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

୧୯୯୭ରେ ବହୁଚର୍ଚ୍ଚିତ ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଚୌକି ଛାଡ଼ିବାକୁ ପଡ଼ିଥିଲା। ଲାଲୁଙ୍କ ଇସ୍ତଫା ପରେ ତାଙ୍କ ସ୍ତ୍ରୀ ରାବ୍ରି ଦେବୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାର ୨୬ ବର୍ଷ ପରେ ପଡ଼ୋଶୀ ଝାଡ଼ଖଣ୍ଡରେ ସମ୍ଭବତଃ ଅନୁରୂପ ଘଟଣାକ୍ରମ ଦେଖିବାକୁ ମିଳିପାରେ। କାରଣ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ରାବ୍ରି ଦେବୀ

କଳ୍ପନା ସୋରେନ

ରାଞ୍ଚି/ନୂଆଦିଲ୍ଲୀ,୩୦।୧

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଗିରଫଦାରି ଭୟରେ ନିଖୋଜ ହୋଇଯାଇଥିବା ଭାଜପା ସମାଲୋଚନା କରୁଥିବାବେଳେ ସେ ମଙ୍ଗଳବାର ରାଞ୍ଚିରେ ଦର୍ଶନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋରେନ୍‌ଙ୍କ ପ୍ରଥମ ପଦକ୍ଷେପ ଥିଲା ଶାସକ ମେଣ୍ଟର ବିଧାୟକମାନଙ୍କୁ ଭେଟିବା। ଉକ୍ତ ବୈଠକରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କ ଉପସ୍ଥିତି। ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଜଡ଼ିତ ହେମନ୍ତ ସୋରେନ୍‌ଙ୍କ ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କୁ ଜେଏମ୍‌ଏମ୍ ମୁଖ୍ୟମନ୍ତ୍ରୀ କରିବାକୁ ଯାଉଛି ବୋଲି ଝାଡ଼ଖଣ୍ଡର ଗୋଡ୍ଡାରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଥିଲେ। ଏନେଇ ଗଣମାଧ୍ୟମ ପକ୍ଷରୁ ସୋରେନ୍‌ଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ଆପଣମାନଙ୍କୁ ମୁଁ ଖୁବ୍‌ଶୀଘ୍ର ସବୁ କିଛି କହିବି। ତେବେ ସୋରେନ୍‌ଙ୍କ ଏଭଳି କୌଣସି ଯୋଜନା ଥିବା ବିଷୟରେ ଜାଣି ନ ଥିବା ସହଯୋଗୀ କଂଗ୍ରେସ ବିଧାୟକମାନେ କହିଛନ୍ତି। ଅନ୍ୟପକ୍ଷେ ସୋରେନ୍ ଓ ତାଙ୍କ ସ୍ତ୍ରୀ ବୈଠକରେ ବିଧାୟକମାନଙ୍କୁ ଭେଟୁଥିବା ବେଳର ଦୃଶ୍ୟ ଟିଭିରେ ଦେଖିବାକୁ ମିଳିଛି। ଏହି ଘଟଣା ୨୬ ବର୍ଷ ତଳର ବିହାର ରାଜନୈତିକ ଘଟଣାକ୍ରମ ସ୍ମୃତିକୁ ଉଜ୍ଜୀବିତ କରିଛି। ୧୯୯୭ରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଛନ୍ଦି ହୋଇଯିବା ପରେ ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଇସ୍ତଫା ଦେବା ପରେ ତାଙ୍କ ସମର୍ଥକମାନେ ସ୍ଲୋଗାନ ଦେଇଥିଲେ 'ରାବ୍ରି ଦେବୀ ଜିନ୍ଦାବାଦ' । ଲାଲୁ ପଦ ଛାଡ଼ିଥିଲେ ବି ରାଜ୍ୟର ଅସଲ କ୍ଷମତା ତାଙ୍କ ହାତରେ ରହିଥିଲା। ହେମନ୍ତ ସୋରେନ୍ ଲାଲୁଙ୍କ ସୂତ୍ର ଆପଣାଇ ନିଜ ସ୍ତ୍ରୀ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ୪୮ ବର୍ଷୀୟା କଳ୍ପନା ହେଉଛନ୍ତି ଜଣେ ଓଡ଼ିଆ। ୧୯୭୬ରେ ମୟୂରଭଞ୍ଜ ଜିଲାରେ ଜନ୍ମିତ କଳ୍ପନା ୨୦୦୬ରେ ହେମନ୍ତ ସୋରେନ୍‌ଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ସେ ରାଞ୍ଚିରେ ଏକ ପ୍ଲେ ସ୍କୁଲ ଚଳାଉଛନ୍ତି।

୧୫ ପିଏଫ୍‌ଆଇ ସଦସ୍ୟଙ୍କୁ ଫାଶୀ ଦଣ୍ଡାଦେଶ

ଭାଜପା ନେତା ରଣଜିତ୍ ଶ୍ରୀନିବାସନ ହତ୍ୟା ମାମଲା

କୋଟ୍ଟାୟାମ (କେରଳ), ୩୦।୧

ଭାଜପା ନେତା ରଣଜିତ୍ ଶ୍ରୀନିବାସନ ହତ୍ୟା ମାମଲାର ଶୁଣାଣି କରି ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ(ପିଏଫ୍‌ଆଇ)ର ୧୫ ଜଣ ସଦସ୍ୟଙ୍କୁ କେରଳର ମାଭେଲିକ୍କରା ଅତିରିକ୍ତ ସେସନ୍ କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅତିରିକ୍ତ ସେସନ୍ ଜଜ୍ ଭି. ଜି. ଶ୍ରୀଦେବୀ ମାମଲାରେ ଦୋଷୀ ଥିବା ସମସ୍ତ ୧୫ ଅପରାଧୀଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି। ପୂର୍ବରୁ ଜାନୁଆରୀ ୨୦ ତାରିଖରେ ମାଭେଲିକ୍କରା ଅତିରିକ୍ତ ସେସନ କୋର୍ଟ ଏହି ମାମଲାରେ ଅଭିଯୁକ୍ତ ଥିବା ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୧୯ରେ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଥିବା ଶ୍ରୀନିବାସନଙ୍କୁ ଆଲାପୁଝା ସହରରେ ଥିବା ଘରେ, ପରିବାର ଲୋକଙ୍କ ସାମ୍ନାରେ ପିଏଫ୍‌ଆଇ ସହ ଜଡ଼ିତ ଥିବା କେତେଜଣ ବ୍ୟକ୍ତି ନିର୍ମମ ଭାବେ ହତ୍ୟା କରିଥିଲେ । ପିଏଫ୍‌ଆଇର ରାଜନୈତିକ ଶାଖା ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର ରାଜ୍ୟ ସମ୍ପାଦକ କେ.ଏସ୍. ସାହାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଶ୍ରୀନିବାସନଙ୍କୁ ହତ୍ୟା କରାଯାଇଥିଲା।

୧୬ ପ୍ରାର୍ଥୀ ଘୋଷଣା କଲା ଏସ୍‌ପି

ଲୋକ ସଭା ନିର୍ବାଚନ

ମୈନପୁରୀରୁ ଲଢ଼ିବେ ଡିମ୍ପଲ

ଲକ୍ଷ୍ନୌ(ପି.ଟି.), ୩୦।୧

ଆସନ୍ତା ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ୧୬ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ସମାଜବାଦୀ ପାର୍ଟି(ଏସ୍‌ପି) ଘୋଷଣା କରିଛି। ଏସ୍‌ପି ଅଧ୍ୟକ୍ଷ ଅଖିଲେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କୁ ଦଳର ଗଢ଼ କୁହାଯାଉଥିବା ମୈନପୁରୀ ଆସନରୁ ପୁନର୍ବାର ଦଳ ପ୍ରାର୍ଥୀ କରିଛି । ସେହିପରି ଅଖିଲେଶଙ୍କ ଦୁଇ ସମ୍ପର୍କୀୟ ଭାଇ ଅକ୍ଷୟ ଯାଦବ ଓ ଧର୍ମେନ୍ଦ୍ର ଯାଦବଙ୍କୁ ଯଥାକ୍ରମେ ଫିରୋଜାବାଦ ଓ ବଦାୟୁଁ ଆସନରୁ ପ୍ରାର୍ଥୀ କରିଛି ଦଳ। ସେହିପରି ରାଜ୍ୟର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ରବି ଦାସ ମେହେରୋତ୍ରାଙ୍କୁ ଲକ୍ଷ୍ନୌ ଆସନରୁ ପ୍ରାର୍ଥୀ କରାଯାଇଛି। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର ସମୁଦାୟ ୮୦ ଆସନ ମଧ୍ୟରୁ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି)କୁ ୭ଟି ଓ କଂଗ୍ରେସକୁ ୧୧ ଆସନରେ ଛାଡ଼ିବା ନେଇ ଅଖିଲେଶ ଘୋଷଣା କରିଛନ୍ତି ।

ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଜମ୍ମୁର ଏକ ସ୍କୁଲର ପିଲାମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ତ୍ରିକୋଣୀୟ ପ୍ରେମରୁ ଡବଲ ମର୍ଡର

ଜଣେ ଶିକ୍ଷୟିତ୍ରୀଙ୍କ ପ୍ରେମରେ ଥିଲେ ୨ ଶିକ୍ଷକ

ରାଞ୍ଚି, ୩୦।୧

ଝାଡ଼ଖଣ୍ଡର ଗୋଡ୍ଡା ଜିଲାର ପୋରିୟାହାଟ ଅଞ୍ଚଳର ଥିବା ଏକ ଛାତ୍ର ନବୀକରଣ ବିଦ୍ୟାଳୟରେ ଘଟିଛି ଅଘଟଣ। ବିଦ୍ୟାଳୟରେ ରବି ରଞ୍ଜନ ନାମକ ଜଣେ ଶିକ୍ଷକ ଏକ ଶ୍ରେଣୀଗୃହରେ ଅନ୍ୟ ଜଣେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୁଳିକରି ହତ୍ୟାକରିବା ପରେ ନିଜକୁ ଗୁଳି ମାରି ଆତ୍ମହତ୍ୟା ପ୍ରଚେଷ୍ଟା କରିଥିଲେ। ଗୁଳିର ଶବ୍ଦ ଶୁଣି ବିଦ୍ୟାଳୟରେ ଉପସ୍ଥିତ ଥିବା ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ପୋଲିସଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ, ଶିକ୍ଷକ ଆଦର୍ଶ ସିଂ ଓ ଶିକ୍ଷୟିତ୍ରୀ ସୁଜାତା ମିଶ୍ରଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ମୃତଦେହକୁ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ହୋଇଥିବା ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ଗ୍ରାମବାସୀ ଓ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅନୁଯାୟୀ ଶିକ୍ଷୟିତ୍ରୀଙ୍କ ସହ ଉଭୟ ଶିକ୍ଷକଙ୍କର ପ୍ରେମ ସମ୍ପର୍କ ରହିଥିଲା। ତେବେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

୩ ପାଲେଷ୍ଟିନୀୟଙ୍କୁ ହତ୍ୟାକଲେ ଇସ୍ରାଏଲୀ ଏଜେଣ୍ଟ

ଜେନିନ୍,୩୦।୧

ଇସ୍ରାଏଲ୍‌ର ଗୁପ୍ତ ଏଜେଣ୍ଟମାନେ ମଙ୍ଗଳବାର ମେଡିକାଲ କର୍ମଚାରୀ ବେଶରେ ଆସି ୱେଷ୍ଟବ୍ୟାଙ୍କ ହସ୍ପିଟାଲରେ ୩ ଜଣ ପାଲେଷ୍ଟିନୀୟ ଆତଙ୍କବାଦୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ୮ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଇସ୍ରାଏଲ୍‌ର ଗୁପ୍ତ ଏଜେଣ୍ଟମାନେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜେନିନ୍ ସହରର ଇବନ୍ ସିନା ହସ୍ପିଟାଲରେ ଏହି ଗୁଳିକାଣ୍ଡ ଘଟିଛି। ହମାସ୍ ଆତଙ୍କବାଦୀମାନେ ଉକ୍ତ ହସ୍ପିଟାଲ ଓ ଏହା ନିକଟରେ ଥିବା ଶରଣାର୍ଥୀ ଶିବିରରେ ଆତ୍ମଗୋପନ କରିଥିବା ଜଣାପଡ଼ିବା ପରେ ଇସ୍ରାଏଲୀ ସେନା ସେଠାରେ ପ୍ରବେଶ କରିଛି। ଏହାର ଏଜେଣ୍ଟମାନେ ଜଣେ ନର୍ସ, ଜଣେ ବୃଦ୍ଧ ବ୍ୟକ୍ତି ଏବଂ ହୁଇଲ୍‌ଚେୟାରରେ ଜଣେ ରୋଗୀ ଭାବେ ହସ୍ପିଟାଲକୁ ଆସି ଚିକିତ୍ସିତ ହେଉଥିବା ପାଲେଷ୍ଟିନୀୟ ଆତଙ୍କବାଦୀଙ୍କୁ ଗୁଳି ଚଳାଇଥିଲେ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ହସ୍ପିଟାଲଗୁଡ଼ିକୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇଦେବା ଉପରେ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି କରିଛନ୍ତି।

ଇମ୍ରାନଙ୍କୁ ୧୦ ବର୍ଷ ଜେଲ

ଇସ୍‌ଲାମାବାଦ୍, ୩୦।୧

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ପୁଣିବଡ଼ ଝଟକା। ଦେଶର ଗୁପ୍ତତଥ୍ୟ ପ୍ରଘଟ କରୁଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଇମ୍ରାନ ଓ ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମହମୁଦ କୁରେଶୀଙ୍କୁ ମିଳିଛି ୧୦ ବର୍ଷ ଜେଲଦଣ୍ଡ। ରାୱଲପିଣ୍ଡିର ଆଦିଆଲା ଜେଲରେ ଏକ ସ୍ୱତନ୍ତ୍ର ଅଦାଲତ ବସି ଅଫିସିଆଲ ସିକ୍ରେଟ ଆକ୍ଟ ଅନ୍ତର୍ଗତ ଗୋପନୀୟ ସୂଚନା ଲିକ୍ ମାମଲାର ଶୁଣାଣିକରି ସ୍ୱତନ୍ତ୍ର କୋର୍ଟ ଜଜ୍ ଅବୁଲ ହସନତ ଜୁଲକରନୈନ ଏହି ରାୟ ଶୁଣାଇଛନ୍ତି । ଗତବର୍ଷ ମାର୍ଚ୍ଚରେ ୱାଶିଂଟନରେ ଥିବା ପାକିସ୍ତାନ ଦୂତାବାସ ଦ୍ୱାରା ପଠାଯାଇଥିବା ଏକ ଗୁପ୍ତ କୂଟନୈତିକ ତଥ୍ୟ ଲିକ୍ କରିଥିବା ଅଭିଯୋଗ ଆଧାରରେ ଏହି ମାମଲାର ଶୁଣାଣି ହୋଇଥିଲା।

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ବିଜୟୀ

ଜାଲିଆତି ଅଭିଯୋଗ ଆଣିଲା ଏଏପି

ଚଣ୍ଡିଗଡ଼,୩୦।୧

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ପ୍ରାର୍ଥୀ ମନୋଜ ସୋଙ୍କର ବିଜୟୀ ହୋଇଛନ୍ତି। ଇଣ୍ଡିଆ ମେଣ୍ଟରୁ ପ୍ରାର୍ଥୀ ହୋଇଥିବା ଏଏପିର କୁଲଦୀପ କୁମାରଙ୍କୁ ସେ ପରାଜିତ କରିଛନ୍ତି। ମନୋଜଙ୍କୁ ୧୬ ଭୋଟ ମିଳିଥିବାବେଳେ କୁଲଦୀପ୍ ୧୨ ଭୋଟ ପାଇଛନ୍ତି ଏବଂ ୮ଟି ଭୋଟ ନାକଚ ହୋଇଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଫଳାଫଳ ଘୋଷଣା ହେବା ପରେ ଏଏପି ଏବଂ କଂଗ୍ରେସ କାଉନସିଲରମାନେ ଏହାର ଜୋର୍‌ଦାର ବିରୋଧ କରିଥିଲେ। ଭୋଟରେ ଜାଲିଆତି ଓ ଠକେଇ ହୋଇଥିବା ସେମାନେ ଅଭିଯୋଗ କରି ହଙ୍ଗାମା କରିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ୩୫ ସଦସ୍ୟ ବିଶିଷ୍ଟ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନରେ ଭାଜପାର ୧୪ କାଉନସିଲର ଥିବାବେଳେ ଏଏପିର ୧୩ ଏବଂ କଂଗ୍ରେସର ୭ ସଦସ୍ୟ ରହିଛନ୍ତି। ଶିରୋମଣି ଅକାଳୀ ଦଳର ଜଣେ କାଉନସିଲର ଅଛନ୍ତି। କଂଗ୍ରେସ ଏବଂ ଏଏପି ମିଳିତ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ପ୍ରାର୍ଥୀ ବିଜୟୀ ହେବାକୁ ଦିବାଲୋକରେ ସାଂଘାତିକ ଠକେଇ ବୋଲି କହି ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମେୟର ନିର୍ବାଚନରେ ଯଦି ସେମାନେ ଏଭଳି ସ୍ତରକୁ ଖସିପାରୁଛନ୍ତି, ତେବେ ସାଧାରଣ ନିର୍ବାଚନରେ କେଉଁ ସ୍ତରକୁ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଦାବି କରିଛନ୍ତି। ଦେଶର ଗଣତନ୍ତ୍ରରେ ଆଜିର ଦିନ ଏକ କଳା ଦିବସ ଭାବେ ମନେ ରହିବ ବୋଲି ସେ କହିଛନ୍ତି।

ମନୋଜ ସୋଙ୍କର

ମାଡାମ ତୁସାଦ୍‌ରେ ରାମଦେବଙ୍କ ମହମ ମୂର୍ତ୍ତି

ନ୍ୟୁୟର୍କ,୩୦।୧: ନ୍ୟୁୟର୍କସ୍ଥିତ ମାଡାମ ତୁସାଦ୍ ମ୍ୟୁଜିୟମରେ ଯୋଗଗୁରୁ ବାବା ରାମଦେବଙ୍କ ମହମ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ଦିଲ୍ଲୀରେ ବାବା ରାମଦେବଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତାଙ୍କର ବୃଷାସନ ମୁଦ୍ରାର ଉକ୍ତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇଥିଲା। ଏହା କେବଳ ତାଙ୍କୁ ସମ୍ମାନର ସ୍ୱୀକୃତି ନୁହେଁ, ବରଂ ଯୋଗ, ଆୟୁର୍ବେଦ ଏବଂ ଭାରତର ସମୃଦ୍ଧ ସଂସ୍କୃତିକୁ ପ୍ରଶଂସାର ପ୍ରତୀକ ବୋଲି ରାମଦେବ କହିଛନ୍ତି। ମାଡାମ ତୁଷାଦ ମ୍ୟୁଜିୟମ କେବଳ ବଲିଉଡ୍, ହଲିଉଡ୍ ଏବଂ ରାଜନୀତିର ଆଇକନ୍‌ମାନଙ୍କୁ ସ୍ୱୀକୃତି ଦେଉଛି, ତାହା ନୁହେଁ ଆଧ୍ୟାତ୍ମିକ ନେତାମାନଙ୍କୁ ମଧ୍ୟ ସ୍ୱୀକୃତି ଦେଇ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରଦର୍ଶିତ କରୁଥିବାରୁ ଯୋଗଗୁରୁ କୃତଜ୍ଞତା ଜଣାଇଛନ୍ତି। ମାନହାଟାନର ଟାଇମ୍ସ ସ୍କୋୟାର ସ୍ଥିତ ମ୍ୟୁଜିୟମରେ ରାମଦେବଙ୍କ ମହମ ପ୍ରତିମୂର୍ତ୍ତି ପ୍ରଦର୍ଶିତ ହେବ।

ମାଡାମ ତୁସାଦ୍ ମ୍ୟୁଜିୟମରେ ସ୍ଥାନ ପାଇବାକୁ ଥିବା ନିଜର ମହମ ମୂର୍ତ୍ତି ନିକଟରେ ରାମଦେବ ଫଟୋ ପୋଜ୍ ଦେଉଛନ୍ତି।

ଭାରତକୁ କ୍ଷମା ମା

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ | Bhubaneswar, Wednesday, January 31/2024

ମୁଶିରଙ୍କ ଶତକ

୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶତକ ହାସଲ କରି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତକୁ ବିଜୟୀ କରାଇଛନ୍ତି ମୁଶିର୍ ଖାନ୍।

୧୬

୧୪

କାମରୁ କିଛି ମାସର ବିରତିରେ ପ୍ରଭାସ

ଫିଲ୍ମ 'ସାଲାର'ର ସଫଳତା ପରେ ପ୍ରଭାସ କିଛି ମାସ ପାଇଁ କାମରୁ ବିରତି ନେଇଛନ୍ତି।

ଆଜିଠୁ ବଜେଟ ଅଧିବେଶନ

ଗୃହକୁ ଫେରିବେ ୧୪ ନିଲମ୍ବିତ ଏମ୍‌ପି

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ବୁଧବାର ଆରମ୍ଭ ହେଉଛି। ଚଳିତ ଲୋକ ସଭାର ଏହା ଶେଷ ଅଧିବେଶନ। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ ପାଇଁ ସରକାର ବିରୋଧୀ ଦଳଗୁଡ଼ିକୁ ନିବେଦନ କରିଛନ୍ତି। ଆଗାମୀ ଏପ୍ରିଲ-ମେ'ରେ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିମ୍ନ ସଦନରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ନୂଆ ସରକାର ଆସିବା ପରେ ସମ୍ପୂର୍ଣ୍ଣ ବଜେଟ ଅଣାଯିବ। ସପ୍ତଦଶ ଲୋକ ସଭାର ଏହି ସଂକ୍ଷିପ୍ତ ଅଧିବେଶନ ☞ପୃଷ୍ଠା-୧୪

ଆଜିର ସମ୍ପାଦକୀୟ

କେବଳ ଅନ୍ଧକାର

ଭାରତରେ ଦୁର୍ନୀତି ବଢ଼ିଚାଲିଛି

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ରିପୋର୍ଟ

ବର୍ଷକରେ ୮ ପାଦ ତଳକୁ ଖସିଲା ଦେଶ

ନୂଆଦିଲ୍ଲୀ,୩୦।୧

୨୦୨୩ରେ ବିଶ୍ୱର ୧୮୦ ଦୁର୍ନୀତିଗ୍ରସ୍ତ ଦେଶ ମଧ୍ୟରୁ ଭାରତର ସ୍ଥାନ ୯୩ରେ ରହିଛି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ' ପକ୍ଷରୁ ମଙ୍ଗଳବାର ପ୍ରକାଶିତ ଦୁର୍ନୀତି ଧାରଣା ସୂଚକାଙ୍କ ତାଲିକାରୁ ଏହା ଜଣାପଡ଼ିଛି। ୨୦୨୨ରେ ଭାରତ ଏହି ତାଲିକାର ୮୫ ସ୍ଥାନରେ ରହିଥିଲା। ଭାରତରେ ଦୁର୍ନୀତି ବଢ଼ିଚାଲିଥିବାରୁ ତାଲିକାରେ ଏହାର ସ୍ଥାନ ୮ ପାଦ ତଳକୁ ଖସିଯାଇଛି।

୧୮୦ ରାଷ୍ଟ୍ର ଓ ଭୂଖଣ୍ଡରେ ସାର୍ବଜନୀନ କ୍ଷେତ୍ରରେ ଚାଲିଥିବା ଦୁର୍ନୀତି ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞ ଓ ବ୍ୟବସାୟିକ ବ୍ୟକ୍ତିବିଶେଷଙ୍କ ମତରେ ଏଥିରେ ୦ରୁ ୧୦୦ ପର୍ଯ୍ୟନ୍ତ ସ୍କେଲ ବ୍ୟବହାର କରାଯାଇଛି। ୦ ସର୍ବାଧିକ ଦୁର୍ନୀତିଗ୍ରସ୍ତ ହୋଇଥିବାବେଳେ ୧୦୦ ହେଉଛି ସବୁଠୁ ସ୍ୱଚ୍ଛ। ୨୦୨୩ରେ ଭାରତର ସାମଗ୍ରିକ ସ୍କୋର ୩୯ ଥିବାବେଳେ ର୍ୟାଙ୍କ ହେଉଛି ୯୩। ୨୦୨୨ରେ ସ୍କୋର ୪୦ ର୍ୟାଙ୍କ ୮୫ ରହିଥିଲା। ଅର୍ଥାତ୍ ବର୍ଷକ ମଧ୍ୟରେ ଭାରତ ସ୍ୱଚ୍ଛତା କ୍ଷେତ୍ରରେ ୮ ପାଦ ତଳକୁ ଖସିଯାଇଛି। ସ୍କୋରରେ ୪୦ରୁ ୩୯କୁ ଉଠିବା ଏକ ସାମାନ୍ୟ ଅଗ୍ରଗତି, ଯାହାକି ବଡ଼ ପରିବର୍ତ୍ତନର ସଙ୍କେତ ନୁହେଁ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ୨୦୨୩ ଡିସେମ୍ବର ୨୨ରେ ପାର୍ଲାମେଣ୍ଟରେ ଗୃହୀତ ଟେଲିକମ୍ୟୁନିକେଶନ୍ ବିଲ୍ ଯୋଗୁ ଭାରତୀୟମାନଙ୍କ ସ୍ୱାଧୀନତା ଆହୁରି କ୍ଷୁଣ୍ଣ ହେବା ଆଶଙ୍କା ଉପୁଜିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଆଇନରେ ପରିଣତ ହେବା ନାଗରିକଙ୍କ ମୌଳିକ ଅଧିକାର ପ୍ରତି ଏକ ଗମ୍ଭୀର ବିପଦ ବୋଲି ଏଥିରେ ଦର୍ଶାଯାଇଛି।

ଦକ୍ଷିଣ ଏସିଆରେ ଉଭୟ ପାକିସ୍ତାନ (୧୩୩) ଓ ଶ୍ରୀଲଙ୍କା (୧୧୫) ନିଜ ନିଜ ରଣବୋଝରେ ନଇଁ ପଡ଼ିଥିବାବେଳେ ରାଜନୈତିକ ଅସ୍ଥିରତା ମଧ୍ୟ ଘନେଇଛି। କିନ୍ତୁ ୨ ଦେଶର ଦୃଢ଼ ନ୍ୟାୟିକ ବ୍ୟବସ୍ଥା ସରକାରଙ୍କ ଉପରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଛି। ପାକିସ୍ତାନର ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୯ଏକୁ ଅଧିକ ବ୍ୟାପକ କରି ନାଗରିକମାନଙ୍କ ସୂଚନା ଅଧିକାରକୁ ସଶକ୍ତ କରିଛି। ସେହିପରି ବାଂଲାଦେଶ (୧୪୯) କମ୍ ବିକଶିତ ଦେଶ (ଏଲ୍‌ଡିସି) ସ୍ତରରୁ ଉପରକୁ ଉଠିଛି। ଆର୍ଥିକ ବିକାଶ, ଦାରିଦ୍ର୍ୟ ହାର ହ୍ରାସ ଏବଂ ଜୀବନ ଧାରଣ ସ୍ଥିତିରେ ସୁଧାର ଯୋଗୁ ଏହା ସମ୍ଭବ ହୋଇଛି। ତେବେ ଏହି ପଡ଼ୋଶୀ ଦେଶରେ ଗଣମାଧ୍ୟମ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ଯୋଗୁ ସରକାରୀ କ୍ଷେତ୍ରରେ ସୂଚନା ପ୍ରଦାନର ବ୍ୟାପକତା ପ୍ରଭାବିତ ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷେ ସୂଚକାଙ୍କର ୭୬ତମ ସ୍ଥାନରେ ଥିବା ଚାଇନା ଗତ ଏକ ଦଶନ୍ଧି ଭିତରେ ୩.୭ ନିୟୁତରୁ ଊର୍ଦ୍ଧ୍ୱ ଭ୍ରଷ୍ଟ ସରକାରୀ ଅଧିକାରୀଙ୍କୁ ଦଣ୍ଡିତ କରି ଦୁର୍ନୀତି ବିରୋଧୀ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଦୁର୍ନୀତି ମାମଲାଗୁଡ଼ିକ ଉପରେ ଅତି ନିକଟରୁ କରାଯଇଥିବା ଅଧ୍ୟୟନ ଅନୁସାରେ, ସରକାରୀ ଅଧିକାରୀମାନେ ଭ୍ରଷ୍ଟାଚାରକୁ ସେମାନଙ୍କ ଆୟକୁ ବହୁଗୁଣିତ କରିବାର ମାଧ୍ୟମ ମନେକରନ୍ତି। କିନ୍ତୁ ଚାଇନାରେ ରହିଥିବା ସରକାରୀ ବ୍ୟବସ୍ଥା ଯୋଗୁ ଏଭଳି ଦୁର୍ନୀତି ନିରୋଧୀ ପଦକ୍ଷେପର ସ୍ଥାୟିତ୍ୱକୁ ସନ୍ଦେହ ଭିତରକୁ ଟାଣିନେଇଛି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଉକ୍ତ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ୨୦୨୪ ହେଉଛି ନିର୍ବାଚନୀ ବର୍ଷ। ଏହି ବର୍ଷ ଭାରତ, ବାଂଲାଦେଶ, ଇଣ୍ଡୋନେସିଆ, ପାକିସ୍ତାନ, ସୋଲୋମନ୍ ଆଇଲାଣ୍ଡ, ଦକ୍ଷିଣ କୋରିଆ ଓ ତାଇୱାନ୍‌ରେ ନାଗରିକମାନେ ଭୋଟ ଦେଉଛନ୍ତି। ତେଣୁ ଏହି ଦେଶଗୁଡ଼ିକରେ ଆହୁରି ବର୍ଷେ ଧରି ଦୁର୍ନୀତି ରୋକିବା ଦିଗରେ ବିଶେଷ ଅଗ୍ରଗତିର ସଙ୍କେତ ମିଳୁନାହିଁ ବୋଲି କରପ୍ସନ ପର୍ସିପ୍‌ଶନ୍ ଇଣ୍ଡେକ୍ସ (ସିପିଆଇ) ପ୍ରକାଶ କରିଛି। ଏସିଆ ପାସିଫିକ୍ ରିଜିଅନ୍‌ର ୭୧% ଦେଶର କ୍ଷେତ୍ରୀୟ ସିପିଆଇ ସ୍କୋର ହାରାହାରି ୪୫ ରହିଛି, ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ। ଅନ୍ୟପକ୍ଷେ ଦୁର୍ନୀତି ଉପରେ ଲଗାମ ଲଗାଇ ଲଗାତର ଉଚ୍ଚ ସ୍କୋର ହାସଲ କରୁଥିବା ଡେନମାର୍କ ସୂଚକାଙ୍କ ତାଲିକାରେ ପ୍ରଥମ ସ୍ଥାନ (୯୦ସ୍କୋର)ରେ ଥିବାବେଳେ, ଦ୍ୱିତୀୟରେ ଫିନ୍‌ଲାଣ୍ଡ, ତୃତୀୟରେ ନ୍ୟୁଜିଲାଣ୍ଡ, ୪ର୍ଥ ସ୍ଥାନରେ ନରୱେ ଏବଂ ୫ମ ସ୍ଥାନରେ ସିଙ୍ଗାପୁର ରହି ବୈଶ୍ୱିକ ସ୍ତରରେ ନିଜ ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିଛନ୍ତି। ସବୁଠୁ ଖରାପ ପ୍ରଦର୍ଶନକାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉତ୍ତର କୋରିଆ (୧୭୨), ମ୍ୟାନ୍‌ମାର (୧୬୨), ଆଫଗାନିସ୍ତାନ (୧୬୨) ଏବଂ ନିଜ ଇତିହାସରେ ସର୍ବାଧିକ ମାନବୀୟ ସଙ୍କଟକୁ ସାମ୍ନା କରୁଥିବା ଦେଶ ରହିଛନ୍ତି।

ମହାନଦୀରେ ୩ ଘଣ୍ଟା ଅଟକି ରହିଲା ଯାତ୍ରୀବାହୀ ଡଙ୍ଗା

ଯାତ୍ରୀମାନଙ୍କୁ ଛୋଟ ଡଙ୍ଗାରେ ଉଦ୍ଧାର କରାଯାଉଛି।

ମାଛଧରା ଡଙ୍ଗାରେ ଉଦ୍ଧାର ହେଲେ ୬୦ ଯାତ୍ରୀ

ମହାକାଳପଡ଼ା,୩୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତର ବାହାକୁଦ-ମୂଷାଡ଼ିଆ ମହାନଦୀ ଫେରିଘାଟ ଡଙ୍ଗା ମଙ୍ଗଳବାର ପ୍ରାୟ ୩ ଘଣ୍ଟା ଧରି ନଦୀରେ ଅଟକି ରହିଥିଲା । ଡଙ୍ଗା ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଡଙ୍ଗାରେ ଥିବା ପ୍ରାୟ ୬୦ଜଣ ଯାତ୍ରୀଙ୍କୁ ମାଛଧରା ଡଙ୍ଗାରେ ଥର ଥର କରି କୂଳକୁ ଅଣାଯାଇଥିଲା। ଏହି ଘଟଣା ପରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଥିଲା। ଘନ କୁୟୁଡ଼ି ଘେରରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ ବହୁ ସମୟ ଲାଗିଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୫ଟା ସମୟରେ ବାହାକୁଦ ଫେରିଘାଟରୁ ୬୦ ଯାତ୍ରୀ ଓ ୨୦ରୁ ଊର୍ଦ୍ଧ୍ୱ ବାଇକ୍‌କୁ ନେଇ ଜଗତ୍‌ସିଂହପୁର ଜିଲା ପାରାଦୀପ ପାର୍ଶ୍ୱକୁ ଏକ ଇଞ୍ଜିନ ଚାଳିତ ଡଙ୍ଗା ଯାତ୍ରା ଆରମ୍ଭ ☞ପୃଷ୍ଠା-୧୪



ଆଜିର ମନ୍ତବ୍ୟ

ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭାଜପା ନିର୍ଲଜ ଭାବେ ଅକ୍ତିଆର କରୁଛି। ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିରୋଧୀ ଭୋଟଗୁଡ଼ିକୁ ଅବୈଧ ଘୋଷଣା କରାଯାଇଛି।
-କେ.ସି. ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଫୁଲେଇ ନାଇଚି ଚୁଡ଼ି
ବୁଲେଇ ଦେଖୁଚି ମଡ଼ି।

ସାଧାରଣତଃ ମହିଳାମାନେ ଗହଣାପ୍ରିୟ ହୋଇଥିବା ବେଳେ ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ଆନନ୍ଦ ପାଇଥାନ୍ତି। ଚୁଡ଼ି ପିନ୍ଧିଥିବା ଫୁଲେଇ ନାରୀକୁ ଆଉ ଜଣେ ବେରସିକା ନାରୀ ବୁଲି ପଡ଼ି ଦେଖିବା ଅବସରରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଫଳ ହେଜି କାର୍ଯ୍ୟ କରଇ ଭୋଗୀ
ଫଳ ତେଜି କାର୍ଯ୍ୟ କରଇ ଯୋଗୀ।

ଆଜିର ବସ୍ତୁବାଦୀ ଦୁନିଆରେ ପ୍ରତ୍ୟେକ ବ୍ୟକ୍ତି ନିଜ ମନ ମଧ୍ୟରେ କିଛି ପାଇବା ଆଶା ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ସଂସାରର ମୋହମାୟାରୁ ଦୂରେଇ ରହିଥିବା ବ୍ୟକ୍ତି ଜଣକ କୌଣସି ଫଳପ୍ରାପ୍ତିର ଆଶା ନ ରଖି ନିର୍ଲିପ୍ତ ମନରେ ନିଜର ସାଧନା ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଛାତ୍ରୀଛାତ୍ରଙ୍କୁ ସଫଳତାର ବାଟ ବତାଇଲେ ପାଣ୍ଡିଆନ

'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଲେ ୫-ଟି ଅଧକ୍ଷ

୧୫୬ କଲେଜ ରୂପାନ୍ତରଣ ପ୍ରକଳ୍ପ ସମୀକ୍ଷା କଲେ

ବ୍ରହ୍ମପୁର,୩୦।୧
(ତନୁଶ୍ରୀ ନାହାକ)/ଭୁବନେଶ୍ୱର(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଗଞ୍ଜାମ ଜିଲା ଗସ୍ତକରି ଜିଲାର କଲେଜ ରୂପାନ୍ତରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏଥିସହିତ ବ୍ରହ୍ମପୁର ଉପକଣ୍ଠ ଆମ୍ବୁଆ ବିବେକ ବିହାରଠାରେ ଗଞ୍ଜାମ ଜିଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତାର ବାଟ ବତାଇଛନ୍ତି। ପାଣ୍ଡିଆନ କଲେଜ ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ସଫଳ ହେବା ନିମନ୍ତେ ୧୪ଟି ଗୁରୁମନ୍ତ୍ର ଦେଇଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ନିମନ୍ତେ ନିୟମିତ ଯୋଗ, ପ୍ରାଣାୟମ, ବ୍ୟାୟାମ କରିବା, ଗୁରୁଜନ ଓ ଅଭିଭାବକଙ୍କ ପ୍ରତି ସମ୍ମାନ, ପାଠ ସମେତ ନିଜ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ରୁଚି ରଖିବା, କ୍ରୀଡ଼ାଭ୍ୟାସ କରିବା, ପାଠପଢ଼ା ସମୟରେ ଏକଗ୍ରତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ। ଆଜି ଦେଶର ଅଧିକାଂଶ ସଫଳ ବ୍ୟକ୍ତିତ୍ୱ ବୈଜ୍ଞାନିକ ହୁଅନ୍ତୁ କିମ୍ବା କ୍ରୀଡ଼ାପ୍ରଶାସନିକ ଅଧିକାରୀ ପ୍ରାୟ ସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର। ତେଣୁ ସରକାରୀ ସ୍କୁଲର ଛାତ୍ରୀଛାତ୍ର ନିଜକୁ ଗର୍ବ ଅନୁଭବ କରିବା ଉଚିତ। ଗଞ୍ଜାମ ଜିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୋ ନିଜର ପ୍ରିୟ ଜିଲା ବୋଲି ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମକୁ ଜିଲାର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରାୟ ୧୫ ହଜାର ଛାତ୍ରୀଛାତ୍ର ଆସିଥିଲେ। ୫-ଟି ଅଧକ୍ଷ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ପାଣ୍ଡିଆନ ଜିଲାର କଲେଜ ରୂପାନ୍ତରଣ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି। ୧୫୬ କଲେଜରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ବିଜ୍ଞାନ ଲାବରେଟୋରି ଇତ୍ୟାଦି ପାଇଁ ୯୨ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଆସନ୍ତା ଫେବୃଆରୀ ସୁଦ୍ଧା ଜିଲାର ସମସ୍ତ କଲେଜ ରୂପାନ୍ତରୀକରଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି।

ଜିଲାସ୍ତରୀୟ 'ନୂଆ- ଓ' କାର୍ଯ୍ୟକ୍ରମରେ ଓଲିଉଡ୍ କଳାକାର ବାବୁଶାନ, ଅଭିନେତ୍ରୀ ତଥା ମଡ଼େଲ ପୁପୁଲ ଭୂୟାଁଙ୍କ ସମେତ ବହୁ ସିନେତାରକା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣି ସି, ବିଏମ୍‌ସି କମିଶନର ଜେ. ସୋନାଲ, ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ ସାହୁ, ଦକ୍ଷିଣାଞ୍ଚଳ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଦକ୍ଷିଣାଞ୍ଚଳ ଉଚ୍ଚଶିକ୍ଷା ଉପ ନିର୍ଦ୍ଦେଶକ ଡ.ସୁଶାନ୍ତ ଦାସଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ 'ନୂଆ-ଓ' କାର୍ଯ୍ୟକ୍ରମକୁ ପାଛୋଟି ନିଆଯାଉଛି।

୫୬ ରାଜ୍ୟ ସଭା ଆସନ ପାଇଁ ପ୍ରେସ୍ ବିଜ୍ଞପ୍ତି ଜାରିକଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

ଫେବୃଆରୀ ୨୯ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ

୧୫ଟି ରାଜ୍ୟର ୫୬ ଜଣ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସରେ ଶେଷ ହେବ। ଏହା ପୂର୍ବରୁ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ସଦସ୍ୟ ପଦଗୁଡ଼ିକୁ ପୂରଣ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭାରେ ଥିବା ଓଡ଼ିଶାର ସଦସ୍ୟମାନଙ୍କ ମଧ୍ୟରୁ ୩ ଜଣଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ରେ ଶେଷ ହେବ। ନିର୍ବାଚନ ଆୟୋଗଙ୍କ ପ୍ରେସ୍ ବିଜ୍ଞପ୍ତି ଅନୁସାରେ ଆସନ୍ତା ଫେବୃଆରୀ ୮ରେ ବିଜ୍ଞପ୍ତି ଜାରି, ଫେବୃଆରୀ ୧୫ରେ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ, ଫେବୃଆରୀ ୧୬ରେ ନାମାଙ୍କନ ପତ୍ର ଯାଞ୍ଚ, ଫେବୃଆରୀ ୨୦ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ। ଫେବୃଆରୀ ୨୭ରେ ମତଦାନ ଦିବସ ସକାଳ ୯ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ସେହିଦିନ ଅପରାହ୍ନ ୫ ଟା ସମୟରେ ଭୋଟ ଗଣତି କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଫେବୃଆରୀ ୨୯ ସୁଦ୍ଧା ରାଜ୍ୟସଭା ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନବେଳେ ରିଟର୍ଣ୍ଣିଂ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବାଇଗଣି ରଙ୍ଗର ସ୍କେଚ୍ ପେନ୍ ଦ୍ୱାରା ବାଲାଟ ପେପରରେ ଥିବା ପ୍ରାର୍ଥୀଙ୍କୁ ଚିହ୍ନଟ କରାଯିବ। ଏ କ୍ଷେତ୍ରରେ ଅନ୍ୟ କୌଣସି ପେନ୍ ବ୍ୟବହାର ହେବ ନାହିଁ। ରାଜ୍ୟସଭା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିବା ସହ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

ଏଟିଏମ୍ କାଉଣ୍ଟରରୁ ୮ ଲକ୍ଷ ଲୁଟ୍

ଯୋଡ଼ା,୩୦।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ବନେଇକଳା ଏନ୍‌ଏସି ଛକସ୍ଥିତ ବ୍ଲକ ରୋଡ୍ ପାର୍ଶ୍ୱରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ କାଉଣ୍ଟରକୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ କଟରରେ କାଟି ୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ୩ରୁ ୪ଜଣ କଳାମୁଖା ପିନ୍ଧା ଦୁର୍ବୃତ୍ତ ଏକ କାର୍‌ରେ ଆସି ଏହି ଲୁଟ୍‌ରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଦୁର୍ବୃତ୍ତମାନେ ଏଟିଏମ୍ କାଉଣ୍ଟରରେ ଥିବା ସିସିଟିଭି କ୍ୟାମେରା ଲେନ୍ସରେ ପ୍ରଥମେ କଳା ରଙ୍ଗ ମାରିଥିଲେ। ପରେ ଗ୍ୟାସ କଟର ସାହାଯ୍ୟରେ ଏଟିଏମ୍‌କୁ କାଟି ୮ଲକ୍ଷ ଟଙ୍କା ଲୁଟି ନେଇଥିଲେ। ତଦନ୍ତ ପରେ ଦୁର୍ବୃତ୍ତଙ୍କ ସମ୍ପର୍କରେ ଅନେକ ତଥ୍ୟ ମିଳିଥିବା ଆଇଆଇସି ଲୋକେଶ ସାହୁ ସୂଚନା ଦେଇଛନ୍ତି। ଏନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ. ୭୪/୨୪) ରୁଜୁ ହୋଇଛି। ସେହିପରି ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ କଣ୍ଡରା ଟୋଲ୍‌ଗେଟ ନିକଟରେ ଏକ ବୋଲେରୋକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ଟୋଲ୍‌ଗେଟ ନିକଟରେ ଡ୍ରାଇଭର ଠିଆ ହୋଇ ପରିସ୍ରା କରୁଥିବା ବେଳେ ୨ରୁ ୩ଜଣ ଦୁର୍ବୃତ୍ତ ଆସି ବୋଲେରୋ ସହ ତାଙ୍କୁ ନେଇଯାଇଥିଲେ। ଝାଡ଼ଖଣ୍ଡ ରାଜ୍ୟ ଝିଙ୍କପାନିଠାରେ ଡ୍ରାଇଭରଙ୍କୁ ଛାଡ଼ି ସେମାନେ ବୋଲେରୋ ନେଇ ପଳାଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା ମାମଲା

ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଚମ୍ପୁଆ, ୩୦।୧ (ମହେଶ୍ୱର ଦାସ): ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା ମାମଲାରେ କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ କୋହ୍ଲବରପଦା ଗ୍ରାମର ରଞ୍ଜନ ଗାଗରାଇଙ୍କୁ ଦୋଷୀ ସାବ୍ୟସ୍ତ କରି ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ସରୋଜ କୁମାର ଦାସ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ରଞ୍ଜନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ମେ ୨୦ ତାରିଖ ରାତିରେ ପାରିବାରିକ କଳହରୁ ରଞ୍ଜନ ଘର ଭିତରେ ସ୍ତ୍ରୀ ଜତନୀ ମୁଣ୍ଡା ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କେନ୍ଦୁଝର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବଡ଼ବିଲ ଥାନା ପୋଲିସ ଏକ ମାମଲା (ନଂ.୮୦/୧୮) ରୁଜୁକରି ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରିଥିଲା। ୨୮ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରଖାନାରେ ଜତନୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଓ ଡାକ୍ତର ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡ ଶୁଣାଣି କରିଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ମାମଲା ପରିଚାଳନା କରିଥିଲେ।

କୀଚକେଶ୍ୱରୀ ମନ୍ଦିର ପରିଦର୍ଶନରେ ଆସିବେ ରାଷ୍ଟ୍ରପତି

ବାରିପଦା,୩୦।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୨୮ ଓ ୨୯ ତାରିଖରେ ୨ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ଗସ୍ତ ସମୟରେ ଅଧିଷ୍ଠାତ୍ରୀ ଦେବୀ ମା'କୀଚକେଶ୍ୱରୀଙ୍କ ମନ୍ଦିର ପରିଦର୍ଶନ କରିବେ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ରାଷ୍ଟ୍ରପତି ଭବନରୁ କୌଣସି ବିଧିବଦ୍ଧ ସୂଚନା ମିଳି ନ ଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ମନ୍ଦିର ପରିଚାଳନା କମିଟି ଖୁସିବ୍ୟକ୍ତ କରିଛି। ପୂର୍ବରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଜୟ କୁମାର ସାହୁ ଓ ପୂଜକ ଦିଲ୍ଲୀପ ପାଣିଗ୍ରାହୀ ରାଷ୍ଟ୍ରପତିଙ୍କୁ ମନ୍ଦିର ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିବା କହିଛନ୍ତି। ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହା ତାଙ୍କର ୩ୟ ମୟୂରଭଞ୍ଜ ଗସ୍ତ ଓ ଷଷ୍ଠ ଥର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ।

ପ୍ରକାଶ ଥାଉକି, ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ମ୍ୟୁଜିୟମର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦କୋଟି ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଜିଲାବାସୀଙ୍କୁ ଉତ୍ସାହିତ କରିଛି।

ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଲା ଗୋରଖପୁର-ହାଟିଆ ମୌର୍ଯ୍ୟ ଏକ୍ସପ୍ରେସ୍

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

ଧର୍ମେନ୍ଦ୍ରଙ୍କ ଅନୁରୋଧ ରଖିଲେ ରେଳମନ୍ତ୍ରୀ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ରେଳ ମନ୍ତ୍ରଣାଳୟ 'ଗୋରଖପୁର ହାଟିଆ -ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ' ଚଳାଚଳକୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛି। ଏହି ପଦକ୍ଷେପ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ସମେତ ଆଖପାଖ ଜିଲାର ଯାତ୍ରୀ ସୁବିଧାକୁ ସୁଗମ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଏହି ଅଞ୍ଚଳର ଜନସାଧାରଣଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଗତ ଡିସେମ୍ବର ୯, ୨୦୨୨ ଓ ଚଳିତ ଜାନୁଆରୀ ୦୩, ୨୦୨୪ରେ ଚିଠି ଲେଖି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟ୍ରେନର ଚଳାଚଳକୁ ସମ୍ବଲପୁର ସମ୍ପ୍ରସାରଣ ନେଇ ଅନୁରୋଧ କରିଥିଲେ। ୨ଟି ଚିଠିରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ବିହାର ଏବଂ ପୂର୍ବ ଉତ୍ତରପ୍ରଦେଶର ପ୍ରାୟ ୪ ଲକ୍ଷ ଲୋକ ପଶ୍ଚିମ ଓଡ଼ିଶାରେ ବସବାସ କରନ୍ତି। ସମ୍ବଲପୁର ଜିଲାରେ ପ୍ରାୟ ୧.୫ ଲକ୍ଷ ଲୋକ ରହୁଛନ୍ତି। ନିଜ ବାସସ୍ଥାନକୁ ଯିବା ପାଇଁ ସିଧାସଳଖ ଟ୍ରେନ ନ ଥିବା ଯୋଗୁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଦକ୍ଷିଣ ପୂର୍ବ ରେଳବାଇ ବିଭାଗ ଏକ ବିଜ୍ଞପ୍ତି ଜାରି କରି ଧର୍ମେନ୍ଦ୍ରଙ୍କ ପ୍ରସ୍ତାବକ୍ରମେ ଗୋରଖପୁର ହାଟିଆ-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିବା ଦର୍ଶାଇଛି। ଏହି ଟ୍ରେନ ହାଟିଆରୁ ବାହାରି ରାଉରକେଲା, ଝାରସୁଗୁଡ଼ା ଓ ସମ୍ବଲପୁର ଷ୍ଟେସନରେ ରହଣି ନେଇ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ଲୋକଙ୍କ ଦାବିକୁ ପୂରଣ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜି ଅତୀତ ଘଟଣା ମନରେ ଆଲୋଡ଼ନ ସୃଷ୍ଟି କରିବା କାରଣରୁ ନିରୁତ୍ସାହିତ ରହିବେ। ପ୍ରିୟଜନଙ୍କ ସହ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବାର ସୂଚନା ରହିଛି। ସାମାଜିକ ସ୍ତରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ମନ୍ତବ୍ୟ ଦେଇ ପରିବେଶକୁ କଳୁଷିତ କରିପାରନ୍ତି।

ବୃଷ
ଅସଜଡ଼ା ପରିସ୍ଥିତିକୁ ସଜାଡ଼ିବାକୁ ଯାଇ ଘରର କେତେକ ଅକୁହା କଥା ବିଷୟରେ ଚିନ୍ତା କରିବେ। ବିଳମ୍ବରେ କାମ ସମ୍ପନ୍ନ ହେବ, ମାତ୍ର ମାନସିକ ସ୍ତରରେ ସନ୍ତୁଷ୍ଟ ହୋଇପାରିବେ ନାହିଁ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହେବ। ହାତ ସବୁବେଳେ ଖାଲି ରହିବା ଫଳରେ ପ୍ରିୟ ବ୍ୟକ୍ତିମାନେ ପାଖ ମାଡ଼ିବେ ନାହିଁ।

ମିଥୁନ
କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଏଣୁ ଯାହା କିଛି କହିବେ ଭାବିଚିନ୍ତି କହନ୍ତୁ। ବଡ଼ଭାଇପଣିଆ ଦେଖାଇଲେ ମନ୍ଦ ଫଳ ଭୋଗିବାକୁ ପଡ଼ିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମନ ହାଲୁକା ରହିପାରେ। ପାରିବାରିକ ତିକ୍ତତା ବୃଦ୍ଧି ପାଇବାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

କର୍କଟ
ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଖର୍ଚ୍ଚକରିବାରେ ସାବଧାନତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ | Bhubaneswar, Wednesday, January 31/2024

ରାଞ୍ଚିସ୍ଥିତ ବାପୁ ବାଟିକାରେ ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଜେଏମ୍‌ଏମ୍ ବିଧାୟକଙ୍କ ସହ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍।

ଦିଲ୍ଲୀରେ ଇଡି, ରାଞ୍ଚିରେ ସୋରେନ

ନୂଆଦିଲ୍ଲୀ/ରାଞ୍ଚି,୩୦।୧

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଜମି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଖୋଜୁଥିବା ବେଳେ ସେ ମଙ୍ଗଳବାର ରାଞ୍ଚିରେ ଦେଖାଦେଇଛନ୍ତି। ଏ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ଇଡି ସୋରେନ୍‌ଙ୍କୁ ହାଜର ହେବା ପାଇଁ ଦଶମ ଥର ପାଇଁ ସମନ ପଠାଇଥିଲା। କିନ୍ତୁ ସେ ସୋମବାର ହାଜର ନ ହୋଇ ହଠାତ୍ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ନିର୍ଦ୍ଦେଶାଳୟର ତଦନ୍ତକାରୀ ଅଧିକାରୀମାନେ ସୋରେନ୍‌ଙ୍କୁ ନ ପାଇ ନୂଆଦିଲ୍ଲୀସ୍ଥିତ ତାଙ୍କ ୫/୧ ଶାନ୍ତି ନିକେତନ ବାସଭବନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସେମାନେ ୩୬ ଲକ୍ଷ ଟଙ୍କା ଏବଂ ଏକ ବିଏମ୍‌ଡବ୍ଲ୍ୟୁ ଏସ୍‌ୟୁଭି ସମେତ କେତେକ ଆପତ୍ତିଜନକ ଦସ୍ତାବିଜ ଜବତ କରିଥିଲେ। ସେଠାରେ ପ୍ରାୟ ୧୩ ଘଣ୍ଟା ଧରି ଅପେକ୍ଷା କରିବା ପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) କାର୍ଯ୍ୟକାରୀ ସଭାପତିଙ୍କୁ ଠାବ କରାଯାଇ ପାରୁନାହିଁ ବୋଲି ମଙ୍ଗଳବାର ଇଡି ଅଧିକାରୀମାନେ କହିବାବେଳକୁ ସୋରେନ୍ ରାଞ୍ଚିସ୍ଥିତ ନିଜ ସରକାରୀ ବାସଭବନରେ ପହଞ୍ଚିଥିଲେ। ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଇଡି-ସୋରେନ୍‌ଙ୍କ ଲୁଚକାଳି ଖେଳ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। କାରଣ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧୀ ଦଳ ଶାସିତ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଝାଡ଼ଖଣ୍ଡରେ ମଧ୍ୟ ସରକାର ଭାଙ୍ଗିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଆସୁଛି।

୨୪ ଘଣ୍ଟାର ସସ୍‌ପେନ୍ସ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଶେଷ ହୋଇଥିଲା, ଯେତେବେଳେ ହେମନ୍ତ ସୋରେନ୍ ରାଞ୍ଚିସ୍ଥିତ ବାପୁ ବାଟିକାରେ ପହଞ୍ଚି ଗାନ୍ଧିଜୀଙ୍କୁ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦେଲେ। ☞ପୃଷ୍ଠା-୧୪

ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ବୃଦ୍ଧି ଦାବି

ଓଇଆର୍‌ସିରେ ଶୁଣାଣି ଆରମ୍ଭ

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ଖର୍ଚ୍ଚ ବୋଝ ବଢ଼ିଲାଣି। ବିଦ୍ୟୁତ୍ ଶୁଳ୍କ ନ ବଢ଼ାଇଲେ ଉତ୍ପାଦନକାରୀ, ବଣ୍ଟନକାରୀ କମ୍ପାନୀ ଦେବାଳିଆ ହୋଇଯିବେ। ୨୦୨୪-୨୫ ଆର୍ଥିକବର୍ଷରେ ବିଦ୍ୟୁତ୍ ଶୁଳ୍କ ବଢ଼ାଇବାକୁ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନକାରୀ ସଂସ୍ଥା ପକ୍ଷରୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ନିକଟରେ ଏଭଳି ଦାବିକରି ମାମଲା ଦାଏର କରାଯାଇଛି। ଏହି ମାମଲାର ଶୁଣାଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ଏବଂ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏର୍‌ପିସି) ପକ୍ଷରୁ ଓଇଆର୍‌ସିଙ୍କ ନିକଟରେ ଦାଏର ମାମଲାର ଶୁଣାଣି କରାଯାଇଥିଲା। ଓପିଜିସି ତା'ର ଆଇବି ଥର୍ମାଲ ଜେନେରେଟିଂ ଷ୍ଟେଶନରୁ ଗ୍ରୀଡ୍‌କୋକୁ ଯୋଗାଇ ଦେଉଥିବା ବିଦ୍ୟୁତ୍ ଶକ୍ତି ବାବଦରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ବାର୍ଷିକ ନିର୍ଦ୍ଧାରିତ ଚାର୍ଜ ୨୯୧.୯୫ କୋଟିକୁ ବୃଦ୍ଧି କରି ୩୧୦.୨୫ କୋଟି ଏବଂ ଭାରିଏବଲ୍ ଚାର୍ଜ ୟୁନିଟ୍ ପିଛା ୧୬୭.୧୬ ପଇସାରୁ ୧୭୦.୮୦ ପଇସା ବୃଦ୍ଧି କରିବାକୁ ଆୟୋଗଙ୍କ ନିକଟରେ ଦାବି ଉପସ୍ଥାପନ କରିଛି। ସେହିପରି ୱାଟର ଚାର୍ଜ, ଆୟକର ବାବଦକୁ ୨୫.୦୫ କୋଟିରୁ ୫୬.୨୮ କୋଟିକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ତେବେ ଏହାକୁ ଶକ୍ତି ବିଭାଗ ପକ୍ଷରୁ ବିରୋଧ କରାଯାଇଛି।

ସେହିପରି ଓଏର୍‌ପିସି ୨୦୨୪-୨୫ ଆର୍ଥିକବର୍ଷ ପାଇଁ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ୟୁନିଟ୍ ପିଛା ୯୩.୪୯ ପଇସାରୁ ୯୯.୮୮ ପଇସାକୁ ବୃଦ୍ଧି କରିବାକୁ ଦାବି କରିଛି। ଏଥିସହିତ ଓଏର୍‌ପିସି ମାଛକୁଣ୍ଡ ବିଦ୍ୟୁତ୍ କେନ୍ଦ୍ରରୁ ଛତିଶଗଡ଼କୁ ୫ ମେଗାୱାଟ୍ ବିଦ୍ୟୁତ୍ ବିକ୍ରି କରିବାକୁ ପ୍ରସ୍ତାବ ଦେଇଛି। ଆସନ୍ତା ଫେବୃଆରୀ ୭ ଯାଏ ଶୁଣାଣି ହେବ। ଏହାପରେ ଓଇଆର୍‌ସି ମାର୍ଚ୍ଚ ଶେଷ ସପ୍ତାହରେ ନିଜର ରାୟ ପ୍ରକାଶ କରିବେ। ଯଦି ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବ ତେବେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ଯାଏ ରାୟ ସଂରକ୍ଷିତ ରହିବ। ଚଳିତ ବର୍ଷ ସାଧାରଣ ନିର୍ବାଚନ ଥିବାରୁ ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ ରହିବ ବୋଲି କୁହାଯାଉଛି।

ଯବାନଙ୍କ କ୍ୟାମ୍ପରେ ମାଓବାଦୀ ଆକ୍ରମଣ: ୩ ଶହୀଦ, ୧୪ ଆହତ

ମାଲକାନଗିରି,୩୦।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ଯବାନଙ୍କ କ୍ୟାମ୍ପ ଉପରେ ମାଓବାଦୀମାନେ ଆକ୍ରମଣ କରିବା ଫଳରେ ୩ ଯବାନ ଶହୀଦ ହୋଇଥିବା ବେଳେ ୧୪ ଆହତ ହୋଇଛନ୍ତି। ଛତିଶଗଡ଼ ବିଜାପୁର ଜିଲା ଟେକଲଗୁଡେମ ଗ୍ରାମରେ ନୂତନ ଭାବେ ମଙ୍ଗଳବାର ସିଆର୍‌ପିଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। ଏହି ସମୟରେ ଯବାନମାନେ ନୂତନ କ୍ୟାମ୍ପ ପ୍ରତିଷ୍ଠା କରିବା ପରେ ଆଖପାଖ ଅଞ୍ଚଳରେ କୋମ୍ବିଂ କରୁଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ୩ ଜଣ ଯବାନ ଶହୀଦ ହୋଇଥିବା ବେଳେ ୧୪ ଆହତ ହୋଇଛନ୍ତି। ଆହତଙ୍କୁ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

ନକଲି ଶିକ୍ଷକଙ୍କ ତଥ୍ୟ ଦିଅ

୧୧ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୧(ଅସମାପିକା ସାହୁ)

ନକଲି ଶିକ୍ଷକଙ୍କ ତଥ୍ୟ ଦେଇନାହାନ୍ତି ୧୧ ଜିଲା ଶିକ୍ଷାଧିକାରୀ। ଏହାକୁ ନେଇ ଗଣଶିକ୍ଷା ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ତଥ୍ୟ ଦେବା ପାଇଁ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଗଜପତି, ଜଗତ୍‌ସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ ଓ ସମ୍ବଲପୁର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଶିକ୍ଷକଙ୍କ ସମ୍ପର୍କରେ ରାଜ୍ୟ ସରକାର କମ୍ପ୍ଲିଆନ୍ସ ବା ଅନୁପାଳନ ସତ୍ୟପାଠ ପ୍ରସ୍ତୁତ କରୁଛନ୍ତି। ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିବେ। କିନ୍ତୁ ୧୧ଟି ଜିଲାରୁ ତଥ୍ୟ ଆସି ନ ଥିବାରୁ ଅନୁପାଳନ ସତ୍ୟପାଠ ପ୍ରସ୍ତୁତ ହୋଇପାରୁ ନ ଥିବା ଚିଠିରେ ଉଲ୍ଲେଖ କରାଯାଇଛି। ତେଣୁ ତୁରନ୍ତ ନକଲି ଶିକ୍ଷକଙ୍କ ତଥ୍ୟ ଦେଲେ କମ୍ପ୍ଲିଆନ୍ସ ଆଫିଡେଭିଟ୍ ବା ଅନୁପାଳନ ସତ୍ୟପାଠ ପ୍ରସ୍ତୁତ କରି କୋର୍ଟରେ ଦାଖଲ କରାଯିବ ବୋଲି କୁହାଯାଇଛି।

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ହେଲେ ମୀନାକ୍ଷୀ ବାହିନୀପତି

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

ସାଧାରଣ ନିର୍ବାଚନକୁ ଆଉ କମ୍ ଦିନ ଥିବାବେଳେ କଂଗ୍ରେସ ରାଜ୍ୟରେ ନିଜର ସାଙ୍ଗଠନିକ ନିଯୁକ୍ତିରେ ବ୍ୟାପକ ପରିବର୍ତ୍ତନ ଆରମ୍ଭ କରିଦେଇଛି। ଓଡ଼ିଶାରେ କଂଗ୍ରେସ ଅଜୟ କୁମାରଙ୍କୁ ପ୍ରଭାରୀ ଭାବେ ଦାୟିତ୍ୱ ଦେବା ପରେ ଦଳ ନିଜର ସାଙ୍ଗଠନିକ ନିଯୁକ୍ତିର ଅଦଳବଦଳ ପ୍ରକ୍ରିୟା ଚଳାଇଛି। ଦଳ ପକ୍ଷରୁ ମଙ୍ଗଳବାର ମହିଳା ମୁଖିଆଙ୍କୁ ପରିବର୍ତ୍ତନ କରାଯାଇଛି। କୋରାପୁଟ ଜିଲା କଂଗ୍ରେସର ଦୀର୍ଘଦିନ ଧରି ସଭାପତି ଭାବେ କାର୍ଯ୍ୟ କରିଥିବା ବରିଷ୍ଠ ନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ନିଯୁକ୍ତି ମିଳିଛି। ଏନେଇ ବିଧିବଦ୍ଧ ଭାବେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ☞ପୃଷ୍ଠା-୧୪

ମଣିଷ ମସ୍ତିଷ୍କରେ ପ୍ରଥମ ଚିପ୍

ପ୍ରତିରୋପଣ କଲା ମସ୍କଙ୍କ ଷ୍ଟାର୍ଟଅପ୍ ନ୍ୟୁରାଲିଙ୍କ୍

ୱାଶିଂଟନ୍,୩୦।୧

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ବିବାଦୀୟ ଷ୍ଟାର୍ଟଅପ୍ ନ୍ୟୁରାଲିଙ୍କ୍ ପ୍ରଥମ ଥର ପାଇଁ ଏକ ମାନବ ମସ୍ତିଷ୍କରେ ଚିପ୍ ପ୍ରତିରୋପଣ କରିବାରେ ସଫଳ ହୋଇଛି। ରବିବାର ଏହି ଅସ୍ତ୍ରୋପଚାର କରାଯାଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ଧୀରେ ଧୀରେ ସୁସ୍ଥ ହେଉଥିବା ମସ୍କ ପ୍ରକାଶ କରିଛନ୍ତି। ନ୍ୟୁରାଲିଙ୍କ୍ ପ୍ରତିଷ୍ଠାତା ମସ୍କ କହିଛନ୍ତି, ଏହି ଚିପ୍ ପ୍ରତିରୋପଣର ସୁରକ୍ଷାଗତ ଦିଗର କାର୍ଯ୍ୟକାରିତା ତଥା କ୍ଲିନିକାଲ୍ ଟ୍ରାଏଲ୍ ଉପରେ ଅଧ୍ୟୟନ ପାଇଁ ଗତ ମେ'ରେ ନ୍ୟୁରାଲିଙ୍କ୍‌କୁ ଆମେରିକା ସରକାରଙ୍କ ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏଫ୍‌ଡିଏ)ର ଅନୁମତି ମିଳିଥିଲା। କମ୍ପ୍ୟୁଟର ଓ ମସ୍ତିଷ୍କ ମଧ୍ୟରେ ଏକ ପ୍ରତ୍ୟକ୍ଷ ଯୋଗସୂତ୍ର ରକ୍ଷାକାରୀ ଚ୍ୟାନେଲ ପ୍ରସ୍ତୁତି ଲକ୍ଷ୍ୟରେ ୨୦୧୬ରେ କାଲିଫର୍ନିଆଠାରେ ଏହି ନ୍ୟୁରୋଟେକ୍ନୋଲୋଜି କମ୍ପାନୀ ପ୍ରତିଷ୍ଠା କରାଯାଇଥିଲା। ନ୍ୟୁରାଲିଙ୍କ୍‌ର ଟେକ୍ନୋଲୋଜି ଜରିଆରେ ୫ଟି ମୁଦ୍ରା ଆକାରର 'ଲିଙ୍କ୍' (ଉପକରଣ)କୁ ପ୍ରତିରୋପଣ କରାଯାଇଛି। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଜରିଆରେ ମାନବୀୟ ସାମର୍ଥ୍ୟ ବୃଦ୍ଧି



ପ୍ରତୀକାତ୍ମକ ଚିତ୍ର

ଏବଂ ଏଏସ୍‌ଏଲ୍ ତଥା ପାର୍କିନ୍‌ସନ୍ ଭଳି ମସ୍ତିଷ୍କ ସ୍ନାୟବିକ ରୋଗର ଉପଶମ କରାଯାଇପାରିବ ବୋଲି ମସ୍କ ସୂଚନା ଦେଇଛନ୍ତି। ଡେଟା କମ୍ପାନୀ ପିଚ୍‌ବୁକ୍ ତଥ୍ୟ ଅନୁସାରେ ଗତବର୍ଷ ନ୍ୟୁରାଲିଙ୍କ୍ ପ୍ରାୟ ୩୬୩ ନିୟୁତ ଡଲାର ଆୟ କରିଥିଲା। ଏହା ପୂର୍ବରୁ ମଧ୍ୟ ଅନେକ କମ୍ପାନୀ ଏଭଳି ଉଦ୍ୟମ କରିଥିଲେ। ତେବେ ସେମାନଙ୍କ ପ୍ରୟାସ ଫଳପ୍ରଦ ହୋଇ ନ ଥିଲା।

ମୃତ୍ୟୁ ପୂର୍ବରୁ ବଞ୍ଚାଇଲେ ୫୦ ଜୀବନ

ଚଳନ୍ତା ବସ୍‌ରେ ଡ୍ରାଇଭରଙ୍କୁ ହୃଦ୍‌ଘାତ

ନୀଳଗିରି, ୩୦।୧(ପ୍ରଶାନ୍ତ ବିଶ୍ୱାଳ)

ଦ୍ରୁତଗତିରେ ବସ୍ ଚାଲିଥିବା ବେଳେ ହଠାତ୍ ହୃଦଘାତର ଶିକାର ହେଲେ ଡ୍ରାଇଭର। ହେଲେ ଉପସ୍ଥିତ ବୁଦ୍ଧି ଖଟାଇ ବସ୍‌କୁ ରାସ୍ତାକଡରେ ସୁରକ୍ଷିତ ଭାବେ ଛିଡା କରାଇଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ସତ୍ତ୍ୱେ ଦେବଦୂତ ସାଜି ବସ୍‌ରେ ଥିବା ୫୦ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଲେ। ଏହାର କିଛି ସମୟ ପରେ ଡ୍ରାଇଭର ନିଜେ ଚଳିପଡିଲେ। ଏଭଳି ଏକ ଲୋମଟାଙ୍କୁରା ଘଟଣା ଘଟିଛି ବାଲେଶ୍ୱର ଜିଲାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ।

କୋଲକାତାରୁ ୫୦ ପର୍ଯ୍ୟଟକ ଏକ ବସ୍ (ନଂ. ଡବ୍ଲ୍ୟୁବିଡ୍ଏ ୬୩୨୮) ଯୋଗେ ବାଲେଶ୍ୱର ନୀଳଗିରି ପଞ୍ଚଲିଙ୍ଗେଶ୍ୱରକୁ ବୁଲିବାକୁ ଆସୁଥିଲେ। ପଞ୍ଚଲିଙ୍ଗେଶ୍ୱର ରାସ୍ତା ପାଟପୁର ଛକଠାରେ ଡ୍ରାଇଭରଜଣକ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଏହାସତ୍ତ୍ୱେ ଗାଡିକୁ ନିୟନ୍ତ୍ରଣ କରି ରାସ୍ତା ମଝିରୁ ବସ୍‌କୁ କଡ଼କୁ ନେଇ ଛିଡା କରାଇଥିଲେ। ଏହାପରେ ଷ୍ଟିୟରିଂ ଉପରେ ଟଳିପଡ଼ିଥିଲେ। ମୃତ ଡ୍ରାଇଭର ହେଲେ ପଶ୍ଚିମବଙ୍ଗ ହାୱଡ଼ା ଅଞ୍ଚଳର ମହମ୍ମଦ କାପ୍ତାନ। ଡ୍ରାଇଭରଙ୍କୁ ହୃଦ୍‌ଘାତ ହୋଇଥିବା ଜାଣି ପର୍ଯ୍ୟଟକମାନେ ଗାଡ଼ିରୁ ଓହ୍ଲାଇବା ସହିତ ସ୍ଥାନୀୟ ଲୋକଙ୍କୁ ଡାକି ୧୦۸ ଆମ୍ବୁଲାନ୍ସରେ ନୀଳଗିରି ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକ ପର୍ଯ୍ୟଟକଙ୍କୁ ସେହି ବସ୍‌ରେ ସୁରକ୍ଷିତ ଭାବେ ପଞ୍ଚଲିଙ୍ଗେଶ୍ୱରଠାରେ ପହଞ୍ଚାଇଛନ୍ତି।

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ । ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ । –ଶ୍ରୀମା

କେବଳ ଅନ୍ଧକାର

ନିକଟରେ ଆମେରିକାର ଜର୍ଜିଆରେ ଭାରତରୁ ଯାଇଥିବା ବିବେକ ସାଇନଙ୍କୁ ସେଠାକାର ଜଣେ ଗୃହହୀନ ବ୍ୟକ୍ତି ହାତୁଡ଼ିରେ ବାରମ୍ବାର ଆଘାତକରି ହତ୍ୟା କରିଥିଲେ । ତଥାପି ଆମେରିକାକୁ ଯିବା ପାଇଁ ଛାତ୍ରୀଛାତ୍ରଙ୍କ ଭିଡ଼ ଅବ୍ୟାହତ ରହିଛି। ପ୍ରାୟ ପ୍ରତିବର୍ଷ ଆମେରିକା କିମ୍ବା କାନାଡା ଯାଉଥିବା ଛାତ୍ର ଏଭଳି ହତ୍ୟା କିମ୍ବା ଜାତିଗତ ବାଛବିଚାରର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ବହୁ ଛାତ୍ର ମଧ୍ୟ ଆହତ ହେବା ଖବର ଜାଣିବାକୁ ମିଳେ । କେବଳ ଏହି ଦୁଇ ଦେଶ ନୁହେଁ, ଭାରତୀୟ ଛାତ୍ରୀଛାତ୍ରମାନେ ଅଷ୍ଟ୍ରେଲିଆ, ଇଂଲଣ୍ଡ , ଆୟର୍ଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଆଦି ଦେଶକୁ ବହୁଳ ସଂଖ୍ୟାରେ ଯାଉଛନ୍ତି । ଚାଇନା ପରେ ବାହାର ଦେଶକୁ ଭାରତରୁ ଅଧିକ ପଢ଼ିବାକୁ ଯାଉଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୨୦୧୬ ତୁଳନାରେ ଏହା ୨୦ ପ୍ରତିଶତ ବୃଦ୍ଧି ପାଇଛି । ପାଖାପାଖି ୧୩ ଲକ୍ଷ ଛାତ୍ରୀଛାତ୍ର ଭାରତ ବାହାରେ ବିଭିନ୍ନ ଦେଶରେ ପଢୁଛନ୍ତି ଏବଂ ସବୁଠୁ ଅଧିକ ଅଛନ୍ତି ଆମେରିକାରେ । ଚିନ୍ତାର କାରଣ ହେଉଛି, ସେହି ସବୁ ଦେଶରେ ଭାରତୀୟ ଛାତ୍ରୀଛାତ୍ରମାନେ ବହୁ ସମୟରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏପରିକି ବାହାର ଦେଶରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡିସେମ୍ବର ୨୦୨୩ରେ ରାଜ୍ୟ ସଭାରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୫ ବର୍ଷ ମଧ୍ୟରେ ଭାରତ ବାହାରେ ପଢୁଥିବା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ଘଟିଛି। ମୃତ୍ୟୁ ଘଟଣାରେ ସବୁଠୁ ଆଗରେ ଅଛି କାନାଡା।

> **ଯେତେ ପଢ଼ିଥିଲେ ମଧ୍ୟ ସରକାରୀ ପେଞ୍ଚ ବୁଝିପାରୁ ନ ଥିବା ଯୁବପିଢ଼ି କୌଣସି ନୂତନତ୍ୱ ଦେଖାଇବାରେ ଅସଫଳ ହେଉଛନ୍ତି। ଏହା ପୂର୍ବରୁ ଥିଲା ଏବଂ ଏବେ, ପରିବର୍ତ୍ତିତ ରାଜନୈତିକ ଏବଂ ସାମାଜିକ ପରିସ୍ଥିତିରେ, ତାହା ବୃଦ୍ଧି ପାଇଛି। ଯେତେ ସମାଲୋଚନା କଲେ ମଧ୍ୟ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଯୋଗ୍ୟ ଯୁବପିଢ଼ି ପାଇଁ ଆଜିର ଭାରତରେ କେବଳ ଅନ୍ଧକାର ଆଗକୁ ଦିଶୁଛି।**

ପିଲାମାନେ ବିଦେଶ ଯାଇ ପଢ଼ିବା ପଛରେ କାରଣ ରହିଛି। ଧନୀ ଘରର ପିଲା ବେଶି ଯାଉଛନ୍ତି ଏବଂ ସେମାନଙ୍କ ପରିବାର ଏହା ସପକ୍ଷରେ ବି ଯୁକ୍ତି ବାଢ଼ନ୍ତି। ଏହାବାଦ୍ ଅନେକ ଉଚ୍ଚ ମଧ୍ୟବିତ୍ତ ପରିବାରର ପିଲାମାନେ ଶିକ୍ଷା ଋଣ କରି ମଧ୍ୟ ବାହାରକୁ ପଢ଼ିବାକୁ ଯାଉଛନ୍ତି। ନିକଟ ଅତୀତର ତଥ୍ୟକୁ ଦେଖିଲେ ଏହି ସଂଖ୍ୟା ବୃଦ୍ଧି ପାଇବା ପଛରେ ରାଜନୈତିକ ଓ ସାମାଜିକ କାରଣ ମଧ୍ୟ ରହିଛି। ଅନେକ ଉଚ୍ଚ ଶିକ୍ଷିତ ଏବଂ ସ୍ୱଚ୍ଛଳ ପରିବାରଗୁଡ଼ିକ ମଧ୍ୟରେ ଚିନ୍ତା ପଶିଲାଣି ଯେ, ଭାରତରେ ପିଲାଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇଯାଉଛି। ଯୁବପିଢ଼ି ସାଧାରଣତଃ ନୂତନ ଚିନ୍ତାଧାରା ପୋଷଣ କରୁଥିବାରୁ ସେମାନଙ୍କ ପାଇଁ ପୁରାତନ ଅନ୍ଧବିଶ୍ୱାସ ଆକର୍ଷଣୀୟ ହେଉନାହିଁ। ରାଜନୀତିରେ ଧର୍ମର ପ୍ରବେଶ ଅଧିକାଂଶ ସଚେତନ ଅଭିଭାବକଙ୍କୁ ବିଚଳିତ କରୁଥିବାର ବିଷୟ ଜଣାପଡୁଛି। କୌତୂହଳର କଥା ହେଲା, ଏହି ଧର୍ମ ଓ ରାଜନୀତିକୁ ମିଶାଇ ଲାଭ ଉଠାଉଥିବା ବ୍ୟବସାୟିକ ଓ ରାଜନୈତିକ ପରିବାରର ଯୁବପିଢ଼ି ଏବେ ବିଦେଶ ଚାଲିଗଲେଣି। ଭାରତୀୟ ସମାଜରେ ଗଢ଼ିଉଠୁଥିବା ଧାର୍ମିକ ଏବଂ ତା' ପାଇଁ ଅର୍ଥନୈତିକ ବିଭେଦ ଉଚ୍ଚଶିକ୍ଷିତ ପରିବାରବର୍ଗଙ୍କୁ ବ୍ୟଥିତ କରୁଛି। ସେମାନଙ୍କର ସ୍ୱଷ୍ଟ ବିଶ୍ୱାସ ସୃଷ୍ଟି ହେଲାଣି ଯେ, ନିଜ ଜୀବନରେ ଗଢ଼ିତୋଳିଥିବା ଧନକୁ ବ୍ୟବହାରକରି ପିଲାଙ୍କୁ ବିଦେଶ ପଠାଇପାରିଲେ ଭବିଷ୍ୟତର ପିଢ଼ି ସୁସ୍ଥ ମାନସିକତାର ପରିବେଶରେ ବଢ଼ିପାରିବ। ସେଥିନେଇ ଏବେ ଯୁବପିଢ଼ି ପାଇଁ ଏକ ଦ୍ୱିତୀୟ ' ଭାରତ ଛାଡ଼' ଆନ୍ଦୋଳନ ଆରମ୍ଭ ହେଲା ଭଳି ମନେହେଉଛି। ଏହି ପିଲାମାନେ ସାଧାରଣତଃ ଉଚ୍ଚକୋଟିର ପରିବାରରୁ ଆସିଥିବାରୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ସହିତ ସେମାନେ ଚାକିରି ଖୋଜିବା ପରିବର୍ତ୍ତେ ଉଦ୍ୟୋଗୀ, ବ୍ୟବସାୟୀ, ଗବେଷକ, ଶିକ୍ଷକ ଏବଂ ବୈଜ୍ଞାନିକ ହେଉଛନ୍ତି। ପୂର୍ବରୁ ମଧ୍ୟ ଭାରତର ଉଚ୍ଚଶିକ୍ଷିତ ପରିବାରରୁ ଦକ୍ଷ ପିଲା ବାହାରୁଥିଲେ। ପ୍ରଭେଦ କେବଳ ଏତିକି ଯେ, ଆଗରୁ ସେମାନେ ଭାରତରେ ରହୁଥିଲେ। ଏବେ ସେହିଭଳି ପିଲାମାନଙ୍କୁ ତାଙ୍କର ପରିବାର ବିଦେଶ ପଠାଇଦେବା ପାଇଁ ପସନ୍ଦ କରୁଛନ୍ତି। ଏହାକୁ 'ବ୍ରେନ ଡ୍ରେନ'ବା ପଳାତକ ବୁଦ୍ଧି କୁହାଯାଇପାରେ। ଅନ୍ୟପଟେ ଆମର ଗଣମାଧ୍ୟମରେ ଯଦି କୌଣସି ଅଟୋରିକ୍ସା ଚାଳକଙ୍କ ପିଲା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କିମ୍ବା ଭାରତୀୟ ପୋଲିସ ସେବା(ଆଇପିଏସ୍) ପାଇଯାଉଛି, ତେବେ ତାହାକୁ ଏକ ବିରାଟକାୟ ସଫଳତା ଭାବେ ଦର୍ଶାଯାଉଛି। ଦେଖିବାକୁ ଗଲେ ଏହି ପିଲାମାନେ ସରକାରୀ ଚାକିରି କରି ଦେଶର ପ୍ରଶାସନିକ ମଙ୍ଗ ଧରିପାରନ୍ତି, କିନ୍ତୁ ସେମାନଙ୍କ ଦ୍ୱାରା କ୍ୱଚିତ ଅର୍ଥନୈତିକ, ସାମାଜିକ ବା ଗବେଷଣାତ୍ମକ ବିକାଶ ହୋଇଥାଏ। ଭାରତୀୟ ବାତାବରଣରେ ଏକ ଯୁବ ଉଦ୍ୟୋଗୀ ତିଷ୍ଠିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ। ଯେତେ ପଢ଼ିଥିଲେ ମଧ୍ୟ ସରକାରୀ ପେଞ୍ଚ ବୁଝିପାରୁ ନ ଥିବା ଯୁବପିଢ଼ି କୌଣସି ନୂତନତ୍ୱ ଦେଖାଇବାରେ ଅସଫଳ ହେଉଛନ୍ତି। ଏହା ପୂର୍ବରୁ ଥିଲା ଏବଂ ଏବେ, ପରିବର୍ତ୍ତିତ ରାଜନୈତିକ ଏବଂ ସାମାଜିକ ପରିସ୍ଥିତିରେ, ତାହା ବୃଦ୍ଧି ପାଇଛି। ଯେତେ ସମାଲୋଚନା କଲେ ମଧ୍ୟ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଯୋଗ୍ୟ ଯୁବପିଢ଼ି ପାଇଁ ଆଜିର ଭାରତରେ କେବଳ ଅନ୍ଧକାର ଆଗକୁ ଦିଶୁଛି।

ଜଳବାୟୁ: ହାନି ଓ କ୍ଷୟକ୍ଷତି

ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜଳବାୟୁ ପରିବର୍ତ୍ତନ ସଙ୍କଟର ବିନାଶକାରୀ ପ୍ରଭାବରେ ସଂଘଟିତ ବିବିଧ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଚରମ ଘଟଣା କ୍ରମଶଃ ଅଧିକ ବିଧ୍ୱଂସକାରୀ ରୂପେ ପ୍ରକଟିତ ହେଉଛି। ଏସବୁ ଘଟଣାର ତୀବ୍ରତା ବୃଦ୍ଧି ଘଟୁଛି ଏବଂ ଭବିଷ୍ୟତରେ ପରିଣାମ ଅଧିକ ଭୟଙ୍କର ହେବାର ସମ୍ଭାବନାକୁ ଜଳବାୟୁ ବିଶେଷଜ୍ଞମାନେ ପୂର୍ବାନୁମାନ କରୁଛନ୍ତି। ବିଶ୍ୱ ପାଣିପାଗ ସଂଗଠନ ବ୍ୟକ୍ତ କରିଛି ଯେ ଜଳବାୟୁ ବିଜ୍ଞାନ ସ୍ପଷ୍ଟ ରୂପେ ଇଙ୍ଗିତ କରୁଛି ଆମେ ଭୁଲ୍ ଦିଗରେ ଗତି କରୁଛୁ। ଏହା ସତର୍କ କରିଦେଇଛି ଯେ ଯଥେଷ୍ଟ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ଗ୍ରହଣର ଅଭାବରେ ଆଗାମୀ ସମୟରେ ଜଳବାୟୁ ପରିବର୍ତ୍ତନର ଭୌତିକ ଏବଂ ସାମାଜିକ-ଅର୍ଥନୈତିକ ପ୍ରଭାବ ଅଧିକ ଭୟଙ୍କର ହେବ। ସଂଗଠନର ୨୦୨୨ର 'ବିଜ୍ଞାନରେ ସମ୍ମିଳିତ' ରିପୋର୍ଟରେ ଦର୍ଶାଯାଇଛି ଯେ ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ଏବଂ ଏସବୁର ଦହନରୁ ନିର୍ଗତ ରେକର୍ଡ ପରିମାଣର ସବୁଜଗୃହ ବାଷ୍ପ ସମସ୍ୟାକୁ ତୀବ୍ରତର କରୁଛି । ଅତଏବ, ପ୍ୟାରିସ ଚୁକ୍ତିନାମାର ଇପ୍ସିତ ଲକ୍ଷ୍ୟ ଉତ୍ତାପ ବୃଦ୍ଧିକୁ ଦେଢ଼(୧.୫) ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ନିମନ୍ତେ ୨୦୩୦ ସୁଦ୍ଧା ଏହି ବାଷ୍ପ ନିର୍ଗମନ ହ୍ରାସନରେ ପ୍ରତିଶ୍ରୁତିର ଅଭିଳାଷ ସାତଗୁଣ ଅଧିକ ହେବା ବାଞ୍ଛନୀୟ। ଏବେ ୟୁରୋପୀୟ ୟୁନିଅନର କୋପର୍ନିକସ ଜଳବାୟୁ ପରିବର୍ତ୍ତନ ସେବାର ବୈଜ୍ଞାନିକମାନେ ନିଶ୍ଚିତ କରିଛନ୍ତି ଯେ ବିଗତ ଏକ ଲକ୍ଷ ବର୍ଷ ମଧ୍ୟରେ ୨୦୨୩ ହେଉଛି ସର୍ବ ଉତ୍ତପ୍ତ ବର୍ଷ, ଯାହା ୨୦୧୬ ବର୍ଷର ତାପମାତ୍ରା ରେକର୍ଡକୁ ଅତିକ୍ରମ କରିଛି। ସମଭାବରେ ୨୦୨୩ରେ କୋଇଲା, ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଦହନରୁ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ରେକର୍ଡ ସ୍ତରକୁ ଉନ୍ନୀତ ହୋଇଛି। ଏସବୁ ଘଟଣା ଆଗାମୀ ବିଭୀଷିକାର ସୂଚକ ନୁହେଁ ତ?

ଏକ ଅନୁସନ୍ଧାନ ଦର୍ଶାଏ ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଜଳବାୟୁ ସଙ୍କଟ କାରଣରୁ ୫୫ଟି ଦୁର୍ବଳ ଦେଶ ୫୨୫ ବିଲିୟନ ଡଲାର ସମ୍ମିଳିତ କ୍ଷତିର ସମ୍ମୁଖୀନ ହୋଇଛନ୍ତି ଏବଂ ୨୦୩୦ ସୁଦ୍ଧା ଏହି ପରିମାଣ ବାର୍ଷିକ ୫୮୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଜଳବାୟୁ ସଙ୍କଟରୁ ଘଟୁଥିବା ଏସବୁ କ୍ଷତିର ଭରଣା ଉଦ୍ଦେଶ୍ୟରେ ପୋଲାଣ୍ଡର ୱାର୍ସରେ ୨୦୧୩ରେ ଅନୁଷ୍ଠିତ ମିଳିତ ଜାତିସଂଘର ଜଳବାୟୁ ସମ୍ମିଳନୀ କୋପ-୧୯ ଅବସରରେ ଯଦିଓ 'ହାନି ଓ କ୍ଷୟକ୍ଷତି ପାଣ୍ଠି' ସ୍ଥାପିତ ହେବାର ଘୋଷଣା ହୋଇଥିଲା, କିନ୍ତୁ ବାସ୍ତବରେ ଇଜିପ୍ଟର ଶର୍ମ ଏଲ୍-ଶେଖ୍ରେ ୨୦୨୨ରେ ଅନୁଷ୍ଠିତ କୋପ-୨୭ ଅବସରରେ

ଏହି ପାଣ୍ଠିର ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ ନିମନ୍ତେ ରାଷ୍ଟ୍ରମାନେ ଏକ ଐତିହାସିକ ନିଷ୍ପତ୍ତିରେ ଉପନୀତ ହୋଇଥିଲେ। ଏହି ପାଣ୍ଠିର ଗଠନ ହେଉଛି ବିଶେଷ ରୂପେ ଜଳବାୟୁ ସଙ୍କଟର ପ୍ରତିକୂଳ ପ୍ରଭାବ ଦୃଷ୍ଟିରୁ ଗମ୍ଭୀର ଭାବେ ଅସୁରକ୍ଷିତ, ଅଭାବୀ ବିକାଶଶୀଳ ଦେଶମାନଙ୍କର ବିଗତ କେତେ ଦଶନ୍ଧିର ଚାପର ପରିଣାମ ଏବଂ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ। ହାନି ଓ କ୍ଷୟକ୍ଷତି ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ମରୁଡ଼ି, ବନ୍ୟା, ବାତ୍ୟା, ସମୁଦ୍ର ପତ୍ତନର ବୃଦ୍ଧି ଓ ଉପକୂଳ ଅବକ୍ଷୟ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟରୁ ଘଟୁଥିବା ବିଭିନ୍ନ ନକାରାତ୍ମକ ଘଟଣାର ପରିଣାମ। ଆଗାମୀ ସମୟରେ ଜଳବାୟୁ ସଙ୍କଟ କ୍ରମଶଃ ଅଧିକ ତୀବ୍ରତର ହେଲେ ଏପରି ବିପର୍ଯ୍ୟୟ ଅଧିକତର ଭୟଙ୍କର ହେବାର ସମ୍ଭାବନା ରହିଛି।

ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରଶମିତ କରିବା ଏବଂ ଏହି ସଙ୍କଟ ସହ ଖାପ ଖୁଆଇବା ନିମନ୍ତେ ଲୋକମାନଙ୍କର ଦକ୍ଷତାରେ ବୃଦ୍ଧି ଘଟାଯିବା ଜରୁରୀ। ଏଥି ନିମନ୍ତେ ଏହି ଆର୍ଥିକ ପାଣ୍ଠିର ବିନିଯୋଗ ଅତ୍ୟନ୍ତ ପ୍ରୟୋଜନୀୟ। ଅନ୍ୟ ପକ୍ଷରେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ରୁଷିଆ, ଇଂଲଣ୍ଡ ଓ ଅନ୍ୟ ୟୁରୋପୀୟ ରାଷ୍ଟ୍ର, ସାଉଦୀ ଆରବ, ୟୁଏଇ, କୁୱେଟ ଓ ଅନ୍ୟ ତୈଳ ଉତ୍ପାଦନକାରୀ ଦେଶ ତଥା ଅନ୍ୟାନ୍ୟ ଧନୀ ରାଷ୍ଟ୍ରମାନେ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରକ ସବୁଜଗୃହ ବାଷ୍ପର ସର୍ବାଧିକ ନିର୍ଗମନ ନିମନ୍ତେ ଦାୟୀ। ଅତଏବ ଏହି ପାଣ୍ଠିର ସମୃଦ୍ଧି ନିମନ୍ତେ ସେମାନେ ଅକୁଣ୍ଠ ଚିତ୍ତରେ ସହାୟତା ପ୍ରଦାନ କରିବା ବିଧେୟ। କିଛି ଅର୍ଥନୀତିଜ୍ଞଙ୍କ ମତାନୁଯାୟୀ ବର୍ତ୍ତମାନ ସମୟର ଆବଶ୍ୟକତା ବହୁ ଟ୍ରିଲିୟନ ଡଲାର ହୋଇଥିବାରୁ ଆମେରିକା ପରି ବିକଶିତ ରାଷ୍ଟ୍ରମାନଙ୍କର ଏହି ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବାର ଅନିଚ୍ଛା ମୁଖ୍ୟ ବାଧକ ରୂପେ ଉଭା ହୋଇଛି।

ହାନି ଓ କ୍ଷୟକ୍ଷତିର ବର୍ଦ୍ଧିତ ଆହ୍ୱାନର ମୁକାବିଲା ନିମନ୍ତେ ଅଭିନବ ଅର୍ଥ ସଂଗ୍ରହର ଆବଶ୍ୟକତା ଥିଲାବେଳେ ନିକଟରେ ୨୦୨୩ ଡିସେମ୍ବରରେ ୟୁଏଇର ଦୁବାଇ ସହରରେ ସମାପ୍ତ ହୋଇଥିବା କୋପ-୨୮ ଅବସରରେ ଏହି ପାଣ୍ଠିକୁ ପ୍ରଦତ୍ତ ପ୍ରତିଶ୍ରୁତିର ପରିମାଣ ହେଉଛି ମାତ୍ର ୭୦୦ ନିୟୁତ ଡଲାର୍। ଏହା ଜଳବାୟୁ ସଙ୍କଟ ପ୍ରତିହତ ନିମନ୍ତେ ଅଭାବୀ ରାଷ୍ଟ୍ରମାନଙ୍କର ପ୍ରତିବର୍ଷ ଆବଶ୍ୟକ ହେଉଥିବା ୪୦୦ ବିଲିୟନ ଡଲାରର ମାତ୍ର ୦.୨ ପ୍ରତିଶତ। ତେବେ ଆକଳିତ ପ୍ରାରମ୍ଭିକ ପାଣ୍ଠି ୪୭୫ ନିୟୁତ ଡଲାର ନିମନ୍ତେ ସମ୍ମିଳନୀ ଅବସରରେ ଆୟୋଜକ ୟୁଏଇ ୧୦୦ ନିୟୁତ ଡଲାର, ୟୁରୋପୀୟ ସଂଘ ୨୭୫ ନିୟୁତ ଡଲାର, ଆମେରିକା ୧୭.୫ ନିୟୁତ ଡଲାର ଏବଂ ଜାପାନ ୧୦ ନିୟୁତ ଡଲାରର ପ୍ରତିଶ୍ରୁତି ବହନ କରିଥିଲେ। ଅସୁରକ୍ଷିତ ସମ୍ପ୍ରଦାୟମାନଙ୍କର ଆବଶ୍ୟକତା ପୂରଣ ଦିଗରେ ବର୍ତ୍ତମାନର 'ସବୁଜ ଜଳବାୟୁ ପାଣ୍ଠି' ପରି ଅର୍ଥ ଅନୁଷ୍ଠାନ ଯେତିକି ଅସମର୍ଥ ହେଉଛନ୍ତି, ସେହି ଅଭାବକୁ ପୂରଣ କରିବାରେ ହାନି ଓ କ୍ଷୟକ୍ଷତି ପାଣ୍ଠି ସମର୍ଥ ହେବ ବୋଲି ଆଶା କରାଯାଏ। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ମଧ୍ୟ ଜଳବାୟୁ ସୂଚନା ଉପଲବ୍ଧ ହେବା ନିମନ୍ତେ ତିମୋର-ଲେଷ୍ଟେ, ଆଜରବୈଜାନ, ଏଲ୍ ସାଲଭାଡୋର୍, ଘାନା, ମାଳଦ୍ୱୀପ, ସୁଦାନ ଏବଂ ପ୍ରଶାନ୍ତ ମହାସାଗରୀୟ ବିକାଶଶୀଳ ଦ୍ୱୀପଦେଶଗୁଡ଼ିକୁ ପ୍ରାରମ୍ଭିକ ସତର୍କତା ପ୍ରଣାଳୀ ଏବଂ ଦକ୍ଷତା ବୃଦ୍ଧି ପରି ଚାହିଦାନୁଯାୟୀ ବୈଷୟିକ ସହାୟତା ପ୍ରଦାନ କରୁଛି।

ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃ-ସରକାରୀ ଗୋଷ୍ଠୀ (ଆଇପିସିସି)ର ୨୦୨୨ ରିପୋର୍ଟ 'ପ୍ରଭାବ, ଖାପ ଖୁଆଇବା ଏବଂ ଦୁର୍ବଳତା'ର ମୁଖ୍ୟ ଲେଖକ ଆଡେଲ ଥୋମାସଙ୍କ ମତରେ ହାନି ଓ କ୍ଷୟକ୍ଷତିର ନିର୍ଦ୍ଦିଷ୍ଟ ସଂଜ୍ଞା ଉପଲବ୍ଧ ନାହିଁ ଏବଂ ଏହା ବିଭିନ୍ନ ଗୋଷ୍ଠୀ ପାଇଁ ଭିନ୍ନଭିନ୍ନ ଅର୍ଥବୋଧକ ହୋଇଥାଏ। ତେବେ ଏହାକୁ ମୁଖ୍ୟତଃ ଅର୍ଥନୈତିକ କିମ୍ବା ଅଣ-ଅର୍ଥନୈତିକ ଶ୍ରେଣୀଭୁକ୍ତ କରାଯାଏ। ଜଳବାୟୁଜନିତ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ନଷ୍ଟ ହୋଇଥିବା କୃଷି ଫସଲରୁ ରାଜସ୍ୱ ହାନିକୁ ଏକ ମୁଦ୍ରା ମୂଲ୍ୟ ନ୍ୟସ୍ତ କରିହେବ। କିନ୍ତୁ କେତେକ କ୍ଷେତ୍ରରେ ଏହା ମାନସିକ ଆଘାତପ୍ରାପ୍ତିର କାରଣ ହୋଇଥାଏ, ଯେପରିକି ଘୂର୍ଣ୍ଣିବାତ୍ୟାର ଗମ୍ଭୀର ପ୍ରଭାବର ଅନୁଭୂତି, ଲୋକମାନଙ୍କର ବିସ୍ଥାପନ ହେତୁ ସମ୍ପ୍ରଦାୟ ମଧ୍ୟରେ ସଂଘଟିତ ବିଭାଜନ କିମ୍ବା ସ୍ଥାନୀୟ ଜୈବବିବିଧତାର ଅବକ୍ଷୟ, ଏସବୁକୁ ଅର୍ଥନୈତିକଭିତ୍ତିରେ ମୂଲ୍ୟାୟନ କରିବା ସମ୍ଭବ ନୁହେଁ। ପରିବର୍ତ୍ତିତ ଜଳବାୟୁ ପ୍ରଭାବର ସମସ୍ତ ହାନି ଓ କ୍ଷୟକ୍ଷତିର ମୁକାବିଲା ଏକ କଷ୍ଟସାଧ୍ୟ ପ୍ରକ୍ରିୟା ହୋଇଥିବାରୁ ମାନବଜାତି ନିମନ୍ତେ ଶ୍ରେଷ୍ଠ ବିକଳ୍ପ ହେଉଛି ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଏବଂ ଏଥିରୁ ଉତ୍ପନ୍ନ ସବୁଜଗୃହ ବାଷ୍ପ ନିର୍ଗମନକୁ ଯଥାସାଧ୍ୟ ନିୟନ୍ତ୍ରଣ କରିବା। ହାନି ଓ କ୍ଷୟକ୍ଷତି ଭରଣା ନିମନ୍ତେ ଅଧିକ ସମ୍ବଳର ବିନିଯୋଗ ଦ୍ୱାରା ମାନବଜାତିର ୨୦୩୦ ନିରନ୍ତର ବିକାଶ ଲକ୍ଷ୍ୟ ହାସଲକୁ ସାକାର କରିବା ସମ୍ଭବପର ହୋଇପାରିବ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

ସେମାନେ ବି ମଣିଷ

ମୋହନ ଚରଣ ବିଷି

ଗୁରୁ ଶିଷ୍ୟମାନଙ୍କୁ ନିଜ ଜୀବନର ଏକ ଘଟଣା ସମ୍ପର୍କରେ ଆଲୋକପାତ କରୁଛନ୍ତି। ତାଙ୍କର ଯେତେବେଳେ ଦୁଇଟି ଯାକ କିଡ୍‌ନୀ ନଷ୍ଟ ହେବା କଥା ଡାକ୍ତର କହିଲେ ସେତେବେଳେ ସେ ଗୃହ ତ୍ୟାଗକରି ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ। ସେ କାଶୀଠାରେ ଅବସ୍ଥାନ କରିଥିଲେ। ଦିନେ ଦେଖିଲେ ଗଙ୍ଗା ନଦୀରେ ଏକ ଶବ ଭାସୁଛି। ସେ ହାତ ଉପରକୁ କରି ରକ୍ଷା କରିବା ପାଇଁ ଇସାରା ଦେଉଛି। ସେ ଆଶ୍ଚର୍ଯ୍ୟ ହୋଇଗଲେ ଶବ ପୁଣି ହାତ ଠାରୁଛି। ସେ ବିଳମ୍ବ ନ କରି ଗଙ୍ଗାନଦୀରେ ପ୍ରବେଶ କରି ଶବକୁ ଉଦ୍ଧାର କଲେ। ବାହାରକୁ ଆଣିଲେ। ଉପସ୍ଥିତ ଲୋକେ କହିଲେ, ଜଣେ କୁଷ୍ଠ ରୋଗୀର ଶବକୁ କାହିଁକି ଆଣୁଛ। ସେ ମରିଯାଉ, କାହିଁକି ବଞ୍ଚାଉଛନ୍ତି। ତା'ର ଜୀବନ ଅଛି, ସେ ମରିବ କାହିଁକି ? ମୁଁ ତା'ର ସେବା କରିବି। ଆଉ ଡାକ୍ତରଖାନାକୁ ନେଲି। କେତେ ଦିନର ଚିକିତ୍ସା ପରେ ଟିକେ ଭଲ ହୋଇଗଲେ ତା'ପରେ ଏକ କୁଷ୍ଠାଶ୍ରମରେ ନେଇକି ଛାଡ଼ିଦେଲି।

ଯେତେବେଳେ ମୁଁ ତାକୁ ଗଙ୍ଗାରୁ ଉଦ୍ଧାର କରୁଥିଲି ସେତେବେଳେ ସେ ଯେଉଁ କରୁଣାପୂର୍ଣ୍ଣ ନୟନରେ ମୋତେ ଚାହିଁ ରହିଥିଲା ମୋତେ ଲାଗିଲା ମୋର ପ୍ରଭୁଙ୍କ ଦର୍ଶନ ହୋଇଗଲା। ସତକୁ ସତ ପରବର୍ତ୍ତୀ ସମୟରେ ମୋତେ କିଏ ଚିକିତ୍ସା କରୁଥିଲା ? ମୁଁ କେମିତି ହଜାର ହଜାର ଶିଷ୍ୟାଶିଷ୍ୟମାନଙ୍କର ଗୁରୁ ହେଲି ପରମେଶ୍ୱର ହିଁ ଜାଣିଛନ୍ତି। ମୋତେ କେବଳ ଏତିକି ଅନୁଭବ ଆସୁଛି ନିରୀହତା ମଧ୍ୟରେ ପ୍ରଭୁଙ୍କର କରୁଣା ଲୁଚି ରହିଛି। ଯେଉଁମାନେ ନିରୀହ, ସରଳ, ଅସହାୟ, ରୋଗଗ୍ରସ୍ତ ସେହିମାନଙ୍କର ସେବା, ଶୁଶ୍ରୂଷା କରିବା ଦ୍ୱାରା ସେମାନଙ୍କଠାରୁ ପ୍ରାପ

ସଂକ୍ଷେପରେ

ନାବାଳକଙ୍କୁ ଛୁରି ଭୁସି ହତ୍ୟା

ଖଲ୍ଲିକୋଟ,୩୦।୧(ପ୍ରଶାନ୍ତ କୁମାର ମିଶ୍ର) : ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା କୈରାଶି ଗ୍ରାମର ସାଗର ବନ୍ଧ ମାଛ ମାର୍କେଟ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ନାବାଳକକୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ରାଜେଶ ଦାସ ବୋଲି ପୋଲିସ କହିଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ରାଜେଶଙ୍କ ସହିତ ଆଉ ଜଣେ ନାବାଳକଙ୍କ ପୂର୍ବରୁ ଶତ୍ରୁତା ଥିଲା। ରାଜେଶଙ୍କୁ ମାରିବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଉକ୍ତ ମାର୍କେଟ ଦେଇ ରାଜେଶ ଆସୁଥିବା ବେଳେ ସେଠାରେ ଛକି ରହିଥିବା ସମ୍ପୃକ୍ତ ନାବାଳକ ରାଜେଶଙ୍କୁ ଅତର୍କିତ ଭାବେ ଛୁରିରେ ଆକ୍ରମଣ କରିଥିଲେ। ରାଜେଶ ରକ୍ତାକ୍ତ ହେବା ପରେ ସମ୍ପୃକ୍ତ ନାବାଳକ ଖସି ପଳାଇଥିଲେ। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ରାଜେଶଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଜେଶଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସଆଇ ପାର୍ଥ ପ୍ରତୀମ ଦେବତା ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛନ୍ତି। ବୁଧବାର ବ୍ୟବଚ୍ଛେଦ ପାଇଁ ମୃତଦେହ ପଠାଯିବ ପୋଲିସ କହିଛି।

ଆଜି ଦିଆଯିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୋ ସ୍କୁଲ ୟୁଟ୍ୟୁବ ଚ୍ୟାନେଲରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ

ଭୁବନେଶ୍ୱର, ୩୦।୧(ଅସମାପିକା ସାହୁ)– ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ 'ବ୍ୟକ୍ତିଗତଠାରୁ ଆରମ୍ଭ କରି ସାଙ୍ଗଠନିକସ୍ତର ପର୍ଯ୍ୟନ୍ତ ଶ୍ରେଷ୍ଠମାନଙ୍କୁ ବଛାଯାଇ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ରାଜ୍ୟସ୍ତରୀୟ ପୁରସ୍କାର ବର୍ଗରେ ପ୍ରାୟ ୬ ହଜାର ମନୋନୀତ ଥିବା ବେଳେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ପୁରସ୍କାରକୁ ମିଶାଇ ସାରା ରାଜ୍ୟର ମୋଟ ୫୪ ହଜାରରୁ ଅଧିକ ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରୀଛାତ୍ର କମିଟି, ଗ୍ରାମ ପଞ୍ଚାୟତ, ବ୍ଲକ୍, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶ୍ରେଷ୍ଠ ଜିଲାକୁ ମଧ୍ୟ ପୁରସ୍କୃତ କରାଯିବ। ଏଥିପାଇଁ ୧୩୮ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଭୁବନେଶ୍ୱରସ୍ଥିତ କଳିଙ୍ଗ କ୍ଷତିଅମରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି। ପୁରସ୍କାର ପାଇବାକୁ ଥିବା ପ୍ରାୟ ୪,୨୦୦ ଅତିଥିଙ୍କ ପାଇଁ ୟୁନିଟ୍–୯ ବାଳକ ଉଚ୍ଚ ବିଦ୍ୟାଳୟ, ଭୀମଭୋଇ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିପିନ ବିହାରୀ ଚନ୍ଦ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କ୍ୟାପିଟାଲ ହାଇସ୍କୁଲ, ଓଏସ୍ଏପି ସପ୍ତମ ବାଟାଲିଅନ, ଆଇଆର୍ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଅନ୍ଧାରୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏସ୍ଆଇଏଲ୍‌ଟିଟି ଜୟଦେବବିହାରଠାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚିକିତ୍ସା ଅବହେଳାରୁ ରୋଗୀ ମୃତ, ଡାକ୍ତରଙ୍କୁ ମାଡ଼

ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ

- ■ଡାକ୍ତର ମଦ ପିଇ ଡ୍ୟୁଟି କରୁଥିବା ଅଭିଯୋଗ
- ■ସାମାଜିକ ଗଣମାଧ୍ୟମରେ ମାଡ଼ ଭିଡିଓ ଭାଇରାଲ
- ■ତଦନ୍ତ ପାଇଁ ୬ ଜଣିଆ ଟିମ୍ ଗଠନ କଲେ ହସ୍ପିଟାଲ ଅଧୀକ୍ଷକ

ବଲାଙ୍ଗୀର,୩୦।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା ସେବାରେ ଗୁରୁତର ଅବହେଳା ଯୋଗୁ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଯୁବକଙ୍କ ମୃତ୍ୟୁ ପରେ ଉତ୍କ୍ଷିପ୍ତ ପରିଜନ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ ମଦ ପିଇଥିବା ଅଭିଯୋଗ ଆଣି ନିସ୍ତୁକ ମାଡ଼ ମାରିଛନ୍ତି। ଡାକ୍ତରଙ୍କୁ ମାଡ଼ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତର କି ହସ୍ପିଟାଲ କର୍ତ୍ତୃପକ୍ଷ ଏ ନେଇ ଥାନାରେ ଅଭିଯୋଗ କରିନାହାନ୍ତି। ପୂର୍ବରୁ ଡାକ୍ତରଙ୍କୁ ଦୁର୍ବ୍ୟବହାର କି ଆକ୍ରମଣ ହେଲେ ଆନ୍ଦୋଳନକୁ ଓହ୍ଲାଉଥିବା ଡାକ୍ତର, ଡାକ୍ତରୀ ଛାତ୍ର ଓ କର୍ମଚାରୀ କେହିବି ଏହାର ପ୍ରତିବାଦ କି ଆନ୍ଦୋଳନ କରି ନ ଥିବାରୁ ଘଟଣା ପଛର ସତ୍ୟତା କ'ଣ ତାକୁ ନେଇ ଆଲୋଚନା ହେଉଛି। ଏ ସମ୍ପର୍କରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡାଙ୍କୁ ପଚାରିବାରୁ ହସ୍ପିଟାଲ ୱାର୍ଡରେ ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ଡାକ୍ତରଙ୍କୁ ଆକ୍ରମଣ ହୋଇଥିବା ଘଟଣା ସମ୍ପର୍କରେ କେହି ତାଙ୍କୁ ଲିଖିତ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି। ତେବେ ହସ୍ପିଟାଲରେ ସୋମବାର ରାତିରେ ଏଭଳି ଏକ ଘଟଣା ଘଟିଥିବା ଶୁଣିଛନ୍ତି। ଯେଉଁମାନେ ମାଡ଼ ମାରିଛନ୍ତି ବୋଲି କୁହାଯାଉଛି, ସେମାନେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ମଦ ପିଇଥିବା ଅଭିଯୋଗ ଉଠିଥିବାରୁ ବାସ୍ତବରେ ସୋମବାର ରାତିରେ କ'ଣ ହୋଇଛି ତାର ସତ୍ୟାସତ୍ୟ ଜାଣିବା ପାଇଁ ୬ ଜଣିଆ ବରିଷ୍ଠ ଡାକ୍ତରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନା ମୁତାବକ ସ୍ଥାନୀୟ ତାଲପାଲିପଡାର ନିକୁ ବାରିକ (୩୦) ସୋମବାର ଅସୁସ୍ଥ ହୋଇପଡିଥିଲେ। ପେଟରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ପରିବାର ଲୋକେ ଅପରାହ୍ନ ୫ଟାରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମେଡିସିନ୍ ୱାର୍ଡରେ ଭର୍ତ୍ତି କରିଥିଲେ। ରାତି ୮ଟାରୁ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା। ପରିବାର ଲୋକେ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ। ବାରମ୍ବାର ଡାକିବା ସତ୍ତ୍ୱେ ଡାକ୍ତର ଜଣକ ରୋଗୀଙ୍କ ପାଖକୁ କୁଆଡ଼େ ଆସି ନ ଥିଲେ। ସେ ଆଇସିୟୁରେ ଅଛନ୍ତି ବୋଲି କହିଥିଲେ। ତେବେ ରାତି ପ୍ରାୟ ୧୧ଟା ବେଳେ ରୋଗୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଡାକ୍ତର କୁଆଡ଼େ ସେଠାକୁ ଆସି ନ ଥିବା ମୃତକଙ୍କ ପରିଜନ ଅଭିଯୋଗ କରିଛନ୍ତି। ସେ ମଦ ପିଇ ଇଆଡୁ ସିଆଡୁ କହିବାରୁ ଡାକ୍ତରଙ୍କୁ ରୋଗୀ ପରିଜନ ହସ୍ପିଟାଲ ୱାର୍ଡ ଭିତରେ ରୋଗୀଙ୍କ ସମ୍ମୁଖରେ ଆକ୍ରମଣ କରିଥିଲେ। ମାଡ଼ ମାରିବା ବେଳେ ସୁରକ୍ଷା କର୍ମୀମାନେ ସେଠାକୁ ଆସି ଡାକ୍ତରଙ୍କୁ ଉଦ୍ଧାର କରିଥିବା କୁହାଯାଉଛି। ଡାକ୍ତରଙ୍କୁ ଆକ୍ରମଣ କରିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଘଟଣାଟି ଲୋକଲୋଚନକୁ ଆସିଛି।

ଡାକ୍ତରଙ୍କୁ ଜଣେ ଯୁବକ ଭିଡି ଧରି ଆକ୍ରମଣ କରୁଛନ୍ତି।

ମୃତକ ନିକୁ ବାରିକ (ଫାଇଲ ଫଟୋ)

ଭାଇରାଲ ହୋଇଥିବା ଡାକ୍ତର।

ବ୍ୟବଚ୍ଛେଦ ରିପୋର୍ଟ ଭୁଲ୍‌ଥିବା ଅଭିଯୋଗକରି ଡାକ୍ତରଙ୍କୁ ମାଡ଼

ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ମୃତ୍ୟୁ ଘଟଣା

ପାରଳାଖେମୁଣ୍ଡି, ୩୦।୧(ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଜଣେ କର୍ତ୍ତବ୍ୟରତ ଡାକ୍ତରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଭୁଲଥିବା ଅଭିଯୋଗ କରି ମୃତ ଛାତ୍ରୀଙ୍କ ମା' ମାଡ଼ ମାରିଥିବା ଡାକ୍ତର ଜଣଙ୍କ ଅଭିଯୋଗ କରିଛନ୍ତି। ମାଡ଼ ମାରିଥିବା ମହିଳା ହେଲେ ସୁଞ୍ଜାନୀ ରଉତ ଓ ଆକ୍ରମଣର ଶିକାର ହୋଇଥିବା ଡାକ୍ତର ହେଲେ ରଶ୍ମିକାନ୍ତ ମିଶ୍ର। ସୂଚନା ଅନୁସାରେ, ୨୦୨୩ଫେବୃଆରୀ ୧୯ ତାରିଖରେ ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଉତଙ୍କ ମୃତ୍ୟୁ ଘଟିଥିଲା। ମା' ସୁଞ୍ଜାନୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ଜଙ୍ଘରେ ନଖ ଦାଗ ରହିଥିବାରୁ ତାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଛି। କିନ୍ତୁ ରଶି ଲଗାଇ ସୌଦାମିନୀ ଆତ୍ମହତ୍ୟା କରିଥିବା ଡାକ୍ତର ତାଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଇଥିଲେ। ତେବେ ମଙ୍ଗଳବାର ବ୍ୟବଚ୍ଛେଦ ରିପୋର୍ଟ ଭୁଲଥିବା ଅଭିଯୋଗ କରି ସୁଞ୍ଜାନୀ ବ୍ୟବଚ୍ଛେଦ କରିଥିବା ଡାକ୍ତର ରଶ୍ମିକାନ୍ତ ମିଶ୍ରଙ୍କୁ ତାଙ୍କ ଚାମ୍ବରରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଡାକ୍ତର ରଶ୍ମିକାନ୍ତ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୦/୨୪ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏହି ଘଟଣାରେ ନ୍ୟାୟ ଦାବି କରି ମା' ସୁଞ୍ଜାନୀ ବିଭିନ୍ନ ସମୟରେ ଧାରଣା, ଆନ୍ଦୋଳନ କରିଆସିଛନ୍ତି। ଏହି ଘଟଣା ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଅଧୀନରେ ରହିଛି।

ଡାକ୍ତର ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି।

ରାଉରକେଲା ବିମାନ ବନ୍ଦରରେ କୋଲକାତାରୁ ଆସିଥିବା ବିମାନ।

ରାଉରକେଲାରୁ ବିମାନସେବା ଆରମ୍ଭ

ରାଉରକେଲା,୩୦।୧(ସଙ୍ଗୀତା ଜେନା)

ରାଉରକେଲା–କୋଲକାତା ବିମାନ ସେବା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅପରାହ୍ନ ୨ଟାରେ କୋଲକାତାରୁ ଉକ୍ତ ବିମାନ ଆସି ରାଉରକେଲାରେ ଅବତରଣ କରିଥିଲା। ଏଥିରେ ୩୩ଜଣ ଯାତ୍ରୀ ଆସିଥିଲେ। ଏହାପରେ ବିମାନଟି ଭୁବନେଶ୍ୱର ଯାଇଥିଲା। ସେଠାରୁ ପୁଣି ରାଉରକେଲା ଆସି କୋଲକାତା ଯିବାର ଥିଲା। କିନ୍ତୁ ସନ୍ଧ୍ୟା ସମୟରେ ପାଗ ଖରାପ ଥିବାରୁ ବିମାନଟି ଆଉ ରାଉରକେଲା ନ ଯାଇ ସିଧା କୋଲକାତା ଯାଇଥିଲା। ଅପରାହ୍ନ ୫ଟା୩୮ରେ ବିମାନଟି କୋଲକାତା ଅଭିମୁଖେ ଯାଇଥିବା ଏଏଆଇ(ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ)ର ଅଧିକାରୀ ରାହୁଲ ସିଂହ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷରେ ରାଉରକେଲା ବିମାନବନ୍ଦରରେ ସ୍ୱତନ୍ତ୍ର ଭିଏଫ୍‌ଆର୍ ସିଷ୍ଟମରେ ବିମାନ ଅବତରଣ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ସିଷ୍ଟମରେ ବିମାନ ଚଳାଚଳ ପାଇଁ ଆଲିଏନ୍ସ ଏୟାରକୁ ଏପର୍ଯ୍ୟନ୍ତ ଡିଜିସିଏ ପକ୍ଷରୁ ଅନୁମତି ମିଳିପାରିନାହିଁ। ଆଗାମୀ ଦିନରେ ଭିଏଫ୍‌ଆର୍ ସିଷ୍ଟମରେ ବିମାନ ଅବତରଣ ହୋଇ ନ ପାରିଲେ ଏହି କ୍ଷେତ୍ରରେ ଅନିଶ୍ଚିତତା ଲାଗି ରହିବ। ଉକ୍ତ ବ୍ୟବସ୍ଥା ଶୀଘ୍ର ଲାଗୁ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଦୀର୍ଘ ଦେଢ଼ମାସ ବାତିଲ ହେବା ପରେ ଏହି ଚଳାଚଳ ନେଇ ରାଉରକେଲାବାସୀଙ୍କ ମଧ୍ୟରେ ଆଶାର ସଞ୍ଚାର ହୋଇଛି।

ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ମାମଲା

ସତ୍ୟପାଠର ନକଲ ପ୍ରତିପକ୍ଷଙ୍କୁ ଦେବାକୁ ନିର୍ଦ୍ଦେଶ

କଟକ,୩୦।୧ (କାର୍ତ୍ତିକ ସାହୁ)– ଚିଲିକାର ଆର୍ଦ୍ରଭୂମି ସୁରକ୍ଷା ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଛି। ଚିଲିକାର ଆର୍ଦ୍ରଭୂମି ସୁରକ୍ଷା ନେଇ ସରକାର କ'ଣ ବ୍ୟବସ୍ଥା କରିଛନ୍ତି ତାହା ସତ୍ୟପାଠରେ ଉଲ୍ଲେଖ ରହିଛି। ତେବେ ସତ୍ୟପାଠର ଏକ ନକଲ ପ୍ରତିପକ୍ଷଙ୍କୁ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆର୍ଦ୍ରଭୂମି ସୁରକ୍ଷା ପାଇଁ ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଘେରି ବନ୍ଦ ନିମନ୍ତେ ହାଇକୋର୍ଟରେ ଚାଲିଥିବା ମାମଲାରେ ରାଜ୍ୟ ସରକାରଙ୍କୁ ଏଥିନିମନ୍ତେ ପଲିସି ତିଆରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଚିଲିକା ଉପରେ ନିର୍ଭରକରି ଚଳୁଥିବା ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀଙ୍କ ମତାମତକୁ ଗ୍ରହଣ କରି ରାଜ୍ୟ ସରକାର ଏକ ପଲିସି ଫ୍ରେମ୍ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍ କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ସମଗ୍ର ଦେଶରେ ରହିଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ମାମଲାର ସୁପ୍ରିମକୋର୍ଟ ଶୁଣାଣି କରି ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ହାଇକୋର୍ଟ ନିଜ ଆଡୁମାମଲା ରୁଜୁ କରି ନିୟମିତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି।

ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର, ବାଲେଶ୍ୱର, ମାଲକାନଗିରିର ୭ ସ୍ଥାନରେ ଚଢ଼ାଉ

- ■ଜଳେଶ୍ୱରରେ ୧୪ ଫ୍ଲାଟ୍, ୩ ମହଲା କୋଠା
- ■ଘରୁ ମିଳିଲା ନଗଦ ୧.୪୩ ଲକ୍ଷ ଟଙ୍କା

ମାଲ୍‌କାନଗିରି, (ଦୁର୍ଯ୍ୟୋଧନ ପାତ୍ର)/ ଭୁବନେଶ୍ୱର,୩୦।୧(ସତ୍ୟଜିତ୍ ରାଉତ)

ମାଲ୍‌କାନଗିରି ସେଚାଞ୍ଚଳ ଉନ୍ନୟନ ବିଭାଜନ ନିର୍ବାହୀ ଯନ୍ତ୍ରୀ (କୃଷି)ଙ୍କ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ନାୟକ ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ସଞ୍ଜୟଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବାଲେଶ୍ୱର ଓ ମାଲ୍‌କାନଗିରି ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବହୁ କୋଟିର ସମ୍ପତ୍ତି ଠାବ ହୋଇଛି। ଚଢ଼ାଉ ସ୍ଥାନ ମଧ୍ୟରେ ସଞ୍ଜୟଙ୍କ ମାଲ୍‌କାନଗିରିସ୍ଥିତ ବାସଭବନ, ଭଡ଼ାଘର, ଅଫିସ ଚାମ୍ବର, ଭୁବନେଶ୍ୱର ପୋଖରୀପୁଟସ୍ଥିତ ସମ୍ପର୍କୀୟଙ୍କ ଘର ଓ ବାଲେଶ୍ୱର ଜିଲା ଜଳେଶ୍ୱର ପାଇକସିଦା ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ଭିଜିଲାନ୍ସ ଟିମ୍‌ଗୁଡିକରେ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୮ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ସଞ୍ଜୟଙ୍କ ବାଲେଶ୍ୱର ଜିଲା ଜଳେଶ୍ୱର ଦେଉଳିପଞ୍ଚୁଘଣ୍ଟାରେ ଥିବା ୧୦ ହଜାର ବର୍ଗଫୁଟ୍‌ର ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରସ୍ଥିତ ଗ୍ରୀନ୍ ହୋମ୍‌ସ ଆପାର୍ଟମେଣ୍ଟରେ ୧୨ଶହ ବର୍ଗଫୁଟ୍ ବିଶିଷ୍ଟ ଏକ ୨–ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି। ଏଥିସହ ଜଳେଶ୍ୱର ଟାଉନ୍‌ର ମୁଖ୍ୟ ଅଞ୍ଚଳରେ ୧୪ଟି ଫ୍ଲାଟ୍ ରହିଛି। ଠାବ ହୋଇଥିବା କୋଠା ଏବଂ ଫ୍ଲାଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଘରୁ ନଗଦ ୧ ଲକ୍ଷ ୪୩ ହଜାର ୨୨୦ ଟଙ୍କା, ୧୨.୭୦ ଲକ୍ଷ ଟଙ୍କାର ଗୋଟିଏ ଚାରି ଚକିଆ ଯାନ ଓ ଦୁଇଟି ବାଇକ ଏବଂ ୧୪.୧୮ ଲକ୍ଷ ଟଙ୍କାର ସୁନା ଓ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ସଞ୍ଜୟଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ତେବେ ଠାବ ହୋଇଥିବା ସଞ୍ଜୟଙ୍କ ସମ୍ପତ୍ତିର ପରିମା

ଲିଙ୍ଗରାଜ କୁଷ୍ଠ କଲୋନି ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ପଳାଶପଲ୍ଲୀଠାରେ ନବନିର୍ମିତ ଲିଙ୍ଗରାଜ କୁଷ୍ଠ କଲୋନି ଲୋକାର୍ପିତ କରିଛନ୍ତି। ଏଥିରେ ୩୧ଟି ଘର ରହିଛି। ଏହାଦ୍ୱାରା ୯୪ ଜଣ ହିତାଧିକାରୀ ଉପକୃତ

ଉପକୃତ ହେଲେ ୯୪ ହିତାଧିକାରୀ

ହୋଇଛନ୍ତି। ଏମାନେ ସମସ୍ତେ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଛନ୍ତି। ଏକ ମେଡିକାଲ୍ ଟିମ୍ ପ୍ରତି ସପ୍ତାହରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଡ୍ରେସିଂ କିଟ୍, ଜୋତା ଓ ଟ୍ରାଇସାଇକେଲ ପ୍ରଭୃତି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି।

ବରମୁଣ୍ଡା ବସ୍‌ଷ୍ଟାଣ୍ଡ କାର୍ଯ୍ୟର ତଦାରଖ କଲେ ପାଣ୍ଡିଆନ

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ସକାଳୁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ(ଆଇଏସ୍‌ବିଟି) ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ତଦାରଖ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ କେତେବାଟ ଆଗେଇଛି ସେସବୁର ଅନୁଧ୍ୟାନ କରିଛନ୍ତି। ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ କରାଯାଇଥିବା ପ୍ରତୀକ୍ଷାଳୟ, ପରିମଳ ବ୍ୟବସ୍ଥା, ବସ୍ ବେ, ଆଲୋକୀକରଣ

ଫେବୃଆରୀ ମଧ୍ୟଭାଗ ସୁଦ୍ଧା ଆଇଏସ୍‌ବିଟି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ବ୍ୟବସ୍ଥା, ବିଶ୍ରାମାଗାର ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସାରିବାକୁ ନିର୍ମାଣକାରୀ ସଂସ୍ଥାକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀଙ୍କ ପାଇଁ ଫେବୃଆରୀ ମଧ୍ୟଭାଗ ସୁଦ୍ଧା ବସ୍‌ଷ୍ଟାଣ୍ଡକୁ ପ୍ରସ୍ତୁତ କରିବାକୁ ବିଡିଏକୁ ନିର୍ଦ୍ଦେଶ ଦେଇଛନ୍ତି। ୧୫.୫ ଏକର ଜମିରେ ନିର୍ମିତ ହୋଇଥିବା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ଉତ୍ତମମାନର ସେବା ଯୋଗାଇ ଦିଆଯିବ। ଏଠାରେ ଯାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା ରହିଥିବା ବେଳେ ମଲ୍ଟିଷ୍ଟୋରେଡ୍ କାର୍ ପାର୍କିଂ, ପିକ୍‌ଅପ୍ ଡ୍ରପ୍ ଫାସିଲିଟି, ଫୁଡ୍ କୋର୍ଟ, ରେଷ୍ଟୁରାଣ୍ଟ ଭଳି ସୁବିଧା ମିଳିବ। ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ବିମାନବନ୍ଦର ଭଳି ଅନୁଭବ କରିବେ ଯାତ୍ରୀ। ଏଥିସହିତ ବସ୍‌ଷ୍ଟାଣ୍ଡରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମଧ୍ୟ ରହିବ। ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ସାଙ୍ଗକୁ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଛି। ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ପରିସ୍ରାଗାର, ରାମ୍ପ ସୁବିଧା, ପିଲାଙ୍କୁ କ୍ଷୀର ପିଆଇବା ରୁମ୍, ପିଲାଙ୍କ ପାଇଁ ଖେଳିବା ସ୍ଥାନ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଋତୁକାଳୀନ ବସ୍ ପାର୍କିଂ ବ୍ୟବସ୍ଥା ଇତ୍ୟାଦି ରହିବ। ପାଣ୍ଡିଆନଙ୍କ ଆଇଏସ୍‌ବିଟି ପ୍ରଦର୍ଶନ ବେଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ, ବିଏମ୍‌ସି କମିଶନର, ଭୁବନେଶ୍ୱର ଡିସିପି ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ବରମୁଣ୍ଡାରେ ନିର୍ମାଣାଧୀନ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ(ଆଇଏସ୍‌ବିଟି)ର କାର୍ଯ୍ୟକୁ ମଙ୍ଗଳବାର ଭୋର ସମୟରେ ତଦାରଖ କରୁଛନ୍ତି କାର୍ତ୍ତିକ ପାଣ୍ଡିଆନ।

ପ୍ରତି ପଞ୍ଚାୟତରେ ଖୋଲିବ ପାଠାଗାର

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ଆସନ୍ତା ଫେବୃୟାରୀ ୩ ତାରିଖରେ ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟର ସମ୍ମିଳନୀ କକ୍ଷରେ ଭାଷାବିତ୍ ଓ ସାହିତ୍ୟିକମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷାର ପ୍ରାଚୀନତା, ପ୍ରାସଙ୍ଗିକତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏହି ସମ୍ମିଳନୀରେ ବିଚାରବିମର୍ଶ ହେବ। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜନ ହେଉଥିବାରୁ ବାଲକ୍ରିଷ୍ଣନ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ସେହିଭଳି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ଐତିହ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ଏଭଳି ଐତିହାସିକ ପଦକ୍ଷେପ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

- ସମସ୍ତଙ୍କ ସହଯୋଗ ଲୋଡ଼ିଲେ ସରକାର
- ଭାଷାବିତ୍,ସାହିତ୍ୟିକଙ୍କ ସହ ଆଲୋଚନା
- ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଥିବା ମହିଳା ପୁରସ୍କୃତ ହେବେ

ଗ୍ରହଣ କରାଯାଇଛି। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ସମସ୍ତ ଭାଷାବିତ୍‌ମାନଙ୍କ ଉଦ୍ୟମ ପ୍ରଶଂସନୀୟ। ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି। ସେହିପରି ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜର ପାରଦର୍ଶିତା ଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୁଜାତା କହିଛନ୍ତି। ଉକ୍ତ ବୈଠକରେ ସାହିତ୍ୟିକ, ଭାଷାବିତ୍, ନୃତ୍ୟବିତ୍ ଏବଂ ଭାଷାନୁରାଗୀମାନେ ଯୋଗ ଦେଇ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଅକ୍ଷରକୁ ନେଇ ଖୋଟି ପକାଇବା, ପ୍ରାଚୀନ ସାହିତ୍ୟକୁ ଲୋକାଭିମୁଖୀ କରିବା, ଯୁଗୋପଯୋଗୀ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଚଳନ, ଶିଶୁ ଲେଖାକୁ ପ୍ରୋତ୍ସାହିତ କରିବା, ଅନ୍ୟଭାଷାର ଉପାଦେୟ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିବା ଉପରେ ସେମାନେ ମତାମତ ଦେଇଛନ୍ତି। ପାରସ୍ପରିକ ସହଯୋଗରେ ଓଡ଼ିଆ ଭାଷା ଆହୁରି ସମୃଦ୍ଧ ହୋଇପାରିବ ବୋଲି ସେମାନେ ଉଲ୍ଲେଖ କରିବା ସହ ଏଭଳି ସମ୍ମିଳନୀ ଆୟୋଜନ ପାଇଁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନା ହେବ।

ଆନ୍ଦୋଳନରେ ପରିଣତ ହୋଇଛି ପାଣି ପଞ୍ଚାୟତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ଜଳ ଅମୂଲ୍ୟ। ଜଳର ଉଚିତ ବ୍ୟବହାର କରିବା ସହିତ ସଂରକ୍ଷଣ ଓ ପୁନଃ ବ୍ୟବହାର ପାଇଁ ଚେଷ୍ଟା କରନ୍ତୁ। ଫସଲର ବିବିଧୀକରଣ କରନ୍ତୁ। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗରେ ଚାଷ କରନ୍ତୁ। ଏହା ଦ୍ୱାରା ଅଧିକ ଅମଳ କରି କୃଷି କ୍ଷେତ୍ରରେ ନିଜେ ସଫଳତା ପାଇବା ସହିତ ରାଜ୍ୟକୁ ଏ କ୍ଷେତ୍ରରେ ଅଗ୍ରଣୀ କରିପାରିବେ। ମଙ୍ଗଳବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୪ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୃଷକମାନଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ପ୍ରାୟ ୪୦ ହଜାର ପାଣି ପଞ୍ଚାୟତ ଗଠନ ହୋଇଛି। ଏବେ ଏହା ଆନ୍ଦୋଳନରେ ପରିଣତ ହୋଇପାରିଛି। ଏଥିରେ ମେଗା ଲିଫ୍ଟକୁ ସାମିଲ କରାଯାଇଛି। ଚାଷୀମାନଙ୍କ ଜମିକୁ ପର୍ଯ୍ୟାପ୍ତ ପାଣି ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରିରହିଛି। କମାଣ୍ଡ ଏରିଆର ବିକାଶ ପାଇଁ ରାଜ୍ୟ ସରକାର ୬୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଆନ୍ତରିକତା ଯୋଗୁ ଆଜି ସବୁ କ୍ଷେତ୍ରରେ ରୂପାନ୍ତର ଆସିଛି। କୃଷି ଓ ଜଳସେଚନ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଛି। ପାଣି ପଞ୍ଚାୟତ ଜରିଆରେ ଚାଷୀମାନେ ଜଳର ସଦୁପଯୋଗ କରି ଭଲ ଫସଲ କରିପାରୁଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପାଣି ପଞ୍ଚାୟତର ପ୍ରୋଟୋଟାଇପ୍‌ର ଶୁଭାରମ୍ଭ କରିବା ସହିତ ସେଚ ସହଭାଗିତା

ପାଣି ପଞ୍ଚାୟତ ପକ୍ଷ-୨୦୨୪ ଉଦ୍‌ଯାପିତ

- ୫୦ ପାଣି ପଞ୍ଚାୟତ, ୩୦ କୃଷକ ସମ୍ବର୍ଦ୍ଧିତ

୨.୦ ଶୀର୍ଷକ ଏକ କଫି ଟେବଲ ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରେଷ୍ଠ କୃଷକ, ଶ୍ରେଷ୍ଠ ପାଣି ପଞ୍ଚାୟତ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ଶ୍ରେଷ୍ଠ ପ୍ରକଳ୍ପ ଓ ଶ୍ରେଷ୍ଠ ପ୍ରଶାସକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିନ୍ତି। ସୂଚନାଯୋଗ୍ୟ, ରାଜ୍ୟର ୫୦ଟି ଶ୍ରେଷ୍ଠ ପାଣି ପଞ୍ଚାୟତକୁ ୫୦ ହଜାର ଟଙ୍କା ଲେଖାଏ, ୩୦ ଜିଲାର ୩୦ ଜଣ ଶ୍ରେଷ୍ଠ କୃଷକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଯଥାକ୍ରମେ ୧୦ ହଜାର, ୭,୫୦୦ ଏବଂ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ଜଗତ୍‌ସିଂହପୁରର ମା' ବାଟମଙ୍ଗଳା ପାଣି ପଞ୍ଚାୟତ, ଶ୍ରେଷ୍ଠ ଚାଷୀ ଭାବେ ମାଲକାନଗିରିର ପୂର୍ଣ୍ଣିମା ହାଲଦାର, ଶ୍ରେଷ୍ଠ ଛାତ୍ରୀ ଭାବେ କେନ୍ଦ୍ରାପଡ଼ାର ମନସ୍ୱୀ ଦାସ, ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୋଟେରୁ ଜଳସେଚନ ପ୍ରକଳ୍ପ ଓ ଶ୍ରେଷ୍ଠ ଅଧିକାରୀ ଭାବେ ଚିକିଟି ମାଇନର ଜଳସେଚନ ପ୍ରକଳ୍ପର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁନୀତା ଜେନା ପ୍ରମୁଖଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ଆକର୍ଷଣ ସାଜିଛି ସମଲେଶ୍ୱରୀ ପୀଠର ଭବ୍ୟ ଶୋଭାରାଜି

ସମ୍ବଲପୁର,୩୦।୧ (ପ୍ରମୋଦ ବହିଦାର)

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରୂପାନ୍ତରିତ ପୀଠର ଲୋକାର୍ପଣ ପରେ ଉତ୍ସବମୁଖରିତ ହୋଇଉଠିଛି ସମ୍ବଲପୁରର ଆରାଧ୍ୟା ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସର। ଉଜ୍ଜ୍ୱଳ ଆଲୋକମାଳା ଓ ଫୁଲରେ ସଜ୍ଜିତ ମନ୍ଦିର ତୋରଣର ଭବ୍ୟ ଶୋଭାରାଜି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଲୋକାର୍ପଣ ପରେ ମଙ୍ଗଳବାର ପ୍ରଥମଥର ପାଇଁ ଆସିଥିବା ଭକ୍ତ ରୂପାନ୍ତରିତ ମନ୍ଦିର ପରିସର ଦେଖି ଆତ୍ମବିଭୋର ହୋଇପଡ଼ିଥିଲେ। ରିଭର ଭ୍ୟୁ ମଞ୍ଚରେ ଚାଲିଥିବା ମହାନଦୀ ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ବାନ୍ଧିରଖିଥିଲା। ସନ୍ଧ୍ୟା ଠିକ୍‌ସାଢ଼େ ୬ଟାରେ ମହାନଦୀ ଆଳତି ଆରମ୍ଭ ହୋଇଥିଲା। ସ୍ଥାନୀୟ ପଣ୍ଡିତ ଓ ମନ୍ଦିର ପୂଜକଙ୍କ ଦ୍ୱାରା ଆଳତି ସମ୍ପାଦିତ ହୋଇଥିଲା। ସହସ୍ରାଧିକ ଭକ୍ତ ଆଳତିରେ ସାମିଲ ହୋଇ ପ୍ରକୃତି ପୂଜା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଗୁରୁ ରଣଜିତ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରର କଳା ଓ କଳାକାର ଅନୁଷ୍ଠାନର କଳାକାରମାନେ ଢୋଲ, ନିଶାନ, ତାସା, ଝାଞ୍ଜ ଓ ମହୁରି ଆଦି ପଞ୍ଚବାଦ୍ୟ ମଧ୍ୟରେ ଚିତ୍ତାକର୍ଷକ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ

କଳା ଓ କଳାକାର ଅନୁଷ୍ଠାନର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ।

- ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ୍ତ୍ରମୁଗ୍ଧ ଶ୍ରଦ୍ଧାଳୁ
- ବୁଧବାର ଯଜ୍ଞ ପୂର୍ଣ୍ଣାହୁତି

କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହେଶ ପଟେଲଙ୍କ ନେତୃତ୍ୱରେ ସମ୍ବଲପୁର ଧନୁପାଲିର ନଟରାଜ ଅନୁଷ୍ଠାନର କଳାକାରମାନେ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଠାରେ ଥିବା ଦ୍ୱିତୀୟ ମଞ୍ଚରେ ଭୁବନେଶ୍ୱର ରୁଦ୍ରାକ୍ଷ ଫାଉଣ୍ଡେଶନର କଳାକାର ପାରମ୍ପରିକ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ, ଯାହାକୁ ଦେଖି ଉପସ୍ଥିତ ଦର୍ଶକଙ୍କ ମନ୍ତ୍ରମୁଗ୍ଧ ହୋଇ ପଡ଼ିଥିଲେ। ଆଜି ମଧ୍ୟ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ୧୧ ଜିଲାରୁ ଆସିଥିବା ପଣ୍ଡିତମାନେ ଯଜ୍ଞକୁଣ୍ଡରେ ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଦ୍ୟ ମଧ୍ୟରେ ହୋମ ଓ ଚଣ୍ଡୀପାଠରେ ସମଗ୍ର ଅଞ୍ଚଳକୁ ଭକ୍ତିମୟ କରି ତୋଳିଥିଲେ। ସନ୍ଧ୍ୟାରେ ସମସ୍ତେ ମିଶି ଆହୁତି ପ୍ରଦାନ କରିଥିଲେ। ବୁଧବାର ମା'ଙ୍କ ପୀଠ ପରିସରସ୍ଥ ଯଜ୍ଞକୁଣ୍ଡରେ ଗତ ୫ଦିନ ଧରି ଚାଲିଥିବା ଯଜ୍ଞ, ହୋମ ଓ ଚଣ୍ଡୀପାଠ ପୂର୍ଣ୍ଣାହୁତି ପଡ଼ିବ। ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ମିଳିଛି।

ଓଡ଼ିଶା ପ୍ରଜ୍ଞାପନ ମେଢ଼ ପୁରସ୍କୃତ

ଭୁବନେଶ୍ୱର, ୩୦।୧(ଅସମାପିକା ସାହୁ)

ଗତ ୨୬ ତାରିଖ ଦିନ ନୂଆଦିଲ୍ଲୀ କର୍ତ୍ତବ୍ୟପଥରେ ଅନୁଷ୍ଠିତ ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡରେ ସାମିଲ ହୋଇଥିବା ଓଡ଼ିଶା ପ୍ରଜ୍ଞାପନ ମେଢ଼କୁ ଦେଶର ସର୍ବଶ୍ରେଷ୍ଠ ପ୍ରଜ୍ଞାପନ ମେଢ଼ର ମାନ୍ୟତା ମିଳିଛି। ରାଷ୍ଟ୍ରୀୟ ରଙ୍ଗଶାଳାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାକୁ ଏହି ସଫଳତା ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ଲେଖିଛନ୍ତି, ଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡରେ ପ୍ରଜ୍ଞାପନ ମେଢ଼ ଶ୍ରେଷ୍ଠ ବିବେଚିତ ହେବା ଗୌରବର ବିଷୟ। ପଟ୍ଟଚିତ୍ର ସହ ହସ୍ତଶିଳ୍ପ ଓ କୁଟୀର ଶିଳ୍ପର ସୁନ୍ଦର କଳାକୃତିରେ ନାରୀ ସଶକ୍ତୀକରଣ ବିଷୟବସ୍ତୁକୁ ଖୁବ୍ ସୁନ୍ଦର ଭାବେ ଦର୍ଶାଯାଇଛି। ଏହାକୁ ଅତ୍ୟନ୍ତ ଆକର୍ଷଣୀୟ କରି ଗଢ଼ିତୋଳିଥିବା ଶିଳ୍ପୀମାନଙ୍କୁ ମୋର ଶୁଭେଚ୍ଛା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶା ସରକାରଙ୍କ ତରଫରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରଜ୍ଞାପନ ମେଢ଼ ଉପସ୍ଥାପିତ କରାଯାଇଥିଲା। ଦେଶର ଅର୍ଥନୈତିକ ବିକାଶ ଓ ସାମାଜିକ ଉନ୍ନତି ପାଇଁ ମହିଳା ସଶକ୍ତୀକରଣ ଜରୁରୀ ହୋଇଥିବାରୁ 'ବିକଶିତ ଭାରତ' ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଓଡିଶାର ପ୍ରଜ୍ଞାପନ ମେଢ଼ରେ ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତର ଉତ୍କର୍ଷ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ପ୍ରଦର୍ଶନ କରାଯାଇଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ଓଡ଼ିଶା ଏହି ପରେଡ଼ରେ ଅଂଶଗ୍ରହଣ କରିଥିଲା। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି ଓ ସହକାରୀ ସୂଚନା ଅଧିକାରୀ ହର ପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇମାଜେରୀ ସଂସ୍ଥାର କୀର୍ତ୍ତି କିଶୋର ମହାରଣା ନୂଆଦିଲ୍ଲୀର ରାଷ୍ଟ୍ରୀୟ ରଙ୍ଗଶାଳାରେ ୩୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଓ କାରିଗରଙ୍କୁ ନେଇ ମାତ୍ର ୧୫ଦିନରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଅତି ନିଖୁଣ ଭାବରେ ନିର୍ମାଣ କରିଥିଲେ।

ରେଞ୍ଜି ଅଧିକାରୀଙ୍କୁ ଚାପୁଡ଼ା ମାରିଲେ ଫରେଷ୍ଟର

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି

ତେଜସ୍ୱୀଙ୍କୁ ୮ ଘଣ୍ଟା ଇଡି ଜେରା

ପାଟନା, ୩୦।୧

ରେଲୱେରେ ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଜେରାର ସମ୍ମୁଖୀନ ହୋଇଛନ୍ତି। ପାଟନା ସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟଠାରେ ମଙ୍ଗଳବାର ୮ ଘଣ୍ଟା ଧରି ଅଧିକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ତେଜସ୍ୱୀ। ଏହା ପୂର୍ବରୁ ସୋମବାର ତେଜସ୍ୱୀଙ୍କ ପିତା ତଥା ରାଷ୍ଟ୍ରୀୟ ଜନତା ଦଳର ମୁଖ୍ୟ ଲାଲୁ ଯାଦବଙ୍କୁ ୧୦ ଘଣ୍ଟା ଧରି ଜେରା କରିଥିଲା ଇଡି । ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଉଭୟ ଲାଲୁ ଓ ତେଜସ୍ୱୀଙ୍କୁ ପଚରାଉଚରା ନିମନ୍ତେ ଜାନୁଆରୀ ୧୯ରେ ସମନ ଜାରି କରିଥିଲା ଇଡି। ତେବେ ଇଡିର ଏପରି ଜେରାକୁ ସମାଲୋଚନା କରିଛି ଆର୍‌ଜେଡି । ଭାଜପା ଦ୍ୱାରା କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଗୁଡ଼ିକର ଅପବ୍ୟବହାର କରାଯାଉଥିବା କହିବା ସହ ବିରୋଧୀଙ୍କୁ ଭୟଭୀତ କରିବା ପାଇଁ ଏହା କେନ୍ଦ୍ର ସରକାରଙ୍କର ଏକ ଉଦ୍ୟମ ବୋଲି କହିଛନ୍ତି ଆରଜେଡି ସାଂସଦ ମନୋଜ ଝା।

ଚଳନ୍ତା ବସ୍‌ରୁ ଧକ୍କାଦେବାରୁ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ

ଚେନ୍ନାଇ, ୩୦।୧

ତାମିଲନାଡୁର ଡିଣ୍ଡିଗୁଲ୍ ଜିଲାରେ ମଙ୍ଗଳବାର ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ଏକ ଚଳନ୍ତା ବସ୍‌ରୁ ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ସ୍ୱାମୀ ଧକ୍କା ମାରିବାରୁ ଘଟଣାସ୍ଥଳରେ ମହିଳାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଭାଲାରମାଥୀ(୧୯) ନାମକ ଜଣେ ଯୁବତୀ ସ୍ଥାନୀୟ ଭେମ୍ବରପଟ୍ଟୀ ଅଞ୍ଚଳର ପାଣ୍ଡିଆନ(୨୪)ଙ୍କୁ ୮ ମାସ ପୂର୍ବେ ବିବାହ କରିଥିବା ବେଳେ ଗତ ୫ ମାସ ଧରି ସେ ଗର୍ଭବତୀ ଥିଲେ। ମଙ୍ଗଳବାର ଏହି ଦମ୍ପତି ଏକ ସରକାରୀ ବସ୍‌ରେ ଡିଣ୍ଡିଗୁଲ୍‌ରୁ ପୋନ୍ନାମରାବତୀ ଯାଉଥିଲେ। ଏହି ସମୟରେ ପାଣ୍ଡିଆନ ନିଶାସକ୍ତ ଅବସ୍ଥାରେ ଥିବାବେଳେ କୌଣସି କାରଣବଶତଃ ଭାଲାରମାଥୀଙ୍କ ସହ ତାଙ୍କର କଳହ ହୋଇଥିଲା। ଏଥିରେ ଅତି ଉତ୍ତେଜିତ ହୋଇ ଭାଲାରମାଥୀଙ୍କୁ ଚଳନ୍ତା ବସ୍‌ରୁ ଠେଲି ଦେଇଥିଲେ ପାଣ୍ଡିଆନ। ଘଟଣାସ୍ଥଳରେ ଭାଲାରମାଥୀଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଭାଲାରମାଥୀଙ୍କ ଶବ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ବିହାରର ଅରାରିଆରେ ମଙ୍ଗଳବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ସହ ରାହୁଲ ଗାନ୍ଧୀ।

ପାର୍କିଂରୁ ସଂଘର୍ଷ: ୨ ଜଣଙ୍କୁ ପିଟି ହତ୍ୟା

ଗୁରୁଗ୍ରାମ,୩୦।୧

ହରିୟାଣାର ଗୁରୁଗ୍ରାମରେ କାର୍ ପାର୍କିଂକୁ କେନ୍ଦ୍ରକରି ସ୍ଥାନୀୟ ଯୁବକଙ୍କ ଆକ୍ରମଣରେ ଜଣେ ଫାର୍ମହାଉସ୍ ଅପରେଟର ଏବଂ ଜଣେ ଦ୍ୱିତୀୟ ବର୍ଷ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି ଓ ୬ ଜଣ ଗୁରୁତର ହୋଇଛନ୍ତି। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଗତ ଶନିବାର ଫାର୍ମହାଉସ୍‌ରେ ଜନ୍ମଦିନ ପାର୍ଟି ଚାଲିଥିବାବେଳେ ବାହାରେ କାର୍ ପାର୍କିଂକୁ ନେଇ ଗଣ୍ଡଗୋଳ ହୋଇଥିଲା। ଆକ୍ରମଣରେ ଗୁରୁତର ଓଏସିସ୍ ଗାର୍ଡେନ ଫାର୍ମହାଉସ୍ ଅପରେଟର ପ୍ରବୀଣ ଏବଂ ଦିଲ୍ଲୀ ଟେକ୍ନିକାଲ ୟୁନିଭର୍ସିଟି ଛାତ୍ର ଗଜେନ୍ଦ୍ରଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ସୋମବାର ପ୍ରବୀଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଗଜେନ୍ଦ୍ର ଆଖି ବୁଜିଛନ୍ତି।

ଇମ୍ରାନ୍‌ଙ୍କ ଦଳର ରାଲିରେ ବିସ୍ଫୋରଣ: ୪ ମୃତ

ଇସ୍‌ଲାମାବାଦ,୩୦।୧

ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପିଟିଆଇ ପକ୍ଷରୁ ମଙ୍ଗଳବାର ବେଲୁଚିସ୍ତାନରେ ରାଲି ବେଳେ ବିସ୍ଫୋରଣ ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀ ଘଟାଇଥିବା ଏହି ବିସ୍ଫୋରଣରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ସିବି ସିଟିର ଜିନ୍ନା ରୋଡ୍‌ରେ ପିଟିଆଇର ନ୍ୟାଶନାଲ ଆସେମ୍ବ୍ଲି ପ୍ରାର୍ଥୀ ସଦ୍ଦାମ ତରିନ୍‌ଙ୍କର ରାଲି ଯାଉଥିବାବେଳେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ମୃତକମାନେ ଦଳୀୟ କର୍ମୀ ବୋଲି ପିଟିଆଇ ପକ୍ଷରୁ କୁହାଯାଇଛି।

ରାମଲାଲାଙ୍କୁ ଦର୍ଶନ କରିବା ଲାଗି ଅଯୋଧ୍ୟାର ନବ ନିର୍ମିତ ମନ୍ଦିର ଆଗରେ ମୁସଲମାନ ଶ୍ରଦ୍ଧାଳୁଙ୍କ ଧାଡ଼ି ।

୧୦ରେ ଆସ୍ଥା ଲୋଡ଼ିବେ ନୀତୀଶ

ପାଟନା,୩୦।୧

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଗଠିତ ନୂଆ ଏନ୍‌ଡିଏ ସରକାର ଫେବୃଆରୀ ୧୦ରେ ବିଧାନସଭାରେ ଆସ୍ଥାଭୋଟ ଲୋଡ଼ିବେ। ନୀତୀଶ ଗତ ରବିବାର ମହାମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାଜପା ସମର୍ଥନରେ ନବମ ଥର ପାଇଁ ନୂଆ ସରକାରରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶାସକ ମହାମେଣ୍ଟରେ ସବୁକିଛି ଠିକ୍ ଚାଲି ନ ଥିଲା ବୋଲି ଜେଡିୟୁ ଅଧ୍ୟକ୍ଷ ନୀତୀଶ କହିଥିଲେ। ସେହିଦିନ ଆର୍‌ଜେଡି, ବାମଦଳ ଏବଂ କଂଗ୍ରେସକୁ ନେଇ ଗଠିତ ମେଣ୍ଟ ପକ୍ଷରୁ ବିଧାନସଭା ସଚିବାଳୟରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ନିୟମ ଅନୁଯାୟୀ ଅନାସ୍ଥା ଆବେଦନ କରାଯିବାର ୧୪ ଦିନ ମଧ୍ୟରେ ଅଧିବେଶନ ଡକାଯାଇ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ଜେଡିୟୁର ୪୫ ବିଧାୟକ ଥିବାବେଳେ ଭାଜପା ଏବଂ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ)ର ସମର୍ଥନରେ ଏନ୍‌ଡିଏ ବିଧାୟକଙ୍କ ସଂଖ୍ୟା ୧୨୭ ରହିଛି, ଯାହା ମ୍ୟାଜିକ୍ ନମ୍ବର ୧୨୨ରୁ ୫ ଅଧିକ। ଏହା ବ୍ୟତୀତ ସ୍ୱାଧୀନ ସଦସ୍ୟ ସୁମିତ କୁମାର ସିଂ ଜେଡିୟୁକୁ ସମର୍ଥନ କରି ସରକାରରେ ମନ୍ତ୍ରୀ ଅଛନ୍ତି। ଅନ୍ୟପକ୍ଷରେ ଲାଲୁ ଯାଦବଙ୍କ ଆର୍‌ଜେଡିରେ

ନୀତୀଶ କୁମାର

୭୯ ବିଧାୟକ ଥିବାବେଳେ କଂଗ୍ରେସର ୧୯ ଏବଂ ବାମଦଳଗୁଡ଼ିକର ୧୬ ସଦସ୍ୟଙ୍କୁ ମିଶାଇ ମୋଟ ସଂଖ୍ୟା ୧୧୪ ରହିଛି, ଯାହାକି ସଂଖ୍ୟାଗରିଷ୍ଠତାରୁ ୮ କମ୍। ନୀତୀଶ ମହାମେଣ୍ଟ ଛାଡ଼ିବା ଇଣ୍ଡିଆ ବ୍ଲକ୍ ପାଇଁ ବଡ଼ ଝଟକା ହୋଇଥିବାବେଳେ ଏନ୍‌ଡିଏ ପାଇଁ ଆଗାମୀ ଲୋକ ସଭା ନିର୍ବାଚନରେ ଫାଇଦା ହେବ ବୋଲି କୁହାଯାଉଛି। ନୀତୀଶଙ୍କୁ ଏନ୍‌ଡିଏ ମେଣ୍ଟ ଭିତରକୁ ଆଣି ବିହାରରେ ୪୦ ଲୋକ ସଭା ଆସନ ଦଖଲ କରିବା ପାଇଁ ଭାଜପା ଅଣ୍ଟା ଭିଡ଼ିଛି। ଭାଜପାର ଯୋଜନା ସଫଳ ହେଲେ ଭବିଷ୍ୟତରେ ବିହାରରୁ ନୀତୀଶଙ୍କ ଜେଡିୟୁ ସଫା ହୋଇଯାଇପାରେ ବୋଲି କୁହାଯାଉଛି।

ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

ୱାଶିଂଟନ,୩୦।୧

ଆମେରିକାର ଇଣ୍ଡିଆନା ପ୍ରଦେଶରେ ଥିବା ପୁରଡ୍ୟୁ ୟୁନିଭର୍ସିଟିରୁ ରବିବାରଠାରୁ ନିଖୋଜ ଥିବା ଭାରତୀୟ ଛାତ୍ର ମୃତ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱୀକୃତି କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମୌରିସ୍ ଜେ. ଜୁକ୍ରୋ ଲାବରେଟୋରି ବାହାରେ ତାଙ୍କ ମୃତଦେହ ଠାବ କରାଯାଇଛି। ନୀଲ ଆଚାର୍ଯ୍ୟ ନାମକ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ କ୍ରିସ୍ କ୍ଲିଫ୍‌ଟନ ପୋଲିସକୁ ଜଣାଇଛନ୍ତି। ସେ ଜଣେ ମେଧାବୀ ଛାତ୍ର ଥିଲେ। କମ୍ପ୍ୟୁଟର ସାଇନ୍ସ ସମେତ ଡେଟା ସାଇନ୍ସରେ ସେ ଅଧ୍ୟୟନ କରୁଥିଲେ ବୋଲି କ୍ଲିଫ୍‌ଟନ କହିଛନ୍ତି।

TPCODL

ବିଶେଷ ସୂଚନା

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ସହିଦ ନଗର, ଏକଚାଳିଆ, କୌଶଲ୍ୟାପୁର ଓ ରିତା ଭାଲି ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

APPOINTMENT

A Leading Furniture Brand **Godrej Interio** Requires:
1. Store Manager (2 Nos.), 2. Accountant (2 Nos.), 3. Sales Executive (4 Nos.), 4. Marketing Executive (4 Nos.), 5. Tele Caller (4 Nos.)

Experience candidates will be given preference.

Send your resume to **sanvifurnituresaheednagar@gmail.com**

Whatsapp your resume to 9078793622

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

ଆସେଟ୍ ରିକଭରି ଶାଖା, ଡି-୨୬/୨୮, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧୦ଠାରେ କାର୍ଯ୍ୟରତ), ଇ-ମେଲ୍ ଆଇଡି - ubin0554723@unionbankofindia.bank

[ନିୟମ ୮ (୧)] ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ନିମନ୍ତେ)

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆସେଟ୍ ରିକଭରି ଶାଖା, ସ୍ଥାନ ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ-୧୧୦୦୦୧ [ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ରେ କାର୍ଯ୍ୟରତ]**ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ (ଅଧିନିୟମ ସଂ. ୨୦୦୨ର ୫୪) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଏକ ଡିମାଣ୍ଡ ନୋଟିସ **ରେଫରେନ୍ସ ନଂ. ଓଆର୍/ଓଭିଏସ୍/ୟୁଏସ୍/୦୩୮/୨୦୧୯-୨୦ ତାରିଖ ୦୪।୧୦।୨୦୧୯** ଜାରି କରି ଋଣଗ୍ରହୀତା **ମେସର୍ସ ସରଲ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରାଇଭେଟ ଲିମିଟେଡ୍,** ବି-୨/୭୩୧, ଏକତା ଗାର୍ଡେନ୍, ଆଉପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୧୧୦୦୯୨ ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାୟର ଡିବି ଗୁପ୍ତା ରୋଡ୍, କରୋଲ ବାଗ, ଦିଲ୍ଲୀ-୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଜ ପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ-ଘରବାରି-୨, ଖାତା ନଂ.୮୩୮ ଏବଂ **ଗ୍ୟାରେଣ୍ଟିଦାତା ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର,** ଶିବାୟନ, ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଡ୍‌ବିନ ସାହି, ଓଡ଼ିଶା-୭୫୩୦୦୮ **୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ,** ବି-୨/୭୩୧, ଏକତା ଗାର୍ଡେନ୍, ଆଉପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨ **୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ୍ ଚନ୍ଦ୍ର ମହାପାତ୍ର,** ଶିବାୟନ, ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଡ୍‌ବିନ ସାହି, ଓଡ଼ିଶା-୭୫୩୦୦୮ **୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ,** ବାସିନ୍ଦା- ସି-୬, ସେକ୍ଟର-୨୭, ନୟଡା-୨୦୧୩୦୧ଙ୍କୁ **ଉକ୍ତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ** ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ **ଟ.୪,୪୮,୮୨,୦୪୧.୮୦ (ଚାରିକୋଟି ଅଠଚାଳିଶ ଲକ୍ଷ ବୟାଅଶୀ ହଜାର ଏକଚାଳିଶ ଟଙ୍କା ଅଶୀ ପଇସା ମାତ୍ର)** ପରିଶୋଧ କରିବା ପାଇଁ ଆଦେଶ ଦେଇଥିଲେ ।

ଋଣଗ୍ରହୀତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ଅଧିନିୟମର ଧାରା ୧୩(୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **୩୦ ଜାନୁଆରୀ, ୨୦୨୪** ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ବାସ୍ତବିକ ଦଖଲ ନେଇଛନ୍ତି ।

ବିଶେଷକରି ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି କାରବାର ନ କରିବା ପାଇଁ ସତର୍କ କରିଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ-୧୧୦୦୦୧ଙ୍କ ଦ୍ୱାରା ଟ.୪,୪୮,୮୨,୦୪୧.୮୦ (ଚାରିକୋଟି ଅଠଚାଳିଶ ଲକ୍ଷ ବୟାଅଶୀ ହଜାର ଏକଚାଳିଶ ଟଙ୍କା ଅଶୀ ପଇସା ମାତ୍ର) ଏବଂ ତାହା ଉପରେ ପ୍ରଯୁଜ୍ୟ ସୁଧର ଚାର୍ଜ ଲାଗୁ କରାଯିବ ।**

ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ପ୍ରାବଧାନ ଅନୁଯାୟୀ ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଋଣଗ୍ରହୀତାଙ୍କ ନିକଟରେ ଉପଲବ୍ଧ ସମୟ ବାବଦରେ ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।

ସ୍ଥାବର ସମ୍ପତ୍ତିର ବର୍ଣ୍ଣନା

ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜଙ୍କ ନାମରେ ଫ୍ଲାଟ୍ ନଂ.ଏଫ୍-୧୦୨, ପ୍ରଥମ ମହଲା, ଟାୱାର ନଂ. ଏଫ୍ "ଗ୍ରାଣ୍ଡ ସାଭାନା" ରାଜ ନଗର ଏକ୍ସଟେନ୍ସନ୍, ଏନ୍‌ଏଚ୍-୫୮, ଗ୍ରାମ- ନୂର ନଗର, ପରଗଣା ଲୋନି, ତହସିଲ ଓ ଜିଲା- ଗାଜିଆବାଦ, ଉତ୍ତରପ୍ରଦେଶର ୧୨୫୦ ବର୍ଗଫୁଟ ପରିମିତ ସ୍ଥାବର ସମ୍ପତ୍ତି, ଚତୁହଦ୍ଦି: ଉତ୍ତରରେ – ଖୋଲା ଜାଗା / ରାସ୍ତା ଆଗକୁ ପାର୍କ, ଦକ୍ଷିଣରେ – ଫ୍ଲାଟ୍ ନଂ. ଏଫ୍-୧୦୧, ପୂର୍ବରେ – ଫ୍ଲାଟ୍‌ର ପ୍ରବେଶପଥ/ସାଧାରଣ କରିଡର୍, ପଶ୍ଚିମରେ – ଅନ୍ୟମାନଙ୍କ ଫ୍ଲାଟ୍।

ତାରିଖ: ୩୦।୦୧।୨୦୨୪, ସ୍ଥାନ: ନୂଆଦିଲ୍ଲୀ ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୧/୨୪/୦୩, ତାରିଖ: ୨୩।୦୧।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:

କ୍ର.ସଂ.	ଟେଣ୍ଡର ନଂ.	ଟେଣ୍ଡର ଖୋଲାଯିବା ତାରିଖ	ଟେଣ୍ଡର ଖୋଲାଯିବା ସମୟ	ଟେଣ୍ଡର ମୂଲ୍ୟ (ଟ.)	ଇଏମ୍‌ଡି (ଟ.)
୧	୧୧୨୩୫୬୪୯୯ଏ	୨୨।୦୨।୨୦୨୪	୧୦.୩୦	୦୦	୫୪୦୦୦.୦୦

ବର୍ଣ୍ଣନା:- ରୋଟାରୀ ସ୍ଟ୍ରୁ ଇଲେକ୍ଟ୍ରିକାଲ୍ ଡ୍ରିଭେନ୍ କମ୍ପ୍ରେସର: ୫୦୦ ସିଏଫ୍‌ଏମ୍, ୧୦ କିଗ୍ରା/ସିଏମ୍୨ ଯାହା ଏଥିସଂଲଗ୍ନ ବିନିର୍ଦ୍ଦିଷ୍ଟତାରେ ବର୍ଣ୍ଣିତ। ଦୟାକରି ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।

ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର,
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/400

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

ସର୍ବସାଧାରଣ ଅଧିସୂଚନା

ତା୦୧।୦୨।୨୦୨୪ରିଖ ଦିନ ଦକ୍ଷିଣ ପୂର୍ବ ରେଳପଥର ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଚକ୍ରଧରପୁର ଡିଭିଜନର ବରପାଲି-ସରଡେଗା ମଧ୍ୟରେ ନବନିର୍ମିତ ଡବଲିଂ ଲାଇନ୍‌ର ନିରୀକ୍ଷଣ

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀ, ଦକ୍ଷିଣ ପୂର୍ବ ମଣ୍ଡଳ, କୋଲକାତା ତା୦୧।୦୨।୨୦୨୪ରିଖ ଦିନ ଚକ୍ରଧରପୁର ଡିଭିଜନର ବରପାଲି-ସରଡେଗା ମଧ୍ୟରେ ନବନିର୍ମିତ ଡବଲିଂ ଲାଇନ୍‌ର ଉଦ୍ଘାଟନ ନିମନ୍ତେ ଏକ ନିରୀକ୍ଷଣ ସଞ୍ଚାଳନ କରିବେ। ତା୦୧।୦୨।୨୦୨୪ରିଖ ଦିନ ଆବଶ୍ୟକୀୟ ନିରୀକ୍ଷଣ ଇନ୍ସପେକ୍ସନ୍ ସ୍ପେଶାଲ, ମୋଟର ଟ୍ରଲି, ପୁଶ୍ ଟ୍ରଲି ଆଦି ଦ୍ୱାରା ସମ୍ପାଦନ କରାଯିବ ଏବଂ ଇନ୍ସପେକ୍ସନ୍ ସ୍ପେଶାଲ୍ ଦ୍ୱାରା ସ୍ପିଡ୍ ଟ୍ରାଏଲ୍ କରାଯିବା ତେଣୁ, ଏତଦ୍ୱାରା ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କୁ ଏହି ଅଧିସୂଚନାକୁ ଧ୍ୟାନରେ ରଖିବା ଏବଂ ସମ୍ପୃକ୍ତ ଲାଇନ୍‌କୁ ଅତିକ୍ରମ କରିବା ସମୟରେ ଯଥେଷ୍ଟ ପ୍ରାକ୍‌ସତର୍କତା ଅବଲମ୍ବନ କରିବା ତଥା ଅନଧିକାର ପ୍ରବେଶକୁ ଏଡ଼ାଇବା ପାଇଁ ପରାମର୍ଶ ଦିଆଯାଉଛି।

(PR-1082)

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡେନ୍ ରିଚ୍

ଦକ୍

ସଂକ୍ଷେପରେ

ବିଦ୍ୟାଳୟ ବାର୍ଷିକ ଉତ୍ସବ

ଟାଙ୍ଗୀ,୩୦।୧(ରଘୁନାଥ ସାହୁ)

ରଣପୁର ବ୍ଲକ ଅନ୍ତର୍ଗତ ରାଜଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରା, ମୁଖ୍ୟ ବକ୍ତା ଜ୍ୟୋତି ରଞ୍ଜନ ଦାଶ, ସମ୍ମାନିତ ଅତିଥି ସରପଞ୍ଚ ରତ୍ନମଞ୍ଜରୀ ପ୍ରଧାନ, ସମିତିସଭ୍ୟା କଲ୍ୟାଣୀ ଦଳେଇ, ପ୍ରଫୁଲ୍ଲ ଭଞ୍ଜ, ପ୍ରଫୁଲ୍ଲ ବିଶ୍ୱାଳ, ସୁରେଶ ଚନ୍ଦ୍ର ସାହୁ, ଶିବଚନ୍ଦନ ପ୍ରଧାନ, ବାସୁଦେବ ପରିଡ଼ା, ବାଦଲ ଚମ୍ପତିରାୟ, ପର୍ଶୁରାମ ବଳିୟାରସିଂହ, ସୁରଥ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ପ୍ରଧାନ ଓ ପରିଚାଳନା କମିଟି ସଭାପତି ନିରଞ୍ଜନ ରଣବିଜୁଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂକେତ ପାତ୍ର, ଅଙ୍କିତା ରାଣୀ, ସ୍ମୃତିଛନ୍ଦା ଦାସ, ପ୍ରିୟରଞ୍ଜନ ମାଝୀ, ପ୍ରୀତିରେଖା ପ୍ରିୟଦର୍ଶିନୀ, ବିଜୁ ବାରିକ, ଗାୟତ୍ରୀ ସେନାପତି, ଅଙ୍କିତା ସେଠି, ଶ୍ରଦ୍ଧାଞ୍ଜଳି ବେହେରା, ବିଦୁତସ୍ମିତା ବେହେରା, ସମ୍ପୂର୍ଣ୍ଣା ମହାପାତ୍ର, ଚନ୍ଦନ ସେଠିଙ୍କୁ ପୁରସ୍କୃତ କରାଯାଇଥିଲା। ରବୀନ୍ଦ୍ର ବେହେରା, ତ୍ରିନାଥ ତାଡ଼, କ୍ଷେତ୍ରବାସୀ ପଣ୍ଡିତ, ଧନେଶ୍ୱର ରାଉତରାୟ, ବିଜୟ ନାୟକ, ଦିବାକର ବେହେରା, ସୁଜାତା ବଳିୟାରସିଂହ, ସସ୍ମିତା ପଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳାରେ ସହଯୋଗ କରିଥିଲେ।

ମଙ୍ଗଳା ମନ୍ଦିରରେ ଇ-ହୁଣ୍ଡି ଉଦ୍‌ଘାଟିତ

କାକଟପୁର,୩୦।୧(ଶୁଭଦର୍ଶନ ମିଶ୍ର)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ସ୍ଥାନୀୟ ୟୁକୋ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଡିଜିଟାଲ ଇ-ହୁଣ୍ଡି ସ୍ଥାପନା କରାଯାଇଛି। ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅର୍ଥ ଦେଣନେଣକୁ ସରଳୀକରଣ କରିବାକୁ ଡିଜିଟାଲ ପ୍ରେମେଣ୍ଟ ମାଧ୍ୟମରେ ଅର୍ଥ କାରବାରକୁ ଅଗ୍ରାଧିକାର ଦେଇଛନ୍ତି। ମା' ମଙ୍ଗଳା ମନ୍ଦିରକୁ ଆସୁଥିବା ଭକ୍ତ ସେମାନଙ୍କ ଦାନ ଅର୍ଥ ମନ୍ଦିର ହୁଣ୍ଡିରେ ଦେଇଥାନ୍ତି। ମାତ୍ର ଉକ୍ତ ଦାନ ଅର୍ଥ ଦୀର୍ଘଦିନ ଧରି ହୁଣ୍ଡିରେ ପଡ଼ିବା ଫଳରେ ନୋଟ୍‌ଗୁଡ଼ିକ ଖରାପ ହୋଇଯିବା ହେତୁ ଏହା ଅଚଳ ହୋଇପଡ଼େ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କର୍ତ୍ତୃପକ୍ଷ ସ୍ଥାନୀୟ ୟୁକୋ ବ୍ୟାଙ୍କ ଶାଖାକୁ ଏକ ହୁଣ୍ଡି ବସାଇବାକୁ ପ୍ରସ୍ତାବ ଦେଇଥିଲେ। ୟୁକୋ ବ୍ୟାଙ୍କର ଅବସରପ୍ରାପ୍ତ ଡିଜିଏମ୍ ପ୍ରମୋଦ ନାୟକ, ୟୁକୋ ବ୍ୟାଙ୍କ ଶାଖାର ପରିଚାଳକ ଶୁଭାଶିଷ ପଣ୍ଡା, ସହ ପରିଚାଳକ ବିଷ୍ଣୁପ୍ରସାଦ ଜେନା, ବ୍ୟାଙ୍କ ଅଧିକାରୀ ସୌମ୍ୟକାନ୍ତ ରାଉତ, ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶଚନ୍ଦ୍ର ଦାଶ, ମନ୍ଦିର ଟ୍ରଷ୍ଟି ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ସେବାୟତ ନିଯୋଗ ଉପସଭାପତି କମଳ ଲୋଚନ ଦୀକ୍ଷିତଙ୍କ ଉପସ୍ଥିତିରେ ମା'ଙ୍କ ଆଜ୍ଞାମାଳ ଦିଆଯାଇ ଇ-ହୁଣ୍ଡିକୁ ସ୍ଥାପନା କରାଯାଇଥିଲା। ମଙ୍ଗଳବାରଠାରୁ ମାତୃଭକ୍ତଙ୍କ ଦାନ ଅର୍ଥ ସିଧାସଳଖ ମନ୍ଦିର ବ୍ୟାଙ୍କ ଖାତାକୁ ଯିବା ସହିତ ମନ୍ଦିରର ଉନ୍ନତୀମୂଳକ କାର୍ଯ୍ୟରେ ଏହା ସହାୟକ ହୋଇପାରିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଦାବି ପୂରଣ ନ ହେଲେ ଭୋଟ୍ ବର୍ଜନ

ଜଟଣୀ,୩୦।୧(ରବୀନ୍ଦ୍ରନାଥ ମହାକୁଡ଼)

ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ବଜାରସ୍ଥିତ ବାପୁଜୀ କୁଷ୍ଠ କଲୋନୀରେ ମଙ୍ଗଳବାର ଆଣ୍ଟି ଲେପର୍ସି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଷ୍ଠ ପୀଡିତଙ୍କ ସମସ୍ୟାକୁ ନେଇ ଖବରଦାତା ସମ୍ମିଳନୀ ହୋଇଥିଲା। ଇଣ୍ଡିଆନ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ କାଉନସିଲର ଓଡ଼ିଶା ଅଧ୍ୟକ୍ଷ ସୁଶ୍ରୀ ଆରତୀ ମାହାଲାଙ୍କ ସମେତ ଧରାବତି ଓ ବାପୁଜୀ କୁଷ୍ଠ କଲୋନୀର ସମ୍ପାଦକ ମଞ୍ଜୁଳି ଦାସ ଯୋଗଦେଇ କୁଷ୍ଠ ପୀଡିତ ପରିବାର ଏବଂ ସେମାନଙ୍କ ସାମାଜିକ, ଆର୍ଥିକ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଉଭୟ କଲୋନୀର ଅନ୍ତେବାସୀଙ୍କୁ ସରକାରଙ୍କ ପକ୍ଷରୁ ସ୍ଥାୟୀ ଜମି ଅଧିକାର, ପଞ୍ଚାୟତିରାଜ ଏବଂ ଅର୍ବାନ ହାଉସିଂ ଡେଭେଲପମେଣ୍ଟ ବିଭାଗ ଦ୍ୱାରା ମାଗଣା ଘର, ପାନୀୟଜଳ, ଅନ୍ତଦ୍ୱୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତି ପରିବାରକୁ ୩୫ କେଜି ଚାଉଳ ପ୍ରଦାନ, କଲୋନୀରେ ରହୁଥିବା ବ୍ୟକ୍ତିଙ୍କ ସେବା ପାଇଁ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁରିପ୍ରାପ୍ତ କୁଷ୍ଠ କର୍ମୀ ଏବଂ ଡ୍ରେସର ନିଯୁକ୍ତି, ପୀଡିତଙ୍କୁ ମାସିକ ୫ ହଜାର ଭତ୍ତା ପ୍ରଦାନ, ସେମାନଙ୍କ ଝିଅ ବାହାଘର ପାଇଁ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି, ପ୍ରତି ପୀଡିତଙ୍କୁ ୪୦% ଦିବ୍ୟାଙ୍ଗ ପ୍ରମାଣପତ୍ର, ଆରଟିଏଫ ଏବଂ କୁଷ୍ଠ ମୁକ୍ତ ପ୍ରମାଣପତ୍ର ସହିତ ଭତ୍ତା ଘରେ ପହଞ୍ଚାଇବା ସହିତ ମାଗଣା ଶିକ୍ଷା, ନିଯୁକ୍ତି, ଆତ୍ମନିର୍ଭରଶୀଳ ତାଲିମ, କଲୋନୀର ପିଲାଙ୍କୁ ପ୍ରଥମରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଆବାସିକ ଶିକ୍ଷା ଏବଂ ବିନା ସୁଧରେ ପ୍ରତ୍ୟେକ ପାରିବାରକୁ ବ୍ୟବସାୟ ପାଇଁ ୫ ଲକ୍ଷ ଟଙ୍କା ଋଣ ପ୍ରଦାନ ଆଦି ୮ଦଫା ଦାବି ରହିଛି। ଏକ ମାସ ମଧ୍ୟରେ ସରକାର ଦାବି ପୂରଣ ନ କଲେ ଆସନ୍ତା ସାଧାରଣ ନିର୍ବାଚନରେ ସମୂହ ଭୋଟ ବର୍ଜନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଧରାବତି ଓ ବାପୁଜୀ କୁଷ୍ଠ କଲୋନୀର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

ଅରଗୁଳସ୍ଥିତ ଶରତ ପାଇକରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଉଥିବା ଛାତ୍ରୀମାନେ।

ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜଟଣୀ,୩୦।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଅରଗୁଳସ୍ଥିତ ଶରତ ପାଇକରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦ ତାରିଖରୁ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଏହି ଶିବିର ଉଦଯାପିତ ହୋଇଥିଲା। ତାଲିମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ନିର୍ଭିକ, ସଶକ୍ତ ହୋଇ ନିଜର ସୁରକ୍ଷା କରିବା ସହିତ ସମାଜର ହିତରେ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ। ଆସମା ବେଗମ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରତିକୂଳ ପରିସ୍ଥିତିରେ ବିଭିନ୍ନ ବିପଦରୁ ନିଜକୁ ରକ୍ଷା କରିବା ସହିତ ଅସହାୟଙ୍କୁ ସାହାଯ୍ୟ କରି ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଉପଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସୁସ୍ମିତା ମାନ୍ଧାତା ପ୍ରଶିକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ମୁରଲୀଧର ଜେନା ଧନ୍ୟବାଦ ଦେଇଥିଲେ।

ସେବା ତଦାରଖ ବ୍ୟବସ୍ଥା ସମ୍ବନ୍ଧୀୟ ତାଲିମ ଶିବିର

ଜଟଣୀ,୩୦।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟାଉନ ହଲ୍ ପରିସରରେ ଗୃହ ଓ ନଗର ଉନୟନ ବିଭାଗର ଜାଗା ମିଶନ କାର୍ଯ୍ୟାଳୟ ପକ୍ଷରୁ ସେବା ତଦାରଖ ବ୍ୟବସ୍ଥା (ଏସଏମଏସ)ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ଏବଂ ଖୋର୍ଦ୍ଧା ପୌରପାଳିକାର ବସ୍ତିବାସିନ୍ଦାଙ୍କୁ ନେଇ ଏହି ଶିବର ହୋଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ ଶିବିରରେ ଅଧ୍ୟକ୍ଷତା କରିଥିବା ବେଳେ ଜାଗା ମିଶନ ଅତିରିକ୍ତ ନିର୍ଦ୍ଦେଶକ ସୌରେନ୍ଦ୍ର ରାଉତରାୟ, ଅତିରିକ୍ତ ମିଶନ ନିର୍ଦ୍ଦେଶକ ସ୍ୱଚ୍ଛ ଭାରତ ମିଶନ ବିନୟ ଦାସଙ୍କ ସହ ଜଟଣୀ ପୌରପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଖୋର୍ଦ୍ଧା ପୌରପରିଷଦର କାର୍ଯ୍ୟନିବାହୀ ଅଧିକାରୀ ରିଜୱାନା କଅକବ, ଜଟଣୀ ଓ ଖୋର୍ଦ୍ଧା ପୌରାଞ୍ଚଳର ସମସ୍ତ ବସ୍ତି ବାସିନ୍ଦା ସଂଘର ସଭାପତି, ସମ୍ପାଦକ, ସେବା ତଦାରଖ ବ୍ୟବସ୍ଥା ସଂଯୋଜକମାନେ ଉପସ୍ଥିତ ଥିଲେ। ଜନାଗ୍ରହ ପକ୍ଷରୁ ମୋବାଇଲ ଆପ ମାଧ୍ୟମରେ କିପରି ସମସ୍ତ ବସ୍ତିରେ ପାନୀୟଜଳ, ସଫେଇ, ଷ୍ଟ୍ରିଟ ଲାଇଟ ବାବଦରେ ଅଭିଯୋଗ ପଞ୍ଜୀକରଣ କରାଯାଇପାରିବ ଏବଂ ସରକାରୀ ସ୍ତରରେ ଏହାର କିପରି ସମାଧାନ କରାଯାଇପାରିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌରକାର୍ଯ୍ୟନିବାହୀ ଅଧିକାରୀ ଦିଲୀପ ମହାନ୍ତି ଅତିଥି ପରିଚୟ ସହିତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିରିକ୍ତ ସଚିବ ତଥା ଏଏମଡି ଜାଗା ମିଶନ ଏଚ୍‌ୟୁଡିଡି ସୌରୀନ୍ଦ୍ର କୁମାର ରାଉତରାୟ ସେବା ତଦାରଖ ବ୍ୟବସ୍ଥା ନେଇ ସୂଚନା ଦେଇଥିଲେ। ଅତିରିକ୍ତ ସଚିବ ଏଚ୍‌ୟୁଡିଡି ସୁଶାନ୍ତ କୁମାର ମିଶ୍ର କିପରି ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରି ବସ୍ତିବାସିନ୍ଦା ମୌଳିକ ସୁବିଧାର ସୁବିଧା ଅସୁବିଧା ସମ୍ପର୍କରେ ସରକାରଙ୍କୁ ସିଧାସଳଖ ଜଣାଇପାରିବେ ସେ ବିଷୟରେ କହିଥିଲେ। ଖୋର୍ଦ୍ଧା ପୌରପରିଷଦର କାର୍ଯ୍ୟନିବାହୀ ଅଧିକାରୀ ରିଜୱାନା କଅକବ ଧନ୍ୟବାଦ ଦେଇଥିଲେ। ଜଟଣୀ ପୌର ପରିଷଦର ସମସ୍ତ କର୍ମଚାରୀ ଏବଂ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି।

'ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ଜଟଣୀ,୩୦।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଉଭୟ ସଙ୍ଗଠନର ଅଧ୍ୟକ୍ଷ ଅବନୀ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇ ଗାନ୍ଧୀ ଉଦ୍ୟାନ ପରିସରରେ ରହିଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଏବଂ ସଦସ୍ୟ ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଗାନ୍ଧୀଙ୍କ ବିଚାରଧାରାର ପ୍ରଚାର ପ୍ରସାର ପାଇଁ ଯୁବସମାଜ ସହିତ ବିଭିନ୍ନ ବର୍ଗର ବ୍ୟକ୍ତି ଏକତ୍ରିତ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଗାନ୍ଧୀ ଉଦ୍ୟାନ ପରିସରରେ ରହିଥିବା ଗାନ୍ଧୀ ପାଠାଗାରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ପ୍ରଶାସନ, ପୌରପ୍ରଶାସନ ଏବଂ ରାଜ୍ୟ ସଂସ୍କୃତି ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ଏବଂ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଶହୀଦ ଦିବସ ଏବଂ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀ ପାର୍କ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅର୍ଜୁନ ସାମନ୍ତରାୟ, ପ୍ରସନ୍ନ ମହାରଥୀ, ନିରୁପମା ପାତ୍ର, ପ୍ରହ୍ଲାଦ ସ୍ୱାଇଁ, ଭକ୍ତବନ୍ଧୁ ଚୌଧୁରୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଯୁବ ସମାଜକୁ ନିଶା କବଳରୁ ମୁକ୍ତ କରିବା ପାଇଁ ନିଶା ନିବାରଣ ଅଭିଯାନକୁ ବ୍ୟାପକ କରାଯିବା ସହିତ ୧୯୫୭ ରୁ ପଡିରହିଥିବା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିବା ପାଇଁ ସର୍ବସମ୍ମତିରେ ପ୍ରସ୍ତାବ ପାରିତ ହୋଇଛି।

ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ, (ହର ପ୍ରସନ୍ନ ପଣ୍ଡା): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୭୬ତମ ମହାପ୍ରୟାଣ ଦିବସ ପାଳନ ଅବସରରେ ବେଗୁନିଆ ସଦର ମହକୁମା ସ୍ଥିତ ଗାନ୍ଧୀ ସ୍ମୃତି ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ବେଗୁନିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ଶହୀଦ ଦିବସ ପାଳିତ ହୋଇଯାଇଛି। ସଂସଦର ସଭାପତି ଡ.ହରିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ଚେତନା ପରିଷଦର ସଦସ୍ୟମାନେ ସଂକୀର୍ତ୍ତନ ଓ ରାମଧୁନ ସହ ସ୍ମୃତି ସ୍ଥଳ ପରିକ୍ରମା କରିଥିଲେ। ବସନ୍ତ ଦାସଙ୍କ ମଙ୍ଗଳା ଚରଣ ପାଠ ପୂର୍ବକ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ବାପୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ବେଗୁନିଆ ତହସିଲଦାର ତାପସ କୁମାର ବିଶି ମୁଖ୍ୟ ଅତିଥି ଓ ଡା.ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଭାଗୀରଥି ପରିଡା, ଦୀନବନ୍ଧୁ ଦାଶ, ପ୍ରଶାନ୍ତ ବାରିକ, ବ୍ରଜବନ୍ଧୁ ପଣ୍ଡା, ଶ୍ରୀବତ୍ସ ପାଣିଗ୍ରାହୀ, ରାଜକିଶୋର ସାହୁ, ସବିତା ରାୟ, ବସନ୍ତ ସାହୁ, ବିଶ୍ୱନାଥ ସାହୁ, ଅଶ୍ୱିନୀ ପଟ୍ଟନାୟକ, ବିଜୟ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ବଳବନ୍ତରାୟ, ସୋମନାଥ ସାହୁ, ପ୍ରଦୀପ କିଶୋର ତ୍ରିପାଠୀ, ଲକ୍ଷ୍ମୀଧର ମହାରଣା, ଭ୍ରମର ମୁଦୁଲି, ଶରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମାନସୀ ଦାସ 'ବୈଷ୍ଣବ ଜନତୋ' ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ପ୍ରଶିକ୍ଷଣ ଶିବିର

ବୋଲଗଡ଼,୩୦।୧(ଦେବବ୍ରତ ହୋତା)

ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଆୟୋଜିତ କ୍ଷୁଦ୍ର ଶିଳ୍ପଦ୍ୟୋଗୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନାବାର୍ଡର କ୍ଷେତ୍ରୀୟ ଅଧିକାରୀ ତୃପ୍ତି ତାପତି, ସରପଞ୍ଚ ନାରାୟଣ ସାହୁ, ଧଳାପଥର ଶାଖା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ଜିଜ୍ଞାସୁ ନାୟକ ଅତିଥିଭାବେ ଯୋଗଦେଇ ଦୃଢ଼ ଇଚ୍ଛା ଶକ୍ତି ଥିଲେ ସବୁ କାର୍ଯ୍ୟରେ ସୁଫଳ ମିଳିଥାଏ ବୋଲି କହିଥିଲେ। ସଂଘର ସମ୍ପାଦକ ଭାଗୀରଥି ଦାଶ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥଲେ। ଧଳାପଥର, ପାଟପୁର ଶାସନ ପଞ୍ଚାୟତର ମହିଳା ଗୋଷ୍ଠୀ ମଧ୍ୟରୁ ୩୦ଜଣ ମହିଳା ତାଲିମ ନେଇଥିଲେ। ମୁଖ୍ୟ ଅତିଥି ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥଲେ। ବ୍ୟାଙ୍କରୁ ଋଣ ଅର୍ଥରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ତାଲିମ କେନ୍ଦ୍ରରେ ସ୍କୁଲ ପିଲାଙ୍କ ଟି ସାର୍ଟ ଓ ପ୍ୟାଣ୍ଟ ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଥିଲା। ଜାଭିୟର ସ୍କୁଲର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପ୍ରଧାନ, ନବ କିଶୋର ମହାପାତ୍ର, ପ୍ରଭାତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ,୩୦।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ

୩୦।୧।୨୦୨୪

୪,୭୮,୧୯୫ ଟଙ୍କା

ନିଶାମୁକ୍ତ ଶ୍ରୀକ୍ଷେତ୍ର ପାଇଁ ଦାବି ତେଜିଲା

ପୁରୀ, ୩୦।୧(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ରର ପଞ୍ଚକୋଶୀ ଅଞ୍ଚଳକୁ ମଦମୁକ୍ତ କରାଯାଉ। ଶ୍ରୀକ୍ଷେତ୍ର ଏକ ଆଧ୍ୟାତ୍ମିକ ସ୍ଥଳ। ଏଠାରେ ମଦ ଦୋକାନ ଖୋଲାଯାଇ ମଦ ବିକ୍ରି କରାଯିବା ଯୋଗୁ ଆଧ୍ୟାତ୍ମିକତା ନଷ୍ଟ ହେଉଛି। ତେଣୁ ସରକାର ଲାଇସେନ୍ସପ୍ରାପ୍ତ ମଦ କାରବାର ବନ୍ଦ କରନ୍ତୁ। ଫଳରେ ଧାର୍ମିକ ଭାବନା କ୍ଷୁଣ୍ଣ ନ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହେବ। ଭାରତରେ ଅନେକ ତୀର୍ଥସ୍ଥାନ ରହିଛି। ସେହି ସ୍ଥାନରେ ସେହି ରାଜ୍ୟର ସରକାର ମଦ ବିକ୍ରି ନିଷେଧ କରିଛନ୍ତି। ତେଣୁ ଏହି ପବିତ୍ର କ୍ଷେତ୍ରକୁ ନିରାପଦ ଓ ଗରିମାମୟ କରିବାପାଇଁ ଏଠାରେ ମଧ୍ୟ ମଦ ସମେତ ସମସ୍ତ ନିଶାଦ୍ରବ୍ୟ ବ୍ୟବହାରକୁ ନିଷିଦ୍ଧ କରାଯାଉ ବୋଲି ପବିତ୍ର ଗାନ୍ଧୀ ସ୍ମୃତିପୀଠରେ ମଙ୍ଗଳବାର ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ ସ୍ୱେଚ୍ଛାସେବୀମାନେ ଦାବି କରିଛନ୍ତି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆହ୍ୱାନରେ ମିଶନ ଓଡ଼ିଶା, ପ୍ରତିଶ୍ରୁତି, ସେଣ୍ଟ ଜୋନ ଆମ୍ବୁଲାନ୍ସ, ନିଶାମୁକ୍ତି ଅଭିଯାନ ପୁରୀ ପକ୍ଷରୁ ଏ ନେଇ ଦାବି ଉପସ୍ଥାପନ କରାଯାଇଛି। ସ୍ୱେଚ୍ଛାସେବୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିବା ପରେ ପରିକ୍ରମା କରିଥିଲେ। ଏଥିରେ ମିଳିତ ଓଡ଼ିଆ ଅଭିଯାନର ଅପର୍ଣ୍ଣା ନାୟକ, ଚକ୍ରଧର ମହାପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଛାୟାକାନ୍ତ ନାୟକ, ମନୋଜ କୁମାର ନାୟକ, ଶୁଭଶ୍ରୀ ଦାଶ, ଶିବରାମ ପ୍ରଧାନ, ପଦ୍ମଚରଣ ମହାପାତ୍ର, ବାସନ୍ତୀ ସେଠୀ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ମିଶ୍ର, ପ୍ରିୟଙ୍କା ମହାପାତ୍ର, ଅଞ୍ଜନା ବାରିକ, ପ୍ରମିଳା ମହାନ୍ତି, ହରିଶଙ୍କର ମିଶ୍ର, ରମେଶ ଚନ୍ଦ୍ର ସାହୁ, ଜଗନ୍ନାଥ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

ଗାନ୍ଧୀ ସ୍ମୃତି ପୀଠଠାରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ସର୍ବଧର୍ମ ପ୍ରାର୍ଥନା କରୁଛନ୍ତି ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ପାଇଁ ମଙ୍ଗଳବାର ବିଭିନ୍ନ ଜିଲାରୁ ଆସିଥିବା ଶ୍ରଦ୍ଧାଳୁମାନେ ନାମ ପଞ୍ଜୀକରଣ ନିମନ୍ତେ ସମଙ୍ଗସ୍ଥିତ ଶିବିର ସମ୍ମୁଖରେ ଧାଡିରେ ଛିଡା ହୋଇଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ସଂକ୍ଷେପରେ

'ଯଥାଶୀଘ୍ର କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ କରାଯିବ'

ନିମାପଡ଼ା,୩୦।୧(ରଞ୍ଜନ ପଟ୍ଟନାୟକ): ଯଥାଶୀଘ୍ର ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ନଗରପାଳ ସସ୍ମିତା ସାହୁ କହିଛନ୍ତି। ଦୁରନ୍ତ ସରକାରୀ ଜମିକୁ ଅବରୋଧ ମୁକ୍ତ କରି ପୌରପ୍ରଶାସନକୁ ହସ୍ତାନ୍ତର କରିବାକୁ ତହସିଲଦାରଙ୍କୁ ନଗରପାଳ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ନିମାପଡ଼ା ସୌନ୍ଦର୍ଯ୍ୟକରଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସରକାରୀ ଜମି ଉଚ୍ଛେଦ ପ୍ରକ୍ରିୟା ଚାଲୁ ରହିଛି। ଫଳରେ ବର୍ତ୍ତମାନ ସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ବିସ୍ଥାପିତ ହୋଇସାରିଲେଣି। ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ ବେପାର ସମୟରେ ପ୍ରଶାସନର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବ୍ୟବସାୟୀ ଜୀବିକା ହରାଇଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ଜନପ୍ରତିନିଧିଙ୍କ ଦେଖା ନ ଥିବାର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଥଇଥାନ କରବାକୁ ବ୍ୟବସାୟୀ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି କାଳୁ ରଥ, ଜ୍ୟୋତି ପଣ୍ଡା, ରମେଶ ସାହୁ, ଧନୁର୍ଦ୍ଧର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ପ୍ରଶାସନକୁ ସହଯୋଗ କରିନ୍ତୁ। ଯଥାଶୀଘ୍ର କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ନଗରପାଳ କହିଥିଲେ।

୭ରୁ ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ ଉତ୍ସବ

କଣାସ,୩୦।୧(ବିଭୂତି ଭୂଷଣ ତ୍ରିପାଠୀ): କରମଳାଠାରେ ଠାକୁର ଶ୍ରୀଶ୍ରୀଅଭିରାମ ପରମହଂସଙ୍କ ୧୨୧ତମ ଜୟନ୍ତୀ ଆସନ୍ତା ୭ ତାରିଖରୁ ଆରମ୍ଭ ହୋଇ ୩ ଦିନ ଚାଲିବ। ଏନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଆଶ୍ରମ ପରିସରରେ ଆଚାର୍ଯ୍ୟ ବଳରାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମର ସମସ୍ତ ସନ୍ୟାସୀ ଉପସ୍ଥିତ ଥିଲେ। ଏହି ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ କିପରି ସଫଳତାର ସହ ସମ୍ପନ୍ନ ହେବ ସେ ନେଇ ଆଲୋଚନା ହୋଇଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତ କିପରି ଶାନ୍ତି ଆନନ୍ଦ ଆଶ୍ରମରେ ପହଞ୍ଚି ପାରିବେ ସେଥିପାଇଁ ପୁରୀ ଓ ନିରାକାରପୁରଠାରୁ ଆଶ୍ରମକୁ ବସ୍ ଓ ଅଟୋର ବ୍ୟବସ୍ଥା କରାଯାଇଛି।

ଭକ୍ତଙ୍କ ଦାନ ଅର୍ଥ ମନ୍ଦିର ଆକାଉଣ୍ଟକୁ ଯିବ

କାକଟପୁର,୩୦।୧(ଶୁଭଦର୍ଶନ ମିଶ୍ର): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ସ୍ଥାନୀୟ ୟୁକୋ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଡିଜିଟାଲ ଇ-ହୁଣ୍ଡି ସ୍ଥାପନା କରାଯାଇଛି। ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅର୍ଥ ଦେଣନେଣକୁ ସରଳୀକରଣ କରିବାକୁ ଡିଜିଟାଲ ପ୍ରେମେଣ୍ଟ ମାଧ୍ୟମରେ ଅର୍ଥ କାରବାରକୁ ଅଗ୍ରାଧିକାର ଦେଇଛନ୍ତି। ମା' ମଙ୍ଗଳା ମନ୍ଦିରକୁ ଆସୁଥିବା ଭକ୍ତ ସେମାନଙ୍କ ଦାନ ଅର୍ଥ ମନ୍ଦିର ହୁଣ୍ଡିରେ ଦେଇଥାନ୍ତି। ମାତ୍ର ଉକ୍ତ ଦାନ ଅର୍ଥ ଦୀର୍ଘଦିନ ଧରି ହୁଣ୍ଡିରେ ପଡ଼ିବା ଫଳରେ ନୋଟ୍‌ଗୁଡ଼ିକ ଖରାପ ହୋଇଯିବା ହେତୁ ଏହା ଅଚଳ ହୋଇପଡ଼େ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କର୍ତ୍ତୃପକ୍ଷ ସ୍ଥାନୀୟ ୟୁକୋ ବ୍ୟାଙ୍କ ଶାଖାକୁ ଏକ ହୁଣ୍ଡି ବସାଇବାକୁ ପ୍ରସ୍ତାବ ଦେଇଥିଲେ। ୟୁକୋ ବ୍ୟାଙ୍କର ଅବସରପ୍ରାପ୍ତ ଡିଜିଏମ୍ ପ୍ରମୋଦ ନାୟକ, ୟୁକୋ ବ୍ୟାଙ୍କ ଶାଖାର

ମଙ୍ଗଳା ମନ୍ଦିରରେ ଇ-ହୁଣ୍ଡି ଉଦ୍‌ଘାଟିତ

ପରିଚାଳକ ଶୁଭାଶିଷ ପଣ୍ଡା, ସହ ପରିଚାଳକ ବିଷ୍ଣୁପ୍ରସାଦ ଜେନା, ବ୍ୟାଙ୍କ ଅଧିକାରୀ ସୌମ୍ୟକାନ୍ତ ରାଉତ, ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶଚନ୍ଦ୍ର ଦାଶ, ମନ୍ଦିର ଟ୍ରଷ୍ଟି ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ସେବାୟତ ନିଯୋଗ ଉପସଭାପତି କମଳ ଲୋଚନ ଦୀକ୍ଷିତଙ୍କ ଉପସ୍ଥିତିରେ ମା'ଙ୍କ ଆଜ୍ଞାମାଳ ଦିଆଯାଇ ଇ-ହୁଣ୍ଡିକୁ ସ୍ଥାପନା କରାଯାଇଥିଲା। ମଙ୍ଗଳବାରଠାରୁ ମାତୃଭକ୍ତଙ୍କ ଦାନ ଅର୍ଥ ସିଧାସଳଖ ମନ୍ଦିର ବ୍ୟାଙ୍କ ଖାତାକୁ ଯିବା ସହିତ ମନ୍ଦିରର ଉନ୍ନତୀମୂଳକ କାର୍ଯ୍ୟରେ ଏହା ସହାୟକ ହୋଇପାରିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଦାୟିତ୍ୱ ନେବା ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କଲେ ନୂଆ ଏସ୍‌ପି

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଏସ୍‌ପି ପିନାକ ମିଶ୍ର ଫେରୁଛନ୍ତି ।

ପୁରୀ, ୩୦।୧(ଅଜିତ୍ ମହାନ୍ତି): ପୁରୀର ନୂତନ ଏସ୍‌ପି ଭାବେ ପିନାକ ମିଶ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିବେ। ଏହାପୂର୍ବରୁ ମଙ୍ଗଳବାର ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ମିଶ୍ର ପୁରୀରେ ପହଞ୍ଚିବା ପରେ ତାଙ୍କୁ ସିଂହଦ୍ୱାରଠାରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଓ ସମସ୍ତ ଥାନାର ଅଧିକାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ମିଶ୍ର ରତ୍ନସିଂହାସନାରଢ଼ ଶ୍ରୀବିଗ୍ରହ ଓ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ପରେ କିଛି ସମୟ ଶ୍ରୀମନ୍ଦିରରେ ବିତାଇ ଫେରିଆସିଥିଲେ। ମିଶ୍ର କହିଛନ୍ତି, ପୁରୀ ଆସି ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ନେଲି। ବୁଧବାର ବିଧିବଦ୍ଧ ଭାବେ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବି। ଏଠାରେ ନିଯୁକ୍ତି ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି। ପୁରୀ ଏସ୍‌ପି ଭାବେ କାର୍ଯ୍ୟ କରିବା ଏକ ଗୁରୁ ଦାୟିତ୍ୱ। ପୁରୀ ହେଉଛି ସମଗ୍ର ଭାରତବର୍ଷର ଆସ୍ଥାର କେନ୍ଦ୍ର ଏବଂ ଓଡ଼ିଶାର ପ୍ରାଣକେନ୍ଦ୍ର। ମହାପ୍ରଭୁଙ୍କ ଆଶୀର୍ବାଦ ଓ ତାଙ୍କ ନିକଟରେ ଉତ୍ସର୍ଗୀକୃତ ହୋଇ ସମସ୍ତଙ୍କୁ ନେଇ ଏକ ସୁରକ୍ଷିତ ବାତାବରଣରେ ପୁରୀ ପୋଲିସ କାର୍ଯ୍ୟ କରିବ। ତେବେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଯିବ ବୋଲି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଏହାପୂର୍ବରୁ ମିଶ୍ର କଟକ ଡିସିପି ଭାବେ କାର୍ଯ୍ୟ କରୁଥିଲେ।

⌈ରୁ ଜଗନ୍ନାଥଙ୍କ ପଞ୍ଚରାତ୍ର ପ୍ରଦର୍ଶନ ହେବ ମହାପ୍ରଭୁଙ୍କ ୨୪ ବେଶ, ଛପନ ଭୋଗ

କାକଟପୁର,୩୦।୧(ଶୁଭଦର୍ଶନ ମିଶ୍ର): ଫେବୃଆରୀ ⌈ରୁ କାକଟପୁରସ୍ଥିତ ଦେଉଳି ମଠଠାରେ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଉତ୍ସବ ୫ ଦିନ ବ୍ୟାପି ଭବ୍ୟ ସମାରୋହରେ ଆୟୋଜିତ ହେବ। ଏନେଇ ମଙ୍ଗଳବାର ମଙ୍ଗଳା ମନ୍ଦିର ପରିସରରେ ନିମନ୍ତ୍ରଣ ପତ୍ର ଉନ୍ମୋଚନ କରିବା ସହିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପଞ୍ଚରାତ୍ର ସମୟରେ ସମସ୍ତ ଭକ୍ତଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ୨୪ ଗୋଟି ଦୁର୍ଲଭ ବେଶ ପ୍ରଦର୍ଶିତ ହେବା ସହିତ ଛପନ ଭୋଗର ପ୍ରଦର୍ଶନ କରାଯିବ। ୫ ଦିନରେ ପ୍ରତିଦିନ ଦିବସ ସମୟରେ ପାରାୟଣ ଓ ରାତ୍ର ସମୟରେ ସ୍କନ୍ଦ ପୁରାଣ ସମ୍ପର୍କିତ ଦିବ୍ୟ ପ୍ରବଚନ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରତ୍ୟେହ ୫ ହଜାରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଶାନ୍ତନୁ ଦୀକ୍ଷିତ, ସୁଦାମ ଚରଣ ଦୀକ୍ଷିତ, ଧର୍ମାନନ୍ଦ ସୁବୁଦ୍ଧି, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ପ୍ରକାଶ କରିଛନ୍ତି।

ଏକାଠି କାମ କଲେ ଯାତ୍ରା ମହୋତ୍ସବ ଲୋକ ମହୋତ୍ସବରେ ପରିଣତ ହେବ

ଗୋପ,୩୦।୧(ଭାରତୀ ଭୂଷଣ ଉପାଧ୍ୟାୟ): ନିଜ ନିଜ ମଧ୍ୟରେ ମିତ୍ରତା ସ୍ଥାପନ କରିବା ସହିତ ନିଷ୍ଠାର ସହିତ କାର୍ଯ୍ୟ କଲେ ଏହି ଯାତ୍ରା ମହୋତ୍ସବ ଦିନେ ନା ଦିନେ ଅଞ୍ଚଳରେ ଲୋକ ମହୋତ୍ସବ ଭାବେ ପରିଚିତ ହୋଇପାରିବ। ଗୋପ ବ୍ଲକ ଅଧୀନ ବେଗୁନିଆସ୍ଥିତ ମହାବୀର ଯାତ୍ରା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ ଯୋଗଦେଇ

ମହାବୀର ଯାତ୍ରା ମହୋତ୍ସବର ୪ର୍ଥ ସନ୍ଧ୍ୟା

ଯୁବ ନେତୃତ୍ୱ ସୁବ୍ରତ ଛାଟୋଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମହାବୀର ଯାତ୍ରା ମହୋତ୍ସବ ସଭାପତି ନିରଞ୍ଜନ ସାହୁଙ୍କ ସମେତ ଆଉ କେତେକ ଅତିଥି ଯୋଗଦେଇ ପ୍ରଥମ ବର୍ଷରେ ଆରମ୍ଭ କରାଯାଇଥିବା ମହୋତ୍ସବ ଅତ୍ୟନ୍ତ ମନମୁଗ୍ଧକର ଏବଂ ଏହା ଏକ ଭାବ ଆଦାନ ପ୍ରଦାନର କାର୍ଯ୍ୟକ୍ରମ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟ ସଂଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଲୋକ ଏହି ଯାତ୍ରା ମହୋତ୍ସବର ମଜା ଉଠାଇଥିଲେ।

ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କୋଣାର୍କ,୩୦।୧(ଜ୍ୟୋତିରାଜ ମହାନ୍ତି): କୋଣାର୍କ ଏନ୍‌ଏସି ଅଧୀନ ଭଗବତୀ ବିହାରସ୍ଥିତ କୋଣାର୍କ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୧୭ତମ ବାର୍ଷିକୋତ୍ସବର ପୁରସ୍କାର ବିତରଣ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ପ୍ରସାଦ ରଞ୍ଜନ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଗୋପ ତହସିଲଦାର ରଞ୍ଜନ ପରିଡ଼ା, ଗୋପ ବିଇଓ ସୁଶୀଲ ବ୍ରହ୍ମା, କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର, ଲେଫ୍‌ଟନାଣ୍ଟ କର୍ନେଲ ବିନୟ ଭୂଷଣ ମହାନ୍ତି, ବିଦ୍ୟାଳୟ ଚେୟାରମ୍ୟାନ ଗୁଣନିଧି ମୁଦୁଲି ଓ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ମୁଖ୍ୟ ପରିଚାଳକ ମାନସ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର କିପରି ଆଗାମୀ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା ସହିତ ନିଜ ଅଞ୍ଚଳର ତଥା ଦେଶର କିପରି ମାନ ରଖିପାରିବେ ସେନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏକ ସୁସ୍ଥ ଓ ସଂଗଠିତ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରର ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲର ମୁଖ୍ୟ ପରିଚାଳକ ମୁଦୁଲିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ଶତାଧିକ ବିଜେଡି କର୍ମୀଙ୍କ ଭାଜପାରେ ଯୋଗଦାନ

ନିମାପଡ଼ା,୩୦।୧(ରଞ୍ଜନ ପଟ୍ଟନାୟକ): ନିମାପଡ଼ା ଡିହବାରୀ ରୋଡ଼ସ୍ଥିତ ଭାଜପା ମଣ୍ଡଳ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୧୧ ନଂ. ଜୋନ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟଙ୍କ ନେତୃତ୍ୱରେ ଗୋପ ବ୍ଲକର କୁଆଁପଡ଼ା ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହେବା ସହିତ ଯୁବ ନେତୃତ୍ୱ ଦିଲ୍ଲୀପ ନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଦଳରେ ସାମିଲ ହୋଇଥିବା ନୂତନ କର୍ମୀମାନେ କହିଛନ୍ତି। ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀଙ୍କୁ ଦିଲ୍ଲୀପ ନାୟକ ଦଳୀୟ ଗୋପି ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାଦ୍ୱାରା ନିମାପଡ଼ା ନିର୍ବାଚନମଣ୍ଡଳୀରେ ଦଳର ସଂଗଠନ ଅଧିକ କ୍ରିୟାଶୀଳ ହେବ ବୋଲି ନାୟକ ପ୍ରକାଶ କରିଛନ୍ତି।

ଏମ୍‌ଏସ୍ ସୁପରଷ୍ଟାରକୁ ହରାଇ ଗଡଲାଇଟ୍ ଚାମ୍ପିୟନ

କଣାସ,୩୦।୧(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତର ଗୁଆଡିଆ ଗ୍ରାମ ଖେଳପଡ଼ିଆରେ ଆୟୋଜିତ ଗୁଆଡିଆ କ୍ରିକେଟ୍ ପ୍ରିମିୟର ଲିଗ୍‌ମ୍ୟାଚ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଏମ୍‌ଏସ୍ ସୁପରଷ୍ଟାରକୁ ହରାଇ ଗଡଲାଇଟ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ଗଡଲାଇଟ୍ ବ୍ୟାଟିଂ କରି ୧୦ ଓଭରରେ ୨ଟି ଉଇକେଟ୍ ହରାଇ ୭୦ରନ୍ କରିଥିଲା। ଜବାବରେ ଏମ୍‌ଏସ୍ ସୁପରଷ୍ଟାର ୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୪୦ ରନ୍ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟକାନ୍ତ ଦାସ ରାୟ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଭିରାମ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସୁଶୀଲ ମହାପାତ୍ର, ସୁରେନ୍ଦ୍ର ପ୍ରଧାନ, ଲିଙ୍ଗରାଜ ସାହୁ, ଚକ୍ରଧର ମହାପାତ୍ର ଯୋଗଦେଇ ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।

ଗୁଆଡିଆ କ୍ରିକେଟ୍ ପ୍ରିମିୟର ଲିଗ୍‌ମ୍ୟାଚ ଉଦ୍‌ଯାପିତ

ବିଜେତା ଦଳର ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

ବିଭିନ୍ନ ଗାଁରେ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର

ଅସ୍ତରଙ୍ଗ, ୩୦।୧(ପ୍ରଦୀପ୍ତ କୁମା

ତଦନ୍ତ ଅଧା, ରହସ୍ୟରେ ଏକାଧିକ ହତ୍ୟା ଘଟଣା

- ବୁଲଛନ୍ତି ହତ୍ୟା ଅଭିଯୁକ୍ତ, ଧରୁନି କମିଶନରେଟ ପୋଲିସ
- ପୁରୁଣା ଫାଇଲ୍ ଲେଉଟାଉ ନାହାନ୍ତି ନୂଆ ଅଧିକାରୀ

ଭୁବନେଶ୍ୱର,୩୦।୧(ସତ୍ୟଜିତ୍ ରାଉତ)

ରାଜଧାନୀରେ ଏକାଧିକ ହତ୍ୟା ଘଟଣା ଏବେବି ରହସ୍ୟ ଘେରରେ ରହିଛି। ତଦନ୍ତ ଅଧାରେ ଅଟକି ରହିଥିବାବେଳେ ଏହା ଉପରୁ ପରଦା ଉଠାଇବା ପାଇଁ କମିଶନରେଟ୍ ପୋଲିସ ପଦକ୍ଷେପ ଗ୍ରହଣ କରୁନାହିଁ। ଅଭିଯୁକ୍ତମାନେ ସ୍ଥାନ ବଦଳାଇ ଲୁଚି ବୁଲୁଥିବାବେଳେ ପୋଲିସ ସେମାନଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରୁନାହିଁ। ଏପରିକି ବିଭିନ୍ନ ମାମଲାର ତଦନ୍ତକାରୀ ଅଧିକାରୀ ଓ ଥାନା ଅଧିକାରୀ ବଦଳି ଯାଇଥିବାରୁ ନୂଆ ଅଧିକାରୀମାନେ ତଦନ୍ତର ଫର୍ଦ୍ଦ ଲେଉଟାଇବାକୁ ଚାହୁଁନାହାନ୍ତି। ଏଭଳି ସ୍ଥିତିରେ ଭୁବନେଶ୍ୱର କମିଶନରେଟ୍ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୨ ମେ ୧୨ରେ ଚନ୍ଦକା ଥାନା ଅନ୍ତର୍ଗତ ଗଙ୍ଗାପାଟଣା ପାହାଡ଼ ତଳେ ଥିବା ଆମ୍ବତୋଟାରୁ ଜଣେ ମହିଳାଙ୍କ ରକ୍ତ କୁଡୁବୁଡୁ ମୃତଦେହକୁ ପୋଲିସ ଜବତ କରିଥିଲା। ଉକ୍ତ ମହିଳାଙ୍କୁ ପଥରରେ ଛେଚି ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଘଟଣାକୁ

୧୨ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାଏ ନା ମୃତା ମହିଳାଙ୍କ ପରିଚୟ ପାଇପାରିଲା ଅବା ହତ୍ୟାକାରୀଙ୍କୁ ଠାବକଲା। ମହିଳାଙ୍କୁ କିଏ ଓ କାହିଁକି ହତ୍ୟାକଲେ, ତାହା ବି ବର୍ତ୍ତମାନ ରହସ୍ୟ ଘେରରେ ରହିଛି। ୨୦୧୭ ଫେବୃଆରୀ ୧ରେ ମଞ୍ଚେଶ୍ୱର କୁଆଖାଇ ନଦୀପଠାରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ମିଳିଥିଲା। ଉକ୍ତ ଯୁବତୀଙ୍କୁ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଏହାକୁ ୪ ବର୍ଷ ବିତିଯାଇଥିଲେ ମଧ୍ୟ ହତ୍ୟା ଅଭିଯୁକ୍ତଙ୍କୁ ଧରିବା ତ ଦୂରର କଥା ମୃତା ଯୁବତୀଙ୍କ ପରିଚୟ ଓ ଠିକଣା ବି ପୋଲିସ ପାଇପାରିଲା ନାହିଁ। ୨୦୧୮ ଅଗଷ୍ଟ ୨୩ରେ ମଞ୍ଚେଶ୍ୱର ଥାନା ନିକଟ ହୋଟେଲ ହାଇୱେ ଇନ୍‌ରେ ଖୋର୍ଦ୍ଧା ଜିଲା କାଇମାଟିଆ ଅଞ୍ଚଳରେ ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କୁ ତାଙ୍କ ପୁରୁଷବନ୍ଧୁ ଆଦିତ୍ୟ ମହାପାତ୍ର ଲୁହାରଡ୍‌ରେ ପିଟି ହତ୍ୟା କରିଥିଲେ। ଘଟଣା ଭିଆଇବା ପରେ ଅଭିଯୁକ୍ତ ଆଦିତ୍ୟ ସେଠାରୁ ଫେରାର ହୋଇଯାଇଥିଲେ। ହୋଟେଲରେ ପୋଲିସ ପହଞ୍ଚି ରକ୍ତ କୁଡୁବୁଡୁ ମୃତଦେହକୁ ଜବତ କରିଥିଲା। ତେବେ କେଉଁ କାରଣ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିଲା ତାହା ବି ଏଯାଏ ସ୍ପଷ୍ଟ ହେଲା ନାହିଁ। ଘଟଣାକୁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ୨୦୨୧ ଜୁନ୍‌ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ନିକଟ କୁଆଖାଇ ନଦୀପଠାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ତାଙ୍କୁ କେହି ତଣ୍ଟିଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ମାମଲା ଅସମାହିତ ରହିଛି। ଏଭଳି ବହୁ ହତ୍ୟାକାଣ୍ଡ ଓ ମୃତଦେହ ଜବତ ମାମଲାର ଫାଇଲ୍ ସେମିତି ବନ୍ଦ ପଡିଥିବା ଜଣାପଡିଛି। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ହତ୍ୟା ମାମଲାଗୁଡ଼ିକରେ ଫେରାର ଥିବା ଅଭିଯୁକ୍ତଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ସେମାନଙ୍କୁ ଧରିବାକୁ ଟ୍ରାକ୍ କରାଯିବା ସହ ଏହି ଦିଗରେ ଉଦ୍ୟମ ଜାରି ରହିଛି। ଶ୍ରୀଲିଙ୍ଗରାଜ ଥାନାର ୨୦୨୦ରେ ଏକ ହତ୍ୟା ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ନିକଟରେ ଆମେ ଧରିବାରେ ସଫଳ ହୋଇଛୁ ବୋଲି ଡିସିପି ସିଂ କହିଛନ୍ତି।

ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦରକାର

ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ କହିଛନ୍ତି, ଯେତେବେଳେ ଅପରାଧ ଘଟେ ସେହି ସମୟରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ଦରକାର। ଯଦି ମୁଦାଲା ଖସିଯିବାକୁ ସକ୍ଷମ ହୁଏ, ତେବେ ସେ ପୋଲିସ ହାତରେ ଧରା ନ ପଡିବାକୁ ସବୁବେଳେ ଚେଷ୍ଟା କରିବେ। ଯିଏ ଗୋଟିଏ ଅପରାଧ କରି ଲୁଚି ରହୁଛି, ସେ ଅନ୍ୟାନ୍ୟ ଅପରାଧ କରିବାକୁ ମଧ୍ୟ ପଛାଇବ ନାହିଁ। ଅଭିଯୁକ୍ତ ବିଳମ୍ବରେ ଗିରଫ ହେଲେ, ଉକ୍ତ ମାମଲାରେ ସାକ୍ଷ୍ୟ ପ୍ରମାଣ ନଷ୍ଟ ହୋଇଯାଇଥାଏ। ତେଣୁ ଏବେ ଟେକ୍ନୋଲୋଜିକୁ ବ୍ୟବହାରକରି ପୋଲିସ ସହଜରେ ଓ ଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ଦରକାର। ପୋଲିସ ଏଭଳି ଉଦ୍ୟମ ନ କଲେ ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିବେ ବୋଲି ନାୟକ କହିଛନ୍ତି।

କେବିଏନ୍ ଗ୍ରୁପ୍‌ର ଆତଙ୍କ, ୫ରୁ ଊର୍ଦ୍ଧ୍ୱ ଆହତ

ଗୋଷ୍ଠୀ ସଂଘର୍ଷରେ କ୍ଷତିଗ୍ରସ୍ତ ୨ଗାଡ଼ି ଓ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରୁଛି।

ରାଜଧାନୀରେ ଗୋଷ୍ଠୀ ସଂଘର୍ଷ

ଭୁବନେଶ୍ୱର,୩୦।୧(ସତ୍ୟଜିତ୍ ରାଉତ)

ରାଜଧାନୀରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆ ରୋଡ୍‌ରେ ରାତି ପ୍ରାୟ ୧୦ଟା ବେଳେ ଦୁଇ ଗୋଷ୍ଠୀର ଯୁବକମାନେ ହାତାହାତି ହେବା ସହ ମାରଣାସ୍ତ୍ରରେ ହଣାହଣା ହୋଇଛନ୍ତି। ଏହି ଘଟଣାରେ ଗୋଟିଏ ପକ୍ଷ କେବିଏନ୍ ଗ୍ରୁପ୍‌ର ସଦସ୍ୟ ହୋଇଥିବାବେଳେ ଆଉ ଏକ ପକ୍ଷ ରାଜନୈତିକ ଦଳର ବୋଲି ଜଣାପଡ଼ିଛି। ଆକ୍ରମଣରେ ଉଭୟ ପକ୍ଷରୁ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଥିସହ ଦୁଇରୁ ଊର୍ଦ୍ଧ୍ୱ ସ୍କୁଟି ଓ ବାଇକ୍ ଭଙ୍ଗାରୁଜା ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ କେବିଏନ୍ ଗ୍ରୁପର ସକ୍ରିୟତାକୁ ନେଇ ସ୍ଥାନୀୟ ଲୋକେ ପୋଲିସ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସୂଚନା ଅନୁଯାୟୀ, ଏକ ରାଜନୈତିକ ଦଳର କେତେଜଣ ଯୁବକଙ୍କ ସହ କେବିଏନ୍ ଗ୍ରୁପର ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ କିଛିମାସ ହେଲା ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଛି। ନୂଆ ରୋଡ୍‌ସ୍ଥିତ ଏକ ରେଷ୍ଟୁରାଣ୍ଟ ନିକଟରେ କେବିଏନ୍ ଗ୍ରୁପର ସଦସ୍ୟମାନେ ସବୁବେଳେ ଖଟି କରିବା ସହ ମଦ୍ୟପାନ କରନ୍ତି। ମଙ୍ଗଳବାର ରାତିରେ ମଧ୍ୟ ସେମାନେ ଖଟି କରୁଥିଲେ। ଏହି ସମୟରେ ପ୍ରତିପକ୍ଷର ଯୁବକମାନେ ସେଠାକୁ ଆସିବା ପରେ ସେମାନଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଘଟଣାସ୍ଥଳ କିଛି ସମୟ ଧରି ରଣକ୍ଷେତ୍ର ପାଲଟିଥିଲା। ବାଡି, ଖଣ୍ଡା ଆଦିରେ ଉଭୟ ପକ୍ଷରୁ ଆକ୍ରମଣ କରିଥିଲେ। ଏପରିକି ବିଅର ବୋତଲ ମଧ୍ୟ ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଭୟଭୀତ ହୋଇଯାଇଥିଲେ। ତେବେ ପୋଲିସ ପହଞ୍ଚିବା ବେଳକୁ ଦୁଇ ଗୋଷ୍ଠୀର ଯୁବକ ଘଟଣାସ୍ଥଳରୁ ସମସ୍ତେ ଫେରାର ହୋଇଯାଇଥିଲେ। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ଥାନାଧିକାରୀ ଅଭିମନ୍ୟୁ ଦାସ ସୂଚନା ଦେଇଛନ୍ତି।

ସଂକ୍ଷେପରେ

କ୍ରିକେଟ ଖେଳରୁ ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ବାଲିଅନ୍ତା,୩୦।୧ (ନୀଳମାଧବ ସାହୁ): ବାଲିଅନ୍ତା ଥାନା ପୋଲିସ ଗତ ରବିବାର ସ୍ଥାନୀୟ ଭୁନପୁର ନଦୀ ପଠାପଡ଼ିଆରେ କ୍ରିକେଟ୍ ଖେଳରୁ ଘଟିଥିବା ଏକ ଗଣ୍ଡଗୋଳ ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଭୁନପୁର କେନାଲ ବନ୍ଧ ବସ୍ତିରେ ରହୁଥିବା ଗୁନା ପୁରଟି(୩୨)। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅଦୁଲା ଅନସାରୀ ଓ ତାଙ୍କ କମ୍ପାନୀର କର୍ମଚାରୀଙ୍କ ସହ ଭୁନପୁର କେନାଲ ବନ୍ଧ ବସ୍ତିରେ ରହୁଥିବା ଯୁବକଙ୍କ ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ଖେଳ ଚାଲିଥିବାବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥଲା। ଗୁନା ଓ ଅନ୍ୟ ସହଯୋଗୀ ପଡ଼ିଆ ମଧ୍ୟକୁ ପ୍ରବେଶ କରି ସାକିର ଅଲ୍ଲୀ ନାମକ ଜଣେ ଯୁବକଙ୍କୁ କ୍ରିକେଟ୍ ବ୍ୟାଟ, ଷ୍ଟମ୍ପ ଓ ଇଟା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ କମ୍ପାନୀର କର୍ମଚାରୀ ଉଦ୍ଧାର କରି ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେରେ ଭର୍ତ୍ତି କରିଥିଲେ। ଏନେଇ ଅଭିଯୋଗକାରୀ ବାଲିଅନ୍ତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

'ସାହିତ୍ୟ ହେଉଛି ବିଜ୍ଞାନର ବ୍ୟାକରଣ'

ଭୁବନେଶ୍ୱର,୩୦।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆଜିର ସମୟରେ ବିଦ୍ୱାନ୍ ହେବା ଯେତିକି ଆବଶ୍ୟକ, ତା'ଠାରୁ ଅଧିକ ଆବଶ୍ୟକ ହେଉଛି ଜଣେ ବିବେକଯୁକ୍ତ ବା ବିଶାଳ ହୃଦୟର ମଣିଷ ହେବା। ଏହାଦ୍ୱାରା ଶାନ୍ତିପୂର୍ଣ୍ଣ ସୁସ୍ଥ ସମାଜଟିଏ ଗଢାଯାଇପାରିବ। ଏହା ସେତେବେଳେ ସମ୍ଭବ ହୁଏ, ଯେବେ ଚେତନାର ବିକାଶ ଘଟେ। ସୁସ୍ଥ ଓ ସମୃଦ୍ଧ ଭୂଖଣ୍ଡଟିଏ ପାଇଁ ବିଜ୍ଞାନ ଯେମିତି ଗୁରୁତ୍ୱପୂର୍ଣ୍ଣ, ସେମିତି ସାହିତ୍ୟ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ସିନା ନୂଆ ନୂଆ ସାମଗ୍ରୀ ଉଦ୍ଭାବନ କରିଥାଏ, ସାହିତ୍ୟ କିନ୍ତୁ ସେଗୁଡିକର ଠିକ

'ଅକ୍ଷୟ ଅକ୍ଷର' ଓ 'ନୈତିକତାର ନୈବେଦ୍ୟ' ପୁସ୍ତକ ଲୋକାର୍ପିତ

ଉପଯୋଗ ପାଇଁ ବାଟ ବତେଇଥାଏ। ତେଣୁ ସାହିତ୍ୟ ହେଉଛି ବିଜ୍ଞାନର ବ୍ୟାକରଣ। ରବିବାର ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳଙ୍କ 'ଅକ୍ଷୟ ଅକ୍ଷର' ଓ 'ନୈତିକତାର ନୈବେଦ୍ୟ' ପୁସ୍ତକ ଦୁଇଟିର ଲୋକାର୍ପଣ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଭୁବନେଶ୍ୱରସ୍ଥ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ପ୍ରାବନ୍ଧିକ ଜଗବନ୍ଧୁ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାସ୍ୟକବି ତଥା ବ୍ୟଙ୍ଗକାର ରାଧୁ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଶାସକ (ନାଇଜର) ଅଭୟ ନାୟକ ଏବଂ ସୁପ୍ରବାଚକ ବାବାଜୀ ସନତ ସୁଜାତାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ପ୍ରମିଳା ସାହୁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ କବି ଅକ୍ଷୟ ସାହୁ ପରିଚୟ ପ୍ରଦାନ କରିଥିଲେ। ପୁସ୍ତକର ଲେଖକ ବିଶ୍ୱାଳ ଦୁଇଟି ଶବ୍ଦରେ ନିଜ କଥା ରଖିଥିଲାବେଳେ 'ଉମାବୁକ୍ସ'ର ପ୍ରକାଶିକା ଶକୁନ୍ତଳା ଘଡେଇ ପ୍ରକାଶକୀୟ ଅଭିମତ ରଖିଥିଲେ। ପ୍ରାଧାପକ ଉମାକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶିମିଳିପାଳର ୪୨ ଗାଁକୁ ବିଦ୍ୟୁତ୍ ସେବା

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା)

ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଟିପି ନର୍ଥ ଓଡ଼ିଶା ବିତରଣ ଲିମିଟେଡ୍(ଟିପିଏନଓଡିଏଲ) ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ପାହାଡ଼ିଆ ତଥା ଅପହଞ୍ଚ ଗ୍ରାମରେ ବାସ କରୁଥିବା ୨୩୦୦ରୁ ଅଧିକ ପରିବାରକୁ ବିଦ୍ୟୁତ୍ ସେବା ପ୍ରଦାନ କରିଛି। 'ବିଜୁ ଗ୍ରାମ ଜ୍ୟୋତି ଯୋଜନା'ର ଏକ ଅଂଶ ଭାବେ ଶିମିଳିପାଳର ୪୨ଟି ଗାଁ ପାଇଁ ବିଦ୍ୟୁତ୍ ସେବା ସୁନିଶ୍ଚିତ କରାଯାଇଛି। ଗଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବାକୁ ସାଧାରଣ ଜନତାଙ୍କ ପାଇଁ ଉତ୍ସର୍ଗ କରିଥିଲେ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହ ଜିଲାପାଳ ଭିନିତ ଭରଦ୍ୱାଜ, ଓଡିଏସ୍‌ଏସ୍‌ପି ଆଡ୍‌ଭାଇଜର ଦୀପ୍ତିମାନ ବଳ, ଜିଲା ପରିଷଦ ସଭାପତି ଭାରତୀ ହାସଁଦା, ଟିପିଏନ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବାସ୍କର ସରକାର, ମୁଖ୍ୟ ବାଣିଜ୍ୟ ଅଧିକାରୀ ପ୍ରବୀଣ ଭର୍ମା, ପ୍ରୋଜେକ୍ଟ ଚିଫ୍ ପ୍ରଦୀପ ମହାନ୍ତି, ପ୍ରୋଜେକ୍ଟ ଜେନେରାଲ ମ୍ୟାନେଜର ରାଜୀବ ନାୟକ ଏବଂ ସିଏସ୍‌ଆର ମୁଖ୍ୟ ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଦ୍ୟୁତ୍‌କରଣ ଫଳରେ ଅଷ୍ଟକୁଅଁର, ଗୁଡଗୁଡିଆ ଏବଂ ବରେହିପାଣି ଗ୍ରାମ ପଞ୍ଚାୟତର ୬୦୦୦ ରୁ ଅଧିକ ବାସିନ୍ଦା ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅଧୀନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାବାସୀଙ୍କୁ ୧୮ଟି ନୂତନ ପାୱାର ଗ୍ରୀଡ୍ ଉତ୍ସର୍ଗ କରି ଆନନ୍ଦିତ ବୋଲି କହିଛନ୍ତି। ବିଶେଷ ଭାବରେ ଶିମିଳିପାଳ ଅଞ୍ଚଳରେ ରହୁଥିବା ଆଦିବାସୀ ସମ୍ପ୍ରଦାୟ ପାଇଁ ସୌରଶକ୍ତି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଟିପିଏନ୍‌ଓଡିଏଲର ସୋଲାର ମାଇକ୍ରୋଗ୍ରୀଡ୍ ଏବଂ ଷ୍ଟାଣ୍ଡାଲୋନ୍ ପ୍ରୋଜେକ୍ଟରେ ୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ଦିଆଯାଇଛି।

ଦୋଷୀଙ୍କୁ ବର୍ଷେ ଜେଲ୍‌ଦଣ୍ଡ

ଭୁବନେଶ୍ୱର,୩୦।୧(ସତ୍ୟଜିତ୍ ରାଉତ)

ବାଇକ୍ ଚୋରି ମାମଲାର ରାୟ

ଭରତପୁର ଥାନା ଅଞ୍ଚଳରେ ଏକ ବାଇକ ଚୋରି ମାମଲାରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ସବ୍ୟସାଚୀ ପଣ୍ଡା ଅଭିଯୁକ୍ତ ସୁଶାନ୍ତ ବସ୍ତିଆକୁ ଦୋଷୀ ସାବ୍ୟସ୍ତ କରିବା ସହ ବର୍ଷେ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୬ ଜଣଙ୍କ ସାକ୍ଷ୍ୟ ଓ ୧୫ ଦସ୍ତାବିଜକୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ବାଇକ୍ ଚୋରି ନେଇ ଅଭିଯୋଗ କରିଥିବା ଶରତ କୁମାର ପରିଡା ହେଲେ ଗୋପୀନାଥ ବସ୍‌ର କର୍ମଚାରୀ। ଗତ ବର୍ଷ ସେପ୍ଟେମ୍ବର ୨୮ ସକାଳେ ସେ ତାଙ୍କ ବାଇକ୍‌କୁ ରାଜଧାନୀ ବସ୍ ମାଲିକ ସଂଘ ସାମ୍ନାରେ ପାର୍କିଂ କରି କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହି ସମୟରେ ସୁଶାନ୍ତ ତାଙ୍କ ବାଇକ୍‌କୁ ଚୋରି କରି ନେଇଥିଲେ। ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୪୩/୨୦୨୩) ରୁଜୁ କରିବା ସହ ସୁଶାନ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

ଲଳିତକଳା ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଲଳିତକଳା ଏକାଡ଼େମୀ ପକ୍ଷରୁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବିଶିଷ୍ଟ ଚିତ୍ରଶିଳ୍ପୀ ବିନୋଦ ମହାରଣାଙ୍କୁ ଏକାଡେମୀ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ ପଦ୍ମଶ୍ରୀ ବିନୋଦଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମହାରଣା ଓଡ଼ିଶାର ଚିତ୍ରକଳା କ୍ଷେତ୍ରରେ ନୂତନ ଶୈଳୀ ସୃଷ୍ଟି କରିବା ସହିତ ଅନେକ ପୁରସ୍କାର ତଥା ସମ୍ମାନରେ ସମ୍ମାନିତ ହେବା ସହ କଳା କ୍ଷେତ୍ରରେ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସେ ଦୀର୍ଘଦିନ ଓଡ଼ିଶା ଲଳିତ କଳା ଏକାଡେମୀର ସାଧାରଣ ପରିଷଦର ସଦସ୍ୟ ରହିବା ସହିତ ଅଧୁନା ମଧ୍ୟ ସାଧାରଣ ପରିଷଦର ସଦସ୍ୟ ରହି କଳାର ପ୍ରଚାର,ପ୍ରସାର ତଥା ଉନ୍ନତି କରି ଆସୁଛନ୍ତି। ମହାରଣାଙ୍କ ପଦ୍ମଶ୍ରୀ ପୁରସ୍କାର ପାଇଁ ନାମ ଘୋଷଣା ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ଗର୍ବର ବିଷୟ ବୋଲି ସଭାପତି ପ୍ରକାଶ କରିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ଏବଂ ସମସ୍ତ କର୍ମଚାରୀ ଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ସରିଲା ଗୋଟିପୁଅ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର,୩୦।୧(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଚାଲିଥିବା 'ଗୋଟିପୁଅ ନୃତ୍ୟ ମହୋତ୍ସବ-୨୦୨୪' ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍

ସଂକ୍ଷେପରେ

୧ରେ ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ

କଟକ,୩୦।୧ (କାର୍ତ୍ତିକ ସାହୁ)

ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆସନ୍ତା ୧ ତାରିଖରେ ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ଉତ୍ସବ ହାଇକୋର୍ଟ ପରିସରରେ ପାଳନ କରାଯିବ। ଏଥିରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ, ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ନୋବେଲ ବିଜେତା କୈଳାସ ସତ୍ୟାର୍ଥୀ, ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଆସୋସିଏଶନ୍ ପକ୍ଷରୁ ବାର୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର ସଭାପତି ଧରଣୀଧର ନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ହାଇକୋର୍ଟ ବାର୍ ଆସୋସିଏଶନର ସମସ୍ତ ପୂର୍ବତନ ସଭାପତି, ସମ୍ପାଦକ, ଉପସଭାପତିଙ୍କ ସମେତ ୬ଜଣ ବରିଷ୍ଠ ଆଇନଜୀବୀ ଏବଂ ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ହାଇକୋର୍ଟ, ଜିଲାକୋର୍ଟ ସମେତ ଅନ୍ୟ ଅଦାଲତର ପଦାଧିକାରୀ, ଆଇନଜୀବୀ ଏହି ଉତ୍ସବରେ ସାମିଲ ହେବା ନିମନ୍ତେ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି। ଖବରଦାତା ସମ୍ମିଳନୀରେ ଆସୋସିଏଶନ୍ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ, ସହ ସମ୍ପାଦକ (ପାଠାଗାର) ଜାନକୀକାନ୍ତ ମହାପାତ୍ର, ବିଭୂ ପ୍ରସନ୍ନ ମହାପାତ୍ର ଉପସ୍ଥିତ ଥିଲେ।

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

କଟକ,୩୦।୧(କାର୍ତ୍ତିକ ସାହୁ/ ଶିଳ୍ପୀ ପ୍ରିୟଦର୍ଶିନୀ)

କଟକ ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ଗାନ୍ଧିଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ସ୍ୱରାଜ ଆଶ୍ରମ ସଂଗ୍ରହାଳୟରେ ଗାନ୍ଧୀଜୀଙ୍କ ଫଟୋଚିତ୍ର ବୁଲି ଦେଖିଥିଲେ। ପରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଲୋକନାଥ ଦୀକ୍ଷିତ ଗୀତାପାଠ, ହାକିମ ବାବୁ କୋରାନ୍ ପାଠ ଓ ହିଜାକିହା ଲିମ୍ପା ବାଇବେଲ ପାଠ କରିଥିଲେ। ଜିଲା ସଂସ୍କୃତି ପରିଷଦ, ସିଏମ୍‌ସି ଏବଂ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଗାନ୍ଧିବାଦୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ଓ ପ୍ରଶାନ୍ତ ଦାସ ଉପସ୍ଥିତ ଥିଲେ।

କଟକ ଜିଲା ସର୍ବୋଦୟ ମଣ୍ଡଳ ଏବଂ ଓଡ଼ିଶା ନିଶା ନିବାରଣ ଅଭିଯାନ ସେବା ସମିତିର ମିଳିତ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତି ପୀଠ ନିକଟରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା ସର୍ବୋଦୟ ମଣ୍ଡଳ ସଭାପତି ଡା. ରବି ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଏହି ସଭାରେ ଅନ୍ନପୂର୍ଣ୍ଣା ପତି, ମନୋରମା ସାହୁ, ମାଳତି ପାତ୍ର, ଗୀତାଞ୍ଜଳି ଦାସ, ରମାକାନ୍ତ ନାଥ, ସାରଦା ପ୍ରସନ୍ନ ସାହୁ ଯୋଗଦେଇଥିଲେ। କଟକ ଜିଲା ସର୍ବୋଦୟ ମଣ୍ଡଳ ସମ୍ପାଦିକା ଇନ୍ଦୁମତି ସାହୁ ଅରଟରେ ସୂତା କାଟି ରଚନାତ୍ମକ କାମ ଓ ଆଦର୍ଶର ଅବତାରଣା କରିଥିଲେ।

ବିପ୍ଳବୀ କବି ହୁସେନ ରବି ଗାନ୍ଧୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

କଟକ,୩୦।୧ (କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି, ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ତଥା ବିପ୍ଳବୀ କବି ହୁସେନ ରବି ଗାନ୍ଧୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା, କବି ଅମରେଶ ପଟ୍ଟନାୟକ, ସଂସଦର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଯୋଗଦେଇ ହୁସେନ ରବି ଗାନ୍ଧୀଙ୍କୁ ଜଣେ ବିପ୍ଳବୀ ଭାବେ ବର୍ଣ୍ଣନା କରିଥିଲେ। ଆୟୁବ୍ ଖାଁ, ସୁରେଶ ନାୟକ, ପ୍ରଦୀପ ପଟ୍ଟନାୟକ, ପ୍ରସନ୍ନ କୁମାର ସ୍ୱାଇଁ, ସରୋଜିନୀ ମିଶ୍ର, କିଶୋର ମିଶ୍ର, ରାଜୀବ ଷଡ଼ଙ୍ଗୀ, ଶୁଭାଶିଷ କର, ଭାଗବତ ଶୁକ୍ଳ, ମାଧବ ମିଶ୍ର, ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଭୁପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

ଏସ୍‌ସିବି ମେଡିକାଲରେ ନାହିଁ ସୂଚନା ଫଳକ

କଟକ,୩୦।୧(ଶିଳ୍ପୀ ପ୍ରିୟଦର୍ଶିନୀ)

ଅସୁବିଧା ଭୋଗୁଛନ୍ତି ରୋଗୀ, ସମ୍ପର୍କୀୟ

ଏସ୍‌ସିବି ମେଡିକାଲ ପରିସରରେ ସୂଚନା ଫଳକ ଲଗାଯାଇ ନ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସେମାନେ ଅସୁବିଧାର ସମ୍ମୁଖୀନ ହୋଇ ଏଣେତେଣେ ଘୁରି ବୁଲୁଛନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଭିତ୍ତିଭୂମି ସୁଦୃଢ ସହ ରୋଗୀ ସେବାକୁ ପ୍ରାଧାନ୍ୟ ଦିଆଯାଉଛି। ଏପରି କି ମେଡିକାଲ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ କେତେକ କ୍ଷେତ୍ରରେ ତ୍ରୁଟି ଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଏସ୍‌ସିବିରେ ସୂଚନା ଫଳକ ଲଗାଯାଇ ନ ଥିବାରୁ ମଙ୍ଗଳବାର ଦୁରଦୂରାନ୍ତରୁ ଆସିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପ୍ରେସ୍‌କ୍ରିପ୍‌ସନ୍ ଧରି ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡ଼ାରୁ ଏସ୍‌ସିବି ମେଡିକାଲ ଆସିଥିବା କ୍ଷୀରୋଦ ସାହୁ କହିଛନ୍ତି, ଉନ୍ନତମାନର ଚିକିତ୍ସା ପାଇଁ ଏଠାକୁ ଆସିଛୁ। ହେଲେ ଦୀର୍ଘ ସମୟ ଧରି ଏଠାରେ ଲମ୍ବା ଧାଡିରେ ଛିଡା ହେବାକୁ ପଡୁଛି। ଏପରି କି କେଉଁଠି ରକ୍ତ ନମୁନା ସଂଗ୍ରହ ହେଉଛି, ତାହା ଜଣାପଡୁନାହିଁ। ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ବ୍ରହ୍ମପୁରରୁ ଆସିଥିବା ଯତୀନ ନାୟକ କହିଛନ୍ତି, ସ୍ତ୍ରୀଙ୍କ ଚିକିତ୍ସା ପାଇଁ ୨ ଦିନ ହେବ ଏସ୍‌ସିବିକୁ ଆସିଛି। ହେଲେ କେଉଁ ଆଉଟ୍‌ଡୋର ବାରି କେଉଁଦିନ ରହିଛି ତାହା ଜାଣି ହେଉନାହିଁ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ରୋଗୀ ସେବାକୁ ଗୁରୁତ୍ୱ ଦେଇ ଆଉଟଡୋର ବାରି ବଢାଯାଇଛି। ଆଉଟ୍‌ଡୋରରେ ରକ୍ତ ନମୁନା ସଂଗ୍ରହ ବ୍ୟବସ୍ଥା କରାଯାଇଛି। ଟୁଇଟର୍ ଓ ଗଣମାଧ୍ୟମରେ ଏନେଇ ସମସ୍ତ ତଥ୍ୟ ଦିଆଯାଇଛି। ମେଡିକାଲ ପରିସରରେ ମଧ୍ୟ ତଥ୍ୟ ଦିଆଯାଉଛି। ଯଦି ରୋଗୀ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ତେବେ ଏହି ସୂଚନା ଫଳକକୁ ପୁନର୍ବାର ଲଗାଯିବ। ଆଗାମୀ ଦିନରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ ଡିସେମ୍ବର ୧ରୁ ଏସ୍‌ସିବି ମେଡିକାଲରେ ନେଫ୍ରୋଲୋଜି, ହେମାଟୋଲୋଜି, ପ୍ଲାଷ୍ଟିକ ସର୍ଜରୀ, କାର୍ଡିଓଥେରାସିସ, ରୁମାଟୋଲୋଜି, ଗ୍ୟାଷ୍ଟ୍ରୋ ସର୍ଜରୀ, ହେପାଟୋଲୋଜି, ଏଣ୍ଡୋକ୍ରାଇନ ସର୍ଜରୀ ଆଦି ସୁପର ସ୍ପେଶାଲ ଆଉଟଡୋର ବାରି ସପ୍ତାହରେ ୨ ଦିନ ବଦଳରେ ୩ ଦିନ କରାଯାଇଛି। ପୂର୍ବରୁ ଇନ୍‌ଡୋରରେ ରକ୍ତ ନମୁନା ସଂଗ୍ରହ ପାଇଁ ବ୍ୟବସ୍ଥା ଥିଲା। ହେଲେ ୨୦୨୩ ନଭେମ୍ବର ୧୭ରୁ ଆଉଟ୍‌ଡୋରରେ ଏହି ବ୍ୟବସ୍ଥା କରାଯାଇଛି। ନୂଆ ସ୍ଥାନ ବାବଦରେ ରୋଗୀ ଅବଗତ ନ ଥିବାରୁ ପୂର୍ବରୁ ନମୁନା ସଂଗ୍ରହ ହେଉଥିବା କାଉଣ୍ଟର ପାଖରେ ପହଞ୍ଚୁଛନ୍ତି।

ବିଜେଡି ପକ୍ଷରୁ ପରିବାର ସମ୍ପର୍କ ପଦଯାତ୍ରା

ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ବାହାରିଥିବା ପରିବାର ସମ୍ପର୍କ ପଦଯାତ୍ରା।

କଟକ,୩୦।୧(ଶିଳ୍ପୀ ପ୍ରିୟଦର୍ଶିନୀ)

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ପରିବାର ସମ୍ପର୍କ ପଦଯାତ୍ରା ମହାନଦୀ ବିହାର ଅଞ୍ଚଳରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାକୁ ବିଧାୟକ ସୌଭିକ୍ ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ମହାନଗର ନିଗମ, ଚୌଦ୍ୱାର ପୌରପାଳିକାର ସମସ୍ତ ୱାର୍ଡ ଓ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କର୍ମୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟୀ ମେୟର ଦମୟନ୍ତୀ ମାଝି, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଜିଲା କମିଟି ସଦସ୍ୟ ପ୍ରଶାନ୍ତ ନାୟକ, କର୍ପୋରେଟର ଇଂ. ସୁବ୍ରତ ଘଡାଇ, ପ୍ରଳୟା ବେଉରା, ଦିପ୍ତୀମୟୀ ମୁଲିଆ, ଦିଲ୍ଲୀପ ସାହୁ, ସଂଖ୍ୟାଲଘୁ ସେଲ୍‌ର ସାଧାରଣ ସମ୍ପାଦକ ମହମ୍ମଦ ଫରିଦ, ପୂର୍ବତନ କର୍ପୋରେଟର ବିଜୟ ସାହୁ ଉପସ୍ଥିତ ଥିଲେ।

କଟକ କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ

କଟକ,୩୦।୧(କାର୍ତ୍ତିକ ସାହୁ)

ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଓଡ଼ିଆ ଭାଷା ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ ସହିତ ଜଡ଼ିତ ଏବଂ ଏହାର ମହତ୍ତ୍ୱ ପ୍ରତିପାଦନ କ୍ଷେତ୍ରରେ ଓଡ଼ିଆ ବିଶ୍ୱ ସମ୍ମିଳନୀର ଭୂମିକା ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡ. ସତ୍ୟ ରାୟ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଆଦିତ୍ୟ ପ୍ରତାପ ଧଳ, ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇଥିଲେ। ଅଧ୍ୟକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକ ପୌରହିତ୍ୟ କରିଥିବାବେଳେ ଅଧ୍ୟାପକ ଡ. ଦେବ ପ୍ରସାଦ ପତି ମନ୍ତ୍ରପାଠ କରିଥିଲେ। ଅଧ୍ୟାପକ ମଣ୍ଟୁ ଚରଣ ଜେନା ଅତିଥି ପରିଚୟ ଦେଇଥିଲେ। ନୋଡାଲ ଅଫିସର ଡ. ଅମିତାରାଣୀ ଜେନା ଓ ଅଧ୍ୟାପିକା ଡକ୍ଟର ବିନତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ପ୍ରିୟଦର୍ଶିନୀ ଡାକୁଆ, ଡ. ରୂପାଲୀ ମଧୁସ୍ମିତା ଓ ନିରୂପମା ଚୌଧୁରୀ ସହଯୋଗ କରିଥିଲେ।

କାର୍ଯ୍ୟରେ ଯୋଗଦେଲେ ଜିଲାପାଳ ବିନୀତ ଭରଦ୍ୱାଜ

କଟକ,୩୦।୧ (କାର୍ତ୍ତିକ ସାହୁ)

ବିନୀତ ଭରଦ୍ୱାଜ

କଟକର ନୂତନ ଜିଲାପାଳ ଭାବେ ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ବିନୀତ ଭରଦ୍ୱାଜ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଜିଲାପାଳ ନରହରି ସେଠୀଙ୍କଠାରୁ ସେ ସୋମବାର ରାତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାର ବରିଷ୍ଠ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନୂତନ ଜିଲାପାଳଙ୍କୁ ସାକ୍ଷାତପୂର୍ବକ ଶୁଭେଚ୍ଛା ଜଣାଇଛନ୍ତି। ଜିଲାପାଳ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ ସହ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଜିଲାପାଳ ଭରଦ୍ୱାଜ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ମତ ବିନିମୟ କରି ଲୋକଙ୍କ ଆସ୍ଥାଭାଜନ ହେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ଜନସାଧାରଣଙ୍କ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକକ ବାତାୟନ ପ୍ରକୋଷ୍ଠ ଖୋଲିବାକୁ ସେ ମତବ୍ୟକ୍ତ କରିଛନ୍ତି। ଆଗାମୀ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ କରିବା ନିମନ୍ତେ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଆଧୁନିକ ପ୍ରଯୁକ୍ତି ସହ ତାଳ ଦେଇ ନିଜକୁ ଅଧୁନାତନ କରିବା ନିମନ୍ତେ ସେ କହିଛନ୍ତି। ଠିକ୍ ସମୟରେ କାର୍ଯ୍ୟାଳୟରେ ଫାଇଲଗୁଡିକର କାର୍ଯ୍ୟ ଶେଷ କରିବା ନିମନ୍ତେ ପ୍ରୟାସ ଜାରି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସିଡିଏରେ ଉଠାଦୋକାନୀଙ୍କ ଉଚ୍ଛେଦକୁ ବିରୋଧ

କଟକ,୩୦।୧ (କାର୍ତ୍ତିକ ସାହୁ)

୨୦୧୪ ଉଠାଦୋକାନୀ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉ

ସିଡିଏ ସେକ୍ଟର-୬ ଅଞ୍ଚଳରେ ଅନେକ ବର୍ଷ ଧରି ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବାରମ୍ବାର ଉଚ୍ଛେଦ କରାଯାଇ ମାନସିକ ନିର୍ଯାତନା ଦିଆଯାଉଛି। ସେମାନଙ୍କୁ ଭେଣ୍ଡର କାର୍ଡ ଦିଆଯାଇଥିଲେ ବି ଭେଣ୍ଡିଂ ଜୋନ୍‌ରେ ଥଇଥାନ କରାଯାଇନାହିଁ। କୌଣସି ସୂଚନା ନ ଥାଇ ସିଡିଏ କର୍ତ୍ତୃପକ୍ଷ ପୁଣି ମଙ୍ଗଳବାର ଜେସିବି ଓ ଟ୍ରାକ୍ଟର ଲଗାଇ ପୋଲିସ ସହାୟତାରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିଛନ୍ତି। ଏହି ସମୟରେ କଟକ ଉଠାଦୋକାନୀ ସଂଘର ସଦସ୍ୟମାନେ ବିରୋଧ କରିଥିଲେ। ସିଡିଏ ଅଧିକାରୀ ଓ ଉଚ୍ଛେଦକାରୀଙ୍କ ସହ ବ୍ୟବସାୟୀମାନଙ୍କର ଧସ୍ତାଧସ୍ତି ହୋଇଥିଲା। ମହାସଂଘର ସଭାପତି ଅମରେନ୍ଦୁ ମହାନ୍ତି, ମର୍କତନଗର ପୂଜ୍ୟପୂଜା ପରିଷଦର କେନ୍ଦ୍ରୀୟ ସଭାପତି ପ୍ରଫେସର ଜ୍ଞାନଗୁରୁ ଦାସ, ରେଭେନ୍‌ଶା କଲେଜର ପୂର୍ବତନ ସଭାପତି ତପନ କୁମାର ମିଶ୍ର, କେନ୍ଦ୍ରାପଡ଼ା କଲେଜର ପୂର୍ବତନ ସଭାପତି ବିକ୍ରମ ଦାଶ, ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚ କଟକ ଜିଲା ସଭାପତି ବିଶ୍ୱପ୍ରକାଶ ଦାଶ, ସାମାଜିକ କର୍ମୀ ପ୍ରତାପ କୁମାର ନାୟକ ଉଚ୍ଛେଦକୁ ବିରୋଧ କରିଛନ୍ତି। ୨୦୧୪ ଉଠାଦୋକାନୀ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ଥଇଥାନର ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରିଛନ୍ତି। ପ୍ରତିଶ୍ରୁତି ଅନୁସାରେ ଥଇଥାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

୧୩ ଭାଙ୍ଗିଲା, ୧୪ ଛାଡ଼ିଲା

ମଙ୍ଗୁଳି-ଜଗତପୁର,୩୦।୧(ମାନସ ସାମଲ)

ଜବରଦଖଲ ଉଚ୍ଛେଦରେ ତହସିଲର ପାତର ଅନ୍ତର

ଚୌଦ୍ୱାର ପୌରପାଳିକା ଅଧୀନ ୧୦ନଂ. ୱାର୍ଡ ଟେନାମେଣ୍ଟ କଲୋନୀରେ ଜବର ଦଖଲ ଉଚ୍ଛେଦବେଳେ ତହସିଲ ପଖରୁ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କଲୋନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପୁନଃ ମାପଚୁପ କରି ଜବରଦଖଲରେ ଥିବା ଅନ୍ୟ ଘରଗୁଡିକୁ ଭାଙ୍ଗିବା ପାଇଁ ଦାବି ହୋଇଛି। ଏନେଇ ମଙ୍ଗଳବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଲେବର ଟେନାମେଣ୍ଟ କଲୋନୀରେ ଦୀର୍ଘବର୍ଷ ଧରି ଅନେକ ଲୋକ ବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣ ବେଆଇନ ଭାବେ ରାସ୍ତା, ଗଳିକୁ ଜବରଦଖଲ କରି ଘର ଏବଂ ପାଚେରୀ ନିର୍ମାଣ କରୁଥିଲେ। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଉଚ୍ଛେଦ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୨୪ ତାରିଖରେ ତହସିଲ ପକ୍ଷରୁ ୨୭ ଜଣଙ୍କ ମଧ୍ୟରୁ ୧୩ ଜଣ ଘର ଭାଙ୍ଗି ଦିଆଯାଇଥିଲା। ଅପରପକ୍ଷରେ ଏବେସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଲୋକ ବେଆଇନ ଭାବେ ରାସ୍ତାକୁ ମାଡି ଘର ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ସେଥିପାଇଁ ପୁନଃ ମାପଚୁପର ଆବଶ୍ୟକତା ରହିଛି ବୋଲି କଲୋନୀ ବାସିନ୍ଦା ନନ୍ଦନ ଦାସ, କୈଳାସ ଚନ୍ଦ୍ର ଦା

ସଂକ୍ଷେପରେ

ବିଭିନ୍ନ ସ୍ଥାନରେ ଗାନ୍ଧୀ ମହାପ୍ରୟାଣ ଦିବସ

ବାଲକାଟୀ,୩୦।୧(ମନୋଜ ମଣ୍ଡଳ): ବାଲିଅନ୍ତା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧୀପୀଠ ପରିସରରେ ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କ ୭୬ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଓ ଗାନ୍ଧୀ ପଦଯାତ୍ରା ଟ୍ରଷ୍ଟର ମିଳିତ ସହଯୋଗରେ ବାଲିଅନ୍ତା ନିକୁଞ୍ଜବିହାରୀ ଗାନ୍ଧୀପୀଠ, ସ୍ଥାନୀୟ ମହାତ୍ମା ସେତୁ, ଟଙ୍କପାଣି ସେତୁ, ବାଲକାଟୀସ୍ଥିତ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀପୀଠରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବାଲିଅନ୍ତାସ୍ଥିତ ଗାନ୍ଧୀପୀଠରେ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ, ସାମାଜିକ କର୍ମୀ ସତ୍ୟପ୍ରିୟ ବେହେରା, ବିନୋଦ ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ପଣ୍ଡିତ ଶ୍ରୀଧର ଦାଶ, ଡ. ରାମଚନ୍ଦ୍ର ପଲାଇ, ସାଗର ତ୍ରିପାଠୀ, ଶିବଶଙ୍କର ମହାରଣା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ। ଅଧ୍ୟାପକ ପଲାଇଙ୍କୁ ଗାନ୍ଧୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଭୁବନପୁର, ସତ୍ୟଭାମାପୁର, ଗାନ୍ଧୀପୀଠ, ବଇଁଗୁଆ ଛକଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ବାଳକାଟୀସ୍ଥିତ ପ୍ରତାପ ଶାସନ ଉଚ୍ଚ ବାଳକ ବିଦ୍ୟାଳୟଠାରେ ଥିବା ଗାନ୍ଧୀପୀଠରେ ଏକ ସ୍ମୃତି ସଭାର ଆୟୋଜନ ହୋଇଥିଲା। ଗାନ୍ଧୀ ପଦଯାତ୍ରା ଟ୍ରଷ୍ଟ ସଭାପତି ମନୋଜ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପର୍ବତ ଆରୋହୀ ସିଦ୍ଧାର୍ଥ ରାଉତରାୟ ଉପସ୍ଥିତ ଥିଲେ। ମୁଖ୍ୟ ଟ୍ରଷ୍ଟି ଆଇନଜୀବୀ ଉପେନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ସୁବ୍ରତ ମହାନ୍ତି, ଭାଗ୍ୟଧର ନନ୍ଦୀ, ନଳିନୀ ବେହେରା, ହରେକୃଷ୍ଣ ଦାଶ, ସୁଲୋଚନା ଭୋଇ, ଦୀନବନ୍ଧୁ ଭୋଇ, ତପସ୍ୱିନୀ ମିଶ୍ର, ଆର୍ତ୍ତ କାଣ୍ଡି, ସୁଜିତ ବେହେରା, ସୁରେଶ ଦାସ ଉପସ୍ଥିତ ଥିଲେ।

ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ

ପୁରୁଣା ଭୁବନେଶ୍ୱର, ୩୦।୧ (ସୁବାସ ଚନ୍ଦ୍ର ପ୍ରଧାନ): ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ ଓ ବାର୍ଷିକ ବନ୍ଧୁମିଳନ ଉତ୍ସବ ମଞ୍ଚର ଡେ-କେୟାର ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ ସହିତ ସଭାପତିଙ୍କ ଦ୍ୱାରା ନାଗରିକ ମଞ୍ଚର ପତାକା ଉତ୍ତୋଳନ କରାଯାଇଥିଲା। ପରେ ସ୍ଥାନୀୟ କଳାକାର ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ କାମଦେବ ରଣସିଂହ, ସଭାପତି ଗଣେଶ ପ୍ରଧାନ, ଉପଦେଷ୍ଟା ଗୋଲକ ବିହାରୀ ନାୟକ, ଯୁଗ୍ମ ସମ୍ପାଦକ ମଧୁସୂଦନ ସାଇଁ, ପ୍ରତିଷ୍ଠାତା ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର, ପୂର୍ବତନ ସଭାପତି ମଦନ ମୋହନ ଦାଶ, ପୂର୍ବତନ ସମ୍ପାଦକ ବାଇଧର ପାତ୍ର, ପୃଷ୍ଠପୋଷକ ସଭ୍ୟ ମାନସ ରଞ୍ଜନ ପଟ୍ଟନାୟକ, ଶଙ୍କର ସାହୁ, ସନତ ମିଶ୍ର, ସୁଧାଂଶୁ ହରିଚନ୍ଦନ, ସ୍ଥାନୀୟ କର୍ପୋରେଟର ଶିବନାରାୟଣ ରାୟ, ସାମ୍ବାଦିକ ଅଜିତ ଶତପଥୀ ଓ ସୁବାସ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ସଭାପତି ସାଧାରଣ ଅଧିବେଶନ ଓ ବନ୍ଧୁମିଳନ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶଙ୍କର ସାହୁ ଅନୁଷ୍ଠାନର ସଂଶୋଧିତ ସମ୍ବିଧାନ ଚିଠା ଉପସ୍ଥାପନ କରିଥିଲେ। ପଦ୍ମନାଭ ଷଡ଼ଙ୍ଗୀ, ବିଷ୍ଣୁଚରଣ ପ୍ରଧାନ, ଶଙ୍କର ମହାପାତ୍ର, ପ୍ରଦିପ୍ତ ଦାସ, ବସନ୍ତ ନାୟକ, ବନବିହାରୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦୃଷ୍ଟିହୀନ ବ୍ୟବସାୟୀଙ୍କୁ ଉଠାଇନେଲା ବିଏମ୍‌ସି

ଭେଣ୍ଡିଂଜୋନ୍ ପାଇବା ଦାବିରେ ଆମରଣ ଅନଶନରେ ଥିଲେ

ଆନ୍ଦୋଳନ ସ୍ଥଳରୁ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ବଳପୂର୍ବକ ଟାଣି ଘୋଷାରି ଉଠାଇ ନିଆଯାଉଛି।

ଭୁବନେଶ୍ୱର, ୩୦।୧ (ବନ୍ଦନା ସେଠୀ)

୬ଦିନ ଧରି ଶୀତ କାକରରେ ବିଏମ୍‌ସି ମୁଖ୍ୟାଳୟ ଆଗରେ ଆମରଣ ଅନଶନରେ ବସିବା ପରେ ଶେଷରେ ମଙ୍ଗଳବାର ଦୃଷ୍ଟିହୀନ ବ୍ୟବସାୟୀଙ୍କୁ ବଳପୂର୍ବକ ଉଠାଇ ନେଇଛି ବିଏମ୍‌ସି। ନିଜ ଅଧିକାର ପାଇଁ ଲଢେଇ କରିବାକୁ ଆସି ହାର୍ ମାନିଛନ୍ତି ଦିବ୍ୟାଙ୍ଗ ବ୍ୟବସାୟୀ। ବିଏମ୍‌ସି ଅଭିଯୋଗ ଶୁଣି ସମାଧାନ ବଦଳରେ କର୍ମଚାରୀ ଲଗାଇ ଅତ୍ୟାଚାର କରିଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ଥାନାନ୍ତର ବାହାନାରେ ବିଏମ୍‌ସିର ଟିମ୍ ସାଇନ୍ କର୍ମଚାରୀ ଓ ବିଏମସି ଦ୍ୱାରା ପରିଚାଳିତ ସଂସ୍ଥା ଓଡ଼ିଶା ପତିତ ଉଦ୍ଧାର ସମିତି କର୍ମକର୍ତ୍ତା ଯେଉଁଭଳି ଭାବେ ଏହି ଦୃଷ୍ଟିହୀନ ଆନ୍ଦୋଳନକାରୀଙ୍କୁ ଟଣାଓଟରା କରିବା ସହ ଜୋର୍ ଜବରଦସ୍ତ ଟେକିଟେକି ଗାଡ଼ି ଭିତରକୁ ନେଇଥିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ୧୮ଜଣ ବ୍ୟବସାୟୀ ଧାରଣା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ସନ୍ୟାସୀ ବେହେରା, ଅକ୍ଷୟ ପ୍ରଧାନ, ରମେଶ ମହାପାତ୍ର ଏବଂ ରାଜୀବ ସାହୁଙ୍କୁ ଏହି ଘରୋଇ ସଂସ୍ଥା କୁଆଡେ ନେଲା ତାକୁ ନେଇ ଅନ୍ୟ ବ୍ୟବସାୟୀମାନେ ଦ୍ୱନ୍ଦ୍ୱରେ ଥିବା କହିଛନ୍ତି। ଅପରପକ୍ଷେ ଶୀତ କାକରରେ ବସି ରହିବା ଦ୍ୱାରା ସେମାନଙ୍କ ଦେହ ଖରାପ ହେବାର ଆଶଙ୍କା ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସଫେଇ ଦେଇଛନ୍ତି। ନ୍ୟାୟ ପାଇଁ ବିଏମ୍‌ସି ମୁଖ୍ୟାଳୟ ଆଗରେ ଧାରଣା ଦେବା ପାଇଁ ଡିସିପି ଅଫିସ୍‌ରୁ ଅନୁମତି ଆଣିଥିବା ସତ୍ତ୍ୱେ ବିଏମ୍‌ସିର ଏଭଳି ପଦକ୍ଷେପକୁ ନେଇ ସମ୍ପୃକ୍ତ ଦିବ୍ୟାଙ୍ଗ ବ୍ୟବସାୟୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦିବ୍ୟାଙ୍ଗ ବ୍ୟବସାୟୀ ବଂଶୀଧର ପ୍ରଧାନ କହିଛନ୍ତି, ସନ୍ଧ୍ୟାବେଳେ କିଛି ଲୋକ ହଠାତ୍ ଆସି ଏଠି ତମେମାନେ ବସିପାରିବ ନାହିଁ, ତୁରନ୍ତ ଏଠୁ ଉଠିଯାଅ ବୋଲି କହିଲେ। ଆମେ ମନା କରିବା ପରେ ଜୋର୍ କରି ଆମକୁ ଟେକିନେଲେ। ଆମେ ଯେତେ ନେହୁରା ହେଲୁ ଶୁଣିଲେନି। ଆମର ୪ଜଣ ଭାଇଙ୍କୁ କୁଆଡ଼େ ନେଇ ଯାଇଛନ୍ତି। ଏବେ ଆମେ କ'ଣ କରିବୁ ବୋଲି କହିବା ସହ କାନ୍ଦି ପକାଇଥିଲେ। ସେହିପରି ସେମାନଙ୍କ ପାଇଁ କାମ କରୁଥିବା ଅନ୍ତର୍ଜାତୀୟ ମାନବାଧିକାର ପ୍ରୋଟେକ୍ସନ କାଉନ୍‌ସିଲର ଆରତି ମହଲା କହିଛନ୍ତି, ବିଏମ୍‌ସିର କଥାକଥିତ ଗୁଣ୍ଡାମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିବା ଦୃଷ୍ଟିହୀନ ବ୍ୟବସାୟୀଙ୍କୁ ବାଡ଼େଇବା ସହ ଜବରଦସ୍ତ ଉଠାଇ ନେଇଛନ୍ତି। ଏହା ସମ୍ପୂର୍ଣ୍ଣରୂପେ ମାନବାଧିକାର ଆଇନ୍‌ର ଉଲ୍ଲଂଘନ। ଏନେଇ ସେ ଥାନାରେ ଏତଲା ଦେବେ ବୋଲି ସୂଚନା ଦେଇଛନ୍ତି।

ଜନଗହଳିପୂର୍ଣ୍ଣ ସ୍ଥାନରେ ସ୍ଥାୟୀ ଭାବେ ଥଇଥାନ ଦାବି

୩ମାସ ମଧ୍ୟରେ ଦୃଷ୍ଟିହୀନ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରିବ ବୋଲି ୨୦୨୨ ଅଗଷ୍ଟରେ ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ମାତ୍ର କଣ୍ଟ ପୁରି ବର୍ଷେ ବିତି ଯାଇଥିଲେ ବି ଭେଣ୍ଡିଂ ଜୋନ୍ ତ ଦୂରର କଥା ଅସ୍ଥାୟୀ ଭାବେ ଏକ ସୁରକ୍ଷିତ ସ୍ଥାନ ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇ ପାରିନାହିଁ। ମାର୍କେଟ ବିଲ୍ଡିଂସ୍ଥିତ ପାର୍କିଂ ପଛପଟେ ଦିଆଯାଇଥିବା ଜାଗାକୁ ଲୋକମାନେ ଆସୁ ନ ଥିବାରୁ ସେମାନଙ୍କର ବେପାର ହେଉନାହିଁ। ପୁଣି ଖୋଲା ସ୍ଥାନରେ ଦୋକାନ କରୁ ଥିବାରୁ ସୁରକ୍ଷା ନେଇ ସମସ୍ୟା ହେଉଛି। ତେଣୁ ମାର୍କେଟ ବିଲ୍ଡିଂ ଭଳି ଅନ୍ୟ କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରେ ସେମାନଙ୍କୁ ସ୍ଥାୟୀ ଭାବେ ଥଇଥାନ କରିବା ଦାବିରେ ଜାନୁଆରୀ ୨୫ରୁ ବିଏମ୍‌ସି ମୁଖ୍ୟାଳୟ ଆଗରେ ଧାରଣା ଦେଇଥିଲେ।

୨ଥର ଆଲୋଚନା ପରେ ବି ବିଫଳ

ଧାରଣା ଦେବାର ୬ଦିନ ମଧ୍ୟରେ ବିଏମ୍‌ସିର ଡେପୁଟି କମିଶନର (ମାର୍କେଟ) ଅଶୋକ ଲେଙ୍କା ୨ଥର ସମ୍ପୃକ୍ତ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, ମାର୍କେଟ ବିଲ୍ଡିଂରେ ବହୁ ଚେଷ୍ଟା ପରେ ଉଠାଦୋକାନୀ ହଟିଛନ୍ତି। ପୁଣିଥରେ ଏମାନଙ୍କୁ ସେଠାରେ ଥଇଥାନ କରିବା ସମ୍ଭବ ନୁହେଁ। ଅପରପକ୍ଷେ ମାର୍କେଟବିଲ୍ଡିଂ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଜାଗା ଦେଲେ ଏହି ବ୍ୟବସାୟୀମାନେ ରାଜି ହେଉ ନ ଥିବାରୁ ଆଲୋଚନା ବିଫଳ ହୋଇଥିବା କମିଶନର ସୂଚନା ଦେଇଛନ୍ତି।

ବିଦେଶରେ ସ୍କ୍ରିନିଂ ଆରମ୍ଭ କଲା ପ୍ରଥା

ଭୁବନେଶ୍ୱର,୩୦।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ର ପ୍ରଥା ପ୍ରଥମ ଓଡ଼ିଆ ଫିଲ୍ମ ଭାବେ ବିଦେଶରେ ରିଲିଜ ହୋଇ ବ୍ୟବସାୟ ଆରମ୍ଭ କରିଛି। ରବିବାର ଆମେରିକାର କନେକଟୀକଟ ରାଜ୍ୟର ହାର୍ଟଫୋର୍ଡ଼ ସହରର ଆପେଲ ସିନେମା ରେ ପ୍ରଦର୍ଶିତ ହୋଇ ବ୍ୟବସାୟିକ ସଫଳତା ପାଇଛି। ସକାଳଠାରୁ ପ୍ରବଳ ତୁଷାରପାତ ସତ୍ତ୍ୱେ ୩୦ରୁ ୩୫ ଓଡ଼ିଆ ଦର୍ଶକ ଘରୁ ବାହାରି ସିନେମାଟିକୁଦେଖି ଭଲ ପାଇବା ଦେଇଛନ୍ତି। ସିନେମାଟି ଆମେରିକାର ଅନ୍ୟ ସହରରେ ଏବଂ କାନାଡ଼ାର ଟରୋନଟୋ ସହରରେ ପ୍ରଦର୍ଶିତ ହେବାର ଯୋଜନା ରହିଛି। ଦର୍ଶକ ଫିଲ୍ମକୁ ପ୍ରଶଂସା କରିବା ସହ ଫିଲ୍ମର ନିର୍ମାତାଙ୍କୁ ଅଶେଷ ଧନ୍ୟବାଦ ଦେଇଛନ୍ତି । ତେବେ ପ୍ରଥା ପରେ ମଧ୍ୟ ରିଲିଜ ହେଉଥିବା ଓଡ଼ିଆ ଚଳଚ୍ଚିତ୍ର ବିଦେଶକୁ ଯାଇପାରିବ ଆଉ ଭଲ ବ୍ୟବସାୟ କରି ପାରିବାର ଆଶା ଦେଖାଇଛି ଏହି ସିନେମା। ପ୍ରେକ୍ଷାଳୟ ଅସୁବିଧାଠୁ ନେଇ ବ୍ୟବସାୟ ସବୁ ଦୂର ହୋଇପାରିବ। କେବଳ ଓଡ଼ିଶା ନୁହେଁ ଏବେ ପୁରା ଦେଶ ଓ ବିଦେଶରେ ମଧ୍ୟ ଓଡ଼ିଆ ଫିଲ୍ମ ପ୍ରଦର୍ଶିତ ହେବ। ବିଦେଶ ବିତରଣ କମ୍ପାନୀ ଆର୍କିଭେଣ୍ଟସ ପ୍ରଡକସନ୍ସ ଓ ପ୍ରଭୁଦତ୍ତ ମହାନ୍ତି, ସୌଦାମିନୀ ମଲ୍ଲିକ, ଅକ୍ଷୟ ମହାନ୍ତି, ଡିଏସ ବେହେରା ଏବଂ ସଞ୍ଜୟ ଦଲାଇଙ୍କ ସହଯୋଗରେ ବିଦେଶରେ ପ୍ରଦର୍ଶିତ ହେଇପାରିବ ଓଡିଆ ଫିଲ୍ମ। ଏକା ସମୟରେ ଓଡ଼ିଶା ସହ ଦେଶର ଅନ୍ୟ ସହର ଓ ବିଦେଶରେ ମଧ୍ୟ ପ୍ରଦର୍ଶିତ ହେବ ଓଡ଼ିଆ ସିନେମା। ପାଖା ପାଖି ୩୦ରୁ ୪୦ ହଲରେ ରିଲିଜ ହେବ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି।

ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଶହୀଦ ଦିବସ

ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର,୩୦।୧ (ଶର୍ମିଷ୍ଠା ପାଣିଗ୍ରାହୀ))

ଅହିଂସାର ପ୍ରତୀକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସକୁ ରାଜ୍ୟସ୍ତରୀୟ ଶହୀଦ ଦିବସ ଭାବେ ମଙ୍ଗଳବାର ବିଧାନସଭା ପରିସରରେ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ପ୍ରମିଳା ମଲ୍ଲିକ, ଉପବାଚସ୍ପତି ସାଲୁଗା ପ୍ରଧାନ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା। ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀମାନେ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ...' ପରିବେଷଣ କରିଥିଲେ। ପୋଲିସବାହିନୀ ଦ୍ୱାରା ବୀର ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି ପରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ପୁଣି ତୋପଧ୍ୱନି କରାଯାଇଥିଲା । ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଙ୍ଗୀତ ବାଦନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବାଲିଅନ୍ତା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ବାଲିଅନ୍ତା,୩୦।୧(ନୀଳମାଧବ ସାହୁ): ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ନିମନ୍ତେ ମଙ୍ଗଳବାର ବାଲିଅନ୍ତା ପଞ୍ଚାୟତସ୍ତରୀୟ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇଥିଲା। ଘୋଡ଼ା ନାଚ ମାଧ୍ୟମରେ ଗାୟକ ଗୋପାଳ ବେହେରା ଓ ସାଥୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ବିଡିଓ ପବିତ୍ର ସାମଲ ଶିବିରକୁ ପରିଦର୍ଶନରେ ଆସି ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। ସରପଞ୍ଚ କୃଷ୍ଣ କେଶବ ଆପଟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ଜେନା ଓ ୱାର୍ଡ ସଦସ୍ୟାସଦସ୍ୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ଗୀତରେ ଗୀତରେ ଶୀତ

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୩୦।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ନିବେଦିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଗୀତରେ ଗୀତରେ ଶୀତ' ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ଅନନ୍ତ ନାରାୟଣ ଜେନା, ସାମାଜିକ ସୁରକ୍ଷା, ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଡ. ଏନ ଏନ ସ୍ୱାଇଁ, ଓୟୁଏଟିର ପୂର୍ବତନ ଡିନ୍ ଡ. ବୁଦ୍ଧଦେବ ମିଶ୍ର, ସମାଜସେବୀ ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଙ୍ଗୀତ ନିର୍ଦ୍ଦେଶକ ସିତାଂଶୁ ଶେଖର ରାଉତଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୌର ପଟ୍ଟନାୟକ, ବାବାଜି ଜେନା, ରବି ମହାପାତ୍ର, ରାଜୀବ, ବିଦ୍ୟାଧର, ପ୍ରତ୍ୟୁଷ,ସୋନାଲି, ସ୍ପନ୍ଦନିକା, ସୁଶ୍ରୀ, ଅଜୟ ମହାନ୍ତି, ହଂସନାଥ ମୁଦୁଲି ପ୍ରମିଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଦେବୀପ୍ରସାଦ ସାମନ୍ତରାୟ ଓ ଅନୁଷ୍ଠାନର ଅଧ୍ୟକ୍ଷା ମିନତୀ ମଲ୍ଲ ପରିଚାଳନା କରିଥିଲେ।

ପତାକା ଅବତରଣ ଉତ୍ସବ ଅବସରରେ ମଙ୍ଗଳବାର ଭୁବନେଶ୍ୱର ୭ମ ବାଟାଲିୟନ ପଡ଼ିଆରେ ପରିବେଷିତ ପୋଲିସ୍ ବ୍ୟାଣ୍ଡ।

ରଜନୀ ରଞ୍ଜନଙ୍କ ଶତକ ଯାତ୍ରାର ଉତ୍ସବ '୧୦୦ ନଟ୍ ଆଉଟ୍'

ଭୁବନେଶ୍ୱର,୩୦।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଲିଉଡ୍‌ର ସଂଳାପକାର ତଥା ଗୀତିକାର ଡ. ରଜନୀ ରଞ୍ଜନ ସଂଳାପ ରଚନା କ୍ଷେତ୍ରରେ ଶତକ ହାସଲ କରିଛନ୍ତି। ଏ ନେଇ ମଙ୍ଗଳବାର ଆର.ଆର. ଇଭେଣ୍ଟସ ଓ ନୃତ୍ୟ ପ୍ରତିଭା ତରଫରୁ ସାଂସ୍କୃତିକ ସମାବେଶ '୧୦୦ ନଟ୍ ଆଉଟ୍ ଡ. ରଜନୀ ରଞ୍ଜନ' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ମୋ କଲେଜ ଅଧ୍ୟକ୍ଷ ଅଭିନେତା ଆକାଶଦାସ ନାୟକ,

ସଂକ୍ଷେପରେ

ଟ୍ରାନ୍ସଫର୍ମରରେ ନିଆଁ ଲାଗି ଜଳୁଛି

ସାଲେପୁର,୩୦।୧(ଅରବିନ୍ଦ ଭୂୟାଁ)
ସାଲେପୁର–କୁଆଁପାଳ ରାସ୍ତା ପାର୍ଶ୍ୱ ହାଟ ନିକଟରେ ଥିବା ୫ଶହ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ମଙ୍ଗଳବାର ମଧ୍ୟାହ୍ନରେ ହଠାତ୍ ନିଆଁ ଲାଗି ଜଳିବାକୁ ଲାଗିଥିଲା। ଏହି ଟ୍ରାନ୍ସଫର୍ମରରେ ନିଆଁ ଲାଗିଥିଲେ ମଧ୍ୟ କୌଣସି ବଡ଼ଧରଣର ଦୁର୍ଘଟଣା ଘଟି ନାହିଁ। ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରାନ୍ସଫର୍ମରଟି ଜଳିବା ଫଳରେ ପ୍ରାୟ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଫଳରେ ସ୍ଥାନୀୟ ଜନସାଧାରଣ ବିଭିନ୍ନ ପ୍ରକାର ହନ୍ତସନ୍ତ ହୋଇଥିଲେ।

ଫିଲ୍‌ଟର୍ ଅଚଳ, ପାନୀୟଜଳରୁ ବଞ୍ଚିତ ଗ୍ରାମବାସୀ

କଣ୍ଟାପଡା, ୩୦।୧(ସୁରନାରାୟଣ ସାହୁ)
କଣ୍ଟାପଡା ପଞ୍ଚାୟତ ଅଧୀନ ଇଚ୍ଛାପୁରଠାରେ ଥିବା ଓଭରହେଡ୍ ପାଣି ଟାଙ୍କିର ଫିଲ୍‌ଟର ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ତିନୋଟି ଗ୍ରାମର ଜନସାଧାରଣ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଏହାର ମରାମତି ପାଇଁ ଗ୍ରାମବାସୀ ମଙ୍ଗଳବାର କଣ୍ଟାପଡା ବ୍ଲକ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଓଭର୍‌ହେଡ୍ ପାଣିଟାଙ୍କିରୁ ବାଇରୋଇ, ଇଚ୍ଛାପୁର ଓ ଶିଶୁଆ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ସଂଯୋଗ କରାଯାଇଛି। ଲୌହଯୁକ୍ତ ପାଣିକୁ ପରିଷ୍କାର କରାଯିବା ସହ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ଏଥିରେ ବହୁମୂଲ୍ୟ ଫିଲ୍‌ଟର ବ୍ୟବହାର କରାଯାଇଛି। ହେଲେ ଏହି ଫିଲଟର୍‌ଟି ଖରାପ ହୋଇଯାଇଛି। ଅପରପକ୍ଷେ ସକାଳ ଓ ସନ୍ଧ୍ୟା ସମୟରେ ନିୟମିତ ପାଣି ଚଳାଇବା, ରାତି ୧୧ଟା ପରେ ମନଇଚ୍ଛା ପାଣି ଛଡାଯାଇ ଏହାର ଅପବ୍ୟବହାରକୁ ରୋକିବା ଓ ସମସ୍ତ ସାହିକୁ ପାଣି ପହଞ୍ଚାଇବା ପାଇଁ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ କନିଷ୍ଠଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଅଜୟ କୁମାର ମିଶ୍ର କହିଛନ୍ତି, ଫିଲ୍‌ଟର ମରାମତି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ।

ଧାନ କିଣା ଦୁର୍ନୀତିର ସିବିଆଇ ତଦନ୍ତ ହେଉ

କଟକ,୩୦।୧(ଶିଳ୍ପା ପ୍ରିୟଦର୍ଶିନୀ)
ରାଜ୍ୟରେ ଧାନକିଣାରେ ଦୁର୍ନୀତି ହେଉଥିବା ନେଇ କଟକ ନଗର ଜିଲା ଭାଜପା କିଶାନ ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଜିଲା କିଷାନ ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧିମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି। ଧାନ କିଣା ଦୁର୍ନୀତିର ସିବିଆଇ ତଦନ୍ତ, ମଣ୍ଡିଗୁଡିକରେ ଥିବା ଅବ୍ୟବସ୍ଥା ଦୂର କରିବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ନିୟମିତ ମଣ୍ଡି ଖୋଲିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କିଷାନ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, ରଶ୍ମିରେଖା ଦାସ, ରତନ ମହାନ୍ତି, ସଂଗ୍ରାମ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

ବାଙ୍କୀ କଲେଜ ମହିଳା ଏନ୍‌ସିସି ଦଳ ପୁରସ୍କୃତ

ବାଙ୍କୀ,୩୦।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)
ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ବିଭାଗ ଏନ୍‌ସିସି ଦଳ ଯୋଗଦେଇ ଶ୍ରେଷ୍ଠସ୍ଥାନ ଅଧିକାର କରିଛି। ମୁଖ୍ୟଅତିଥି ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କଠାରୁ ଏନ୍‌ସିସି ଦଳ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଓ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମହିଳା ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପଟେନ୍ ସନ୍ଧ୍ୟାରାଣୀ ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ଦଳ ଶୃଙ୍ଖଳିତ ଭାବରେ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ।

ବିଦ୍ୟୁତ୍ ତାର ତଳେ ସ୍ଥାୟୀ ନିର୍ମାଣକୁ ନେଇ ମୁହାଁମୁହିଁ

ଥାନାରେ ଏତଲା

କଟକ ସଦର, ୩୦।୧(ସୁଶାନ୍ତ କୁମାର ଜେନା)
୪୨ ମୌଜା ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ବେଣ୍ଟକାରଠାରେ ୩୩ କେଭି ସବ୍ ଷ୍ଟେଶନକୁ ଲାଗି ଲାଇନ୍ ତଳେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରଯାଉଛି। ଏହାକୁ ନେଇ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ଏବଂ ଟିପିସିଓଡିଏଲ ମଙ୍ଗଳବାର ମୁହାଁମୁହିଁ ହୋଇଛନ୍ତି। କାରଣ ବିତରକ କମ୍ପାନୀକୁ ନ ପଚାରି ବିଦ୍ୟୁତ୍ ତାର ତଳେ ବ୍ଲକ କର୍ତ୍ତୃପକ୍ଷ ଏହି ବିଶ୍ରାମାଗାର ନିର୍ମାଣ କରୁଛନ୍ତି। ଏ ନେଇ ସମ୍ପୃକ୍ତ ବିଦ୍ୟୁତ୍ ସେକ୍ସନ୍‌ର ସହକାରୀ ପରିଚାଳକ ଦୀପକ କୁମାର ସାହୁ ୪୨ ମୌଜା ଥାନାରେ ଅଭିଯୋଗ କରିଛନ୍ତି। ଭାରତୀୟ ବୈଦ୍ୟୁତିକ ଆଇନ୍‌ର ଧାରା ୭୯, ୮୦, ୮୨(ଖ), ୧୪୦ ଅନୁଯାୟୀ ଉଚ୍ଚଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ପାଖରେ ସ୍ଥାୟୀ ନିର୍ମାଣ, ଗଛ ଲଗାଇବାକୁ ନିଷେଧ କରାଯାଇଛି। ତେଣୁ କାର୍ଯ୍ୟ ବନ୍ଦ କରିବା ପାଇଁ ଏତଲାରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ୨୦୧୯ ଜୁଲାଇ ୯ ତାରିଖରେ ଏହି ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମର ଛାତ୍ର ଶୁଭରାଜ ଆଚାର୍ଯ୍ୟ ଖୁଣ୍ଟକୁ ସ୍ପର୍ଶ କରିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଏଥିପାଇଁ ରାସ୍ତାରୋକ ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେହିଦିନ ମୃତଦେହ ସତ୍କାର ପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ ୧୦ ହଜାର ଓ ରେଡ୍‌କ୍ରସ ପାଣ୍ଠିରୁ ଜିଲାପାଳ ୧୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ଦେଇଥିଲେ। ତେଣୁ ବର୍ତ୍ତମାନ ବିଦ୍ୟୁତ୍ ବିତରଣ କମ୍ପାନୀ ଆଉ ରିସ୍କ ନେବା ପାଇଁ ଚାହୁଁ ନ ଥିବା କମ୍ପାନୀର ଜଣେ ବରିଷ୍ଠଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି। ଅଭିଯୋଗ ସମ୍ପର୍କରେ କଟକ ସଦର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ରାଜସ୍ୱ ବିଭାଗର ମୌଖିକ ନିର୍ଦ୍ଦେଶରେ କାମ କରାଯାଉଛି ବୋଲି କହିଥିଲେ। ଏତଲା ଦିଆଯାଇଥିଲା ସୁଦ୍ଧା ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି।

ବିଦ୍ୟୁତ୍ ଖୁଣ୍ଟ ତଳେ ନିର୍ମାଣାଧୀନ ଯାତ୍ରୀ ବିଶ୍ରାମାଗାର।

ପୋଲିସ ହାଇସ୍କୁଲ ପରିଦର୍ଶନ କଲେ ଆର୍‌ଡିସି

କଟକ,୩୦।୧ (କାର୍ତ୍ତିକ ସାହୁ)
କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରଞ୍ଜନ କୁମାର ଦାସ ମଙ୍ଗଳବାର ନିଜେ ପାଠ ପଢ଼ିଥିବା କଟକ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ସେଠାରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା ଆର୍‌ଡିସିଙ୍କୁ ସ୍ୱାଗତ କରିଥିଲେ। ପରେ ଆର୍‌ଡିସି ବିଦ୍ୟାଳୟର କାର୍ଯ୍ୟାଳୟ, ଷ୍ଟାଫ୍ କମନ୍ ରୁମ୍, ପାଠାଗାର, ଇ–ଲାଇବ୍ରେରୀ, ଶ୍ରେଣୀଗୃହ ଓ ଖେଳପଡିଆ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ 'ମୁଁ ଭବିଷ୍ୟତରେ କ'ଣ ହେବି' ଶୀର୍ଷକ ରଚନା ପ୍ରତିଯୋଗିତା କରିବାକୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ପିଲାଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ ସମ୍ୟକ୍ ଧାରଣା ହୋଇପାରିବ ବୋଲି ଆର୍‌ଡିସି କହିଥିଲେ। ଏଥିସହ ସେ ବିଦ୍ୟାଳୟର ଅଭାବ ଅସୁବିଧା ପଚାରି ବୁଝିଥିଲେ। ଏପରି କି ତାଙ୍କୁ ପଢ଼ାଇଥିବା ପୂର୍ବତନ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ସହ ତୁରନ୍ତ ଏ ବାବଦରେ କଥାବାର୍ତ୍ତା କରି ସମାଧାନ ନିମନ୍ତେ ପ୍ରଧାନଶିକ୍ଷୟିତ୍ରୀଙ୍କୁ କହିଥିଲେ। ଅପରପକ୍ଷରେ ଆର୍‌ଡିସି ସୋମବାର ରାତିରେ କଟକ ଚଣ୍ଡୀମନ୍ଦିର ପରିଦର୍ଶନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ(କେନ୍ଦ୍ରାଞ୍ଚଳ)ର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ମୁଦୁଲି, ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ନମିତା ଆଚାର୍ଯ୍ୟ, ମନୋଜ କୁମାର ମୁଲିଆ ପ୍ରମୁଖ ଉପସ୍ଥିତ ଥିଲେ।

ଆର୍‌ଡିସି ରଞ୍ଜନ କୁମାର ଦାସ ଛାତ୍ରୀଙ୍କ ସହ ବାର୍ତ୍ତାଳାପ କରୁଛନ୍ତି।

ଇଣ୍ଟରବାର କ୍ରିକେଟ୍: ଜିଲା ଜଜ୍ ଏକାଦଶ ବିଜୟୀ

କ୍ରିକେଟ୍ ଟର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି।

ସାଲେପୁର,୩୦।୧(ଅରବିନ୍ଦ ଭୂୟାଁ)
ସାଲେପୁର ବାର ଆସୋସିଏଶନ୍ ପକ୍ଷରୁ ୨ ଦିନ ଧରି ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଇଣ୍ଟରବାର କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଆନ୍ତଃ ଜିଲା ବାର ଆସୋସିଏଶନର ୮ ଦଳ ଭାଗ ନେଇଥିଲେ। ଫାଇନାଲ୍ ଖେଳ ଜିଲା ଜଜ୍ ଆସୋସିଏଶନ ଓ କଟକ ବାର ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ଏକାଦଶ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ୍ ହରାଇ ୧୦୪ ରନ କରିଥିଲା। ଜବାବରେ କଟକ ବାର ଆସୋସିଏଶନ ସମସ୍ତ ଉଇକେଟ ହରାଇ ୬୭ ରନ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାର ଆସୋସିଏଶନ ସଭାପତି ବିକ୍ରମ କେଶରୀ ବଳଙ୍କ ସଭାପତିତ୍ୱରେ ସାଲେପୁର କୋର୍ଟର ସହକାରୀ ଦୌରାଜଜ୍ ମଳୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ବିଜୟ କେତନ ନାୟକ, ଡ. ଅରୁଣୋଦୟ ମହାନ୍ତି, ଅମରେନ୍ଦ୍ର ନାରାୟଣ ଦାଶ, ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଡା. କିଶୋର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୁଇଦିନ ଧରି ଅନୁଷ୍ଠିତ ଖେଳକୁ ଶୈଳେନ୍ ଦେ, ସୁଧୀର ରଞ୍ଜନ ସେନାପତି, ଦେବପ୍ରସାଦ ମହାପାତ୍ର, ନୃସିଂହ ଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ କୁମାର ପ୍ରହରାଜ, ଦୀପ୍ତିମୟୀ ସାହୁ, ରବି ଅଲ୍ଲୀ, ତଫିକ୍ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ମାଣିଆବନ୍ଧ, ୩୦।୧ (ଅଖିଳ କୁମାର ସାହୁ)
ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ବିଜୟ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶୁଚିସ୍ମିତା ମହାନ୍ତି ଯୋଗଦେଇ ମାନସିକ, ଶାରୀରିକ, ଆର୍ଥିକ ଓ ବୌଦ୍ଧିକ କ୍ଷେତ୍ରରେ ସଶକ୍ତ ହେବା ସହ ସଚେତନତା ଜରୁରୀ ବୋଲି ଛାତ୍ରୀମାନଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଶିକ୍ଷଣ ଶିବିର ଜିଲା ସଂଯୋଜିକା ଅଧ୍ୟାପିକା ଡ. ପ୍ରିୟମ୍ବଦା ଦାଶ ଯୋଗଦେଇ ଶିବିରର ଉପକାରିତା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ, ଡ. ଦୀନେଶ ଦାସ, ଶ୍ରୀନିବାସ ବେଉରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ସଂଘମିତ୍ରା ପଣ୍ଡା ଧନ୍ୟବାଦ ଦେଇଥିଲେ।

ଗାନ୍ଧୀ ସ୍ମୃତିପୀଠରେ ପ୍ରାର୍ଥନା ସଭା

ଫୁଲନଖରା,୩୦।୧(ସତ୍ୟରଞ୍ଜନଦାସମହାପାତ୍ର):
ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧି ସ୍ମୃତିପୀଠରେ ପ୍ରାର୍ଥନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଜିଲାପାଳ ବିନୀତ ଭରଦ୍ୱାଜ, ଉପ ଜିଲାପାଳ କମଳଜିତ୍ ଦାସଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପଣ୍ଡିତ କୃଷ୍ଣ ପ୍ରସାଦ ପାଢ଼ୀ ଗୀତାପାଠ, ମହମ୍ମଦ ଚିଙ୍ଗୁଆନ କୋରାନ ପାଠ ଓ ସୌମେନ୍ଦ୍ର ପରିଡା ବାଇବେଲ ପାଠ କରିଥିଲେ। ଏହି ଅବସରରେ ସ୍ମୃତି ପୀଠ ପରିସରରେ ବୁଧବାରଠାରୁ ୪ ଦିନ ଧରି ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ମମତା ମହାନ୍ତି, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, କୌଶିକ୍ ଜେନା, ରାଜକୁମାରୀ ସ୍ୱାଇଁ, ପୀତବାସ ମହାପାତ୍ର, ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି ଉପସ୍ଥିତ ଥିଲେ।

ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ରାଷ୍ଟ୍ରଭାଷା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବିଶ୍ୱ ପାଇଁ ଗାନ୍ଧୀଙ୍କ ବିଚାରଧାରା ଆବଶ୍ୟକ

ତିଗିରିଆ,୩୦।୧(ଜାଫର ଖାଁ)
ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ଗାନ୍ଧୀ ପଡ଼ିଆଠାରେ ମଙ୍ଗଳବାର ତିଗିରିଆ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଲୋଚନାଚକ୍ରରେ ଅଧୁନା ଭାରତରେ ଗାନ୍ଧୀବାଦର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନା ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଯୁବ ବିଜେଡି ସଭାପତି ତୋଫାନ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗାନ୍ଧିବାଦୀ ନେତା ପ୍ରହ୍ଲାଦ ସିଂ ଯୋଗଦେଇ ଗାନ୍ଧୀଙ୍କ ହତ୍ୟାକାରୀ କାପୁରୁଷ, ଅହିଂସାକୁ ସମ୍ବିଧାନର ମୁଖବନ୍ଧ ରଖାଯାଉ, ବିଶ୍ୱ ପାଇଁ ଗାନ୍ଧୀ ବିଚାରଧାରାର ଆବଶ୍ୟକତା ଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମାନସ କୁମାର ବେହେରା ଯୋଗଦେଇ ଗାନ୍ଧୀ ହେଉଛନ୍ତି ଅସାଧାରଣ ଜ୍ଞାନର ଅଧିକାରୀ, ଗାନ୍ଧୀଙ୍କ ବିଚାରଧାରା ସମଗ୍ର ମାନବ ଜାତିର ମାନବୀୟତାର ପ୍ରତୀକ, ଗାନ୍ଧିବାଦୀ ନୀତି ଅବଲମ୍ବନ କଲେ ବିଶ୍ୱରେ ଅସ୍ଥିରତା ଦୂର ହେବ। ତିଗିରିଆ ବ୍ଲକ ଛାତ୍ର ବିଜେଡି ସଭାପତି ହିମାଂଶୁ ଶେଖର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ତିଗିରିଆ ବ୍ଲକ ଛାତ୍ର, ଯୁବ ବିଜେଡି ପକ୍ଷରୁ ଏକ ବାଇକ୍ ରାଲି ନୂଆପାଟଣାସ୍ଥିତ ମା' କଳାପାଟଙ୍କ ମନ୍ଦିରଠାରୁ ନିଜିଗଡ଼ସ୍ଥିତ ଗାନ୍ଧୀ ପଡ଼ିଆ ପର୍ଯ୍ୟନ୍ତ ଆସିଥିଲା। ସଭା ଆରମ୍ଭ ପୂର୍ବରୁ ଜାତିର ପିତାଙ୍କ ଉଦ୍ଦେଶ୍ୟରେ ସମୂହ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ଛାତ୍ର, ଯୁବକ, ମହିଳାଙ୍କ ସମେତ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ପୂର୍ବତନ ସମିତି ଅଧ୍ୟକ୍ଷା ରୂପା ଦଳେଇ, ସମସୁରା ବେଗମ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଗାନ୍ଧିଜୀଙ୍କ ଅହିଂସା ବିଶ୍ୱରେ ଆଦୃତି ଲାଭ କରିଛି

ଆଲୋଚନାଚକ୍ରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼, ୩୦।୧(ସତ୍ୟ ପ୍ରସାଦ ରଥ)
ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଓ ଶହୀଦ ଦିବସ ଉପଲକ୍ଷେ ଆଠଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍

ସଂକ୍ଷେପରେ

ତୁଳା ବୋଝେଇ ଟ୍ରକ୍‌ରେ ନିଆଁ

ନିରାକାରପୁର,୩୦।୧(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ନମ୍ବର ଜାତୀୟ ରାଜପଥର ବଡ଼ପୋଖରୀଆ ଛକ ନିକଟରେ ମଙ୍ଗଳବାର ଏକ ତୁଳା ବୋଝେଇ ଟ୍ରକ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବହୁ ତୁଳା ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ଏକ ଟ୍ରକ୍(ଡବ୍ଲୁବି-୨୩ଡି-୯୯୮୭) ତୁଳା ବୋଝେଇ କରି ରାୟଗଡାରୁ କୋଲକାତା ଅଭିମୁଖେ ଯାଉଥିଲା। ବଡ଼ପୋଖରିଆ ଛକ ନିକଟରେ ହଠାତ୍ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଚାଳକ ଜଣକ ରାସ୍ତାପାର୍ଶ୍ୱରେ ଗାଡ଼ି ରଖି ଚିତ୍କାର କରିଥିଲେ। ବଡପୋଖରୀଆ ଯୁବକସଂଘର ସଦସ୍ୟ ବାପି ଜେନା, ରବୀନ୍ଦ୍ର ବଳିୟାରସିଂ ପ୍ରମୁଖ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ଜେସିବି ସହାୟତାରେ ଅବଶିଷ୍ଟ ତୁଳାକୁ କଢ଼ାଯାଇ ଅନ୍ୟ ଏକ ଗାଡ଼ିରେ ପଠାଯାଇଛି।

ବିଜେଡିର ପରିବାର ସମ୍ପର୍କ ପଦଯାତ୍ରା

ବେଗୁନିଆ,୩୦।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଡ଼ମାଣତୀର, ଡିଙ୍ଗର ଓ କୁଞ୍ଜୁରୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ପଦଯାତ୍ରା ହୋଇଥିଲା। ଏଥିରେ ବିଜେଡିର ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ପାତ୍ର, ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜିଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବ୍ଲକ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ସାମାଜିକ ଗଣମାଧ୍ୟମ ପ୍ରତିନିଧି ବିରଞ୍ଚି ଜେନା, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟା ତନୁଜା ପାଟଶାଣୀଙ୍କ ସମେତ ସରପଞ୍ଚ,ସମିତିସଭ୍ୟାସଭ୍ୟ,ବ୍ଲକସ୍ତରୀୟ ମହିଳା ମହାସଂଘର ସଦସ୍ୟ ସାମିଲ ହୋଇଥିଲେ। ଦଳୀୟ କର୍ମୀ ଓ ମିଶନ ଶକ୍ତି ମହିଳାମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଦଳକୁ ସୁଦୃଢ଼ କରିବା ପାଇଁ ସଙ୍କଳ୍ପ ନେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

ଆଇ ଆମ୍ ୱେଟିଂ ଫର୍ ଡେଥ୍‌କୁ ନେଇ ରହସ୍ୟ ବଢୁଛି

ଖୋର୍ଦ୍ଧା,୩୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଚାଚେରା ଶବର ସାହି ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ ପରିସରରୁ ମଙ୍ଗଳବାର ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ସୁନାଖଳାର ସନ୍ଧ୍ୟାରାଣୀ ପାନସିଂ ଓରଫ ପୂଜା (୧୯)। ତେବେ ମୃତ୍ୟୁ ପୂର୍ବରୁ ପୂଜା ନିଜ ହ୍ୱାଟସଆପ୍ ଷ୍ଟାଟସରେ ଆଇ ଆମ୍ ୱେଟିଂ ଫର ଡେଥ୍ ଲେଖି କିଛି ଗୀତ ଓ ଭିଡିଓ ରଖିଥିବା ବେଳେ ତାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେହିପରି ସେ ନିଜ ସୋସିଆଲ ମିଡିଆ ସାଇଟରେ 'ମୋର ଖୁସି ଲେଖିକି ଏକ ଯୁବକଙ୍କ ସହ କିଛି ଫଟୋ ଛାଡିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ଚର୍ଚ୍ଚା ହେବା ସହ ରହସ୍ୟ ବଢ଼ିବାରେ ଲାଗିଛି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୨୬/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲ ପଠାଇଛି।

ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ସନ୍ଧ୍ୟାରାଣୀ ପାନସିଂ(ଫାଇଲ ଫଟୋ)

କ୍ଲିନିକ ପରିସରରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

- ଭିଡିଓ ଭାଇରାଲକୁ ନେଇ ଚର୍ଚ୍ଚା
- ହତ୍ୟା ମାମଲା ରୁଜୁ,ପୋଲିସର ତଦନ୍ତ ଜାରି

ଏସ୍‌ଡିପିଓ ଦିଲୀପ ଦାସ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ପୂଜାଙ୍କ ମୋବାଇଲ ଓ ଚାର୍ଜର ସମେତ କ୍ଲିନିକ ସିସିଟିଭିର ହାର୍ଡଡିସ୍କକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ମୁତାବକ, ପ୍ରାୟ ୭ମାସ ହେବ ପୂଜା ଉକ୍ତ କ୍ଲିନିକରେ ସହାୟିକା ଭାବେ କାମ କରୁଥିଲେ। ସୋମବାର ମଧ୍ୟ ସବୁଦିନ ପରି କାମ ସାରି ରୁମ୍‌କୁ ଆସିଥିଲେ। ରାତି ପ୍ରାୟ ସାଢେ ୮ଟାରେ ସହଯୋଗୀମାନେ ତଳେ ଥିବା ବେଳେ ସେ ରୁମ୍‌ରେ ଥିଲେ। କିଛି ସମୟ ପରେ ପୂଜାଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ସହଯୋଗୀମାନେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲା। ହେଲେ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ତେବେ ତାଙ୍କ ଝିଅକୁ କେହି ମାରି ଝୁଲାଇ ଦେଇଛି ବୋଲି ବାପା ଶରତ ପାସିଂହ ଥାନାରେ ଅଭିଯୋଗ କରିଛନ୍ତି। ସମସ୍ତ ଘଟଣାକୁ ତଦନ୍ତ ପରିସରକୁ ନିଆଯାଇ ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ଦାସ ସୂଚନା ଦେଇଛନ୍ତି।

ସୋସିଆଲ ମିଡିଆରେ ଅଶ୍ଳୀଳ କମେଣ୍ଟକୁ ନେଇ ଥାନାରେ ଏତଲା

ଟାଙ୍ଗୀ,୩୦।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଛଣଗିରି ଅଞ୍ଚଳରେ ଗତ ୨୨ ତାରିଖରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସ୍ଥାନୀୟ ମନ୍ଦିରରେ କେତେଜଣ ଯୁବକ ଦୀପଦାନ ସହ ପୂଜାର୍ଚ୍ଚନା କରିଥିଲେ। ଏହି ଦୀପ ଦାନ ଉତ୍ସବକୁ ସାମାଜିକ ଗଣମାଧ୍ୟମରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଅଶ୍ଳୀଳ କମେଣ୍ଟ କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ଏପରିକି ନୂଆ ଜଗନ୍ନାଥ ସଡ଼କ ଅବରୋଧ ହୋଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ୨୮ ତାରିଖରେ ଉଭୟ ପକ୍ଷରୁ ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷର ଏତଲାକୁ ଗ୍ରହଣ କରି ତଦନ୍ତ ଚଳାଇଛି।

'ଖୋର୍ଦ୍ଧାରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ହେଉ'

ଖୋର୍ଦ୍ଧା,୩୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବର୍ଦ୍ଧିତ ଜନସଂଖ୍ୟା ସହ ଯାନବାହନ ମଧ୍ୟ ବଢିଛି। ଦିନକୁ ଦିନ ସହରରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢାଇଲାଣି। ଖୋର୍ଦ୍ଧା-ନାୟଗଡ ରାସ୍ତା, ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ମାରୱାଡି ପଟି ଏବଂ ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ଦୈନିକ ଯାତାୟାତ ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ନୂଆ ବସଷ୍ଟାଣ୍ଡ, ଏକ ଶଫିଂ ମଲ୍ ନିକଟରେ ଟ୍ରାଫିକ ସମସ୍ୟା ବଢିଚାଲିଛି। ସହରର ଉଭୟ ପାର୍ଶ୍ୱରେ ଗଢି ଉଠିଥିବା ଦୋକାନ ବଜାରରେ ଲୋକଙ୍କ ଭିଡ ଜମୁଛି। ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଯାନବାହନ ପାର୍କିଂ ଯୋଗୁ ସମସ୍ୟା ହେଉଛି। ତେଣୁ ସହରରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଲାଗି ଖୋର୍ଦ୍ଧା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ୨୨ ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌରାଞ୍ଚଳରେ ଜନସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ଟପିଲାଣି। ସେହି ଅନୁପାତରେ ଦୋକାନ ବଜାର ସଂଖ୍ୟା ମଧ୍ୟ ବଢିଛି। ନୂଆ ବସଷ୍ଟାଣ୍ଡଠାରୁ ଟ୍ରାଫିକ ଛକ ମଧ୍ୟରେ ବଡ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ, ଘରୋଇ ଶିକ୍ଷାନୁଷ୍ଠାନ, ସରକାରୀ ସ୍କୁଲ, କାର୍ଯ୍ୟାଳୟ ଆଦି ରହିଛି। ତେବେ ସହରରେ ପାର୍କିଂ ସୁବିଧା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଏକାଧିକ ସ୍ଥାନରେ ସରକାରୀ ଜାଗା ରହିଛି। ଲୋକଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ପାର୍କିଂ ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଛାତ୍ର କଂଗ୍ରେସ ଜିଲା ସଭାପତି ସୌମ୍ୟରଞ୍ଜନ ବରାଳଙ୍କ ନେତୃତ୍ୱରେ ଏକାଧିକ ଛାତ୍ର ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୩୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ମଙ୍ଗଳବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଭାତ ମିଶ୍ର, ଅନୁଷ୍ଠାନ ସଭାପତି ଦିଲ୍ଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ସଦସ୍ୟ ଗୋପାଳ କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୨ ଜୁନରେ ଚକ୍ରବର୍ତ୍ତୀ ଏଠାରେ ଜିଲାପାଳ ଭାବେ ଯୋଗଦେଇଥିଲେ। ଏବେ ତାଙ୍କର ମିନେରାଲ ଓ ମାଇନ୍ସ ନିର୍ଦ୍ଦେଶକଭାବେ ବଦଳି ହୋଇଛି। ଦେଢ ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଅଭିବୃଦ୍ଧି, ଶ୍ରୀମନ୍ଦିର ପ୍ରଶାସନର ଖଣିଜ ସମ୍ପଦର ସୁରକ୍ଷା, ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ କ୍ଷେତ୍ରରେ ଚକ୍ରବର୍ତ୍ତୀଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ସଭାପତି ପଟ୍ଟନାୟକ କହିଛନ୍ତି।

ଚାନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ୨୧ ତମ ବାର୍ଷିକ ଉତ୍ସବରେ କୁନି ପିଲାଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ-ରଘୁନାଥ ସାହୁ)

ଗଣମାଧ୍ୟମ ବିନା ଗଣତନ୍ତ୍ର ଅସୁରକ୍ଷିତ

ଖୋର୍ଦ୍ଧା,୩୦।୧(ପ୍ରଭାତ ପାଣିଗ୍ରାହୀ)

ମାର୍ଗଦର୍ଶୀ ପତ୍ରିକାର ବାର୍ଷିକୋତ୍ସବ

ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ରହିପାରିବ ନାହିଁ। ଗଣମାଧ୍ୟମକୁ ୪ର୍ଥ ସ୍ତମ୍ଭର ମାନ୍ୟତା ମିଳିଛି। ତେବେ ବିଭିନ୍ନ ପ୍ରସଙ୍ଗକୁ ତର୍ଜମା କଲେ ଗଣମାଧ୍ୟମ ମଧ୍ୟ ସୁରକ୍ଷିତ ନୁହଁ। ଯିଏ ନିଜେ ସୁରକ୍ଷିତ ନୁହଁ ସେ କ'ଣ ସମାଜକୁ ସୁରକ୍ଷା ଦେବ ବୋଲି ମଙ୍ଗଳବାର ରୋଟାରି କ୍ଲବ ପରିସରରେ ସାପ୍ତାହିକ ପତ୍ରିକା 'ମାର୍ଗଦର୍ଶୀ'ର ବାର୍ଷିକ ଉତ୍ସବ ଓ ସମାଜ ସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ନିର୍ଭୀକ ଓ ସତ୍ୟ ଆଧାରିତ ସାମ୍ବାଦିକତା ଏବେ ସୁରକ୍ଷିତ ନୁହଁ। ବିଭିନ୍ନ ମିଥ୍ୟା କେସରେ ଫସିବା ସମ୍ଭାବନା ଅଧିକ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଏକ ସୁସ୍ଥ ସମାଜ, ରାଷ୍ଟ୍ର ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଓଡ଼ିଶା ଭାସ୍କର ଖବରକାଗଜର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ସାମ୍ପ୍ରତିକ ପରିସ୍ଥିତିରେ ସମାଜ ଓ ଗଣମାଧ୍ୟମର ଭୂମିକା ସମ୍ପର୍କରେ କହିଥିଲେ। ନିର୍ଭୀକ ଓ ସତ୍ୟ ଆଧାରିତ ଖବର ପରିବେଷଣ ଆଜିର ସମାଜରେ ଏକ ବଡ଼ ଆହ୍ୱାନ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଥିଲେ, ଗଣମାଧ୍ୟମ ଉପରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ଜନତାଙ୍କ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଥାଏ। ଅନ୍ୟତମ ଅତିଥିଭାବେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଯୋଗଦେଇ ଗଠନମୂଳକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଭଏସ ଅଫ୍ ମିଡିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର କହିଥିଲେ, ଗଣମାଧ୍ୟମ ବିନା ଗଣତନ୍ତ୍ର ସୁରକ୍ଷିତ ନୁହଁ। ଗଣ ଓ ତନ୍ତ୍ର ମଧ୍ୟରେ ଏହା ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିଥାଏ। କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ଜନମାନସର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ.ଚପଳା ପଣ୍ଡା ଅତିଥି ପରିଚୟ ଓ ଲକ୍ଷ୍ମୀଧର ବଡଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଖବରଦାତା ଦିଲୀପ ପଟ୍ଟନାୟକ, ପ୍ରଭାତ ମିଶ୍ର, ପ୍ରଦୀପ ବେହେରା ଓ ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ଛାତ୍ର ଜ୍ୟୋତିସ୍ମାନ ଭଟ୍ଟ, ପ୍ରତ୍ୟୁଷ ବଳବନ୍ତରାୟ, ସାଶ୍ୱତ ମହାପାତ୍ର ଓ ସଂଗ୍ରାମ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଛି। ପ୍ରଥମ ଅଧିବେଶନରେ ଡ.ନୀଳାଦ୍ରିନାଥ ଜଗଦେବଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଡ. ରଶ୍ମୀ କର ସଂଯୋଜନା କରିଥିଲେ। ଜ୍ୟୋତିପ୍ରଭା ପଟ୍ଟନାୟକ, ଦିବ୍ୟଲୋଚନ ଭାରିମଲ୍ଲ, ବିକ୍ରମ କୁମାର ଚମ୍ପତି, ଶାନ୍ତିଲତା ଦେବୀ, ନଳିନୀ ଦାଶ, ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ, ନାରାୟଣ ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶିକ୍ଷାବିତ୍ ଡ.ଶରତ ଚନ୍ଦ୍ର ମହାପାତ୍ର, ଡ.ବୃନ୍ଦାବନ ପଣ୍ଡା, ସାମାଜିକ କର୍ମୀ ରାମଶଙ୍କର, ଶିକ୍ଷୟିତ୍ରୀ ଜ୍ୟୋତିପ୍ରଭା ପଟ୍ଟନାୟକ, ନଳିନୀ ଦାଶ, ଶାନ୍ତିଲତା ଦେବୀ, ଆଇନ୍‌ଜୀବୀ ବିକ୍ରମ କୁମାର ଚମ୍ପତି ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଛି ନୂଆ-ଓ

ବେଗୁନିଆ,୩୦।୧(ହର ପ୍ରସନ୍ନ ପଣ୍ଡା)

ଅତିଥିଙ୍କଠାରୁ ଜଣେ ଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ସ୍ଥିତ ରମାମଣି ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ନୂଆ-ଓ ଏବଂ 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ର କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମନସ୍ତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ହୋତା ମୁଖ୍ୟ ବକ୍ତା ଏବଂ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ପଙ୍ଗାରସିଂହ ସରପଞ୍ଚ ଲାବଣ୍ୟ ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଯୁବବର୍ଗଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଛି ସରକାରଙ୍କ ପ୍ରାୟୋଜିତ ଏହି ନୂଆ-ଓ କାର୍ଯ୍ୟକ୍ରମ ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସକରାତ୍ମକ ଚିନ୍ତାଧାରା ନେଇ ସଦାସର୍ବଦା ବ୍ରତୀ ହୁଅ ବୋଲି ବକ୍ତା ହୋତା କହିଥିଲେ। ବିଗତ ଦିନରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଗଙ୍ଗାଧର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦୀପ ସାହୁ ସଭା ପରିଚାଳନା କରିଥିବା ବେଳେ ଇନ୍ଦୁ ଭୂଷଣ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ବିଜୟ ପଟ୍ଟନାୟକ, ଦିଲ୍ଲୀପ ସାଥୁଆ, ଶ୍ରୀନିବାସ ସାହୁ, ଶ୍ୟାମା ପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ଖଣ୍ଡପଡ଼ା

ନିରାକାରପୁ

ସଂକ୍ଷେପରେ

ଯକ୍ଷ୍ମା ନିୟନ୍ତ୍ରଣରେ ଲୋକ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୩୦।୧(ଭାରତୀ ଭୂଷଣ ଉପାଧ୍ୟାୟ): ସରକାର ସ୍ୱାସ୍ଥ୍ୟ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଏହା ଭିତରେ ଥିବା ଯକ୍ଷ୍ମା ରୋଗ ନିୟନ୍ତ୍ରଣରେ ପଞ୍ଚାୟତସ୍ତରରେ ଥିବା ଲୋକ ପ୍ରତିନିଧିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମଙ୍ଗଳବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଯକ୍ଷ୍ମା ନିୟନ୍ତ୍ରଣ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜସ୍ମିନ ଆପ୍ରୋଜ ଉପସ୍ଥିତ ଲୋକ ପ୍ରତିନିଧିଙ୍କୁ ଏହି ସୂଚନା ଦେଇଥିଲେ। ବୈଠକରେ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସହିତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଯକ୍ଷ୍ମା ରୋଗ ନିୟନ୍ତ୍ରଣ କରିବାକୁ ସରକାର ଅଧିକ ମାତ୍ରାରେ ଗୁରୁତ୍ୱ ଦେଉଥିବାବେଳେ କୌଣସି ବ୍ୟକ୍ତି ଏହି ରୋଗରେ ପୀଡ଼ିତ ହେବା ଅଭିଯୋଗ ଆସିବା ମାତ୍ରେ ତୁରନ୍ତ ଲୋକ ପ୍ରତିନିଧିମାନେ ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ଓ ସରକାରୀ କ୍ଷେତ୍ରରେ ଆବଶ୍ୟକତା ଅନୁସାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ମାଗଣା ଔଷଧ ଦେବା ଲାଗି ଯୋଗାଯୋଗ କରିବାକୁ ଅଧିକାରୀ ଆପ୍ରୋଜ କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା ସମସ୍ତ ପଞ୍ଚାୟତର ଆଶାକର୍ମୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମଚାରୀ ଥିବାରୁ କୌଣସି ଅସୁବିଧା ନଥିବା କହିଥିଲେ। କାର୍ଯ୍ୟକ୍ରମରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ସରିତା ମିଶ୍ର, ସୁଶାନ୍ତ ରାଉତ, ସୁରେଶ ପ୍ରଧାନ, କୃତିବିଭା ମହାନ୍ତି, ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା, ସୁବ୍ରତ ମହାନ୍ତି, ରାଜେଶ ପାଇକରାୟ, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଅସ୍ତରଙ୍ଗ,୩୦।୧(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ସୋମବାର ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାପକ ଡ. ଜିତେନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟର ବିଶିଷ୍ଟ ବାଗ୍ମୀ ତଥା କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ ତ୍ରିପାଠୀ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍, କବୟିତ୍ରୀ, ପ୍ରବଚକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଚିନ୍ମୟୀ ସେନାପତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ହରିଶଚନ୍ଦ୍ର ସ୍ୱାଇଁ, ଅଧ୍ୟାପିକା ଅନୁରାଧା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଅତିଥିମାନେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ନୋଡାଲ ଅଧିକାରୀ ଅଧ୍ୟାପକ ଅଜିତ ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଗଳ୍ପ, ଲିଖନ, ସାଧାରଣ ଜ୍ଞାନ, ଆଲୋଚନା ଚକ୍ର ଓ ଜଗନ୍ନାଥ ସଂସ୍କୃତି ଉପରେ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ଆଇ ଆମ୍ ଓ୍ୱେଟିଂ ଫର୍ ଡେଥ୍‌କୁ ନେଇ ରହସ୍ୟ ବଢୁଛି

କ୍ଲିନିକ ପରିସରରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

- ଭିଡିଓ ଭାଇରାଲକୁ ନେଇ ଚର୍ଚ୍ଚା
- ହତ୍ୟା ମାମଲା ରୁଜୁ,ପୋଲିସର ତଦନ୍ତ ଜାରି

ଖୋର୍ଦ୍ଧା,୩୦।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଚାଚେରା ଶବର ସାହି ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ ପରିସରରୁ ମଙ୍ଗଳବାର ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ସୁନାଖଳାର ସନ୍ଧ୍ୟାରାଣୀ ପାନସିଂ ଓରଫ ପୂଜା (୧୯)। ତେବେ ମୃତ୍ୟୁ ପୂର୍ବରୁ ପୂଜା ନିଜ ହ୍ୱାଟସଆପ୍ ଷ୍ଟାଟସରେ ଆଇ ଆମ୍ ଓ୍ୱେଟିଂ ଫର ଡେଥ୍ ଲେଖି କିଛି ଗୀତ ଓ ଭିଡିଓ ରଖିଥିବା ବେଳେ ତାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେହିପରି ସେ ନିଜ ସୋସିଆଲ ମିଡିଆ ସାଇଟରେ 'ମୋର ଖୁସି ଲେଖିକି ଏକ ଯୁବକଙ୍କ ସହ କିଛି ଫଟୋ ଛାଡିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ଚର୍ଚ୍ଚା ହେବା ସହ ରହସ୍ୟ ବଢ଼ିବାରେ ଲାଗିଛି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୨୬/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲ ପଠାଇଛି। ଏସ୍‌ଡିପିଓ ଦିଲୀପ ଦାସ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ସନ୍ଧ୍ୟାରାଣୀ ପାନସିଂ(ଫାଇଲ ଫଟୋ)

ଘଟଣାସ୍ଥଳରୁ ପୂଜାଙ୍କ ମୋବାଇଲ ଓ ଚାର୍ଜର ସମେତ କ୍ଲିନିକ ସିସିଟିଭିର ହାର୍ଡଡିସ୍କକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ମୁତାବକ, ପ୍ରାୟ ୭ମାସ ହେବ ପୂଜା ଉକ୍ତ କ୍ଲିନିକରେ ସହାୟିକା ଭାବେ କାମ କରୁଥିଲେ। ସୋମବାର ମଧ୍ୟ ସବୁଦିନ ପରି କାମ ସାରି ରୁମ୍‌କୁ ଆସିଥିଲେ। ରାତି ପ୍ରାୟ ସାଢେ ୮ଟାରେ ସହଯୋଗୀମାନେ ତଳେ ଥିବା ବେଳେ ସେ ରୁମ୍‌ରେ ଥିଲେ। କିଛି ସମୟ ପରେ ପୂଜାଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ସହଯୋଗୀମାନେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲା। ହେଲେ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତହେଦ ଜବତ କରାଯାଇଥିଲା। ତେବେ ତାଙ୍କ ଝିଅକୁ କେହି ମାରି ଝୁଲାଇ ଦେଇଛି ବୋଲି ବାପା ଶରତ ପାସିଂହ ଥାନାରେ ଅଭିଯୋଗ କରିଛନ୍ତି। ସମସ୍ତ ଘଟଣାକୁ ତଦନ୍ତ ପରିସରକୁ ନିଆଯାଇ ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ଦାସ ସୂଚନା ଦେଇଛନ୍ତି।

ପ୍ରମୁଖ କାର୍ଯ୍ୟ ଉପରେ ଫୋକସ୍ ରହିବ: ଜିଲାପାଳ

ପୁରୀ,୩୦।୧(ଅଜିତ୍ ମହାନ୍ତି)

ପୁରୀର ନୂତନ ଜିଲାପାଳ ବିଜୟ କୁମାର ଦାଶ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଜଗତ ଚାଲିଛି। କାର୍ଯ୍ୟ କରିବା ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ରହିବ ବୋଲି ଆଶା କରୁଛି। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଯିବ। ମୁଖ୍ୟତଃ ୩ଟି ପ୍ରମୁଖ କାର୍ଯ୍ୟ ଉପରେ ଫୋକସ ରହିବ। ଆଗକୁ ସାଧାରଣ ନିର୍ବାଚନ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ପଦକ୍ଷେପ ନିଆଯିବା ସହ ପ୍ରସ୍ତୁତି କରାଯିବ। ସେହିପରି ସରକାରଙ୍କ ବିଭିନ୍ନ ଯୋଜନା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେ ନେଇ ବିଶେଷ ଦୃଷ୍ଟି ଦିଆଯିବ। ମହାପ୍ରଭୁଙ୍କ କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ହେବ ସେ ନେଇ ସମନ୍ୱୟ ରଖି କାର୍ଯ୍ୟ କରାଯିବ। ପୁରୀବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ହେବ। ପୁରୀବାସୀ ସର୍ବଦା ସମସ୍ତ କାର୍ଯ୍ୟରେ ସହଯୋଗ କରିଥାନ୍ତି। ତେଣୁ ଆଗାମୀ ଦିନରେ ସହଯୋଗ ଅବ୍ୟାହତ ରହିବ ବୋଲି ଆଶା ରହିଛି। ପୁରୀବାସୀଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯିବ। ସେହିପରି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସୁରୁଖୁରୁରେ ଶେଷ କରିବା ଏକ ବଡ଼ ଚ୍ୟାଲେଞ୍ଜ। ତେବେ ମହାପ୍ରଭୁଙ୍କ କାର୍ଯ୍ୟ ମହାପ୍ରଭୁ ନିଜେ କରିଥାନ୍ତି। ଆମେ ନିମିତ୍ତ ମାତ୍ର। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ହେବ। ବିଶେଷକରି ପୁରୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯେପରି ଠିକ୍ ସମୟରେ ଶେଷ ହେବ ସେନେଇ ଧ୍ୟାନ ଦିଆଯିବା ସହ ଅଧିକାରୀମାନଙ୍କ ସହିତ ଏନେଇ ନିୟମିତ ଆଲୋଚନା କରାଯିବ। ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯିବ। ନିୟମିତ ବ୍ୟବଧାନରେ କାର୍ଯ୍ୟଗୁଡିକର ସମୀକ୍ଷା କରାଯିବ ବୋଲି ଜିଲାପାଳ ଦାଶ କହିଛନ୍ତି।

ଓଡ଼ିଆ ଭାଷା ସାହିତ୍ୟ ରୁଦ୍ଧିମନ୍ତ ଉପରେ ଗୁରୁତ୍ୱ

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ବ୍ରହ୍ମଗିରି,୩୦।୧(ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ବ୍ଲକ ଅଧୀନ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ ଜେନା ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଆୟୋଜିତ ସଭାରେ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବାଶିଷ ଜେନା ଅଧ୍ୟକ୍ଷତା କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବ୍ରହ୍ମଗିରି ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଭିକାରୀ ଚରଣ ଜେନା, ତ୍ରିଲୋଚନ ଦଳାଇ, ନବକିଶୋର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା, ସାହିତ୍ୟ କିଭଳି ରୁଦ୍ଧିମନ୍ତ ହୋଇପାରିବ ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକା ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଶିବିରକୁ ଉଦ୍‌ଯାପିତ କରାଯାଇଥିଲା। ଏଥିରେ ଭାଗ ନେଇଥିବା ୮୫ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ମିଶନ ଶକ୍ତି ଭବନ ଉଦ୍‌ଘାଟନ ପୂର୍ବରୁ ଫଳକ ତାଡ଼ି ନେଲେ

କାକଟପୁର,୩୦।୧(ଶୁଭଦର୍ଶନ ମିଶ୍ର): କାକଟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି କାଫେ ଓ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ଭବନକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ଉଦ୍‌ଘାଟନ କରିଥାନ୍ତେ। ଏହାପୂର୍ବରୁ ସୋମବାର ରାତିରେ ୨ଟି ପ୍ରକଳ୍ପର ଫଳକକୁ ତାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ଉଭୟ ଫଳକକୁ ଉଦ୍ଦେଶ୍ୟମୂଳକ ଭାବେ କେହି ତାଡ଼ି ଦେଇଥିବା ମନ୍ତ୍ରୀଙ୍କ ସମର୍ଥକମାନେ କହିଛନ୍ତି। ଏ ନେଇ ଥାନାରେ ଏତଲା ଦିଆଯାଇଛି । ସେହିପରି ପ୍ରତିପକ୍ଷ ଗୋଷ୍ଠୀ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ତେବେ ଏ ସମ୍ପର୍କରେ ପୋଲିସ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

'ବାକି କାର୍ଯ୍ୟ ସାରିବାକୁ ପଦକ୍ଷେପ ନିଆଯିବ'

ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେଲେ ସମର୍ଥ ବର୍ମା

ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକଙ୍କୁ ସେବାୟତମାନେ ଶୁଭେଚ୍ଛା ଜଣାଉଛନ୍ତି ।

ପୁରୀ, ୩୦।୧(ଅଜିତ୍ ମହାନ୍ତି): ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ବଦଳି କରାଯିବା ପରେ ପୁରୀ ଜିଲାପାଳ ଥିବା ସମର୍ଥ ବର୍ମାଙ୍କୁ ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ନୂତନ ଜିଲାପାଳ ବିଜୟ କୁମାର ଦାଶଙ୍କୁ ବର୍ମା ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବୁଧବାର ବର୍ମା ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ବର୍ମାଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ବରିଷ୍ଠ ସେବାୟତମାନେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବର୍ମା ଦାୟିତ୍ୱ ନେବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ବର୍ମା କହିଛନ୍ତି, ଆଜି ଏକ ବଡ ଖୁସିର ଦିନ। ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେବା ସହ ମୁଖ୍ୟ ପ୍ରଶାସକ ଚାର୍ଜରେ ରହିଛି। ମହାପ୍ରଭୁଙ୍କ କୃପାରୁ ସମସ୍ତ ସେବାୟତ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସହଯୋଗରେ ଏକ ଭଲ ଟିମ୍ ଭାବେ କାର୍ଯ୍ୟ କରାଯିବ। ସେବାୟତମାନଙ୍କୁ ନେଇ କାର୍ଯ୍ୟ ହେବ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ, ଶ୍ରୀସେତୁ, ଶ୍ରୀମାର୍ଗ, ପାର୍କିଂ ବ୍ୟବସ୍ଥା କରାଯାଇଛି। ସେଗୁଡ଼ିକର ରକ୍ଷଣାବେକ୍ଷଣ ସହ ବାକି ଥିବା କାର୍ଯ୍ୟ ସାରିବା ଉପରେ ଧ୍ୟାନ ଦିଆଯିବ। ଶ୍ରୀମନ୍ଦିରରେ ଯେଉଁ ସବୁ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି, ସେସବୁକୁ କିପରି କାର୍ଯ୍ୟକାରୀ କରାଯିବ ତାହା ଉପରେ ଫୋକସ ରହିବ ବୋଲି ବର୍ମା ପ୍ରକାଶ କରିଛନ୍ତି।

ମାନବିକତାର ବାର୍ତ୍ତା ଦେଉଥିଲେ ଗାନ୍ଧିଜୀ

ଛାତ୍ରୀଛାତ୍ରଙ୍କ ଦ୍ୱାରା ନିଶା ନିବାରଣ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ସାକ୍ଷୀଗୋପାଳ,୩୦।୧ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ): ସତ୍ୟବାଦୀ ବ୍ଲକର ନାହଳା ଉ.ପ୍ରା. ବିଦ୍ୟାଳୟ ପରିସରରେ ମଙ୍ଗଳବାର ୭୬ତମ ଶହୀଦ ଦିବସ ଓ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ତପୋଭୂମି ଟ୍ରଷ୍ଟର ସତରୂପା ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ନରେନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପରିଡ଼ା, ହରପ୍ରିୟା କର, ନବଘନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଷଡଙ୍ଗୀ ଗାନ୍ଧୀଙ୍କ ବିଚାର ଧାରା ଓ ଜୀବନୀ ବିଷୟରେ ଆଲୋକପାତ କରି କହିଥିଲେ- ମହାତ୍ମା ଗାନ୍ଧୀ ସତ୍ୟାଗ୍ରହ, ଶାନ୍ତି ଏବଂ ଅହିଂସା ମାର୍ଗରେ ଯେପରି ବ୍ରିଟିସଙ୍କୁ ଆମ ଦେଶରୁ ତଡ଼ିଥିଲେ, ତାହା ଇତିହାସରେ ବିରଳ। ଗାନ୍ଧିଜୀଙ୍କ ଜୀବନ ଅତ୍ୟନ୍ତ ସରଳ ଥିଲା। ସେ ଲୋକଙ୍କୁ ମାନବିକତାତାର ବାର୍ତ୍ତା ଦେଉଥିଲେ। ଏହି ପରିପ୍ରେକ୍ଷୀରେ ସ୍କୁଲ ପିଲାଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ଓମ ପ୍ରକାଶ ପରିଡ଼ା ପ୍ରକାଶ କରିଥିଲେ। ପ୍ରତ୍ୟୁଷରେ ବିଦ୍ୟାଳୟର କୁନିକୁନି ବିଦ୍ୟାର୍ଥୀଙ୍କ ଏକ ଶାନ୍ତି ପଦଯାତ୍ରା ଅଠରନଳାଠାରୁ ବାହାରି ଗୋପୀନାଥପୁର, ଖଣ୍ଡିଆବନ୍ଧ, ଦେବୀଘାଟ ଦେଇ ଜଟିଆବାବା ଛକସ୍ଥିତ କୁଳଦା ନନ୍ଦ ବ୍ରହ୍ମଚାରୀ ଆଶ୍ରମରେ ପହଞ୍ଚିଥିଲା। ସେଠାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନହଳା ଉ.ପ୍ରା ବିଦ୍ୟାଳୟରେ ଶହୀଦ ଦିବସ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ସେମିଫାଇନାଲରେ ଯଦୁପୁର ଭୁବନେଶ୍ୱର ବିଜୟୀ

୩୧ତମ ମା' ଶାରଳା ସ୍ପୋର୍ଟିଂ କପ୍

ଅସ୍ତରଙ୍ଗ, ୩୦।୧(ମମତା ଜେନା): ଅସ୍ତରଙ୍ଗ ନରେନ୍ଦ୍ର ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ୩୧ତମ ମା' ଶାରଳା ସ୍ପୋର୍ଟିଂ କପ୍ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଯଦୁପୁର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଡିସିସି କନ୍ଧମାଳ ସ୍ପୋର୍ଟିଂ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଯଦୁପୁର ଭୁବନେଶ୍ୱର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଜବାବରେ କନ୍ଧମାଳ ସ୍ପୋର୍ଟିଂ ସମସ୍ତ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଫଳରେ ଯଦୁପୁର ଭୁବନେଶ୍ୱର ୮୨ ରନରେ ବିଜୟୀ ହୋଇଥିଲା।

ଶ୍ରୀମନ୍ଦିରରେ ୨ ସେବାୟତ ହାତାହାତି

ପୁରୀ, ୩୦।୧ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପତିତପାବନ ବାନା ବିକ୍ରି କରିବାକୁ ନେଇ ଦୁଇ ଗୋଷ୍ଠୀର ୨ଜଣ ସେବାୟତ ମାରପିଟ ଲାଗି ରକ୍ତାକ୍ତ ହୋଇଛନ୍ତି। ଏମାନେ ହେଲେ ମେକାପ ସେବାୟତ ସୋମନାଥ ମେକାପ ଏବଂ ଚୂନରା ସେବାୟତ ଶାରଦା ମହାନ୍ତି। ଶ୍ରୀମନ୍ଦିର ପରିସରରେ ଜେଟିପି ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥାଇ ମଧ୍ୟ ଏଭଳି ଘଟଣା ଘଟିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଭକ୍ତ ମହଲରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୩ଟା ବେଳେ ପତିତପାବନ ବାନା ବିକ୍ରିକୁ ନେଇ ସୋମନାଥ ଓ ଶାରଦାଙ୍କ ମଧ୍ୟରେ ବଚସା ହୋଇଥିଲା। ଚୂନରା ସେବାୟତମାନେ ଶ୍ରୀମନ୍ଦିର ନୀଳଚକ୍ରରେ ବାନା ବାନ୍ଧିବାର ନିୟମ ଥିବାରୁ ଓଲାଗି ବାନାକୁ ସେମାନେ ବିକ୍ରି କରିବାର ଅଧିକାର ରହିଛି ବୋଲି ଶାରଦା କରିଥିଲେ। ଅପରପକ୍ଷରେ ମେକାପ ସେବାୟତ ମଧ୍ୟ ଯଜମାନଙ୍କୁ ମହାପ୍ରଭୁଙ୍କ ସ୍ପର୍ଶ ହୋଇଥିବା ବାନା ଦେଇପାରିବେ ବୋଲି ନିୟମ ରହିଥିବା ସୋମନାଥ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଉଭୟେ ହାତାହାତି

ଚୂନରା ସେବାୟତ ଶାରଦା ମହାନ୍ତି ଏବଂ ମେକାପ ସେବାୟତ ସୋମନାଥ ମେକାପ ।

ହୋଇଥିଲେ। ଦୁହେଁ ପରସ୍ପରକୁ ମୁଥ ମାରିଥିଲେ। ଫଳରେ ଶ୍ରୀମନ୍ଦିର ପରିସର କିଛି ସମୟ ପାଇଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ପରେ ଦୁହେଁ ସିଂହଦ୍ୱାର ଥାନାକୁ ଆସି ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଉଭୟଙ୍କ ସୁନାଚେନ୍ ଓ କୁଣ୍ଡଳ ଚୋରି ହୋଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସିଂହଦ୍ୱାର ଥାନାରେ ଦୁଇଟି ପୃଥକ୍ ମାମଲା (ନଂ. ୯/୨୪ ଓ ୧୦/୨୪) ରୁଜୁ ହେବା ସହ ତଦନ୍ତ ଜାରି ରହିଛି। ପୋଲିସ ପକ୍ଷରୁ ଉଭୟଙ୍କୁ ନୋଟିସ ଜାରି କରାଯାଇଛି ବୋଲି ଥାନାଧିକାରୀ କହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଉପଜିଲାପାଳ ଭବତାରଣ ସାହୁ ଥାନାରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିବା ନିମନ୍ତେ ଶ୍ରୀମନ୍ଦିର ପରିସରକୁ ନେବା ସହ ଚୂନରା ସେବାୟତମାନଙ୍କୁ ନୀତି କରିବା ଲାଗି କହିଥିଲେ। ଏହି ଘଟଣା ପାଇଁ ବାନା ପରିବର୍ତ୍ତନରେ କିଛି ସମୟ ବିଳମ୍ବ ହୋଇଥିଲା।

ଅନ୍ୟପକ୍ଷରେ ଆହତ ମେକାପ ସେବାୟତ ସୋମନାଥଙ୍କ ବାପା ଗୋପାଳ ମେକାପ କହିଛନ୍ତି, ଜଣେ ଯଜମାନ ମହାପ୍ରଭୁଙ୍କୁ ବାନା ଦେବା ପାଇଁ ସୋମନାଥଙ୍କୁ କହିଥିଲେ। ଏହି ସମୟରେ ଚୂନରା ସେବାୟତ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଛନ୍ତି। ନୀଳଚକ୍ରରେ ବାନା ବାନ୍ଧିବା ଚୂନରା ସେବାୟତଙ୍କ କାର୍ଯ୍ୟ। ମାତ୍ର ଶ୍ରୀମନ୍ଦିର ଭିତରେ ବାନା ବିକ୍ରି କରିବା ଅଧିକାର ସେମାନଙ୍କର ନାହିଁ। ଶ୍ରୀମନ୍ଦିର ଭିତରେ ମେକାପ ସେବାୟତମାନଙ୍କର ବାନା ବିକ୍ରି କରିବାର ଅଧିକାର ରହିଛି।

ବାନା ବିକ୍ରିକୁ ନେଇ ବିବାଦ

- ସିଂହଦ୍ୱାର ଥାନାରେ ଉଭୟ ପକ୍ଷରୁ ଏତଲା
- ପୋଲିସ ତରଫରୁ ନୋଟିସ ଜାରି

ସେମାନେ ଶ୍ରୀମନ୍ଦିର ପରିସରରେ ଝାଲେରି, ବିଭିନ୍ନ ଯନ୍ତ୍ର ବିକ୍ରି କରିଥାନ୍ତି। ୫୦ କି ୧୦୦ ଦିନରେ ଗୋଟିଏ ପାଳି ପଡ଼ିଥାଏ। ପ୍ରଶାସନ ଗୋଟିଏ ପାଳିକୁ ମାତ୍ର ୨ହଜାର ଟଙ୍କା ଦେଇଥାଏ। ଏତିକି ଟଙ୍କାରେ ଚଳିବା କଷ୍ଟକର। ଯଦି ଶ୍ରୀମନ୍ଦିର ପରିସରରେ ଏପରି ବିକ୍ରି ହେଉଛି ତେବେ ପ୍ରଶାସନ ରୋକ ଲଗାଉ। ଚୂନରା ସେବାୟତଙ୍କ ଆକ୍ରମଣରେ ତାଙ୍କ ପୁଅର ନାକ ଫାଟିବା ସହ ସୁନାଚେନ୍ ଓ କାନରେ ପିନ୍ଧିଥିବା ନୋଳି ହଜିଯାଇଥିବା ଗୋପାଳ ଅଭିଯୋଗ କରିଛନ୍ତି। ସେମାନେ ଅମୁଣିଆ ବାନା କାହାକୁ ଦେଉନାହାନ୍ତି, ମହାପ୍ରଭୁଙ୍କୁ ଲାଗିକରି ବାନା ଦେଉଛନ୍ତି। ଘଟଣାକୁ ନେଇ ଥାନାରେ ଏତଲା ଦିଆଯାଇଛି, ପ୍ରଶାସନ ସମାଧାନ ପାଇଁ ଯାହା ନିଷ୍ପତ୍ତି ନେବ ବୋଲି ସୋମନାଥ କହିଛନ୍ତି। ସେହିପରି ଆହତ ହୋଇଥିବା ଚୂନରା ସେବାୟତ ଶାରଦା କହିଛନ୍ତି, ମଙ୍ଗଳବାର ତାଙ୍କର ପାଳିଥିଲା। ସେ ନୀଳଚକ୍ରରେ ବାନା ବାନ୍ଧିଥାନ୍ତେ। ତେବେ ପୂର୍ବରୁ ମେକାପ ସେବାୟତ ଜଣଙ୍କ ଶ୍ରୀମନ୍ଦିର ପରିସରରେ ଅମୁଣିଆ ବାନା ବିକ୍ରି କରୁଥିଲେ। ଅମୁଣିଆ ବାନା ବିକ୍ରି କରିବାକୁ ବାରମ୍ବାର ମନା କରାଯାଇଥିଲା। ଏନେଇ ପ୍ରଶାସନକୁ ଜଣାଇବା ପରେ ଶ୍ରୀମନ୍ଦିର ପରିସରରେ ବାନା ବିକ୍ରି କରାଯାଇଥିଲା। ମଙ୍ଗଳବାର ଜଣେ ମେକାପ ସେବାୟତ ଅମୁଣିଆ ବାନାକୁ ଶ୍ରୀମନ୍ଦିର ପରିସରରେ ବିକ୍ରି କରିବା ଖବର ପାଇ ସେଠାକୁ ଯାଇ ବାନା ବିକ୍ରି ନ କରିବା ପାଇଁ କହିବାରୁ ସୋମନାଥ ଓ ଆଉ ଦୁଇଜଣ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ନିୟମ ଅନୁଯାୟୀ, ଓଲାଗି ବାନାକୁ କେବଳ ଚୂନରା ସେବାୟତମାନେ ବିକ୍ରି କରିବାର ଅଧିକାର ରହିଛି। ମେକାପମାନେ ବାନା ବିକ୍ରି କରିପାରିବେ ନାହିଁ। ସେମାନେ ଅମୁଣିଆ ବାନା ବାହାରୁ ଆଣି ଭକ୍ତଙ୍କୁ ବିକ୍ରି କରୁଛନ୍ତି। ଏହାଦ୍ୱାରା ଭକ୍ତଙ୍କୁ ଠକୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଯଦି ଆଗାମୀ ଦିନରେ ଯଦି ସେବାୟତମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୁଏ ତା'ହେଲେ ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟ ଦେଖାଯିବ ବୋଲି ଶାରଦା କହିଛନ୍ତି। ଉଲ୍ଲେଖ ଥାଉକି, ଶ୍ରୀମନ୍ଦିର ପରିସରରେ ବାନା ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ତେବେ ଏହାକୁ ଉଲ୍ଲଂଘନ କରି କିପରି ବାନା ବିକ୍ରି କରାଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବସୁଧା ଫାଉଣ୍ଡେଶନ ପକ୍ଷରୁ ଜାତୀୟ ସମ୍ମିଳନୀ, ହୋଟେଲ ନ୍ୟୁ ମାରିଅନ, ପୂର୍ବାହ୍ନ ୧୦ଟା।
- କ୍ରୁମ୍ ସ୍କୁଲର ଉଇଣ୍ଟର କାର୍ନିଭାଲ ରେଗାଲି– ୨.୦, ସ୍କୁଲ ପରିସର, ଭରତପୁର, ପୂର୍ବାହ୍ନ ୧୦ଟା ୩୦।

କଟକ

- ଡିଏନ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, କଳାବିକାଶ କେନ୍ଦ୍ର, ଅପରାହ୍ନ ୫ଟା ୩୦।
- ଭେଟେରାନ ଫୁଟବଲ ପ୍ଲେୟାର୍ସ ଆସୋସିଏଶନ ଓଡ଼ିଶା, କଟକ ଆନୁଆଲ ଜେନେରାଲ ମିଟିଙ୍ଗ, ଓସିଏ ସମ୍ମିଳନୀ କକ୍ଷ, ବାରବାଟୀ ଷ୍ଟାଡିୟମ୍, ସନ୍ଧ୍ୟା ୭ଟା।

ଆଜି ୩ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୩୦।୧ (ଅଜିତ୍ ମହାନ୍ତି): ମାଘ ମାସ ପଞ୍ଚମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ବନକଲାଗି ଅନ୍ୟତମ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ବୁଧବାର ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଦତ୍ତମହାପାତ୍ର ସେବକମାନେ ଏହି ନୀତି ସମ୍ପାଦନ କରିବେ। ସେମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢିବା ସହ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ।

ରାଜ୍ୟ ସଂଗ୍ରହାଳୟରେ ମହାତ୍ମା ଗାନ୍ଧୀ ଗ୍ୟାଲେରି ଉଦ୍‌ଘାଟନ ଅବସରରେ ସଂଗ୍ରହାଳୟର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ଓ ଅନ୍ୟମାନେ।

ରାଜ୍ୟ ସଂଗ୍ରହାଳୟରେ ଖୋଲିଲା ଗାନ୍ଧୀ ଗ୍ୟାଲେରି

ସ୍ଥାନ ପାଇଲା ୮ ମ୍ୟୁରାଲ୍ ପେଣ୍ଟିଂ

ଭୁବନେଶ୍ୱର,୩୦।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ମହାତ୍ମା ଗାନ୍ଧୀ ଗ୍ୟାଲେରି ଖୋଲିଛି । ଏହି ଗ୍ୟାଲେରିରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତର ଆଠଟି ମ୍ୟୁରାଲ୍ ପେଣ୍ଟିଂ ରହିଛି। ଗାନ୍ଧିଜୀ କେତେଥର ଓଡ଼ିଶା ଆସିଥିଲେ, କେଉଁଠିକୁ ଆସିଥିଲେ, କ'ଣ କହିଥିଲେ ସେ ବିଷୟରେ ଉଲ୍ଲେଖ ରହିଛି। ଗ୍ୟାଲେରିର ମୁଖ୍ୟ ଦ୍ୱାରରେ ସାବରମତୀ ଆଶ୍ରମ ଏବଂ ଅରଟ ରଖାଯାଇଛି। ପୁରୀ ଜିଲାରେ ଥିବା କାଦୁଆ ଆଶ୍ରମର ଅବିକଳ ନକଲ କରାଯାଇ ଅରଟ ଓ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରଖାଯାଇଛି। ଏଥିସହ ତାଙ୍କର ବିଭିନ୍ନ ହିତବାଣୀ, ବିଭିନ୍ନ ସ୍ଥାନରେ ସେ ଦେଇଥିବା ଅଭିଭାଷଣ ଓ ଜନତାଙ୍କ ସହ ବାର୍ତ୍ତାଳାପ ସମ୍ପର୍କିତ ପେପର କଟିଂ ମଧ୍ୟ ଏଠାରେ ସ୍ଥାନ ପାଇଛି। ଏହି ଅବସରରେ ସଂଗ୍ରହାଳୟ ଉଦ୍ୟାନରେ ଚାରା

ଗ୍ୟାଲେରିରେ ପ୍ରଦର୍ଶିତ ଚିତ୍ରକଳାକୁ ସ୍କୁଲ ପିଲାମାନେ ଦେଖୁଛନ୍ତି।

ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସଂଗ୍ରହାଳୟର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକଙ୍କ ସହ ସ୍କୁଲ୍ ଛାତ୍ରୀଛାତ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ପରେ ପିଲାମାନେ ଗ୍ୟାଲେରି ବୁଲି ଦେଖିବା ସହ ଗାନ୍ଧିଜୀଙ୍କ ବିଷୟରେ ଜାଣି ଖୁସିବ୍ୟକ୍ତ କରିଥିଲେ। ସଂଗ୍ରହାଳୟର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ୟୁରେଟର ଡ. ଭାରତୀ ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି ଗ୍ୟାଲେରିର ସର୍ବାଙ୍ଗ ସୌନ୍ଦର୍ଯ୍ୟକରଣ, ପ୍ରତ୍ୟେକ ମ୍ୟୁରାଲ୍, ତୈଳଚିତ୍ର ତଥା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା । ସେମାନେ ହେଲେ ବିଶିଷ୍ଟ ଗାନ୍ଧିବାଦୀ ପ୍ରହ୍ଲାଦ କୁମାର ସିଂହ, ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଡ. ରାମହରି ଜେନା, ଡ. ସଂଗ୍ରାମ ଜେନା।

ଫାଇଲେରିଆ ନିରାକରଣ : ୧୦ରୁ ଏମ୍‌ଡିଏ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୧ (ଅସମାପିକା ସାହୁ)

ଫାଇଲେରିଆ ନିରାକାରଣ ପାଇଁ ରାଜ୍ୟ ସରକାର ପକ୍ଷରୁ ସାମୁହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମ ଆରମ୍ଭ ହେବ। ଲିମ୍ଫାଟିକ ଫାଇଲେରିଆ ପ୍ରବଣ ଜିଲାଗୁଡ଼ିକରେ ଦୁଇଟି ପର୍ଯ୍ୟାୟରେ ଏହା କରାଯିବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୦ରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୧୦ରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର, କଟକ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ ଏବଂ ରାୟଗଡ଼ା ଆଦି ୭ ଜିଲାରେ ଏମ୍‌ଡିଏ କାର୍ଯ୍ୟକାରୀ ହେବ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଭେକ୍ଟର ବାହିତ ରୋଗର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା.ଶୁଭାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା, ଯାହା ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ଫାଇଲେରିଆ ବିଶ୍ୱବ୍ୟାପୀ ଦୀର୍ଘକାଳୀନ ଅକ୍ଷମତା ସୃଷ୍ଟିର ଅନ୍ୟତମ ମୁଖ୍ୟ କାରଣ। ସାଧାରଣତଃ ପିଲାଦିନେ ହେଉଥିବା ଏହି ରୋଗ ବୟସ୍କ ଅବସ୍ଥାରେ ଜଟିଳ ରୂପ ନିଏ। ଏହି ସଂକ୍ରମଣ ଲସିକା ଗ୍ରନ୍ଥିକୁ କ୍ଷତି ପହଞ୍ଚାଏ। ଏହି ରୋଗର ଚିକିତ୍ସା କରା ନ ଗଲେ ଏହା ଶରୀରର ବିଭିନ୍ନ ଅଂଶରେ ଫୁଲା ସୃଷ୍ଟି କରିଥାଏ, ଯାହାକୁ ଆଉ ସୁଧାରି ହେବନାହିଁ। ଫାଇଲେରିଆରେ ଆକ୍ରାନ୍ତ ବ୍ୟକ୍ତି ଅନେକ ସମୟରେ ହାଇଡ୍ରୋସିଲ, ଗୋଦର ଇତ୍ୟାଦି ବହୁ ଜଟିଳ ପରିସ୍ଥିତିର ଶିକାର ହୋଇଥାନ୍ତି। ଏହା ସମ୍ପୃକ୍ତ ବ୍ୟକ୍ତିର ଜୀବିକା, ଉପାର୍ଜନ, ବିଭିନ୍ନ ସୁଯୋଗ ଏବଂ କାର୍ଯ୍ୟ କରିବାର ସାମର୍ଥ୍ୟକୁ ପ୍ରଭାବିତ କରିଥାଏ। ତେବେ ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ଏହାର ନିରାକରଣ କରାଯାଇପାରିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ମାସିକ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସହ ଅନ୍ୟ ୨ ଦଫା ଦାବିରେ ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆମରଣ ଅନଶନ ସ୍ଥଳରେ ମଙ୍ଗଳବାର ହୋମକରି ଅଭିନବ ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଲୋଡାଯାଉଛି।

ନାବାଳିକାଙ୍କୁ ବଳାତ୍କାର, ମେଡିକାଲରେ ଭର୍ତ୍ତି

କଟକ,୩୦।୧ (କାର୍ତ୍ତିକ ସାହୁ)

ମାଲଗୋଦାମ ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଛି। ଏହା ଜଣାପଡିବା ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ହେଲେ ଏ ସମ୍ପର୍କରେ ପୋଲିସ ନିକଟରେ ସୂଚନା ନାହିଁ। ମିଳିଥିବା ସୂଚନା ଅନୁସାରେ, ନାବାଳିକା ଜଣକ ଏକ ଶିଶୁଯତ୍ନ କେନ୍ଦ୍ରରେ ରହି ପାଠ ପଢ଼ନ୍ତି। ସୋମବାର ସନ୍ଧ୍ୟାରେ ଶିଶୁଯତ୍ନ କେନ୍ଦ୍ରରେ ସେ ପହଞ୍ଚିବା ପରେ ବଳାତ୍କାରର ଶିକାର ହୋଇଥିବା ଜଣାପଡିଥିଲା। ସେ ୫ ବର୍ଷ ବୟସର ହୋଇଥିବାବେଳେ ବଳାତ୍କାରର ଶିକାର

ହୋଇଥିଲେ। ସେତେବେଳେ ଶିଶୁ ମଙ୍ଗଳ ସମିତି ଦ୍ୱାରା ନାବାଳିକା ଜଣକ ଉଦ୍ଧାର ହୋଇଥିଲେ। ପୁଣି ଏବେ ସେହି ଘଟଣାର ପୁନରାବୃତ୍ତି ଘଟିଛି। ତେବେ କେଉଁ

ଥାନାରେ ନାହିଁ ସୂଚନା, ଚପାଇ ଦେବାକୁ ଉଦ୍ୟମ

ପରିସ୍ଥିତିରେ ନାବାଳିକାଙ୍କ ସହ ଏଭଳି ଘଟଣା ଘଟିଲା ତାହା ତଦନ୍ତ ସାପେକ୍ଷ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମାଲଗୋଦାମ ଆଇଆଇସି ରଜନୀକାନ୍ତ ଦାସ କହିଛନ୍ତି, ଏଯାଏ ଥାନାରେ ଅଭିଯୋଗ ହୋଇ ନାହିଁ କିମ୍ବା ଏ ବାବଦରେ ପୋଲିସ ନିକଟରେ ସୂଚନା ନାହିଁ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ପ୍ରତୀକ୍ଷା

@ ବିଷ୍ଣୁପ୍ରିୟା

@ ଆସ୍ତା

@ ଶୁଭଶ୍ରୀ

@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ସୁନାପୁର ବେଳାଭୂମିକୁ ଅନ୍ତର୍ଜାତୀୟ ବ୍ଲୁ ଫ୍ଲାଗ୍ ସାର୍ଟିଫିକେଟ

ଭୁବନେଶ୍ୱର,୩୦।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଗଞ୍ଜାମ ଜିଲାର ସୁନାପୁର ବେଳାଭୂମିକୁ ୨୦୨୩–୨୪ ପାଇଁ ଅନ୍ତର୍ଜାତୀୟ ବ୍ଲୁ ଫ୍ଲାଗ (ଇକୋ–ଟୁରିଜମ ମଡେଲ) ସାର୍ଟିଫିକେଟ ମିଳିଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଏହି ସାର୍ଟିଫିକେଟ ବିଶ୍ୱରେ ଆମର ସ୍ୱଚ୍ଛ, ପର୍ଯ୍ୟଟକ ଅନୁକୂଳ ଓ ଇକୋ ଲେଭଲ ଟୁରିଜମ୍‌କୁ ମଜବୁତ କରିବ। ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ଯୋଜନା (ଆଇସିଜେଏମପି) ଓଡିଶା, ଗଞ୍ଜାମ ଜିଲାସ୍ତରୀୟ ବିଚ୍ ପରିଚାଳନା କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ସାମୂହିକ ପ୍ରୟାସରେ ଏହି ପୁରସ୍କାର ମିଳିପାରିଛି। ସୁନାପୁର ବିଚ୍ ଏବେ ସସ୍‌ଟେନେବଲ୍ କୋଷ୍ଟାଲ ଟୁରିଜମ୍‌ର ଏକ ମଡ଼େଲ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପରିବେଶ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡେନ୍‌ମାର୍କର ଏକ ଅନ୍ତର୍ଜାତୀୟ ସଂସ୍ଥା

ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଏହି ସାର୍ଟିଫିକେଟ ପ୍ରଦାନ କରିଛି। ୩୩ଟି ମାନଦଣ୍ଡ ଆଧାରରେ ଏହି ମାନ୍ୟତା ଦିଆଯାଇଛି। ଏଥିମଧ୍ୟରେ ପରିବେଶ ଶିକ୍ଷା ଓ ସୂଚନା, ସ୍ନାନ ଜଳର ଗୁଣବତ୍ତା, ପରିବେଶ ପରିଚାଳନା ଓ ସଂରକ୍ଷଣ ଏବଂ ସମୁଦ୍ର କୂଳରେ ସେବା ଓ ସୁରକ୍ଷା ଆଦି ୪ଟି ମୁଖ୍ୟ ମାନଦଣ୍ଡ ରହିଥିଲା।

ରାହିଲଙ୍କ ହ୍ୟାଟ୍ରିକ୍ ସତ୍ତ୍ୱେ ଭାରତ ବିଦା

ମସ୍କାଟ,୩୦।୧(ପି.ଟି.)

ଫାଇଭ୍ ଏ ସାଇଡ୍ ପୁରୁଷ ହକି ବିଶ୍ୱକପ୍

ଓମାନରେ ଅନୁଷ୍ଠିତ ଫାଇଭ୍ ଏ ସାଇଡ୍ ପୁରୁଷ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ନିକଟରୁ ପରାଜୟ ସହ ବିଦାୟ ନେଇଛି ଭାରତ। ମଙ୍ଗଳବାର କ୍ୱାର୍ଟର ଫାଇନାଲ ମ୍ୟାଚରେ ମହମ୍ମଦ ରାହିଲଙ୍କ ହ୍ୟାଟ୍ରିକ୍ ସତ୍ତ୍ୱେ ଭାରତ ନେଦରଲାଣ୍ଡ୍ସ ନିକଟରୁ ୭-୪ ଗୋଲରେ ପରାଜିତ ହୋଇଛି। ଭାରତ ପକ୍ଷରୁ ମହମ୍ମଦ ରାହିଲ ୧, ୭ ଓ ୨୫ ମିନିଟରେ ସ୍କୋର କରିଥିବା ବେଳେ ମନଦୀପ ମୋର ୧୧ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ ସାଣ୍ଡର ଡେ ୱିନ୍ ୪,୧୫ ମିନିଟ ଓ ଆଲେକଜାଣ୍ଡର ଶପ୍ ୧୦, ୨୬ ମିନିଟରେ ଡବଲ୍ ଗୋଲ ଦେଇଥିବା ବେଳେ ଲୁକାସ ମିଡେନଡ୍ରପ(୧୨), ଜାମି ଭାନ ଆର୍ଟ(୧୩) ଓ ପେପିନ୍ ରେୟେଙ୍ଗା ୨୦ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚରେ ଭାରତ ପକ୍ଷରୁ ରାହିଲ ପ୍ରଥମ ମିନିଟରୁ ଏକ ଫିଲ୍ଡ ଗୋଲ ଦେଇଥିଲେ। ତେବେ ଚତୁର୍ଥ ମିନିଟରେ ସାଣ୍ଡର ଡେ ୱିନ ଗୋଲ ପରିଶୋଧ କରିଥିଲେ। ଏହାର ୩ ମିନିଟ ମଧ୍ୟରେ ରାହିଲ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ୧୦ମ ମିନିଟରେ ଶପ୍ ଦ୍ୱିତୀୟ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଏହାର ଦୁଇ ମିନିଟ ମଧ୍ୟରେ ନେଦରଲାଣ୍ଡ୍ସ ଦୁଇଟି ଗୋଲ ସ୍କୋର କରି ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ନେଦରଲାଣ୍ଡ୍ସ ଆଉ ଦୁଇଟି ଗୋଲ ଦେଇଥିବା ବେଳେ ମହମ୍ମଦ ରାହିଲ ୨୫ ତମ ମିନିଟରେ ସ୍କୋର କରି ହ୍ୟାଟ୍ରିକ୍ ପୂରଣ କରିଥିଲେ। ଭାରତ ବର୍ତ୍ତମାନ ଏହାର ପରବର୍ତ୍ତୀ କ୍ଲାସିଫିକେଶନ ମ୍ୟାଚ କେନିଆ ବିପକ୍ଷରେ ଖେଳିବ।

ବିଷାକ୍ତ ପାନୀୟ ପିଇ ମୟଙ୍କ ଅସୁସ୍ଥ

ଅଗରତଲା,୩୦।୧(ପି.ଟି.): ବିମାନ ବନ୍ଦରରେ କିଛି ବିଷାକ୍ତ ପାନୀୟ ପିଇ ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପରେ ତାଙ୍କ ମ୍ୟାନେଜର ପଶ୍ଚିମ ତ୍ରିପୁରା ଏସ୍‌ପି କିରଣ କୁମାରଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ବର୍ତ୍ତମାନ ଭାରତୀୟ ଦଳରୁ ବାହାରେ ରହିଥିବା ମୟଙ୍କ କର୍ନାଟକ ରଣଜୀ ଟ୍ରଫି ଦଳର ଅଧିନାୟକ ରହିଛନ୍ତି। ସୋମବାର ତ୍ରିପୁରା ବିପକ୍ଷରେ କର୍ନାଟକକୁ ୨୯ ରନ୍‌ରେ ଜିତାଇଥିଲେ ମୟଙ୍କ। ଏହି ମ୍ୟାଚ୍ ଶେଷ ହେବା ପରେ ସେ ଦଳ ସହ ଅଗରତଲାରୁ ଦିଲ୍ଲୀ ଅଭିମୁଖେ ବିମାନରେ ବସିଥିଲେ। ତେବେ ବିମାନ ଟେକ୍ ଅଫ୍ ପୂର୍ବରୁ ହିଁ ମୟଙ୍କ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ଅଗରତଲାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୟଙ୍କଙ୍କ ମ୍ୟାନେଜରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଇଣ୍ଡିଗୋ ବିମାନରେ ସମସ୍ତ ଖେଳାଳି ଯାତ୍ରା କରୁଥିଲେ। ମୟଙ୍କଙ୍କ ସିଟ୍ ସମ୍ମୁଖରେ ଏକ ବୋତଲ ରଖା ଯାଇଥିଲା।

ଅଭିଯୋଗ ଦାଏର କଲେ ମ୍ୟାନେଜର

ସେ ପାଣି ବୋଲି ଭାବି ଏହାକୁ ପିଇବାରୁ ଅସହଜ ଅନୁଭବ କରିଥିଲେ। ପାଟିରେ ଘା ହୋଇଯିବା ସହ ସେ କଥାବାର୍ତ୍ତା କରି ପାରି ନ ଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଆଇଏଲ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଥିବା ବେଳେ ପାଟିରେ ଅଲସର ଓ ମୁହଁରେ ଫୁଲା ରହିଛି। ତ୍ରିପୁରା ସ୍ୱାସ୍ଥ୍ୟ ସଚିବ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ପୋଲିସ ନିକଟରେ ଅଭିଯୋଗ ହୋଇଥିବା ନେଇ ସୂଚନା ମିଳିଛି। ପୋଲିସ୍ ପକ୍ଷରୁ ଏହି ମାମଲାର ତଦନ୍ତ ଆରମ୍ଭ କରାଯାଇଛି। ସେହିପରି ଆଇଏଲ୍‌ଏସ୍ ହସ୍ପିଟାଲ ପକ୍ଷରୁ ମନୋଜ କୁମାର ଦେବନ୍ତ କହିଛନ୍ତି ମୟଙ୍କ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି। ତାଙ୍କ ମୁହଁ ଓ ଓଠରେ ସାମାନ୍ୟ ଫୁଲା ରହିଥିବା ବେଳେ ଡାକ୍ତର ମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି।

GOVERNMENT OF ODISHA
OFFICE OF THE CHIEF ENGINEER-CUM-CHIEF ELECTRICAL INSPECTOR, CENTRAL ZONE, ODISHA
G.D. 2/7, MAITRI VIHAR, CHANDRASEKHARPUR, BHUBANESWAR, TELEPHONE NO. 2300087
E-mail: ceiczbbsr-od@gov.in
No. 125 Dt. 25.01.2024
Corrigendum to the SHORT TENDER CALL NOTICE No. 46 Dated: 08 January 2024
No. B-1700: In a partial modification to the Short Tender Call Notice No. 46 dated 08.01.2024, following changes have been incorporated.
1. The last date for purchase of Tender Document has been extended upto 12.30 P.M. of 07.02.2024.
2. The last date for submission of Tender Document has been extended upto 02.00 P.M. of 07.02.2024.
3. The date of opening of Tender Document is rescheduled to 04.00 P.M. of 07.02.2024.
4. The cost of tender document needs to be paid in shape of Demand Draft of Rs.600/- (Rupees Six Hundred) only drawn in favour of **ADDITIONAL CHIEF ENGINEER-CUM-ELECTRICAL INSPECTOR, BBSR,** drawn on any Nationalized Bank, payable at Bhubaneswar, instead of TECH ASST ELECTL INSPR (T & D).
All other contents as mentioned in the Short Tender Call Notice remain unchanged.
Sd./- C.B.-cum-C.E.I., Central Zone Odisha, Bhubaneswar
OIPR-04036/11/0005/2324

GOVERNMENT OF ODISHA
SPORTS & YOUTH SERVICES DEPARTMENT
REQUEST FOR PROPOSAL
No. TT-57: Sports & Youth Services Department, Government of Odisha calls for bids from leading agencies to the Procurement of ELEIKO make weightlifting equipment for Department of Sports and Youth Services, Govt. of Odisha (PAC ITEMS). The details of the document are available at the below mentioned website.
Website: **https://sports.odisha.gov.in/**
https://tendersodisha.gov.in/
Interested firms/parties/agencies are advised to study the RfP document carefully before submitting their bid.
Important Dates and Information:
Date of Publication - 25.01.2024
Last date and time of submission of proposal - 16.02.2024, Time: 05.00 P.M.
Opening of the Technical Bid - 16.02.2024; Time: 06.00 P.M..
Sd./- Commissioner-cum-Secretary
OIPR-29001/11/0198/2324

GOVERNMENT OF ODISHA
SPORTS & YOUTH SERVICES DEPARTMENT
REQUEST FOR PROPOSAL
No. TT-54: Sports & Youth Services Department, Government of Odisha invites bids from leading agencies to the RFP (54 Nos.) on **"Appointment an Operator for Operations and Management of MPIS for Sports and Youth Services Department, Government of Odisha"**.
The details of the document are available at the below mentioned website tender: **https://department.sportsodisha.gov.in/tender**
Interested firms/parties/agencies are advised to study the RfP document carefully before submitting their bid.
Important Dates and Information:
Date of the Publication of the RFP - 25.01.2024
Submission of Prebid queries - 03.02.2024
Pre-Bid Meeting - 03.02.2024 12 P.M.
Response to Pre-Bid Queries - 05.02.2024
Last date and time of submission of proposal - 15.02.2024 upto 03.00 P.M.
Opening of the Technical Bid - 15.02.2024 at 4.00 P.M.
Sd./- Commissioner-cum-Secretary
OIPR-29001/11/0195/2324

GOVERNMENT OF ODISHA
SPORTS & YOUTH SERVICES DEPARTMENT
REQUEST FOR PROPOSAL
No. TT-53: Sports & Youth Services Department, Government of Odisha calls for bids from leading agencies to the RFP for Supply, Installation and maintenance of Weightlifting Equipment for DSYS, Government of Odisha. The details of the document are available at the below mentioned website.
Website: **https://sports.odisha.gov.in/**
https://tendersodisha.gov.in/
Interested firms/parties/agencies are advised to study the RfP document carefully before submitting their bid.
Important Dates and Information:
Date of Publication - 25.01.2024
Last date and time for sending pre-bid queries - 31.01.2024, Time: 11.30 A.M.
Pre-Bid Meeting - Date: 01.02.2024; Time: 02.00 P.M.
Last date and time of submission of proposal - 15.02.2024; Time: 03.00 P.M.
Opening of the Technical Bid - 15.02.2024; Time: 04.00 P.M.
Sd./- Commissioner-cum-Secretary
OIPR-29001/11/0194/2324

OFFICE OF THE ANGUL MUNICIPALITY, ANGUL
Ph.: 06764-230582, E-mail: angulmunicipality@gmail.com
Letter No. 273 Date: 24.01.2024
QUOTATION CALL NOTICE
No. C-: Sealed quotations are invited from the reputed intending firm/individual/printing press for supply of at least 5000 IEC booklets containing 20 printing pages each booklet of specification 170 GSM A4 Size Mat Finish Coloured paper. They should quote the rate paper piece booklet wise excluding of all taxes. The quotation schedule paper is Rs.500/- (Five hundred) only (Non-refundable) in shape of Cash which will be available in the office of the undersigned. The quotationer should submit the copy of GST of the firm and PAN Card along with quotation. The schedule paper along with all documents shall be submitted in the office of the Executive Officer, Angul Municipality on or before Date: 01.02.2024 upto 12.00 Noon and the same will be opened on Dt.01.02.2024 at 1.00 P.M. in presence of the quotationer or their authorized representative. The quotation received beyond the scheduled date and time shall not be considered at all. The booklets should supply to the office of the undersigned.
The undersigned reserves the right to accept/cancel/reject any all quotations without assigning any reason thereof.
Sd./- Executive Officer, Angul Municipality
OIPR-13085/11/0043/2324

ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ
ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍ – ୭୫୯୦୦୧
ଇ-ମେଲ୍: dhenkanalm.hud@gmail.com
ପତ୍ର ସଂଖ୍ୟା: ୩୫୪ ତା୨୯।୦୧।୨୪ରିଖ
ଅଭିବ୍ୟକ୍ତି ପ୍ରକାଶନ (EXPRESSION OF INTEREST)
No.C-2950: ଏତଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ୱାର୍ଡ଼ ନଂ. ୧୩ ମଧ୍ୟରେ ଥିବା ଦୁଇଗୋଟି ପ୍ରକଳ୍ପ ଯଥା: ୧. ମୋତି ମସଜିଦ୍‌ର ମରାମତି, ଅଟକଳ ମୂଲ୍ୟ: ୧୫.୦ ଲକ୍ଷ ଓ ୨. ଝୁମା ମସଜିଦ୍‌ର ମରାମତି ଓ ନବୀକରଣ। ନବୀକରଣ ଅଟକଳ ମୂଲ୍ୟ: ୧୫.୦ ଲକ୍ଷ ନିମନ୍ତେ ସ୍ଥାନୀୟ ମିଶନ ଶକ୍ତି ଗ୍ରୁପମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ଏବଂ ଯୋଗ୍ୟ। ମିଶନ ଶକ୍ତି ଗ୍ରୁପ୍‌ମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା୦୯।୦୨।୨୦୨୪ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ। ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଅଭିବ୍ୟକ୍ତି ପ୍ରକାଶନଟି ତା୦୯।୦୨।୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗ୍ରୁପ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗ୍ରୁପ୍ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ଢେଙ୍କାନାଳ ଜିଲ୍ଲା ୱେବ୍‌ସାଇଟ୍: **www.dhenkanal.nic.in** ଏବଂ ଢେଙ୍କାନାଳ ପୌରପାଳିକା ୱେବ୍‌ସାଇଟ୍ **www.dhenkanalmunicipality.com**ରୁ ମଧ୍ୟ ଡାଉନଲୋଡ୍ କରିପାରିବେ। ଲଫାପା ଉପରେ ପ୍ରକଳ୍ପର ନାମ ଲେଖାଥିବା ଆବଶ୍ୟକ। ଅଧିକ ଜାଣିବା ପାଇଁ ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ହେବେ।
ବି.ଦ୍ର.: ଯେ କୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି EXPRESSION OF INTERESTକୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି।
ସ୍ୱା./– ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
OIPR-13146/11/0049/2324

OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR
Phone No. (06683) 223418 (Off), e-mail: eemipad@yahoo.co.in
'e' - Procurement Notice
Bid Reference No. SE-MID-PDP-09/2023-24
No. 193/MID Date: 29.01.2024
No. A-1341: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.
1. Name of the works : Improvement/Repair/Construction of Civil Works
2. No. of Works : 13 (Thirteen) Nos.
3. Estimated Cost : Varies from Rs.2.99 lakh to Rs.68.79 lakh only (Approx.)
4. Period of Completion : 01 (One) to 06 (Six) Calendar Months
5. Date and time of availability of bid documents in the portal : From Dt.02.02.2024 at 10.00 A.M. to Dt.12.02.2024 upto 5.00 P.M.
6. Last date/time of receipt of bids in the portal : Dt.12.02.2024 upto 5.00 P.M.
7. Date of Opening of Bid : Dt.13.02.2024 at 10.00 A.M. onwards
8. Date of lottery scheduled to be held (if required) : Dt.19.02.2024 at 11.00 A.M. in the O/o. S.E.M.I. Division, Padampur
9. Name and address of the OIT : O/o. Superintending Engineer, M.I. Division, Padampur, At: Padampur, P.O.: Raj Bora Sambar, Dist.: Bargarh, PIN - 768036 (Odisha), Ph.: 06683-223418
10. Further details can be seen from the e-Procurement market place : http://tendersodisha.gov.in
Sd./- Superintending Engineer M.I. Division, Padampur
OIPR-32037/11/0011/2324

OFFICE OF THE SUPERINTENDING ENGINEER
RENGALI DAM DIVISION, RENGALI DAM SITE, ANGUL - 759105
E-mail: rengalidam@gmail.com
No. A-1342 **'e' PROCUREMENT NOTICE**

1	Nature of the Works	Improvement of Road Works at Rengali Dam Site
2	No. of Works	02 (Two)
3	Value of Works	Varies from Rs.88.11 Lakh to Rs.92.95 Lakh
4	Period of Completion	45 Days
5	Bid Security (EMD)	88.20 thousand to 95.00 thousand
6	Class of Contractors	'B' & 'A'
7	Procurement Officer	Superintending Engineer, Rengali Dam Division, Rengali Dam Site
8	Bid Identification No.	RDD-12/2023-24
9	Availability of tender for Online Bidding	From 10.00 hrs. of 01.02.2024 to 15.02.2024 upto 17.00 hrs.
10	Last date and time of seeking tender clarification	07.02.2024 upto 15.00 hrs.
11	Date and time of opening of Technical Bid	16.02.2024 at 11.00 hrs.

Further details conditions can be seen from the Govt. website **www.tendersorissa.gov.in**.
Sd./- Superintending Engineer
Rengali Dam Division, Rengali Dam Site
OIPR-32028/11/0006/2324

OFFICE OF THE DIVISIONAL FOREST OFFICER ANGUL DIVISION
At/Po- Angul, Dist- Angul, Odisha-759122,
E-mail ID- dfoangul@gmail.com, dfo.angul@odisha.gov.in Tel-06671-224237
Tender Inviting Notice for fixation of Rate contract for Supply for Various Type of materials to Angul Forest Division on Annual Rate Contract Basis
Ref:- Tender Letter No. 908/1F-2023 Dt.29.01.24
No. MM-431:- Divisional Forest Officer, Angul Division invites bids from the manufacturers/supplier/authorized distributors/dealers for fixation of Rate Contract for vaious type of materials to Angul Forest Division on Annual Rate Contract Basis, related to supply Single Barrel Riffled Tranquilizer Gun, Thermal monocular and VHF Base set with Walkie talkie under CAMPA and other Schemes.

1	Tender Publishing Date	30.01.2024, 10:00AM
2	Bid Document Download Start Date	30.01.2024, 10:00AM
3	Bid Submission Start Date	30.01.2024, 10:00AM
4	Last date for Bid Clarification	08.02.2024, 1:00 PM
5	Bid Submission End Date	08.02.2024, 05:00 PM
6	Bid Opening Date	09.02.2024, 10:00 AM

For more information visit **http://www.angul.nic.in** or **http://www.odishaforest.in**
OIPR-08027/11/0021/2324

ODISHA STATE SEEDSS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdosscltd456@gmail.com
NIT No. OSSC/Mktg (Hort)-55/2024
e-Tender Call Notice for Procurement of Certified Chilli Seed for Kharif-2024
No.CAD-3916:OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis for Procurement of Certified Chilli Seed for Kharif-2024 in double cover system through online mode only for the work below.

Name of the Work	Purchase of Certified Chilli Seed for Kharif- 2024
No. of Work	One
Availability of bid documents in portal	15.00 hours on 01.02.2024 to 17.00 hrs. of dt.21.02.2024
Last date of receipt of tender in portal	17.00 hrs of dt.21.02.2024
Date and Time of opening of Bid	10.30 hrs of dt.22.02.2024

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.
Sd./- Managing Director, OSSC Ltd.
OIPR-01106/11/0087/2324

GOVERNMENT OF ODISHA
SPORTS & YOUTH SERVICES DEPARTMENT
Kalinga Stadium, Bhubaneswar - 751012
Email ID: deptsportsodisha@gmail.com
REQUEST FOR PROPOSAL
No. TT-55: Sports & Youth Services Department, Government of Odisha invites bids from reputed agencies to the RfP for **"engagement of Catering Agency for FIH Pro League 2023-24 at Birsa Munda Hockey Stadium, Rourkela" for DSYS, Government of Odisha.**

Sl. No.	RFP No.	Date
1.	PT1-SYS-SEB-EVENTS-0013-2023/3370	25.01.2024

The details of the documents are available at the below mentioned website.
Website: **https://sports.odisha.gov.in/**
Interested firms/parties/agencies are advised to study the RfP document carefully before submitting their bid.
Important Dates and Information:
Date of Publication - 25 January 2024
Last date and time for sending pre-bid queries - Date: 29 January 2024; Time: 02.00 P.M.
Pre-Bid Meeting - Date: 29 January 2024; Time: 04.00 P.M.
Last date and time of submission of proposal - Date: 02 February 2024, Time: 03.00 P.M.
Opening of the Technical Bid - Date: 02 February 2024; Time: 05.00 P.M.
Sd./- Commissioner-cum-Secretary
OIPR-29001/11/0196/2324

GOVERNMENT OF ODISHA
SPORTS & YOUTH SERVICES DEPARTMENT
REQUEST FOR PROPOSAL
No. TT-59: Sports & Youth Services Department, Government of Odisha invites bids from leading agencies to the RFP (55 Nos.) on **"Appointment of Agencies/ Interested Parties for Operations and Management of Gym/Zumba/Yoga in Indoor Stadium of Sports and Youth Services Department, Government of Odisha"**.
The details of the document are available at the below mentioned website: **https://department.sportsodisha.gov.in/tender**
Interested firms/parties/agencies are advised to study the RFP document carefully before submitting their bid.
Important Dates and Information:
Date of the Publication of the RFP - 30.01.2024
Submission of Prebid queries - 05.02.2024
Pre-Bid Meeting - 05.02.2024 12 P.M.
Response to Pre-Bid Queries - 07.02.2024
Last date and time of submission of proposal - 19.02.2024 upto 03.00 P.M.
Opening of the Technical Bid - 19.02.2024 at 4.00 P.M.
Sd./- Commissioner-cum-Secretary
OIPR-29001/11/0199/2324

GOVERNMENT OF ODISHA No. B-1702
OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI
Phone: 06842-254004, Email: sernbphulbani@gmail.com
INVITATION FOR BIDS (IFB)
Bid Identification No. CCE_R and B_PLB_22 of 2023-24
No. 129 Dated: 19.01.2024

1	The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in Double Cover System in ONLINE MODE for construction of the Bridge works as detailed in the table below from eligible contractors		
2	Nature of Work	:	Bridge Works
3	No. of Tenders	:	One No.
4	Tender Cost	:	Rs.10,000/- (through Online) only.
5	Class of Contractor	:	A Class
6	Date & Time of sale & receipt of bids	:	10.00 A.M. of 31.01.2024 to 5.00 P.M. of 15.02.2024
7	Date of Opening of Bid	:	11.00 A.M. of 16.02.2024
8	The bidders shall have to participate in online bidding only. Further details can be seen from the website **https://tendersodisha.gov.in**. Any addendum/Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason.		

Sd./- Chief Construction Engineer Phulbani (R&B) Circle, Phulbani
OIPR-34129/11/0024/2324

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER HEAD WORKS DIVISION, SAMAL
INVITATION FOR BIDS (IFB)
Email ID: ee.hwd.samal@gmail.com
'e' Procurement Notice No. SE HWD-14/2023-24
No. A-1346: The Superintending Engineer, Head Works Division, Samal on behalf of Governor of Odisha invites Percentage Rate Bid in Single Cover System to be received in ONLINE MODE from eligible contractors registered with the State Government, contractors of equivalent Grade/Class registered with Central Government/MES/Railways/CPWD for execution of civil works mentioned as detailed below:

1	No. of Works	:	13 (Thirteen) No. of Civil Work
2	Estimated Cost	:	Approximately 10.93 lakhs to 49.91 lakhs
3	Cost of Tender Paper	:	Rs.6000.00 (Non-refundable)
4	EMD/Bid Security	:	Rs.11,000.00 to Rs.50,000.00 (Refundable)
5	Class of Contractor	:	'D' & 'C' Class and 'B' Class
6	Period of Completion of work	:	45 days
7	Date and time of availability of Bid Document in the website	:	From 10.00 A.M. of Dt.01.02.2024 to 5.00 P.M. of Dt.12.02.2024 in the website **(www.tendersodisha.gov.in)**.
8	Date, time and place of opening of Online tender	:	Dt.13.02.2024 at 11.30 A.M. in O/o. the Superintending Engineer, Head Works Division, Samal
9	Date, time and place for finalization of tender through Transparent Lottery System (if required)	:	Dt.16.02.2024 at 3.00 P.M. onwards in O/o. the Superintending Engineer, Head Works Division, Samal
10	Digital Signature Certificate (DSC)	:	The bidders must possess compatible Digital Signature Certificate (DSC) of Class II or Class III
11	Name and Address of Officer Inviting Tender	:	Superintending Engineer, Head Works Division, Samal, At/P.O.: Samal Barrage Township, Dist.: Angul, Odisha, PIN - 759037, Email ID: **ee.hwd.samal@gmail.com**

The bidders have to participate in ONLINE bidding only, further details can be seen from the e-Procurement Portal: **www.tendersodisha.gov.in**. Any addendum/ corrigendum/cancellation of tender can also be seen in the said website.
Sd./- Superintending Engineer Head Works Division, Samal
OIPR-32020/11/0012/2324

OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL
No.217/ Dt.25.01.2024
e-Procurement Notice
Bid Identification No.DMID/12/2023-24
e-mail ID:eemidkl@yahoo.co.in
No.A-1316: The Superintending Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

Name of the Work:	Civil Works in Different Block of Dhenkanal District for the year 2023-24 under Improvement to Check Dam & ERM Scheme.
No. of Works:	45 (Forty five) Only
Estimated Cost:	Varies from 04.33 lakh to 25.00 lakh (Approximately)
Cost of Tender Paper:	2000/- to 6000/-
Period of Completion:	03 (Three) Calendar months
Availability of bid documents for sale and receipt through on-line	From dt.31.01.2024, 10.00 AM to dt.09.02.2024, upto 5.00 P.M.
Last date / time of receipt of bids in the portal	09.02.2024 (5.00 PM)
Date of Technical bid opening through online	On dt.12.02.2024 at 11.00 A.M. in the Office of the S.E, M.I. Division, Dhenkanal.
Mode of payment of Bid Cost	Online
Digital Signature Certificate of Bidder:	The Bidder must possess compatible Digital Signature Certificate (DSC).
The detail tender call notice can also be seen in the DOWR website http:/ **dowrorissa.gov.in**	
Name & Address of the OIT:	Superintending Engineer, Minor Irrigation Division, Dhenkanal, At / P.O / District - Dhenkanal. Ph.No / Fax No.-06762-224461 , Email ID:eemidkl@yahoo.co.in.
Further details can be seen from the e-Procurement market place, **http://tendersorissa.gov.in**	

Sd./- Superintending Engineer M.I. Division, Dhenkanal
OIPR-32027/11/0007/2324

ODISHA STATE SEEDSS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdosscltd456@gmail.com
NIT No. OSSC/Mktg (Hort)-62/2024
e-Tender Call Notice for Procurement of Certified Turmeric Rhizomes for Kharif-2024
No.CAD-3909:OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis for Procurement of Certified Turmeric Rhizomes for Kharif-2024 in double cover system through online mode only for the work below.

Name of the Work	Purchase of Certified Turmeric Rhizomes for Kharif- 2024
No. of Work	One
Availability of bid documents in portal	15.00 hours on 01.02.2024 to 17.00 hrs. of dt.21.02.2024
Last date of receipt of tender in portal	17.00 hrs of dt.21.02.2024
Date and Time of opening of Bid	10.30 hrs of dt.22.02.2024

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.
Sd./- Managing Director, OSSC Ltd.
OIPR-01106/11/0080/2324

ଚୌବେଙ୍କ ଇସ୍ତଫା ଦାବି କଲେ ଭୂତିଆ

ନୂଆଦିଲ୍ଲୀ,୩୦।୧(ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ଇସ୍ତଫା ଦାବି କରିଛନ୍ତି ପୂର୍ବତନ ଭାରତୀୟ ଫୁଟ୍‌ବଲର ବାଇଚୁଙ୍ଗ ଭୂତିଆ। ଭାରତୀୟ ଫୁଟ୍‌ବଲରେ ଲାଗି ରହିଥିବା ଅବ୍ୟବସ୍ଥା ପାଇଁ କଲ୍ୟାଣ ଚୌବେଙ୍କୁ ଦାୟୀ କରିବା ସହ ଇସ୍ତଫା ଦାବି କରିଛନ୍ତି ଭୂତିଆ। ମଙ୍ଗଳବାର ଏଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ ପରିଷଦ ବୈଠକରେ ଭୂତିଆ ଏହି ଦାବି କରିଥିଲେ। କାର୍ଯ୍ୟକାରୀ କମିଟିର ସହମତି ବିନା ନିଷ୍ପତ୍ତି ନେଇଥିବା କାରଣରୁ ଏଆଇଏଫ୍‌ଏଫ୍ ମହାସଚିବ ଶାଜି ପ୍ରଭାକରନଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ସମାନ ଘଟଣାରେ ସଭାପତି ଚୌବେ ଓ କୋଷାଧ୍ୟକ୍ଷ କିପା ଅଜୟ ମଧ୍ୟ ସମ୍ପୃକ୍ତ ଥିଲେ। ତେଣୁ ଉଭୟ ଇସ୍ତଫା ଦେବା ଉଚିତ ବୋଲି ଭୂତିଆ କହିଛନ୍ତି। ମଙ୍ଗଳବାର କାର୍ଯ୍ୟକାରୀ ପରିଷଦ ବୈଠକ ପାଇଁ ଭୂତିଆଙ୍କୁ ଆମନ୍ତ୍ରଣ କରାଯାଇଥିବା ବେଳେ ଶାଜି ପ୍ରଭାକରନଙ୍କୁ ଡକାଯାଇ ନ ଥିଲା। ତେବେ ଭର୍ଚୁଆଲ ମାଧ୍ୟମରେ ପ୍ରଭାକରନ ଏହି ବୈଠକରେ ଯୋଗ ଦେଇଥିଲେ। ନଭେମ୍ବର ୭ ତାରିଖରେ ପ୍ରଭାକରନଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ଏହି ଘଟଣାରେ ୩ ଜଣ ଯାକ ସମ୍ପୃକ୍ତ ଥିବା ବେଳେ କେବଳ ପ୍ରଭାକରନଙ୍କୁ ବଳିବୋଦା ବନା ଯାଇଥିଲା।

ଏହି ୩ ଜଣ ମିଳିତ ଭାବରେ ସମସ୍ତ ନିଷ୍ପତ୍ତି ନେଉଥିଲେ, ତେଣୁ ପରିଣାମ ସମସ୍ତଙ୍କ ପାଇଁ ସମାନ ରହିବା ଉଚିତ ବୋଲି କହିଛନ୍ତି ଭୂତିଆ। ଭାରତୀୟ ଫୁଟ୍‌ବଲ ବର୍ତ୍ତମାନ ସଙ୍କଟ ମଧ୍ୟରେ ଗତିକରୁଛି। ଫୁଟ୍‌ବଲରେ କ୍ରୀଡା ଅପେକ୍ଷା ରାଜନୀତି ଚରମ ସୀମାରେ ପହଞ୍ଚିଛି। ଦାୟିତ୍ୱ ଗ୍ରହଣର ଏକ ବର୍ଷ ମଧ୍ୟରେ ଭାରତୀୟ ଫୁଟ୍‌ବଲକୁ ତଳିତଳାନ୍ତ କରି ସାରିଲେଣି ବର୍ତ୍ତମାନର ଟିମ୍। ଭାରତୀୟ ଜାତୀୟ ଦଳକୁ ହାଙ୍ଗଝୋ ଏସିଆନ୍ ଗେମ୍ସ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁପଡିଥିବା ବେଳେ ଏସିଆନ୍ କପ୍‌ରେ ମଧ୍ୟ ପ୍ରସ୍ତୁତି ପାଇଁ ସମୟ ମିଳି ନ ଥିଲା। ପ୍ରଭାକରନଙ୍କୁ ନଭେମ୍ବର ୭ ତାରିଖରେ ନିଲମ୍ବନ କରାଯାଇଥିବା ବେଳେ ଡିସେମ୍ବର ୮ରେ ଦିଲ୍ଲୀ ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଥିଲେ। ଏହା ସହ ଜାନୁଆରୀ ୧୯ରେ ପରବର୍ତ୍ତୀ ନିଷ୍ପତ୍ତିରେ କୋର୍ଟ ନିଲମ୍ବନକୁ ଅଣସାମ୍ବିଧାନିକ ଦର୍ଶାଇଥିଲେ। କାର୍ଯ୍ୟକାରୀ ପରିଷଦ ନିକଟରେ ବାସନ୍ଦର ଅଧିକାର ରହିଥିବା ବେଳେ ସଭାପତି କିଭଳି ବାସନ୍ଦ କଲେ ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ତେବେ କେଉଁ କାରଣରୁ ପ୍ରଭାକରନଙ୍କୁ ନିଲମ୍ବନ କରାଯାଇଛି ତାହା ଜଣା ନ ଥିବା କହିଛନ୍ତି ଭୂତିଆ। ଏହା ସହ ଏଆଇଏଫ୍‌ଏଫ୍‌ର ବୈଠକକୁ ଲାଇଭ୍ ଷ୍ଟ୍ରିମ୍ କରିବା ପାଇଁ ସେ ଆବେଦନ କରିଥିବା କହିଛନ୍ତି ଭୂତିଆ। ଏସିଆନ୍ ଗେମ୍ସ ଓ ଏସିଆନ୍ କପ୍‌ରେ ବିଫଳତା ପାଇଁ ଏଆଇଏଫ୍‌ଏଫ୍‌ର ଉପରିସ୍ଥ କର୍ମଚାରୀ ଦାୟୀ ବୋଲି ସେ କହିଛନ୍ତି। ଏସିଆନ୍ ଗେମ୍ସରେ ପରିଚାଳନାଗତ ତ୍ରୁଟି ପାଇଁ ଭାରତୀୟ ଦଳ ମ୍ୟାଚ୍‌ର କିଛି ଘଣ୍ଟା ପୂର୍ବରୁ ପହଞ୍ଚିଥିଲା। ଅନ୍ୟ ପକ୍ଷରେ ଏସିଆନ୍ କପ୍ ପାଇଁ ଭାରତୀୟ ଦଳକୁ ପ୍ରସ୍ତୁତି ପାଇଁ ଉପଯୁକ୍ତ ସମୟ ମିଳି ନ ଥିଲା ବୋଲି ଭୂତିଆ କହିଛନ୍ତି।

ଜିଏମ୍ ଜୟସନ୍‌ଙ୍କୁ ହରାଇଲେ ପ୍ରିଅଂଶ

ଭୁବନେଶ୍ୱର, ୩୦।୧

(ତପନ ସ୍ୱାଇଁ)

ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ପହିଲାରେ ୧୦ଟା ୩୦ରେ ପାର୍ଲାମେଣ୍ଟରେ ୨୦୨୪-୨୫ ପାଇଁ ଅନ୍ତରୀଣ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ। ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଏଥିରେ ପ୍ରତିରକ୍ଷା ଓ ଇନ୍‌ଫ୍ରାଷ୍ଟ୍ରକଚର୍ ପାଇଁ କିଛି ଘୋଷଣା ହୋଇପାରେ। ସେହିପରି ନିର୍ମଳା ମଧ୍ୟବିତ୍ତ ତଥା ବେତନ ପ୍ରାପ୍ତ ଶ୍ରେଣୀକୁ କିଛି ବିଶେଷ ଉପହାର ଦେଇପାରନ୍ତି ବୋଲି ଆଶା କରାଯାଉଛି। ତେବେ ରୋଜଗାର ବା ନିଯୁକ୍ତି କ୍ଷେତ୍ର ଉପରେ ସାଧାରଣ ଲୋକଙ୍କର ଧ୍ୟାନ ରହିବ। ଟିକସ ଛାଡ, ଶସ୍ତା ଘର, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଗୃହରଣ ନେଇଥିବା ବ୍ୟକ୍ତିଙ୍କ ପାଇଁ କିଛି ରିହାତି ସହ ଆୟକର ଛାଡ ନେଇ ଅଧିକାଂଶ ଆଶା ବାନ୍ଧିଛନ୍ତି। ଟିକସ ବୋଝ ହ୍ରାସ କରିବାକୁ ସରକାର ଆୟକର ଛାଡ ମଧ୍ୟ ଘୋଷଣା କରିପାରନ୍ତି। ତେବେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରକୁ ନେଇ ବଜେଟ ଉପସ୍ଥାପନା ଉପରେ ସମସ୍ତଙ୍କ ନଜର ରହିଛି।

ସବୁ କ୍ଷେତ୍ରର ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଭଳି ହେବା ଆବଶ୍ୟକ

ନିର୍ବାଚନକୁ ଦୃଷ୍ଟିରେ ରଖି ନିଶ୍ଚିତ ଭାବେ ବଜେଟ୍ ଉପସ୍ଥାପନ କରାଯିବ। ପୂର୍ବରୁ ଭିନ୍ନ ଭିନ୍ନ ଅର୍ଥମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ ଗ୍ଲୋବାଲ ବଜେଟ୍, ଆଇଟି ବଜେଟ କୃଷି ପାଇଁ ସ୍ୱତନ୍ତ୍ର ବଜେଟ୍, କୋଭିଡ୍ ପାଇଁ ସ୍ୱତନ୍ତ୍ର ଥିମ୍ ବଜେଟ୍ ଘୋଷଣା ହୋଇଛି। ମାତ୍ର ଚଳିତବର୍ଷ ସେପରି କିଛି ଘୋଷଣା କରାଯାଇ ନ ପାରେ। ମଧ୍ୟବିତ୍ତ ବର୍ଗର କରଦାତାଙ୍କୁ ରିହାତି ପ୍ରଦାନଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ କ୍ଷେତ୍ରକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଥିବ। କୃଷିକ୍ଷେତ୍ର, ହାଉସିଂ ସେକ୍ଟର, ଏମ୍‌ଏସ୍‌ଏମ୍‌ଇ, ଗବେଷଣା କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ଘୋଷଣା ହୋଇପାରେ। ଉତ୍ପାଦନ କ୍ଷେତ୍ରରେ ମଧ୍ୟ ନୂଆ ଘୋଷଣା ହୋଇପାରେ। ଏହାଦ୍ୱାରା ବିଭିନ୍ନ କମ୍ପାନୀ ଉପକୃତ ହେବେ। ତେଣୁ ଏହି ଅନ୍ତରୀଣ ବଜେଟ୍ ସବୁ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଭଳି ହେବା ଆବଶ୍ୟକ।

– ତ୍ରିନାଥ ଲେଙ୍କା, ଅର୍ଥନୀତି ବିଶେଷଜ୍ଞ

ଇଭି କ୍ରୟକୁ ପୂର୍ବପରି ଟିକସମୁକ୍ତ ରଖାଯାଉ

ବଜେଟ୍‌କୁ ନେଇ ସବୁବର୍ଗର ଲୋକ ବେଶ୍ ଆଶାବାଦୀ ଅଛନ୍ତି। ଅଟୋମୋବାଇଲ୍ କ୍ଷେତ୍ରରେ ବିଶେଷ କିଛି ପରିବର୍ତ୍ତନ ହେବା ପରି ମନେହେଉନାହିଁ। ଇଲେକ୍ଟ୍ରୋନୋନିକ୍ ଭେହିକିଲ(ଇଭି) କ୍ରୟ ଉପରେ ଟିକସ୍ ଲାଗୁ କରାଯାଇପାରେ। ତେବେ ଏହାଦ୍ୱାରା ସାଧାରଣବର୍ଗର ଗ୍ରାହକ ପ୍ରଭାବିତ ହେବେ। କାରଣ ଏହାଦ୍ୱାରା ଗ୍ରାହକଙ୍କ ରେଜିଷ୍ଟ୍ରେଶନ୍ ଖର୍ଚ୍ଚ ବଢ଼ିପାରେ। ତେଣୁ ଏହାକୁ ପୂର୍ବପରି ଟିକସମୁକ୍ତ ରଖାଯିବା ଉଚିତ।

–ଆଦିତ୍ୟ ପାତ୍ର, ମ୍ୟାନେଜିଂ ଡାଇରେକ୍ଟର, ଆଦିତ୍ୟ ଗ୍ରୁପ୍

ସାଧାରଣ ଲୋକ, ବିକାଶ ଉପରେ ଗୁରୁତ୍ୱ ଦିଆଯାଉ

ବଜେଟକୁ ନେଇ ଜଣେ ସାଧାରଣ ନାଗରିକ ମନରେ ଅନେକ ଉତ୍କଣ୍ଠା ଥାଏ। ବଜେଟର ସାଧାରଣ ଜୀବନ ଉପରେ କ'ଣ ପ୍ରଭାବ ରହିବ ତାହା ଜାଣିବାକୁ ସମସ୍ତେ ଇଚ୍ଛୁକ ଥାନ୍ତି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସୁରକ୍ଷା, ରୋଜଗାର ଆଦି ଦିଗରେ ବଜେଟରେ ପ୍ରାଥମିକତା ରହିବା ଜରୁରୀ। ସାଧାରଣ ଲୋକଙ୍କ ଆଶା ଓ ଭରସାକୁ ଗୁରୁତ୍ୱ ଦିଆଯିବା ସହ ବିକାଶ ଉପରେ ଜୋର ଦିଆଯିବା ଆବଶ୍ୟକ।

–ଡ. ଦେବୀଲାଲ ମିଶ୍ର, ସମାଜବିଜ୍ଞାନୀ

ଗୁରୁତର ରୋଗ ଚିକିତ୍ସା କ୍ଷେତ୍ରର ଭିତ୍ତିଭୂମି ବିକାଶ ଜରୁରୀ

ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର ବହୁତ ପଦକ୍ଷେପ ଗ୍ରହଣ କରିଛନ୍ତି। ଉପସ୍ଥାପନ ହେବାକୁ ଥିବା ବଜେଟ୍‌ରେ ଆକ୍ୟୁଟ୍ ଟ୍ରମାକେୟାର, ଷ୍ଟ୍ରୋକ୍, ମେଣ୍ଟାଲ ହେଲ୍‌ଥ ଭଳି ଗୁରୁତର ରୋଗର ଚିକିତ୍ସା କ୍ଷେତ୍ରରେ ସରକାର ଭିତ୍ତିଭୂମି ବିକାଶ କରିବା ଜରୁରୀ। ଦେଶର ଚିକିତ୍ସାକ୍ଷେତ୍ରରେ ତାଲିମ ପ୍ରଦାନ ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ସେହିପରି 'ଆୟୁଷ୍ମାନ ଭାରତ' ପରି ଯୋଜନାରେ ସାମିଲ ହେଉଥିବା ହସ୍ପିଟାଲଗୁଡ଼ିକୁ ଯଥା ସମୟରେ ଦେୟ ପୈଠ କରିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଦରକାର। ଏହାଦ୍ୱାରା ଅଧିକରୁ ଅଧିକ ହସ୍ପିଟାଲ ଏଭଳି ସରକାରୀ ଯୋଜନାରେ ଯୋଡିହେବା ସହ ଉନ୍ନତ ତଥା ତ୍ୱରିତ ଚିକିତ୍ସା ଯୋଗାଇ ଦେବାକୁ ମନ ବଳାଇବେ।

–ଡ. ଶକ୍ତିମୟ ମହାପାତ୍ର, ୟୁନିଟ୍ ହେଡ୍, ଆମ୍ରି ହସ୍ପିଟାଲ, ଭୁବନେଶ୍ୱର

ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେଲା ଭଳି ବଜେଟ୍ ହେବ

ଆଗକୁ ନିର୍ବାଚନ ପାଇଁ ଅନ୍ତରୀଣ ବଜେଟ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ସବୁକ୍ଷେତ୍ର ଓ ସବୁ ନାଗରିକଙ୍କ ଉନ୍ନତି ନେଇ ଏହି ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଥିବ ନିଶ୍ଚିତ। ବିଶେଷକରି ବ୍ୟାଙ୍କିଙ୍ଗ୍ ସେକ୍ଟରକୁ ନେଇ ନିଶ୍ଚିତ ଭାବେ ସକାରାତ୍ମକ ଘୋଷଣା ହେବ। ଏଥିପାଇଁ ସମସ୍ତେ ଖୁବ୍ ଆଶାବାଦୀ ଅଛନ୍ତି। ଚଳିତ ଆର୍ଥିକବର୍ଷରେ ଜିଡିପି ଅଭିବୃଦ୍ଧି ପ୍ରାୟ ୭% ହୋଇପାରେ। ଏଥି ସହିତ ୨୦୩୦ ସୁଦ୍ଧା ଭାରତୀୟ ଅର୍ଥନୀତିର ମୂଲ୍ୟ ୭ ଟ୍ରିଲିୟନ ଡଲାର ହେବ। ୨୦୨୪ ବଜେଟ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ସମୀକ୍ଷା କରି ଏହା ଦର୍ଶାଇଛନ୍ତି। ତେଣୁ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେଲା ଭଳି ବଜେଟ୍ ଉପସ୍ଥାପନ କରାଯିବ ବୋଲି ଆଶା।

– ମୁନିସ୍ ଶାରଦା, ଗ୍ରୁପ୍ ଏକଜିକ୍ୟୁଟିଭ୍, ଆକ୍ସିସ୍ ବ୍ୟାଙ୍କ

ରାମରାଜ୍ କଟନ୍‌ର ନୂଆ ଚେହେରା ରିଷଭ

ଭୁବନେଶ୍ୱର,୩୦।୧ (ଅଭୟ ଦାଶ)

ଦେଶର ଅଗ୍ରଣୀ ପୋଷାକ ବ୍ରାଣ୍ଡ୍ ରାମରାଜ୍ କଟନ୍ ଜଣାଶୁଣା ଫିଲ୍ମ ନିର୍ମିତା ତଥା ଭାରତୀୟ ଅଭିନେତା ରିଷଭ ସେଙ୍ଗୀଙ୍କୁ ବ୍ରାଣ୍ଡର ନୂଆ ଚେହେରା (ବ୍ରାଣ୍ଡ ଆମ୍ବାସାଡାର) ଭାବେ ନିଯୁକ୍ତି କରିଛି। ଏପରିକି ସେଙ୍ଗୀ ବ୍ରାଣ୍ଡର ଅଗ୍ରଣୀ ପୋଷାକ ରାମରାଜ୍ ଧୋତି, ଶାର୍ଟ ଏବଂ କୁର୍ତ୍ତା ଆଦିର ପ୍ରଚାରପ୍ରସାର କରିବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ରାମରାଜ୍ କଟନ୍‌ର ଏମ୍‌ଡି ଅରୁଣ ଈଶ୍ୱର କହିଥିଲେ, ଆମେ ରିଷଭଙ୍କୁ ଆମ ପରିବାରକୁ ସ୍ୱାଗତ କରୁଛୁ। ଏପରିକି ରିଷଭ ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡର ଭାବେ ଆମ ସହ ଯୋଡ଼ିହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ରିଷଭ ଆମର ବ୍ରାଣ୍ଡଗୁଡିକୁ ସବୁ ବର୍ଗର ଗ୍ରାହକଙ୍କ ନିକଟତର କରାଇପାରିବେ ବୋଲି ଆମର ବିଶ୍ୱାସ ଓ ଭରସା ରହିଛି।

ପି.ସି. ଚନ୍ଦ୍ରାର ଡାଇମଣ୍ଡ ଉତ୍ସବ

ଭୁବନେଶ୍ୱର,୩୦।୧

SINCE 1939
P. C. CHANDRA JEWELLERS
A jewel of jewels

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ପି.ସି. ଚନ୍ଦ୍ରାର ଡାଇମଣ୍ଡ ଉତ୍ସବ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବ ୨୦୨୪ ଫେବୃଆରୀ ୪ ପର୍ଯ୍ୟନ୍ତ ଦେଶର ସମସ୍ତ ପି.ସି. ଚନ୍ଦ୍ରା ଏକ୍ସକ୍ଲୁସିଭ ଆଉଟ୍‌ଲେଟ (ଶୋ'ରୁମ୍)ରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନ ପକ୍ଷରୁ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଓ ରିହାତି ପ୍ରତି କ୍ରୟରେ ଯୋଗାଇ ଦିଆଯାଉଛି।

ମଞ୍ଚପଡ଼ାରେ ପାସେଞ୍ଜର ହଲ୍ଟ ଷ୍ଟେଶନକୁ ଅନୁମୋଦନ

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ରେଳ ମଣ୍ଡଳ ଅନ୍ତର୍ଗତ ରୁପସା-ବାଙ୍ଗିରିପୋଷି ରେଳ ସେକ୍ସନ ମଧ୍ୟରେ ମଞ୍ଚପଡା ଠାରେ ଏକ ନୂତନ ପାସେଞ୍ଜର ହଲ୍ଟ ଷ୍ଟେସନ ନିର୍ମାଣ କରାଯିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ଜାନୁୟାରୀ ୧୩ରେ ଏହି ଅଞ୍ଚଳ ଗସ୍ତ ସମୟରେ ସ୍ଥାନୀୟ ଲୋକମାନେ ସେମାନଙ୍କର ଯାତାୟାତ ସୁବିଧାପାଇଁ ମଞ୍ଚପଡା ଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ କରିବାକୁ ଦାବି କରିଥିଲେ। ଏଠାରେ ପାସେଞ୍ଜର ହଲ୍ଟ ନିର୍ମାଣ କରିବାକୁ ବୈଷ୍ଣବ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଖଡ଼ଗପୁର ରେଳ ମଣ୍ଡଳର ରୁପସା-ବାଙ୍ଗିରିପୋଷି ରେଳ ସେକ୍ସନର ଜୁଗପୁରା ଏବଂ ଠାକୁରତୋଟା ଷ୍ଟେସନ ମଧ୍ୟରେ ମଞ୍ଚପଡାରେ ଏହି ପାସେଞ୍ଜର ହଲ୍ଟ ଷ୍ଟେସନ ନିର୍ମାଣ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ରେଳ ବୋର୍ଡରୁ ମଧ୍ୟ ଅନୁମୋଦନ ମିଳିଛି। ଏହି ହଲ୍ଟ ଷ୍ଟେସନ୍ ନିର୍ମାଣ ଫଳରେ ସ୍ଥାନୀୟ ବାସିନ୍ଦାମାନେଉପକୃତ ହେବେ ବୋଲି ଆଶା କରାଯାଉଛି। ନୂତନ ଷ୍ଟେସନ ଛାତ୍ର, କ୍ଷୁଦ୍ର ବ୍ୟବସାୟୀ, ଶ୍ରମିକ, ଦୈନିକ ଯାତ୍ରୀମାନଙ୍କ ପାଇଁ ଯୋଗାଯୋଗକୁ ସୁଗମ କରିବ।

ଶେୟାର ବଜାର କାରବାରରେ ହ୍ରାସ

ଭୁବନେଶ୍ୱର,୩୦।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୦୨ (୮୦୧.୬୭) ପଏଣ୍ଟ ଖସି ୭୧,୧୪୦ (୭୧,୧୩୯.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୫(୨୧୫.୫୦) ପଏଣ୍ଟ ହ୍ରାସ ଘଟି ୨୧,୫୨୨ (୨୧,୫୨୨.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି।

ଏଆଇ ପ୍ଲାଟ୍‌ଫର୍ମ 'ଜିଓ ବ୍ରେନ୍'ର ଶୁଭାରମ୍ଭ

Jio PLATFORMS
JioBRAIN

ଭୁବନେଶ୍ୱର,୩୦।୧

ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ୍‌ର ଏକ ନୂତନ ୫ଜି ସମନ୍ୱିତ ମେଶିନ୍ ଲର୍ନିଂ ଏବଂ କୃତ୍ରିମ ଇଣ୍ଟେଲିଜେନ୍ସ (ଏଆଇ) ପ୍ଲାଟ୍‌ଫର୍ମ 'ଜିଓ ବ୍ରେନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜିଓ ବ୍ରେନ୍ ସମସ୍ତ ପ୍ରକାର ଶିଳ୍ପ ଏବଂ ବ୍ୟବସାୟ ପାଇଁ ଏକ ସମନ୍ୱିତ ମେଶିନ୍ ଲର୍ଣ୍ଣିଂ ପ୍ଲାଟ୍‌ଫର୍ମ ପ୍ରଦାନ କରିଥାଏ। ସେହିଭଳି ଜିଓ ବ୍ରେନ୍ ପ୍ଲାଟ୍‌ଫର୍ମ କମ୍ପାନୀ ବର୍ତ୍ତମାନର ନେଟ୍‌ୱର୍କ ସହିତ ସହଜରେ ଏକାଠି କାର୍ଯ୍ୟ କରିବାର କ୍ଷମତା ରଖିଛି। ଏହାକୁ ବ୍ୟବହାର କରିବାକୁ କମ୍ପାନୀଗୁଡିକ ସେମାନଙ୍କର ବର୍ତ୍ତମାନର ନେଟ୍‌ୱର୍କକୁ ପରିବର୍ତ୍ତନ କରିବା ଆବଶ୍ୟକ ପଡ଼ିବ ନାହିଁ। ଅପରପକ୍ଷରେ ଟେଲିକମ୍ ନେଟ୍‌ୱର୍କ ହେଉ ବା ଏଣ୍ଟରପ୍ରାଇଜ୍ ନେଟ୍‌ୱର୍କ କିମ୍ବା ଯେକୌଣସି ପ୍ରକାର ଆଇଟି ନେଟ୍‌ୱର୍କ, ଜିଓ-ବ୍ରେନ୍ ସମସ୍ତ ପ୍ରକାର ନେଟ୍‌ୱର୍କ ସହିତ ସଂଯୁକ୍ତ ଭାବେ କାର୍ଯ୍ୟ କରିପାରିବ। ଏପରିକି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହ ସଜ୍ଜିତ ଏହି ଅଭିନବ ପ୍ଲାଟ୍‌ଫର୍ମ ଶହ ଶହ ଇଞ୍ଜିନିୟରଙ୍କ ଉଦ୍ୟମ ଏବଂ ଦୀର୍ଘ ୨ବର୍ଷର ଗବେଷଣା ପରେ ବିକଶିତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ମେଶିନ୍ ଲର୍ନିଂକୁ ସହଜ କରିବାକୁ ଜିଓ ବ୍ରେନ୍ ପ୍ଲାଟ୍‌ଫର୍ମ ୫୦୦ରୁ ଅଧିକ ପ୍ରୟୋଗ ବା ଆପ୍ଲିକେଶନ ସହିତ ସଜ୍ଜିତ ରହିଛି। ଉଲ୍ଲେଖଯୋଗ୍ୟ, ଜିଓ ପ୍ଲାଟ୍‌ଫର୍ମସ୍ ଏହାକୁ ୫ଜି ଏବଂ ଭବିଷ୍ୟତର ଟେକ୍ନୋଲୋଜି ୬ଜି ପାଇଁ ଉତ୍ପାଦ ଶୃଙ୍ଖଳ ବିକାଶ ଦିଗରେ ଏକ ମାଇଲଖୁଣ୍ଟ ଭାବେ ବିଚାର କରୁଛି। ଜିଓ ବ୍ରେନ୍ ଉଦ୍ୟୋଗଗୁଡ଼ିକୁ ପରିବର୍ତ୍ତନ ଏବଂ ନେଟ୍‌ୱର୍କ ଅପ୍ଟିମାଇଜେଶନ୍ କରିବା ଦିଗରେ ସହାୟତା କରିବା ସହ ୬ଜି ବିକାଶ ପାଇଁ ମଧ୍ୟ ମଞ୍ଚ ପ୍ରସ୍ତୁତ କରିବ, ଯେଉଁଥିରେ ମେଶିନ୍ ଲର୍ନିଂକୁ ଏକ ପ୍ରମୁଖ ସାମର୍ଥ୍ୟ ଭାବେ ବିବେଚନା କରାଯାଉଛି।

ଓଡ଼ିଶା ଗ୍ରାମାଞ୍ଚଳରେ ଆକ୍ସିସ୍ ବ୍ୟାଙ୍କର ଅଗ୍ରଗତି

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା)

ଅଗ୍ରଣୀ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ଭାରତ ବ୍ୟାଙ୍କିଙ୍ଗ୍ ବ୍ୟବସାୟ ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ଓ ଅର୍ଦ୍ଧ ସହରାଞ୍ଚଳ(ରୁସୁ) ଅଞ୍ଚଳରେ ଅଗ୍ରଗତି କରୁଛି। ସମଗ୍ର ଓଡ଼ିଶାରେ ବ୍ୟାଙ୍କର ୨୧୦ଟି ଶାଖା ରହିଥିବାବେଳେ ଏହାର ୭୦ ପ୍ରତିଶତ ଶାଖା ରୁସୁ ଅଞ୍ଚଳରେ ରହିଛି। ରାଜ୍ୟର ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ ପାଇଁ ବ୍ୟାଙ୍କ ୩୦୦୦ରୁ ଅଧିକ ଜନସେବା କେନ୍ଦ୍ର (ସିଏସ୍‌ସି) ଗ୍ରାମ୍ୟ ସ୍ତରୀୟ ଉଦ୍ୟୋଗୀ (ଭିଏଲ୍‌ଇ)ଙ୍କୁ ନିୟୋଜିତ କରିଛି। ଗତ ୯ ମାସରେ ଏହାର ଗୋଲ୍ଡ ଲୋନ୍ ବୁକ୍ ମଧ୍ୟ ୩୫%ରୁ ଅଧିକ ବୃଦ୍ଧି ଘଟିଛି। ଏହି ଅବସରରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ତଥା ଭାରତ ବ୍ୟାଙ୍କିଙ୍ଗ୍ ମୁଖ୍ୟ ମୁନିସ ଶାରଦା କହିଛନ୍ତି, ଆକ୍ସିସ୍ ବ୍ୟାଙ୍କ ବିଭିନ୍ନ ଉତ୍ପାଦ ଓ ସେବା ମାଧ୍ୟମରେ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ), ଉଦୀୟମାନ କର୍ପୋରେଟ୍, ବାଣିଜ୍ୟିକ କୃଷି, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ସ୍ୱାସ୍ଥ୍ୟସେବା ଫାଇନାନ୍ସ ଆଦିର ବିବିଧ ଆବଶ୍ୟକତା ପୂରଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚାଇଛନ୍ତି। ବ୍ୟାଙ୍କ ଜଏଣ୍ଟ୍ ଲାଏବିଲିଟି ଗ୍ରୁପ୍ (ଜେଏଲ୍‌ଜି) ଗ୍ରାହକଙ୍କ ପାଇଁ ବ୍ୟକ୍ତିଗତ ମିଆଦୀ ଋଣ ଉତ୍ପାଦ, କୃଷକମାନଙ୍କ ପାଇଁ ଅଳ୍ପ ମୂଲ୍ୟର ମିଆଦୀ ଋଣ, ଟ୍ରାକ୍ଟର ରିଫାଇନାନ୍ସ ଆଦି ସେବା ଆରମ୍ଭ କରିଛି। ଏହା ସହ ମେଡିକାଲ ଉପକରଣ, ସୌର ଉପକରଣ, କୃଷି ବାଣିଜ୍ୟିକ ଯାନ, ସିଜିଟିଏସ୍‌ଏମ୍‌ଇ ହାଇବ୍ରିଡ୍, ଇପିସି କମୋଡିଟି ଏବଂ ଫ୍ଲେକ୍ ମେଟାଲ ରହିଛି।

୩୧ରୁ ଜିଇଏମ୍‌ର ରୋଡ୍ ଶୋ

ଭୁବନେଶ୍ୱର,୩୦।୧

ଦେଶର ଅଗ୍ରଣୀ ଷ୍ଟାର୍ଟଅପ୍ କମ୍ପାନୀ ତଥା ୨ଓ ୩ ଚକିଆ ବୈଦ୍ୟୁତିକ ଯାନ (ଇଲେକ୍ଟ୍ରିକ୍ ଭେଇକିଲ/ଇଭି) ନିର୍ମାତା ଗୋଦାବରୀ ଇଲେକ୍ଟ୍ରିକ୍ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ରୋଡ୍ ଶୋ (ପାନ୍ ଇଣ୍ଡିଆ ରୋଡ୍ ଶୋ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଏବଂ ଡିଲର୍ସମାନଙ୍କ ଦ୍ୱାରା ଏକ ରୋଡ୍ ଶୋ ୨୦୨୪ ଜାନୁଆରୀ ୩୧ରୁ ଆୟୋଜିତ ହେଉଛି। ଏହି ରୋଡ୍ ଶୋକୁ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭୁବନେଶ୍ୱରର ଶୁଭଶ୍ରୀ ଏଣ୍ଟରପ୍ରାଇଜେସ୍ ଏବଂ ବାଲୁଗାଁର ଉତ୍କର୍ଷ ମୋଟର୍ସ ଦ୍ୱାରା ଆୟୋଜିତ ହେବ।

ଉଲ୍ଲେଖଯୋଗ୍ୟ, ଶୁଭଶ୍ରୀ ଏଣ୍ଟରପ୍ରାଇଜେସ୍ (ସୂର୍ଯ୍ୟ ଅଟୋ ଇଲେକ୍ଟ୍ରନ୍ସ,ରବି ଟକିଜ ଛକ ଭୁବନେଶ୍ୱର) ପକ୍ଷରୁ ଜାନୁଆରୀ ୩୧ରୁ ଫେବୃଆରୀ ୨ ପର୍ଯ୍ୟନ୍ତ ଏବଂ ବାଲୁଗାଁର ଉତ୍କର୍ଷ ମୋଟର୍ସ (ଅଲାଇଡିହ ଛକ ବାଣପୁର ରୋଡ୍ ଖୋର୍ଦ୍ଧା) ପକ୍ଷରୁ ଫେବୃଆରୀ ୩ ରୁ ୪ ପର୍ଯ୍ୟନ୍ତ ରୋଡ୍ ଶୋ ଆୟୋଜିତ ହେବ।

ବିଶେଷକରି ଏହି ରୋଡ୍ ଶୋ ଜରିଆରେ କମ୍ପାନୀ ତା'ର ଅତ୍ୟାଧୁନିକ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରାଇବା ସହ ଗ୍ରାହକଙ୍କୁ ବିଭିନ୍ନ ମଡେଲ ସହ ପରିଚିତ କରାଇବ। କମ୍ପାନୀର ପ୍ରମୁଖ ମଡେଲ ଏବଲୁ ରୋଜି, ରେଇନୋ, ଫିଓ, ସ୍ପିନ୍ ଏବଂ ଥ୍ରିଲକୁ ପ୍ରଦର୍ଶନୀ କରାଇବ।

ଏ ସମ୍ପର୍କରେ ଗୋଦାବରୀ ଇଲେକ୍ଟ୍ରିକ୍ ମୋଟର୍ସର ସିଇଓ ହାଇଦର ଖାନ କହିଛନ୍ତି, ପାନ୍ ଇଣ୍ଡିଆ ରୋଡ୍ ଶୋ ହେଉ

ଜନ୍ମଦିନର ଶୁଭେଚ୍ଛା

ଗୁନ୍‌ଗୁନ୍
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୩୧.୪ ସେକେଣ୍ଡରେ ମେଗାମିସ୍କର ସମାଧାନ

ମୁମ୍ବାଇ

ନିକଟରେ ଜଣେ ୧୬ ବର୍ଷୀୟ ୩୧.୪ ସେକେଣ୍ଡରେ ଏକ ୟୁରୋପୀୟ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ରୟାଲ ୱଟନ ବାସେଟ୍ ଏକାଡେମୀର ଛାତ୍ର ଐଡାନ ଗ୍ରିଙ୍ଗର ମେଗାମିସ୍କକୁ ସ୍ପିଡକ୍ୟୁବିଂ କରିଛନ୍ତି, ଯେଉଁଥିରେ ସେ ୟୁରୋପୀୟ ରେକର୍ଡ ହାସଲ କରିପାରିଛନ୍ତି। ମେଗାମିସ୍କ ହେଉଛି ୧୨ ସାଇଟ୍‌ର ପଜଲ୍, ଯାହା ରୁବିସ୍କ କ୍ୟୁବ ଭଳି କାମ କରେ। ରିପୋର୍ଟ ମୁତାବକ, ଐଡାନ ନିଜ ଆଙ୍ଗୁଠିରେ ଖେଳିବାରେ ମାହିର। ସେ ଭବିଷ୍ୟତରେ ବିଶ୍ୱ ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି। ୱାର୍ଲ୍ଡ କ୍ୟୁବ୍ ଆସୋସିଏଶନ ପ୍ରତିଯୋଗିତାରେ ୨ଲକ୍ଷରୁ ଅଧିକ ଲୋକ ଭାଗ ନେଇଥିଲେ। ମେଗାମିସ୍କରେ ୧୨ ସାଇଟ୍ ସହିତ ୫୦ଟି ମୁଭିଂ ପାର୍ଟ ରହିଛି। ରୁବିସ୍କ କ୍ୟୁବ୍‌ରେ ୪ଟି ସାଇଟ୍ ଥିବାବେଳେ ୨୦ଟି ମୁଭିଂ ପାର୍ଟ ରହିଛି।

ଐଡାନଙ୍କ ଏହି ସଫଳତାରେ ସେ କହିଛନ୍ତି, ଏହି ସଫଳତା ପାଇଁ ମୁଁ ଗର୍ବ ଅନୁଭବ କରୁଛି, କାରଣ ମୁଁ ଏହାକୁ ବହୁ ଲମ୍ବା ସମୟ ଧରି ହାସିଲ କରିବାକୁ ଚାହୁଁଥିଲି। ପ୍ରତିଯୋଗିତାରେ ଅନେକ ଅସଫଳତା ପରେ ଏହି ସଫଳତା ଖୁବ୍ ଆରାମ ଦେଇଛି ଏବଂ ଆଗକୁ ଆହୁରି ଭଲ ଭାବେ ଖେଳି ବିଶ୍ୱ ସେ ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି।

କାମରୁ କିଛି ମାସର ବିରତିରେ ପ୍ରଭାସ

ମୁମ୍ବାଇ

ନିକଟରେ ଅଭିନେତା ପ୍ରଭାସଙ୍କ ରିଲିଜ୍ ହୋଇଥିବା ଫିଲ୍ମ 'ସାଲାର' ଭଲ ରୋଜଗାର କରିଛି। ଦର୍ଶକମାନେ ଏହାକୁ ବେଶ୍ ପ୍ରଶଂସା କରିଛନ୍ତି। ଏହି ଫିଲ୍ମ ପ୍ରଭାସଙ୍କ କ୍ୟାରିୟରକୁ ଅଧିକ ମଜଭୁତ କରିଛି। ସିନେମାର ସଫଳତା ନେଇ ସେ ବେଶ୍ ଖୁସି ଅଛନ୍ତି। ଏହି ସଫଳତା ପାଇଁ ସେ ଫିଲ୍ମ ଜଗତରୁ କିଛି ମାସ ବିରତି ନେଇଛନ୍ତି। ପରେ ମାର୍ଚ୍ଚରୁ ପୁଣି ଥରେ ସେ ଫିଲ୍ମ କ୍ୟାରିୟର ଆରମ୍ଭ କରିବେ। ଏହାପରେ ସେ ଆଗାମୀ ପ୍ରୋଜେକ୍ଟ ନାଗ ଅଶ୍ୱିନୀଙ୍କ ନିର୍ଦ୍ଦେଶିତ 'କଲ୍‌କି ୨୮୯୮ ଏଡି'ରେ ଶୁଟିଂ କରିବେ। ଏଥିରେ ତାଙ୍କ ସହିତ ଅଭିନେତ୍ରୀ ଦୀପିକା ପାଦୁକୋନ୍, କମଲ ହାସନ, ଅମିତାଭ ବଚ୍ଚନ, ଦିଶା ପଟାନୀ ପ୍ରମୁଖ ନଜରକୁ ଆସିବେ। ପରେ ସନ୍ଦୀପ ରେଡ୍ଡୀ ଭଙ୍ଗାଙ୍କ 'ସ୍ପିରିଟ୍', ମାରୁଥିଙ୍କ ଫିଲ୍ମ 'ଦି ରାଜା ସବ୍'ରେ ମାଲଭିକା ମୋହନାନ ଏବଂ ନିଦ୍ଧି ଅଗ୍ରୱାଲଙ୍କ ସହିତ ଦେଖିବାକୁ ତାଙ୍କୁ ମିଳିବ। ତେବେ ପ୍ରଭାସ ୨୦୦୨ରୁ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ଅନେକ ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇ ଦର୍ଶକଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି।

ଖାଦ୍ୟର ବିଲ୍ ୯୦ ଲକ୍ଷ

ଦୁବାଇ: ଦୁବାଇର ଏକ ସଲ୍ଟ ବେ ନାମକ ରେଷ୍ଟୁରାଣ୍ଟର ଏକ ଭିଡିଓ ସମସ୍ତଙ୍କୁ ଚକିତ କରିଛନ୍ତି। ସେଥିରେ ଏକ ଖାଦ୍ୟର ବିଲ୍ ରହିଛି, ଯାହାର ମୂଲ୍ୟ ୧,୦୮, ୫୦୦ ଡଲାର ଅର୍ଥାତ୍ ୯୦ ଲକ୍ଷ ୨୩ ହଜାର ପାଖାପାଖି ହେବ। ଏହି ବିଲ୍‌ଟି ରେଷ୍ଟୁରାଣ୍ଟରେ ଗତ ସପ୍ତାହରେ କେତେ ଜଣ ଲୋକ ଖାଇଥିବା ଖାଦ୍ୟର ମୂଲ୍ୟ। ବିଲ୍‌ରେ ଖାଦ୍ୟ ଏବଂ ତା'ର ମୂଲ୍ୟ ଲେଖାଯାଇଛି। ଏଥିରୁ ଜଣାପଡୁଛି ଯେ ଲୋକେ ଏଠାରେ କେତେ ଟଙ୍କାର ଖାଦ୍ୟ ଖାଉଛନ୍ତି। ହେଲେ ଆହୁରି ଏକ ଆଶ୍ଚର୍ଯ୍ୟକର କଥା ହେଉଛି, ଲୋକେ ଖାଇ ସାରିବା ପରେ ମଧ୍ୟ ଟିପ୍‌ସ ଆକାରରେ ୨୪,୫୦୦ ଡଲାର ଅର୍ଥାତ୍ ୨୦ ଲକ୍ଷ ଟଙ୍କା ଦେଇ ଯାଉଛନ୍ତି।

ନିଃସଙ୍ଗତା ଦୂର ପାଇଁ ଶତାୟୁଙ୍କ ୩ୟ ବିବାହ

ମୁମ୍ବାଇ

ନିକଟରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଏକ ନିଆରା ବିବାହ ଆଲୋଚନାର ବିଷୟବସ୍ତୁ ପାଲଟିଛି। ପୂର୍ବରୁ ଏପରି ଅନେକ ଘଟଣା ଦେଖିବାକୁ ମିଳିଥିଲେ ମଧ୍ୟ ଏହି ବିବାହ ସ୍ୱତନ୍ତ୍ର। କାରଣ ବିବାହ କରିଥିବା ବର ହବିବ୍ ନଜାରଙ୍କୁ ୧୦୩ ବର୍ଷ ହୋଇଥିବାବେଳେ କନ୍ୟା ଫିରୋଜ ଜାହାନ୍‌ଙ୍କୁ ୪୯ ବର୍ଷ। ସୋସିଆଲ ମିଡିଆରେ ସେମାନଙ୍କ ବିବାହ ବେଳର ଭିଡିଓ ଭାଇରାଲ ହେବା ପରେ ଦୁହେଁ ଏବେ ଲାଇମଲାଇଟ୍‌ରେ ଅଛନ୍ତି। ଭିଡିଓରେ ହବିବ୍ ବିବାହ କରିବା ପରେ ଏକ ଅଟୋରେ ତାଙ୍କ ସ୍ତ୍ରୀଙ୍କ ସହିତ ନିଜ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଲୋକେ ହବିବ୍‌ଙ୍କୁ ତାଙ୍କ ବିବାହ ପାଇଁ ଅଭିନନ୍ଦନ ଜଣାଉଛନ୍ତି। ହବିବ୍ ମଧ୍ୟ ଲୋକଙ୍କୁ ଧନ୍ୟବାଦ ଦେଉଛନ୍ତି।

ଭୋପାଳ ଇଟାୱାରର ବାସିନ୍ଦା ସ୍ୱାଧୀନତା ସଂଗ୍ରାମୀ ହବିବ୍‌ଙ୍କ ପ୍ରଥମ ବିବାହ ନାସିକ୍‌ରେ ହୋଇଥିଲା। ପରେ ତାଙ୍କ ଦ୍ୱିତୀୟ ବିବାହ ଲକ୍ଷ୍ନୌରେ ହୋଇଥିଲା। କିଛି ଦିନ ପୂର୍ବେ ହବିବ୍‌ଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେ ନିଃସଙ୍ଗ ଅନୁଭବ କରୁଥିଲେ। ସେଥିପାଇଁ ସେ ତୃତୀୟ ବିବାହ କରିବାକୁ ସ୍ଥିର କଲେ। ଏବେ ସେ ଫିରୋଜଙ୍କୁ ତାଙ୍କ ଜୀବନସାଥୀ କରିଛନ୍ତି। ଅନ୍ୟପକ୍ଷରେ ଫିରୋଜଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା। ସେବେଠାରୁ ସେ ମଧ୍ୟ ଏକୁଟିଆ ଥିଲେ। ଫିରୋଜଙ୍କ କହିବା ମୁତାବକ, ଏ ବୟସରେ ହବିବ୍‌ଙ୍କ ଯତ୍ନ ନେବାକୁ କେହି ନ ଥିବାରୁ ସେ ଏହି ବିବାହ ପାଇଁ ରାଜି ହୋଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

TO-LET FOR OFFICE
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949

MATRIMONIAL

BRIDE WANTED

Bangalore Based Educated Well Settled Never Married Hindu OBC Groom 48 seeks Never Married Bride 7019600492. D-2368

GROOM WANTED

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316

Beautiful Khandayat girl 26/5'4"/B.Tech/Railway Engineer/ Bhubaneswar. 9938199964. D-2367

Age-33, Government Job Divorcee ସୁନ୍ଦର ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7787907421. D-2370

ବୟସ 30, Government Nurse, ସୁନ୍ଦର ନିଃସନ୍ତାନ Divorcee ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ । 9124021207. D-71384

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

REAL ESTATE

SALE

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350. D-2340

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788. D-2271

Duplex sale at Bhubaneswar @ 57 lakhs only. Contact: 9777433701. D-75300

Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277. D-2362

ହଂସପାଳ ଶିବଶକ୍ତିନଗରରେ Sqft. 2800/-, CV Raman College Frontରେ Sqft. 1800/- yellow zone ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9776866520. D-75901

CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2272

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Newly open health benefits SPA special offer @ 999 Bapujinagar. 8018429809. D-75195

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Relax, Refresh your body, Mind at Saikrupa Spa with best therapies. 8984068077. D-2369

Newly health benefited Spa Expert Therapist at Mastercanteen. Contact: 7749034655. D-75193

AFFIDAVIT

By virtue of an affidavit before Tahasildar, Daspalla I, Brajabandhu Naik do hereby changed my surname to Swain instead of Naik. Hence, I will be known as Brajabandhu Swain in all purpose. D-2391

In the Court of Executive Magistrate, Chandabali, I, Baidhar Behera alias Padmalochan Behera, aged about 48 years, S/o. Ekadashi Behera, At- Kandha, P.O.- Bentalpur P.S.- Chandabali, declare that my name is Baidhar Behera and Padmalochan Behera S/o. Ekadashi Behera is one and same person. D-2394

In the Court of Executive Magistrate, Chandabali, I, Sukanta Nayak aged about 34 years, S/o. Maheswar Nayak, At- Gobindapur, P.O.- Orasahi, P.S.- Chandabali, Dist.- Bhadrak declare that my name is Sukanta Nayak and Sushanta Kumar Nayak, S/o. Maheswar Nayak is one and same person. D-2393

ପ୍ରଥମ ପୃଷ୍ଠାରୁ...

ମହାନଦୀରେ ୩ ଘଣ୍ଟା ...

କରିଥିଲା। କୂଳରୁ ଡଙ୍ଗାଟି ଯାତ୍ରା ଆରମ୍ଭ କରିବାର ପ୍ରାୟ ୨୦ ମିନିଟ୍ ପରେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉକ୍ତ ଘାଟଡଙ୍ଗା ଅଚଳ ହୋଇଯାଇଥିଲା। ଉକ୍ତ ଡଙ୍ଗାରେ ରାମନଗର , ଖରିନାସି, ଜମ୍ବୁ, ସୁନିତି, ବଉଳକଣି, ପେଟଛେଲା ଆଦି ଅଞ୍ଚଳର ବହୁ ଶ୍ରମିକ ପ୍ରତିଦିନ ପରି ମଙ୍ଗଳବାର ପାରାଦୀପ ଶିଳ୍ପ କାରଖାନାକୁ କାମ କରିବାକୁ ଯାଉଥିଲେ। ହେଲେ ଡଙ୍ଗାଟି ନଦୀରେ ପ୍ରାୟ ୩ ଘଣ୍ଟା ଅଟକି ରହିବା ପରେ ଯାତ୍ରୀମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଥିଲା। ପରେ ଫେରିଘାଟରୁ ଅନ୍ୟ ଏକ ଡଙ୍ଗା ଉଦ୍ଧାର କରିବାକୁ ଯାଇଥିଲା। ହେଲେ ସେହି ଡଙ୍ଗାର ଇଞ୍ଜିନ ମଧ୍ୟ ସେଠାରେ ଅଚଳ ହୋଇଯାଇଥିଲା। ଘନ କୁୟୁଡ଼ି ଯୋଗୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଖବର ପାଇ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମାଛ ଧରା ଛୋଟ ଛୋଟ ଡଙ୍ଗାରେ ଜଣକ ପରେ ଜଣେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ଜିଲାର ବାହାକୁଦ-ମୃଷାଡିଆ ମହାନଦୀ ଫେରିଘାଟକୁ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ୨୦୦୪ ବୋଟ୍ ପରିଚାଳନା ସଂଶୋଧନ ଆଇନ ଏଠାରେ କାର୍ଯ୍ୟକାରୀ ହେଉ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଫେରିଘାଟ ଦେଇ ଯାଉଥିବା ଯାତ୍ରୀମାନଙ୍କୁ ଲାଇଫ୍ ଜ୍ୟାକେଟ, ଲାଇଫ ବୟ , ବୋଟ୍ ଫିନ୍‌ନେସ ପ୍ରମାଣପତ୍ର, ବୋଟ୍‌ରେ କେତେ ଯାତ୍ରୀଙ୍କୁ ନିଆଯିବ ଓ ବୋଟ ପଞ୍ଜୀକରଣ ଆଦି ସଂକ୍ରାନ୍ତରେ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବିଡ଼ିଓ ସାଗର କୁମାର ନନ୍ଦ କହିଛନ୍ତି, ଫେରିଘାଟ ଡଙ୍ଗା ଅଚଳ ହେବା ସଂକ୍ରାନ୍ତରେ ଦିନ ୧୧ ଟାରେ ଖବର ମିଳିଲା। ଉକ୍ତ ଡଙ୍ଗାଟି ମହାନଦୀ ମଝି ବାଲିଢିପରେ ଅଟକିଥିବା ଖବର ମିଳିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆବଶ୍ୟକ ଅନୁସାରେ ଲାଇଫ୍ ଜ୍ୟାକେଟ୍ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ଆଜିଠୁ ବଜେଟ ...

ଫେବୃଆରୀ ୯ରେ ଶେଷ ହେବ। ଉକ୍ତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ, ଅନ୍ତରୀଣ ବଜେଟ ଉପସ୍ଥାପନ ଏବଂ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତର ରହିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଗତ ଅଧିବେଶନରେ ନିଲମ୍ବିତ ହୋଇଥିବା ୧୪ ଏମ୍‌ପି ବଜେଟ ଅଧିବେଶନରେ ଯୋଗଦେବେ। ଏଥିପାଇଁ ସରକାରଙ୍କ ଅନୁରୋଧକୁ ଉଭୟ ଗୃହର ଅଧ୍ୟକ୍ଷ ଗ୍ରହଣ କରିଥିବା ଜୋଷୀ କହିଛନ୍ତି। ଗୃହରେ ପ୍ଲାକାର୍ଡ ଦେଖାଇବା ସହ ଗୃହକାର୍ଯ୍ୟ ଚଳାଇ ନ ଦେବା କାରଣରୁ ଗତ ଶୀତ ଅଧିବେଶନ କାଳରେ ଲୋକ ସଭାରୁ ୧୦୦ ଏବଂ ରାଜ୍ୟ ସଭାରୁ ୪୬ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା। ସମସ୍ତଙ୍କ ନିଲମ୍ବନ ପ୍ରତ୍ୟାହାର ହେବ। ଏଥିପାଇଁ ଲୋକ ସଭା ବାଚସ୍ପତି ଏବଂ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ସରକାର ଅନୁରୋଧ କରିଥିବାବେଳେ ସେମାନେ ରାଜି ହୋଇଥିବା ଜୋଷୀ କହିଛନ୍ତି।

ଅଧିବେଶନ ପୂର୍ବରୁ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିରୋଧୀ ନେତାମାନେ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। କଂଗ୍ରେସ ବେରୋଜଗାରି, ଦରଦାମ୍ ବୃଦ୍ଧି, କୃଷି ସଙ୍କଟ ଏବଂ ମଣିପୁର ଜାତିଆଣ ହିଂସା ପ୍ରସଙ୍ଗ ଆଣିବ ବୋଲି ଦଳୀୟ ନେତା କେ. ସୁରେଶ କହିଥିଲେ। ପଶ୍ଚିମବଙ୍ଗକୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ବକେୟା ଦେୟକୁ ଅର୍ଥମନ୍ତ୍ରୀ ଅନ୍ତରୀଣ ବଜେଟରେ ସ୍ଥାନ ଦେବାକୁ ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ କହିଥିଲେ। ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ସରକାର ବିରୋଧୀ ନେତାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଦିଲ୍ଲୀରେ ଇଡି, ...

ଏତେ ସମୟ ଧରି କେଉଁଠି ଥିଲେ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସୋରେନ୍ କହିଥିଲେ, ମୁଁ ଆପଣମାନଙ୍କ ହୃଦୟରେ ରହିଛି। ଆମେ ସମସ୍ତେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଭଳି ବ୍ୟକ୍ତିମାନେ ଭାରତରେ ଜନ୍ମଗ୍ରହଣ କରି ଆମକୁ ମାର୍ଗଦର୍ଶନ କରିଥିବାରୁ ଆମେ ଗର୍ବିତ। ଏହା ପରେ ସୋରେନ୍ ଝାଡ଼ଖଣ୍ଡ ମେଣ୍ଟ ସରକାରର ସହଯୋଗୀ ଦଳଗୁଡ଼ିକର ବିଧାୟକମାନଙ୍କ ନେଇ ଏକ ବୈଠକ କରିଥିଲେ। ଜେଏମ୍‌ଏମ୍ ସମେତ ଅନ୍ୟ ଅଂଶୀଦାର ଦଳଗୁଡ଼ିକର ବିଧାୟକମାନଙ୍କୁ ରାଜଧାନୀ ଛାଡ଼ି କୁଆଡ଼େ ନ ଯିବା ପାଇଁ ବୈଠକରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଇଡି ପକ୍ଷରୁ ବୁଧବାର ସୋରେନ୍‌ଙ୍କୁ ଜେରା କରାଯିବାକୁ ଥିବାରୁ ସମ୍ଭାବ୍ୟ ରାଜନୈତିକ ସ୍ଥିତି ଉପରେ ଆଲୋଚନା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ସୋରେନ୍ ଗିରଫଦାରି ଭୟରେ ଲୁଚିଥିଲେ ବୋଲି ଭାଜପା ସମାଲୋଚନା କରୁଥିବାବେଳେ ଜେଏମ୍‌ଏମ୍ ଏହାକୁ ଖଣ୍ଡନ କରିଛି। ବୈଠକ ପରେ ଜେଏମ୍‌ଏମ୍ ମୁଖପାତ୍ର ମନୋଜ ପାଣ୍ଡେ କହିଛନ୍ତି, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି। ତାଙ୍କର କେହି କିଛି କ୍ଷତି କରିପାରିବେ ନାହିଁ। ଆମେ ଏକଚ୍ଛତ୍ରବାଦୀ ଅତ୍ୟାଚାରୀମାନଙ୍କ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିଛୁ।

ଇତିମଧ୍ୟରେ ସୋରେନ୍ ଇଡି ନିକଟକୁ ଏକ ଇ-ମେଲ୍ ପଠାଇଛନ୍ତି। ରାଞ୍ଚିସ୍ଥିତ ସରକାରୀ ବାସଭବନରେ ନିଜ ବୟାନ ରେକର୍ଡ କରାଇବା ପାଇଁ ଏଥିରେ ସେ ଉଲ୍ଲେଖ କରିଛନ୍ତି। ବୁଧବାର ଅପରାହ୍ନ ଗୋଟାଏ ସୁଦ୍ଧା ରାଜ୍ୟ କର୍ତ୍ତୃପକ୍ଷ ଓ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରିବା ପାଇଁ ଇଡି ପକ୍ଷରୁ କୁହାଯାଇଛି। ଜାନୁଆରୀ ୨୦ରେ ଜେରା ଯେଉଁଠି ଅଟକିଯାଇଥିଲା, ସେଇଠୁ ଆରମ୍ଭ ହେବ ବୋଲି କୁହାଯାଉଛି। ଏହି ମାମଲାରେ ଇଡି ଅଦ୍ୟାବଧି ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ତଥା ସାମାଜିକ କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଛବି ରଞ୍ଜନଙ୍କ ସମେତ ୧୪ ଜଣଙ୍କୁ ଗିରଫ କରିସାରିଲାଣି। ଏହି ପୃଷ୍ଠଭୂମିରେ ମୁଖ୍ୟମନ୍ତ୍ରୀ ସୋରେନ୍‌ଙ୍କ ବୟାନ ରେକର୍ଡ ପରେ ତାଙ୍କୁ ମଧ୍ୟ ଗିରଫ କରିବା ନେଇ ଆଶଙ୍କା ଦୃଢ଼ୀଭୂତ ହୋଇଛି। ତେଣୁ ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଚୌକିରେ ବସାଇବା ପାଇଁ ଜେଏମ୍‌ଏମ୍‌ରେ ମାରାଥନ୍ କସରତ ଚାଲିଛି।

ରାଜ୍ୟ ମହିଳା କଂଗ୍ରେସ ...

ବିଜ

ଫୁଲ ଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

ଗୋପାଳନ

ପ୍ରାଣୀଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

ଡାଲୁଅ ଧାନ ରୁଆ ପରେ ଯତ୍ନ

ଫେବୃଆରୀ ମାସ କୃଷି ସୂଚନା

ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖରୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

ଗହମ : ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

ମକା : ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର । ମକା ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନ ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

ତୈଳବୀଜ ଜାତୀୟ ଫସଲ

ଚିନାବାଦମ : ଚିନାବାଦାମ ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇନଥାଏ) ବିହାରୀ ସଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସୋରିଷ : ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

ରାଶି : ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମ ଗୁଡ଼ିକ ହେଲା- ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ) ଓ ଉଷା (୭୫ ରୁ ୮୦ ଦିନ)।

ସୂର୍ଯ୍ୟମୁଖୀ : ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ସାଇପରମେଥ୍ରିନ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ଆଖୁ : ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

ପନିପରିବା : ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

ପୋଟଳ : ପୋଟଳରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ ଗ୍ରାମ୍ ୧ ଲିଟର ପାଣିରେ ୫୦ ଡବ୍ଲ୍ୟୁପି କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

ଖରାଦିନିଆ ପନିପରିବା : ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

ଅଦା ଓ ହଳଦୀ : ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

ଛେଳି ପାଳନ : ଛେଳିଙ୍କୁ ଏଣ୍ଟରୋ ଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

ଅଧିକ ଅମଳକ୍ଷମ ଡାଲି ଚାଷ

ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

ଅଳ୍ପରେ...

▶▶ପୋଟଳ ଫୁଲ ଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ।

▶▶ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

▶▶ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର

୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ।

▶▶ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି . ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ ଓ ପଟାସ ପ୍ରୟୋଗ କରନ୍ତୁ।

ଚାଷୀଙ୍କ ପାଇଁ

▶ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା . ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।

▶ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

▶ କୁକୁଡ଼ାଙ୍କର ନାଲି ଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

▶କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

▶ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

ପାଳ ଛତୁ ଚାଷ ପ୍ରସ୍ତୁତି

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା ପରେ ନଡା ଛାଣି ନଡାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

ଭେଣ୍ଡିର ଉନ୍ନତ କିସମ

ଭେଣ୍ଡିର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର। ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଏହି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।

କୁକୁଡ଼ା ପାଳନ

ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ । ବାର୍ଡଫ୍ଲୁ ରୋଗ ହେଲେ କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ବୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ। ବୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

ମାଛର ଆଖିରୋଗ

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩୧/୨୦୨୪ Bhubaneswar, Wednesday, January 31/ 2024

ଚାଇନା ବିପକ୍ଷରୁ ଭାରତର ଅଭିଯାନ

ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସଞ୍ଜୟଙ୍କୁ ଧମକ

ନୂଆଦିଲ୍ଲୀ,୩୦।୧(ପି.ଟି.)

ନିଲମ୍ବିତ ନବନିର୍ବାଚିତ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ସଞ୍ଜୟ ସିଂଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଦେଇଛି କ୍ରୀଡ଼ା ମନ୍ତ୍ରାଳୟ। ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ କରାଯାଇଥିବା ବେଳେ ଏହା ଦ୍ୱାରା ଆୟୋଜିତ କୌଣସି ଟୁର୍ନାମେଣ୍ଟକୁ ମାନ୍ୟତା ନ ଦେବା ପାଇଁ ଘୋଷଣା କରାଯାଇଥିଲା। ତେବେ ସଞ୍ଜୟ ସିଂଙ୍କ ଗୋଷ୍ଠୀ ପୁଣେରେ ଜାନୁଆରୀ ୨୯-୩୧ ମଧ୍ୟରେ ଜାତୀୟ ସିନିୟର ଚାମ୍ପିୟନଶିପ୍ ପାଇଁ ଘୋଷଣା କରିବା ପରେ କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଯୋଗୀ ଏଥିରେ ଭାଗ ନ ନେବା ପାଇଁ କ୍ରୀଡା ମନ୍ତ୍ରଣାଳୟ ଗାଇଡ୍‌ଲାଇନ୍ ଜାରି କରିଥିଲା। ଏହା ସହିତ ସଞ୍ଜୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ପାଇଁ ମଙ୍ଗଳବାର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଧମକ ଦିଆଯାଇଛି।

ଦର୍ଶକଙ୍କ ନାମରେ ଅଭିଯୋଗ ଆଣିଲେ ଦିବ୍ୟା ଦେଶମୁଖ

ନୂଆଦିଲ୍ଲୀ,୩୦।୧(ପି.ଟି.)

ଭାରତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖ ଦର୍ଶକଙ୍କ ନାମରେ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ନିକଟରେ ଦିବ୍ୟା ନେଦରଲାଣ୍ଡର ଓ୍ୱିକ୍ ଆନ୍ ଜିରେ ଟାଟା ଷ୍ଟିଲ୍ ମାଷ୍ଟର୍ସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ଖେଳ ପରିବର୍ତ୍ତେ ତାଙ୍କର କେଶ, ପୋଷାକ, ପରିଯାଟୀ ଓ ଭାଷା ଉପରେ ଦର୍ଶକ ଟିପ୍ପଣୀ କରିଥିଲେ ବୋଲି ଦିବ୍ୟା କହିଛନ୍ତି। ଏସିଆନ୍ ମହିଳା ଚେସ୍ ଚାମ୍ପିୟନଶିପ୍ ବିଜେତା ନାଗପୁରର ଏହି ୧୮ ବର୍ଷୀୟା ଆଇଏମ୍ ଜଣଙ୍କ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ଏହି ଅଭିଯୋଗ ଆଣିଛନ୍ତି। ମହିଳା ଖେଳାଳିମାନେ ନିୟମିତ ଭାବରେ ଏଭଳି ସ୍ଥିତିର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି। ଏଭଳି ସବୁବେଳେ ହୋଇଥାଏ, ତେବେ ବିଗତ ସପ୍ତାହରେ ମୁଁ ଏହି ସମସ୍ୟାର ସମ୍ମୁଖୀନ ହେବା ପରେ ଏହା ଉପରେ ଲେଖିବାକୁ ବାଧ୍ୟ ହେଲି। ମହିଳା ଚେସ୍ ଖେଳାଳିଙ୍କୁ ଦର୍ଶକମାନେ ସର୍ବଦା ଏଭଳି ବ୍ୟବହାର କରିଥାନ୍ତି ବୋଲି ଦିବ୍ୟା କହିଛନ୍ତି।

ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ଫେବୃଆରୀ ୩ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ଘରୋଇ ଭାରତ ସମେତ ଚାଇନା, ଆମେରିକା, ନେଦରଲାଣ୍ଡ ଓ ଅଷ୍ଟ୍ରେଲିଆ ଆଦି ୫ଟି ଦଳ ଅଂଶଗ୍ରହଣ କରିବେ। କଳିଙ୍ଗରେ ୫ଟି ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବା ପରେ ରାଉରକେଲା ଯିବେ। ସେଠାରେ ପୁଣି ଏହି ୫ ଦଳ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚରେ ମୁକାବିଲା କରିବେ। ଭୁବନେଶ୍ୱରରେ ଫେବୃଆରୀ ୩ରୁ ୯ ଓ ରାଉରକେଲାରେ ୧୨ରୁ ୧୮ ପର୍ଯ୍ୟନ୍ତ ମ୍ୟାଚ ଖେଳାଯିବ। ୩ ତାରିଖରେ ଆମେରିକା-ନେଦରଲାଣ୍ଡ ମ୍ୟାଚ ସହ ମହିଳା ହକି ପ୍ରୋ ଲିଗ୍ ଆରମ୍ଭ ହେବ। ସେହି ଦିନ ଦ୍ୱିତୀୟ ମ୍ୟାଚରେ ଏସିଆନ ଗେମ୍ସ ଚାମ୍ପିୟନ ଚାଇନା ସହ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୪ରେ ନେଦରଲାଣ୍ଡ, ୭ରେ ଅଷ୍ଟ୍ରେଲିଆ ଓ ୯ରେ ଆମେରିକା ସହ ଖେଳିବ। ସେହିପରି ରାଉରକେଲାରେ ଭାରତ ୧୨ରେ ଚାଇନା, ୧୪ରେ ନେଦରଲାଣ୍ଡ, ୧୭ରେ ଅଷ୍ଟ୍ରେଲିଆ ଓ ୧୮ରେ ଆମେରିକା ସହିତ ଖେଳିବ। ମଙ୍ଗଳବାର ଉଭୟ ଭାରତ ଓ ଆମେରିକା ଦଳ କଳିଙ୍ଗ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି।

ଭାରତୀୟ ମହିଳା ଦଳ ଦ୍ୱିତୀୟ ଥର ପ୍ରୋ-ଲିଗ୍ ଖେଳିବା ପାଇଁ ଯାଉଛି। ୨୦୨୧-୨୨ ସିଜନରେ ଭାରତ ପ୍ରଥମଥର ପାଇଁ ଏହି ଲିଗ୍ ଖେଳିଥିଲା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲା। ୨୦୨୨ରେ ସ୍ପେନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ମହିଳା ନେସନ୍ସ କପ୍‌ର ଫାଇନାଲରେ ଘରୋଇ ଦଳକୁ ୧-୦ ଗୋଲରେ ହରାଇ ଭାରତ ପ୍ରୋ ଲିଗ୍ ୨୦୨୩-୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ''ବିଶ୍ୱର କେତେକ ଶକ୍ତିଶାଳୀ ଦଳ ବିପକ୍ଷରେ ନିଜର ଦକ୍ଷତା ପରୀକ୍ଷା କରିବା ପାଇଁ ପ୍ରୋ-ଲିଗ୍‌ରେ ସୁଯୋଗ ମିଳିବ। ଜାତୀୟ ଦଳରେ ସ୍ଥାନ ପାଇଥିବା ଯୁବ ଖେଳାଳିଙ୍କ ପାଇଁ ଏହି ଲିଗ୍ ବଡ଼ ପ୍ଲାଟଫର୍ମ ସଦୃଶ। ଅନ୍ତର୍ଜାତୀୟ ସ୍ତରରେ ସେମାନେ ନିଜର ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ଏହି ଲିଗ୍‌ରେ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନର ମଧ୍ୟ ସୁଯୋଗ ରହିବ। ତେଣୁ ଏଥିରେ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ'' ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

ନିକଟରେ ରାଞ୍ଚିରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ରନରଅପ୍ ହୋଇ ଆମେରିକା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଏବେ ଏହି ଦଳ ଆଗାମୀ ପ୍ରୋ ଲିଗ୍ ୨୦୨୩-୨୪ରେ ପ୍ରଭାବୀ ପ୍ରଦର୍ଶନ କରି ଏଫ୍‌ଆଇଏଚ୍ ହକି ବିଶ୍ୱକପ-୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଛି। ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତକୁ ୧-୦ରେ ହରାଇ ମୋମେଣ୍ଟମ ହାସଲ କରିଥିବା ଆମେରିକା ଆଉ ପଛକୁ ଫେରି ନ ଚାହିଁ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ଇଟାଲୀକୁ ୨-୦ ଓ ନ୍ୟୁଜିଲାଣ୍ଡକୁ ୧-୦ରେ ପରାସ୍ତ କରି ପୁଲ୍ 'ବି'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ସେମିଫାଇନାଲରେ ଜାପାନକୁ ୨-୧ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଟାଇଟଲ ମୁକାବିଲାରେ ଜର୍ମାନୀଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେଣୁ ପ୍ରୋ-ଲିଗ୍‌ରେ ମଧ୍ୟ ଦଳର ଉତ୍ତମ ପ୍ରଦର୍ଶନକୁ ନେଇ ଅଧିନାୟିକା ଆମଣ୍ଡା ଗୋଲିନି ବେଶ୍ ଆଶାବାଦୀ। ''ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଆମେ ଯେପରି ଚାହିଁଥିଲୁ ସେପରି ଫଳାଫଳ ପାଇଥିଲୁ। ପୂର୍ବ ମ୍ୟାଚର ଅଭିଜ୍ଞତାକୁ ନେଇ ଆମେ ପ୍ରୋ- ଲିଗ୍ ଖେଳିବୁ ଏବଂ ସେଥିରେ ମଧ୍ୟ ଭଲ ଫଳାଫଳ ପାଇବା ନେଇ ଆଶାବାଦୀ ଅଛୁ। ଅଲିମ୍ପିକ୍ସ ପୂର୍ବରୁ ପ୍ରୋ-ଲିଗ୍ ଆମ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଅଲିମ୍ପିକ୍ସ ପାଇଁ ଏଥିରେ ଭଲ ଅଭ୍ୟାସ ମଧ୍ୟ ହୋଇପାରିବ। ଆମେ ମ୍ୟାଚକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତ କରିବୁ'' ବୋଲି ଆମଣ୍ଡା କହିଛନ୍ତି।

ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ଓଡ଼ିଶାର ଜ୍ୟୋତି ଛତ୍ରୀ (ବାମ)।

■ ଆମେରିକା-ନେଦରଲାଣ୍ଡ ପ୍ରଥମ ମ୍ୟାଚ

■ କଳିଙ୍ଗରେ ଭାରତ, ଆମେରିକା ଦଳର ଅଭ୍ୟାସ

ପ୍ରୋ-ଲିଗ୍ କାର୍ଯ୍ୟସୂଚୀ (ମହିଳା)

ତାରିଖ	ମ୍ୟାଚ	ସମୟ	ଭେନ୍ୟୁ
ଫେବୃଆରୀ ୩	ଆମେରିକା ବନାମ ନେଦରଲାଣ୍ଡ	ଅପରାହ୍ନ ୫ଟା ୩୦	ଭୁବନେଶ୍ୱର
	ଭାରତ ବନାମ ଚାଇନା	ସନ୍ଧ୍ୟା ୭ଟା ୩୦	ଭୁବନେଶ୍ୱର
ଫେବୃଆରୀ ୪	ଚାଇନା ବନାମ ଅଷ୍ଟ୍ରେଲିଆ	ଅପରାହ୍ନ ୫ଟା ୩୦	ଭୁବନେଶ୍ୱର
	ଭାରତ ବନାମ ନେଦରଲାଣ୍ଡ	ସନ୍ଧ୍ୟା ୭ଟା ୩୦	ଭୁବନେଶ୍ୱର
ଫେବୃଆରୀ ୬	ଚାଇନା ବନାମ ନେଦରଲାଣ୍ଡ	ଅପରାହ୍ନ ୫ଟା ୩୦	ଭୁବନେଶ୍ୱର
	ଆମେରିକା ବନାମ ଅଷ୍ଟ୍ରେଲିଆ	ସନ୍ଧ୍ୟା ୭ଟା ୩୦	ଭୁବନେଶ୍ୱର
ଫେବୃଆରୀ ୭	ଆମେରିକା ବନାମ ଚାଇନା	ଅପରାହ୍ନ ୫ଟା ୩୦	ଭୁବନେଶ୍ୱର
	ଭାରତ ବନାମ ଅଷ୍ଟ୍ରେଲିଆ	ସନ୍ଧ୍ୟା ୭ଟା ୩୦	ଭୁବନେଶ୍ୱର
ଫେବୃଆରୀ ୯	ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ	ଅପରାହ୍ନ ୫ଟା ୩୦	ଭୁବନେଶ୍ୱର
	ଭାରତ ବନାମ ଆମେରିକା	ସନ୍ଧ୍ୟା ୭ଟା ୩୦	ଭୁବନେଶ୍ୱର
ଫେବୃୟାରୀ ୧୨	ଆମେରିକା ବନାମ ନେଦରଲାଣ୍ଡ	ଅପରାହ୍ନ ୫ଟା ୩୦	ରାଉରକେଲା
	ଭାରତ ବନାମ ଚାଇନା	ସନ୍ଧ୍ୟା ୭ଟା ୩୦	ରାଉରକେଲା
ଫେବୃଆରୀ ୧୪	ଚାଇନା ବନାମ ଅଷ୍ଟ୍ରେଲିଆ	ଅପରାହ୍ନ ୫ଟା ୩୦	ରାଉରକେଲା
	ଭାରତ ବନାମ ନେଦରଲାଣ୍ଡ	ସନ୍ଧ୍ୟା ୭ଟା ୩୦	ରାଉରକେଲା
ଫେବୃଆରୀ ୧୫	ଆମେରିକା ବନାମ ଅଷ୍ଟ୍ରେଲିଆ	ଅପରାହ୍ନ ୧ଟା ୩୦	ରାଉରକେଲା
	ଚାଇନା ବନାମ ନେଦରଲାଣ୍ଡ	ଅପରାହ୍ନ ୩ଟା ୩୦	ରାଉରକେଲା
ଫେବୃଆରୀ ୧୭	ଆମେରିକା ବନାମ ଚାଇନା	ଅପରାହ୍ନ ୫ଟା ୩୦	ରାଉରକେଲା
	ଭାରତ ବନାମ ଅଷ୍ଟ୍ରେଲିଆ	ସନ୍ଧ୍ୟା ୭ଟା ୩୦	ରାଉରକେଲା
ଫେବୃଆରୀ ୧୮	ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ	ଅପରାହ୍ନ ୫ଟା ୩୦	ରାଉରକେଲା
	ଭାରତ ବନାମ ଆମେରିକା	ସନ୍ଧ୍ୟା ୭ଟା ୩୦	ରାଉରକେଲା
ମେ' ୨୨	ଭାରତ ବନାମ ଆର୍ଜେଣ୍ଟିନା	ଅପରାହ୍ନ ୩ଟା ୪୫	ଆଣ୍ଟ୍ୱେର୍ପ
ମେ' ୨୩	ବେଲ୍‌ଜିୟମ ବନାମ ଭାରତ	ରାତି ୧୦ଟା ୧୫	ଆଣ୍ଟ୍ୱେର୍ପ
ମେ' ୨୫	ବେଲ୍‌ଜିୟମ ବନାମ ଭାରତ	ଅପରାହ୍ନ ୫ଟା ୩୦	ଆଣ୍ଟ୍ୱେର୍ପ
ମେ' ୨୬	ଭାରତ ବନାମ ଆର୍ଜେଣ୍ଟିନା	ଅପରାହ୍ନ ୩ଟା ୧୫	ଆଣ୍ଟ୍ୱେର୍ପ
ଜୁନ୍ ୧	ଜର୍ମାନୀ ବନାମ ଭାରତ	ତରାତି ୯ଟା ୪୫	ଲଣ୍ଡନ
ଜୁନ୍ ୨	ଗ୍ରେଟ୍ ବ୍ରିଟେନ ବନାମ ଭାରତ	ସନ୍ଧ୍ୟା ୭ଟା	ଲଣ୍ଡନ
ଜୁନ୍ ୮	ଜର୍ମାନୀ ବନାମ ଭାରତ	ଅପରାହ୍ନ ୨ଟା ୩୦	ଲଣ୍ଡନ
ଜୁନ୍ ୯	ଗ୍ରେଟ୍ ବ୍ରିଟେନ ବନାମ ଭାରତ	ଅପରାହ୍ନ ୪ଟା ୪୫	ଲଣ୍ଡନ

କ୍ରୀଡ଼ାବିତ, ପ୍ରଶିକ୍ଷକଙ୍କୁ ପୁରସ୍କାର ପାଇଁ ସଂଶୋଧିତ ମାର୍ଗଦର୍ଶିକା

ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)

ଜୀବନବ୍ୟାପୀ ନଗଦ ପୁରସ୍କାର ରାଶି ସର୍ବାଧିକ ୯ କୋଟି

ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ପଦକ ବିଜୟୀ ପାରା ଆଥଲେଟ୍‌ଙ୍କ ସମେତ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ନଗଦ ପୁରସ୍କାର ପ୍ରଦାନ ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ସଂଶୋଧନ କରାଯାଇଛି। ସଂଶୋଧିତ ଗାଇଡଲାଇନ ଅନୁଯାୟୀ ଜଣେ କ୍ରୀଡ଼ାବିତ୍‌ଙ୍କ ଜୀବନବ୍ୟାପୀ ନଗଦ ପୁରସ୍କାର ରାଶି ସର୍ବାଧିକ ୯ କୋଟି ଟଙ୍କା ପର୍ଯ୍ୟନ୍ତ ରହିବ। ଯଦି କୌଣସି କ୍ରୀଡ଼ାବିତ୍ କୌଣସି ଇଭେଣ୍ଟ କିମ୍ବା ପ୍ରତିଯୋଗିତାରେ ଗୋଟିଏରୁ ଅଧିକ ପଦକ ହାସଲ କରନ୍ତି ତେବେ ସେ ସେହି ପ୍ରତିଯୋଗିତାରେ ହାସଲ କରିଥିବା ସର୍ବୋଚ୍ଚ ପଦକ ପାଇଁ ହିଁ ନଗଦ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ। ଯଦି କୌଣସି କ୍ରୀଡ଼ାବିତ୍ ସମାନ କ୍ରୀଡ଼ା ପ୍ରତିଯୋଗିତାରେ ଏକାଧିକ ସର୍ବୋଚ୍ଚ ପଦବୀ (ସ୍ୱର୍ଣ୍ଣ ପଦକ/ପ୍ରଥମ ସ୍ଥାନ) ହାସଲ କରନ୍ତି ତେବେ ସେ ସର୍ବାଧିକ ପଦକ (ସ୍ୱର୍ଣ୍ଣ ପଦକ/ପ୍ରଥମ ସ୍ଥାନ) ପାଇଁ ନଗଦ ପୁରସ୍କାର ସହ ଯୋଗ୍ୟ ବିବେଚିତ ହେବେ। ଯଦି କୌଣସି ଇଭେଣ୍ଟ କିମ୍ବା ପ୍ରତିଯୋଗିତାରେ ଜଣେ କ୍ରୀଡ଼ାବିତ୍, ପିଡବ୍ଲ୍ୟୁଡି କ୍ରୀଡ଼ାବିତ୍ ଗୋଟିଏରୁ ଅଧିକ ପଦକ ଜିତିଥାନ୍ତି, ତେବେ ତାଙ୍କୁ କେବଳ ପ୍ରତିଯୋଗିତାରେ ହାସଲ କରିଥିବା ସର୍ବୋଚ୍ଚ ପଦକ ପାଇଁ ନଗଦ ପୁରସ୍କାର ମିଳିବ। ଯଦି ଜଣେ କ୍ରୀଡ଼ାବିତ୍, ପିଡବ୍ଲ୍ୟୁଡି କ୍ରୀଡ଼ାବିତ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ସର୍ବୋଚ୍ଚ ପଦକ (ସ୍ୱର୍ଣ୍ଣ) ଜିତିଥାନ୍ତି ତେବେ ସେ ସର୍ବାଧିକ ପଦକ (ସ୍ୱର୍ଣ୍ଣ) ପାଇଁ ନଗଦ ପୁରସ୍କାର ପାଇବେ। ଯଦି କୌଣସି କ୍ରୀଡ଼ାବିତ୍ ପୂର୍ବ ବର୍ଷ ତୁଳନାରେ କୌଣସି କ୍ରୀଡ଼ା ଇଭେଣ୍ଟରେ ନିମ୍ନ ସ୍ଥାନ/ ପଦକ ଜିତିଥାନ୍ତି, ତେବେ ସେ ତାଙ୍କ ପ୍ରଦର୍ଶନ ପାଇଁ କୌଣସି ନଗଦ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ନାହିଁ। ଅର୍ଥାତ୍ ଯଦି କ୍ରୀଡ଼ାବିତ୍, ପିଡବ୍ଲ୍ୟୁଡି କ୍ରୀଡ଼ାବିତ୍ କୌଣସି ଇଭେଣ୍ଟ/ପ୍ରତିଯୋଗିତାରେ ପଦକ ଜିତେ, ତେବେ ପରବର୍ତ୍ତୀ ବର୍ଷଗୁଡ଼ିକରେ ତା'ଠାରୁ ଉଚ୍ଚ ପ୍ରଦର୍ଶନ କଲେ ଯାଇ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ।

ପଏଣ୍ଟ ବାଣ୍ଟିଲା ସ୍ପୋର୍ଟ୍ସ ଓଡ଼ିଶା

ଭୁବନେଶ୍ୱର, ୩୦।୧ (ସରୋଜ ଜେନା): ମଙ୍ଗଳବାର ଇଷ୍ଟ ବେଙ୍ଗଲ ଫୁଟବଲ ଗ୍ରାଉଣ୍ଡରେ ଖେଳା ଯାଇଥବା ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର ମ୍ୟାଚ୍‌ରେ ଇଷ୍ଟବେଙ୍ଗଲ ସହ ପଏଣ୍ଟ ବାଣ୍ଟିଛି ସ୍ପୋର୍ଟ୍ସ ଓଡ଼ିଶା। ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ୦-୦ରେ ଶେଷ ହୋଇଥିଲା। ଉଭୟ ଦଳ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ଗୋଲ ସ୍କୋର ହୋଇ ନ ଥିଲା। ଏହା ସହ ୭ ମ୍ୟାଚ୍‌ରୁ ଦୁଇଟି ଡ୍ର ସହ ୨ ପଏଣ୍ଟ ହାସଲ କରି ସ୍ପୋର୍ଟ୍ସ ଓଡ଼ିଶା ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଇଷ୍ଟବେଙ୍ଗଲ ୭ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହିତ ୪ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ରହିଛି।

ଭାରତର ଭଲ ପ୍ରଦର୍ଶନ ନେଇ ଶ୍ରଦ୍ଧାଞ୍ଜଳି ଆଶାବାଦୀ

ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)

ସାଫ୍ ଚାମ୍ପିୟନଶିପ୍

ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଢାକାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତର ଭଲ ପ୍ରଦର୍ଶନ ନେଇ ଦଳର ଅନ୍ୟତମ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଆଶା ପ୍ରକାଶ କରିଛନ୍ତି। ସୋମବାର ମୁଖ୍ୟ କୋଚ୍ ଶୁକ୍ଳା ଦତ୍ତା ୨୩ ଜଣିଆ ଦଳ ଘୋଷଣା କରିଥିଲେ। 'ୟଙ୍ଗ ଟାଇଗ୍ରେସ୍' ଦଳ ମଙ୍ଗଳବାର ଗୋଆ ଜାତୀୟ କ୍ୟାମ୍ପରୁ ଦିଲ୍ଲୀ ଦେଇ ଢାକାରେ ପହଞ୍ଚିଛି। କ୍ୟାମ୍ପ ଜାନୁଆରୀ ୬ରୁ ୨୮ ପର୍ଯ୍ୟନ୍ତ ଗୋଆରେ ଚାଲିଥିଲା। ସେଠାରେ ଦଳର ପ୍ରସ୍ତୁତି ସନ୍ତୋଷଜନକ ଥିବାରୁ ଟୁର୍ନାମେଣ୍ଟରେ ଭାରତ ଭଲ କରିବ ବୋଲି ଶ୍ରଦ୍ଧାଞ୍ଜଳି ଅନୁଭବ କରୁଛନ୍ତି। ଶ୍ରଦ୍ଧାଞ୍ଜଳି ଏହା ପୂର୍ବରୁ ୧୭ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍‌ଭାବେ ଦାୟିତ୍ୱରେ ଥିଲେ। ସେଥିରେ ପ୍ରଦର୍ଶନକୁ ଭିତ୍ତିକରି ତାଙ୍କୁ ଏବେ ୧୯ ବର୍ଷରୁ କମ୍ ଦଳର ଅନ୍ୟତମ କୋଚ୍ ନିଯୁକ୍ତ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳ ଢାକାରେ ଏହାର ପ୍ରଥମ ମ୍ୟାଚ ଫେବୃଆରୀ ୨ରେ ଭୁଟାନ ବିପକ୍ଷରେ ଖେଳିବ। ପରେ ଦଳ ବାଂଲାଦେଶ (ଫେବୃଆରୀ ୪) ଏବଂ ନେପାଳ (ଫେବୃଆରୀ ୬) ସହିତ ମୁକାବିଲା କରିବ। ଫାଇନାଲ ଫେବୃଆରୀ ୮ରେ ଖେଳାଯିବ। ସମସ୍ତ ମ୍ୟାଚ ଢାକାସ୍ଥିତ ମୁସ୍ତାଫା କମଲ ଷ୍ଟାଡିୟମରେ ଖେଳାଯିବ।

ସୁପର ସିକ୍ସରେ ଭାରତର ତୃତୀୟ ବିଜୟ

ବ୍ଲୋଏମଫୋଣ୍ଟେନ୍,୩୦।୧

ମୁଶିର ଖାନ୍‌ଙ୍କ ଶତକ

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପରେ ନ୍ୟୁଜିଲାଣ୍ଡକୁ ୨୧୪ ରନ୍‌ରେ ପରାସ୍ତ କରି କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି ଭାରତ। ମୁଶିର୍ ଖାନ୍‌ଙ୍କ କ୍ରମାଗତ ଦ୍ୱିତୀୟ ଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟରେ ୨୯୫ ରନ୍ କରିଥିଲା। ଜବାବରେ ରାଜ ଲିମ୍ବାନୀ ଓ ସୌମି ପାଣ୍ଡେଙ୍କ ଘାତକ ବୋଲିଂ ବଳରେ ନ୍ୟୁଜିଲାଣ୍ଡ ୨୮.୧ ଓଭରରେ ୮୧ ରନ୍‌ରେ ଅଲଆଉଟ ହୋଇଥିଲା।

ନ୍ୟୁଜିଲାଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ମୁଶିର୍ ଖାନ୍‌ଙ୍କ ୧୩୧ ଓ ଆଦର୍ଶ ସିଂଙ୍କ ୫୨ ରନ୍ ବଳରେ ଭାରତ ୨୯୫ ରନ୍ ସ୍କୋର କରିଥିଲା। ମୁଶିର ୧୨୬ ବଲ୍ ଖେଳି ୧୩ ଚୌକା ଓ ୩ ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାସନ୍ କ୍ଲାର୍କ ସର୍ବାଧିକ ୪ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଓଭରରେ ରାଜ ଲିମ୍ବାନୀ ନ୍ୟୁଜିଲାଣ୍ଡକୁ ଡବଲ୍ ଝଟକା ଦେଇଥିଲେ। ସ୍ପିନର ସୌମି ପାଣ୍ଡେ ମଧ୍ୟ ଚମତ୍କାର ବୋଲିଂ କରି ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁଶିର୍ ଖାନ୍ ୨ ଉଇକେଟ ପାଇଥିଲେ। ନ୍ୟୁଜିଲାଣ୍ଡ ଅଧିନାୟକ ଓସ୍କାର ଜାକ୍‌ସନ ସର୍ବାଧିକ ୧୯ ରନ୍ କରିଥିବା ବେଳେ ୭ ଜଣ ଖେଳାଳି ୨ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଅଲରା